Digitized by srujanika@gmail.com

ନଳଗୁମ୍ଫା

(ଡିଟେକ୍‌ଟିଭ ଉପନ୍ୟାସ)

(ଚତୁର୍ଥ ଭାଗ)

ଲେଖକ—ଶ୍ରୀ ଚନ୍ଦ୍ରମଣି ଦାସ

ପ୍ରକାଶକ—ଶ୍ରୀ ଅରକ୍ଷିତ ଦାସ

ପ୍ରାପ୍ତିସ୍ଥାନ :

ଦାଶରଥି ପୁସ୍ତକାଳୟ

ବାଲୁବଜାର, କଟକ-୨

ମୂଲ୍ୟ [illegible] ଟଙ୍କା

Digitized by srujanika@gmail.com

ପ୍ରକାଶକ :—
ଶ୍ରୀ ଅରକ୍ଷିତ ଦାସ, ଏମ୍. ଏ, ବି. ଇଡ୍.
ଦାଶରଥି ପୁସ୍ତକାଳୟ
ବାଲୁବଜାର, କଟକ-୨

ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

ନୂତନ ସଂସ୍କରଣ—୧୯୭୦
୧୦୦୦

ମୁଦ୍ରାକର :—
ଶ୍ରୀ ଅରକ୍ଷିତ ଦାସ
ଦାଶରଥି ପ୍ରେସ
ବାଲୁବଜାର, କଟକ-୨

Digitized by srujanika@gmail.com

ନରବଳି

ପୁଷମାସିଆ ବଡ଼ ସକାଳ । ସେଦିନ ଭୀଷଣ କୁହୁଡ଼ି କାକର ଯୋଗୁ ଜଣାଯାଉଥିଲା — ରାତି ପାହିବାକୁ ଯେପରି ଅନେକ ଡେରି ଅଛି ।

ଶହର ବଦମାସଙ୍କ ଗତିବିଧି ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ ଥାନା ମହାନଦୀ ବାଲିରେ ପହରାଥିବା ଗୌର ସିଂହ ଓ ପିରୁ ମିଆଁ ସକାଳ ହେବାରୁ ଥାନାକୁ ଫେରିବାକୁ ଲାଗିଲେ । ଦୁହିଁଙ୍କର ମୁଣ୍ଡରୁ ତଳିପାଯାଏ ଗରମ କୋଟ ଓ ଟୋପି । ପକେଟରେ ଟର୍ଚ୍ଚ ଲାଇଟ୍, ହାତରେ ଖଣ୍ଡାଏ ଉଚ୍ଚର ପିତ୍ତଳ ଗୋଲାବସା ବେଙ୍ଗା । ଆଗରେ ଗୌର ସିଂହ, ପଛରେ ପିରୁ ମିଆଁ । ଅନିଦ୍ରାରେ ଶରୀର ଅବଶ । ମନରୁ ସରସତା ଆପେ ଆପେ କୁଆଡ଼େ ଯେପରି ଉଭେଇ ଯାଇଛି । କାଳ ଗୁଳାଙ୍ଗୁଳପରି ବୁଟ୍ ଜୋତା ପିନ୍ଧା ଗୋଡ଼ଦି'ଟା ମଚ୍ ମଚ୍ ହୋଇ ତାଳ ପକାଇ ପଡ଼ୁଛି ଆଗକୁ । ଦୁହେଁ ନୀରବ ।

କେତେବେଳକେ ପିରୁ ମିଆଁ ପକେଟରୁ ଦୁ'ଖଣ୍ଡ ବିଡ଼ି ବାହାର କରି ଖଣ୍ଡେ ମୁହଁରେ ଧରିଲେ ଆଉ ଖଣ୍ଡେ ଗୌର ସିଂହ ହାତକୁ ବଢ଼ାଇଦେଇ କହିଲେ — ଲେ ଭାଇ ! ତାପରେ ପିରୁ ମିଆଁ ହାତରେ ଦିଆସିଲି କାଠି ଫୁରୁକିନା ଜଳିଉଠିଲା । ପୁଣି ଆଗପଛ ହୋଇ ଦୁହେଁ ଚାଲିଲେ ଆଗକୁ ।

Digitized by srujanika@gmail.com

କୁହୁଡ଼ି ଭିତରେ ବଡ଼ ସାବଧାନତା ସହ ଦୁହେଁ ପଥର ପାହାଚ ପରେ ପାହାଚ ଟପି ବନ୍ଧ ଉପରକୁ ଉଠିଲେ । ବନ୍ଧ ଉପର ରାସ୍ତା ଦେଇ କିଛି ବାଟ ଯାଇଛନ୍ତି, ଆଗରୁ ଖଣ୍ଡେ ମଟରଗାଡ଼ି ଉଲ୍‌କା-ବେଗରେ ତୀବ୍ର ଆଲୋକ ପକାଇ ତାଙ୍କର କଡ଼ଦେଇ ଚାଲିଗଲା, ଯେପରି ଦେହରେ ବାଜେ କି ନ ବାଜେ ।

ବିଜୁଳି ତାରରେ ଚୁମ୍ବକ ଖାଇଲାପରି ଦୁହେଁ ଚମକି ପଡ଼ିଲେ । ପିରୁ ମିଆଁ ଶେଷ ବିଡ଼ି ଟଣିକ ଫୋପାଡ଼ି ଦେଇ କହିଉଠିଲା; କୋନ୍ ଶାଲା, ଏତନା ଜୋରସେ ଗାଡ଼ି ଚଲାତା ହୈ । ନମ୍ବର ଟିପ୍‌ଲେ ଭାଇ !

ମଟର ସେତେବେଳକୁ ଆଖି ଆଗରୁ ଦୂରକୁ ଚାଲିଗଲାଣି । ଗୌର ସିଂହ ପଛକୁ ଚାହିଁ ବଡ଼ ବ୍ୟସ୍ତ ହୋଇ କହିଉଠିଲା, ସତଟା ଆଜି ବଡ଼ ଦୁର୍ଯୋଗରେ ପାଇଛୁ । ସକାଳୁ ମଟର ଚକତଳେ ପ୍ରାଣ ଯାଇଥାନ୍ତା । ଘରେ ମାଇପ ହାତରୁ କାଚ କାଢ଼ିଥାନ୍ତା, ପିଲାଛୁଆ ଅନାଥ ହୋଇଥାନ୍ତେ । ଭଗବାନ ରକ୍ଷାକଲେ ।

ପିରୁ ମିଆଁ ଟିକିଏ କାଶି ମାରି କହିଲା—ଆରେ ଗୌର ଭାଇ, ମୋର ୮ ପୁଣି ଘରେ ବାଲ୍‌ବଚ୍ଚା ଅଛି । ତୋର ଔରତ ସିନା ବୁଢ଼ୀ ହେଲାଣି, ଆଜ ମୁଁ, ଦ'ସାଲ ହେବ ନିକା ହୋଇଛି । ଦେଖିବାକୁ ବଡ଼ ଖୁବ୍‌ସୁରତ୍ । ଆଗ ସ୍ତ୍ରୀର ଦୋ'ଟି ପିଲା, ଆଉ ପଛର କ'ଣ ହେବ ମୋର ବି ତ ସେଇ ଅବସ୍ଥା ଆଜି ହୋଇଥାନ୍ତା……

ଗୌର ସିଂହ ଗୋଟାଏ ଖିଆଲରେ କହିଲା —ବେଶ୍ ପିରୁଭାଇ, ତୁ ଆଜିକାଲି ବଡ଼ ଆରାମରେ ଅଛୁ ।

— ହଁ ଭାଇ ସଚ୍, ଖୋଦାକା ମରଜି । ପିରୁ ମିଆଁ ବଡ଼ ଖୁସି-ମନରେ ଉତ୍ତର ଦେଲା ।

Digitized by srujanika@gmail.com

ଦୁହେଁ ଗପସପ ହୋଇ କାଛୁଆଟ ଗଳ୍ପରେ ବସ୍ତାର ବାଁ କଡ଼ରୁ ହଠାତ୍ କୁକୁର ଦଳ ଜୋରରେ କାମୁଡ଼ାକାମୁଡ଼ି ହୋଇ ଉଠିଲେ ।

ଗୌର ସିଂହ ଗୋଟାଏ ଖିଆଲରେ ପକେଟରୁ ଟର୍ଚ୍ଚ କାଢ଼ି ଆଲୁଅ ପକାଇ ଦେଖିଲାବେଳକୁ ପଥରବନ୍ଧ ଉପର ବେଞ୍ଚ କଡ଼କୁ କ'ଣ ଗୋଟାଏ ଲମ୍ବ ହୋଇ ପଡ଼ିଛି—ଆଉ ତା'ର ଟିକିଏ ଦୂରକୁ ମଡ଼ିଆ କୁକୁର ଦଳ ଝଟାପଟା ଲାଗିଛନ୍ତି । ଗୌର ସିଂ ମନେ ମନେ ଭାବିନେଲ—ହେଇଟା କୁଆଡ଼ୁ ଗୋଟାଏ ମୁର୍ଦ୍ଦାର ଅଧାଙ୍ଗିଆ କରି ଆଣି ପକାଇ ଦେଇଛି ।

ପଛରୁ ପିରୁ ମିଆଁ ବି ସେଆଡ଼କୁ ନଜର ରଖି କହିଲା—ସେଠି ଗୋଟାଏ କ'ଣ ମରିଛି ଗୌର ଭାଇ !

ଗୌର ସିଂହ କ'ଣ ଦେଖିବା ପାଇଁ ରାସ୍ତା ଛାଡ଼ି ସେଆଡ଼କୁ ବଙ୍କେଇ ଯାଉଁ ଯାଉଁ ପିରୁ ମିଆଁ କଥାର ଉତ୍ତର ଦେଇ କହିଲ, ହେଇଟା କେଉଁଠୁ ଗୋଟାଏ ମୁର୍ଦ୍ଦାର ଆଣି ପକାଇଛି କି କ'ଣ ?

ଦୂରରୁ କୁକୁର ଦଳ ଘେଙ୍ଗାଧରି ଆସୁଥିବା ଦ ଜ'ଣ ଲୋକ ଦେଖି ଦଉଡ଼ି ପଳେଇଲେ ଆଗକୁ ।

ଗୌର ସିଂହ ମୁର୍ଦ୍ଦାର ପାଖକୁ ଯାଇଁ ନଇଁପଡ଼ି ଦେଖୁ ଦେଖୁ ଚମକିପଡ଼ି ପଛକୁ ଘୁଞ୍ଚି ଆସିଲ ଦଶ ହାତ । ତାର କଣ୍ଠରେ ଭୟ ବିସ୍ମୟର ସ୍ୱର—ଖୁନ୍ ପିରୁ ଭାଇ !

ଖୁନ୍ ! ପିରୁ ମିଆଁ ଡମା ଡମା ଆଖି କରି ଟର୍ଚ୍ଚ ପକାଇ ଆଗକୁ ଦୁଇପାଦ ଆଗେଇଗଲା । ତାପରେ ସେ ଯାହା ଦେଖିଲା, ସେଥିରେ କେତେବେଳେ ଯେ ସେ ପଛେଇ ଆସି ଗୌର ସିଂହ ଦେହରେ ଧକ୍କା ଖାଇଲାଣି, ତାର ସେ କଥା ମୋଟେ ଖିଆଲ ନାହିଁ ।

Digitized by srujanika@gmail.com

ଗୌର ହିଂହ ତାକୁ ଧରିପକାଇ କହିଲା—ରହ ପିରୁ ଭାଇ, ଅବସ୍ଥା ବଡ଼ ସାଂଘାତିକ । ଆଗପଛ କଥା ବିଚାରିବା ମୋତେ ଆଉ ବୁଦ୍ଧି ଦିଶୁ ନାହିଁ । ଏତେବଡ଼ ସାଂଘାତିକ ଖୁନ୍, ମୋ ଚାକିରି କରିବା ଦିହକରେ ବି ମୁଁ କେବେ ଦେଖି ନାହିଁ । କାଲି ଆମର ଏଠି ଡକଟି ଥିଲା, ସେଇ ଡକଟି ଭିତରେ ଏତେବଡ଼ ପୁଣି ହତ୍ୟାକାଣ୍ଡ ? ପୁଲିସ-ସାହେବ ଯେଉଁ କଡ଼ା ଲୋକ, କ'ଣ କରୁଛି କେଜାଣି ? ଏ କଥା ଖାଲି ଭାବି ମୋ ମୁଣ୍ଡ ଘୂରିଲାଣି—ପିରୁଭାଇ ।

ପିରୁ ମିଆଁ ଏତେବେଳକେ କଥାକୁ ମୁଣ୍ଡରେ ପୂରାଇ ଗୋଟାଏ ଘନ ନିଃଶ୍ୱାସ ଛାଡ଼ି କହିଲା—ସଚ୍ ବାତ୍ ଗୌରଭାଇ ! ଆଗେ ଥାନାର ଇନ୍‌ସପେକ୍ଟର ମହାପାତ୍ରର ବାବୁକୁ ସମାଲେ । ମହାପାତ୍ର ବାବୁ ସଫା ସଫା କହିବ, ବିଦେଇ କାଲି କେଉଁଠି ଘୁମେଇ ଯାଇଚ । ଖୋଦା ଭରସା । ହମ୍ ଦୋନୋ ବି ବାଲବଚ୍ଚାବାଲେ···।

କୁହୁଡ଼ିଅନ୍ଧାର ଝାପ୍‌ସା ହୋଇ ଆସୁଥିଲା । ତା' ସଙ୍ଗେ ସଙ୍ଗେ ଖୁନ୍ ହୋଇଥିବା ଲାସଟାର ବୀଭତ୍ସ ଦୃଶ୍ୟ ସଫା ଦିଶି ହେଉଥିଲା । କୁକୁର ଦଳଟା ଉପରେ ଖଣ୍ଡେ ଦୂରରେ ଠିଆ ହୋଇ ଜିଭ ଚାଟୁଥିଲେ ।

ହତ୍ୟାକାଣ୍ଡ କଣ ? ଯେଉଁ ଲୋକଟିକୁ ସଦ୍ୟ ଖୁନ୍ କରାହୋଇଥିଲା, ସେ ଲୋକର ଲାସକୁ ପ୍ରଥମେ ଦେଖିଲେ ଯେ କେହି ବିଶ୍ୱାସ କରିବ ଯେ, ତାହା କେହି ଜଣେ ବଡ଼ଲୋକର ଲାସ୍ । ଦେହରେ ସିଲ୍‌କ କାମିଜ, ତା' ଉପରେ କୋଟ ସେମିତି ଅଛି । ପକେଟରେ ଫାଉଣ୍ଟେନ୍‌ପେନ୍ ଓ ହାତରେ ଦାମିକା ଘଡ଼ି ସେମିତି ଟିକ୍ ଟିକ୍ ହୋଇ ଚାଲିଛି । ଛାତିରେ ଖଚ୍ ଜୋରରେ ଛୁରି ବସି ହାବୁକା ରକ୍ତରେ ଧଳା ସିଲ୍‌କ କାମିଜ ଓ କୋଟ ରକ୍ତ ସଡ଼ବଡ଼ ହୋଇ ହୃଦୟବିଦାରକ ଦୃଶ୍ୟରେ ପରିଣତ ହୋଇଛି । ତା ପରେ ଆହୁରି ବିଭତ୍ସ, କଭଳ ଦାଢ଼ୁଆ ଉପରେ କଣ

Digitized by srujanika@gmail.com

ବେକ ପାଖରୁ ମୁଣ୍ଡଟା ଛିନ୍ନ କରି ନେଇ ଯାଇଛି । ସେଇ କଟା ବେକବାଟେ ଶରୀରର ସମସ୍ତ ରକ୍ତ ତଳେ ମାଟି ଉଛୁଳି ଝରି ବୋହି ଜମାଟ ବାନ୍ଧି ଗଲାଣି । ସେଇ ଲହୁଣିଆ ରକ୍ତକୁ ଚାଟିବା ପାଇଁ ମଉଜା କୁକୁର ଦି'ଟାଙ୍କର ଏତେ କାମୁଡ଼ାକାମୁଡ଼ି ।

ଗୌର ସିଂହ ଓ ପିରୁ ମିଆଁ କ୍ଷଣକାଳ ନୀରବରେ ସେଇ ଲାସ-ଆଡ଼େ ଚାହିଁ ରହିଲେ । କେତେବେଳକେ ଗୌର ସିଂ କହିଲା; ଆଉ ଡେରିକରି କି ଲାଭ ପିରୁଭାଇ ? ଭାଗ୍ୟରେ ଯାହା ଥିବ । ଖୁନ୍ କେସ୍, ଆଉ ଡେରି କରିବା ଉଚିତ ନୁହେଁ । ଥାନାରେ ଯାଇ ଖବର ଦେବାକୁ ପଡ଼ିବ ।

ପିରୁ ମିଆଁ ଦଣ୍ଡେ କ'ଣ ଭାବିଚିନ୍ତି କହିଲା - ମେଁ ଯାଉଁଗା, ଔର ତୁମ୍ ଯାଓଗେ - ଗୌର ଭାଇ ?

ଗୌର ସିଂହ ଉତ୍ତର ଦେଲା, ତୁ ରହ ପିରୁଭାଇ ଏଠି । ମୁଁ ଏଇକ୍ଷଣି ଥାନାରୁ ଇନ୍‌ସପେକ୍‌ଟରବାବୁଙ୍କୁ ଧରି ଆସୁଛି । ଲାସକୁ ଜଗିବାପାଇଁ ଦଶ ବାରଜଣ ପୋଲିସ ବି ପଠାଉଛି । ଆଜି ଦିନଟା ଅଗାଧିଆ, ଅଖିଆରେ ଯେ କଟିବ—ତାହା ସଫା ଜଣାଗଲାଣି । ଏତେ ବଡ଼ ଖୁନ୍ । ଆଜି କଟକ ସହର ଉଠିବ କି ପଡ଼ିବ । ଗୌର ସିଂହ ତରବର ହୋଇ ପୋଲିସ ଠାଣିରେ ଚାଲିଲା ।

ଦଶ ଖୋଜ ବାଟ ଯାଇଛି କି ନାହିଁ ଗୌର ସିଂହ ପୁଣି ଫେରି-ଆସିଲା ପିରୁ ମିଆଁ ପାଖକୁ । ପିରୁ ମିଆଁ ବି କ'ଣ ଗୁପ୍ତ କଥା ଶୁଣିବ ବୋଲି ଆଗେଇଯାଇ ଗୌର ସିଂହ ମୁହଁ ପାଖରେ କାନ ଲଗାଇଲା ।

ଗୌର ସିଂହ ମୁହଁରେ ସଙ୍କେତ ଭାବ ଫୁଟାଇ ଆସ୍ତେ ଆସ୍ତେ କହିଲା —ଖୁନ୍ କେଶ, ବଡ଼ ସାଙ୍ଘାତିକ ! ହୁସିଆର୍ । ଥାନାରୁ ପୋଲିସ ପହଞ୍ଚିବା ପର୍ଯ୍ୟନ୍ତ ଲାସକୁ ଚାରିଆଡ଼କୁ ସତର୍କ ଦୃଷ୍ଟି ରଖି ଜଗିଥା ।

Digitized by srujanika@gmail.com

ଲସ ହରଣେଶ୍ବର ହେଲେ ଅବସ୍ଥା ସାଂଘାତିକ ହୋଇପଡ଼ିବ ।
ଗୌର ସିଂହ ବୁଟ୍ ଜୋତାରେ ପାଦ ପକାଇ ସେଠାରୁ ଚାଲିଆସିଲା ।

ମଙ୍ଗଳାବାଗ ଥାନାର— ପହରାବାଲା ଘେରୁ ଦେଉରୁ ଏକାକୀ ଗୌର ସିଂହକୁ ଦେଖି ଏବଂ ତାର ମୁହଁରେ ହତାଶ ଓ ବ୍ୟଗ୍ରଭାବ ଦେଖି ପଚାରିଲା – ଘଟଣା କ'ଣ ଗୌରବାବୁ ? ଏତେ ସକାଳୁ ?

ଗୌର ସିଂହ ଏ କଥାରେ ଜବାବ ଦେଲା – ଭାଇ ! ଅବସ୍ଥା ସାଂଘାତିକ, ଖୁନ୍ । କାଲି ରାତିରେ ଦେବବାବୁଙ୍କର ଡ୍ୟୁଟି ଥିଲା ପରା ?

ପହରାବାଲା – ଆଜ୍ଞା କୌଣସି କଥା ନ ବୁଝି ଉତ୍ତର ଦେଲା, ହଁ, ବାବୁ ରାତି ପ୍ରାୟ ସାଢ଼େ ଛଅଟା ବେଳେ ରାଉଣ୍ଡରୁ ଫେରି ବସାକୁ ଯାଇଛନ୍ତି ।

ଗୌର ସିଂହ ଆଉ କଥା ନ ପଚାରି ଚାଲିଲା ଥାନାସଂଲଗ୍ନ ବସାକୁ । ଦେବବାବୁଙ୍କ ପିଣ୍ଡା ପାଖରେ ଥମକି ଠିଆ ହେଲା – ବାବୁ ଗତ ଛଅଟା ବେଳେ ଫେରିଛନ୍ତି, ନିଦ ଲାଗିଥିବ । ଡାକିବା ଭଲ ନାହିଁ । ଆଉପରେ ଭାବୁ ଭାବୁ ଠିକ୍ କରିଦେଲା ସର୍ବୋଚ୍ଚ କାମ, ପୋଲିସ ଷ୍ଟେସନ, ପୁଣି ସାଂଘାତିକ ଖୁନ କେଶ ।

ଗୌର ସିଂହ ଦରଜାର ଲୁହା କଡ଼ାକୁ ଝଣ୍ ଝଣ୍ କରି ଡାକିଲା, ବାବୁ ! ବାବୁ ! କିନ୍ତୁ ସୋର ଶବ୍ଦ ନାହିଁ । ଝଣ୍, ଝଣ୍, ବାବୁ ! ବାବୁ !

ପ୍ରାୟ ଦଶ ଡାକ ପରେ, ନିଦ ଘୋରରେ ହୋଇ ଦେବବାବୁ ମୋଟାଳିଆ ଗଳାରେ ଉତ୍ତର ଦେଲେ --କିଏ ?

ମୁଁ ଆଜ୍ଞା, ଗୌର ସିଂହ । ଅବସ୍ଥା ସାଂଘାତିକ ! ଖୁନ କେଶ । ଗୌର ସିଂହ ଅସ୍ଥିର ଗଳାରେ ଉତ୍ତର ଦେଲା ।

Digitized by srujanika@gmail.com

ଯୁବକ ସବ୍‌ଇନ୍‌ସପେକ୍ଟର ରବିବାବୁ ଏକ ରେଜେଇ ତଳୁ ସ୍ତ୍ରୀ ପାଖରୁ ଭୋରରୁ ଉଠି ଆସିବାକୁ ମନେ ମନେ ଘୋର ବିରକ୍ତି-ବୋଧ କରୁଥିଲେ ବି ଖୁନ୍ କେଶ ନାଁ ଶୁଣି ଚମକିପଡ଼ିଲେ । ପୁଣି କାଲି ରାତିରେ ତାଙ୍କ ଥାନା ଇଲାକାରେ ଧୁବ୍‌ରି, ପଦ୍ମଶ୍ରୀବାଲମାନଙ୍କ କାର୍ଯ୍ୟତତ୍ପରତା ତନଖି କରିବା ଭାର ତାଙ୍କର ଉପରେ ଥିଲା । ଖୁନ୍ ? ଏ କଥା ଶୁଣି ତାଙ୍କ ଆଖିରୁ ନିଦ କୁଆଡ଼େ ଉଭେଇଗଲା । ଦେହ ଗରମ ହୋଇ ଉଠିଲା । ସେ ଆସ୍ତେ ରେଜେଇ ଟେକି ଖଟ ତଳକୁ ଓହ୍ଲାଇ ଆସୁଛନ୍ତି, ରବିବାବୁଙ୍କ ସ୍ତ୍ରୀ ଅଳସ ଗଳାରେ କହିଲେ, ଦି'ଘଣ୍ଟା ହେଲା ଆସିନ, ପୁଣି ରାତି ନ ପାହୁଣୁ କୁଆଡ଼େ ଯାଉଛ ଶୁଣେ ? ଅଚ୍ଛା ପୋଲିସ ଚାକିରି କରିଛ ତ !

ରବିବାବୁ କବାଟ ଫିଟାଇବାକୁ ଆସୁ ଆସୁ କଅଁଳ ଗଳାରେ ଉତ୍ତର ଦେଲେ — ସତରେ ମଞ୍ଜୁ, ଏ ଚାକିରି କରି ତୁମ ମନରେ ମୁଁ ଶାନ୍ତି ଦେଇ ପାରିଲି ନାହିଁ । ରବିବାବୁ କବାଟ ଫିଟାଇ ବାହାର ବାରଣ୍ଡାରେ ଆସି ଗୌର ସିଂହକୁ ପଚାରିଲେ — ଖବର କ'ଣ ? କି ଖୁନ୍ !

ଗୌର ସିଂହ ବ୍ୟଗ୍ରତା ପ୍ରକାଶ କରି କହିଲା — ଆଜ୍ଞା ! କଥାରେ କହି ହେବନି । କଳାଖାଇ ପାଖ ମହାନଦୀର ପଥରକନ୍ଧ ଉପରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । କ'ଣ କହିବି ହଜୁର ! ଜଣେ ବଡ଼ଲୋକ ପରି ମାଲୁମ ହେଉଛି । ତାର ମୁଣ୍ଡକାଟି ନିଆଯାଇଛି । ଟାଟକା ରକ୍ତ ମାଠିଆରୁ ଢାଳିଲା ପରି ତଳେ ବୋଧେ ଜମାଟ ବାନ୍ଧିଗଲାଣି । ଚିରୁ ମିଆଁ ଏକୁଟିଆ ଜଗିଛି । ମୁଁ ତ ଅଣନିଃଶ୍ୱାସୀ ହୋଇ ଆପଣଙ୍କ ପାଖକୁ ଦଉଡ଼ିଛି — ହଜୁର !

ଯୁବକ ରବିବାବୁ ଏଭଳି ସାଙ୍ଘାତିକ କଥା ଶୁଣି ଚମକିପଡ଼ି କହିଲେ — ଏକୁଟିଆ ଚିରୁ ମିଆଁ ଜଗିଛି ! ଲାସ ଯଦି ହରଣଚାଳ ହୁଏ ।

Digitized by srujanika@gmail.com

ରବିବାବୁ ଆଜ ମୁହୂର୍ତ୍ତେ ସମସ୍ତ ନଷ୍ଟ ନ କରି ନକର ପୋଷାକ ପିନ୍ଧି ପକାଇଲେ । ତା'ପରେ ପୋଲିସ ଠାଣିରେ ଥାନାକୁ ଆସି ବିପଦ ସଙ୍କେତ ଦେଇ ମୂହୁର୍ମୂହୁ ହୁଇସଲ ବଜାଇଲେ ।

ଏକ, ଦୁଇ, ତିନି, ଚାରି, କୋଡ଼ିଏ ମିନିଟ ନ ପୂରୁଣୁ ଖଣ୍ଡେ ପୋଲିସ ମଟର, ଦଶଜଣ ସଶସ୍ତ୍ର ସିପାହୀ, ଗୌର ଫିହ ଓ ରବିବାବୁଙ୍କୁ ନେଇ କାଳାକଣ ମହାନଦୀ ବନ୍ଧଆଡ଼େ ଉଲ୍‌କାବେଗରେ ଛୁଟି-ଚାଲିଲା ।

ଦୂରରୁ ପୋଲିସ ମଟର ଆସୁଥିବା ଦେଖି ପିରୁ ମିଆଁ ହୁଇସିଲ ମାରି ସଂକ୍ଷଣ କୁହୁଡ଼ି ଭିତରେ ତାର ଅବସ୍ଥିତି ଜଣାଇଦେଲା ।

ମଟର ଅଟକିବା ସଙ୍ଗେ ସଙ୍ଗେ ଟପ୍ ଖାପ୍ ହୋଇ ଦଶ ଜଣ କନେଷ୍ଟବଳ ଓହ୍ଲାଇପଡ଼ିଲେ । ତା ପଛକୁ ରବିବାବୁ ଓହ୍ଲାଉ ପଡ଼ିଲାକ୍ଷଣି, ପିରୁ ମିଆଁ ସଲାମ ବଜାଇ ଲାସଟି ଦେଖାଇଦେଲା ।

ଯୁବକ ରବିବାବୁ ସେହି ବୀଭତ୍ସ ଦୃଶ୍ୟ ଉପରେ ଆଖି ପକାଇଲା-କ୍ଷଣି ଚମକିପଡ଼ିଲେ । କୁହୁଡ଼ିରେ ଘନଅନ୍ଧାର ଅନନ୍ତ ସାଗରପରି ଦିଶୁଥିଲେ ବି ପାଖରେ ଲାସ୍ ଟି ଦେଖିବାରେ କିଛି ଅସୁବିଧା ହେଲା ନାହିଁ । ରବିବାବୁ, ନିଷ୍ଠୁରଭାବରେ ହତ୍ୟାକରା ହୋଇଥିବା ସେହି ଲାସଟି ଆଡ଼େ ଥରକୁ ଥର ଚାହିଁ ଦୁଃଖରେ ଘନଘନ ନିଃଶ୍ୱାସ ତ୍ୟାଗ କରୁଥିଲେ ।

ରବିବାବୁ ନୀରବ ହେବାରୁ ପିରୁ ମିଆଁ ଦବଧା ସ୍ୱରରେ କହିଲା, ହଜୁର, କୋନ୍ ବଡ଼ା ଆଦମିକା ମାଫିକ ମାଲୁମ ହୋତା ।

ରବିବାବୁଙ୍କ ମୁହଁରୁ କୋଟାଏ କଥା ଆଗରୁ ବାହାରି ପଡ଼ିଲା, ଠିକ୍ ଏହେଇ ମାଲୁମ ହୋତା । ତାପରେ ରବିବାବୁ ତାହାର କଣ୍ଠିକି ଚାଳନ କରିବାକୁ ଲାସର ବୁକପାଖରେ ଟେଲିପ ଜଗା ହେଲେ ବଡ଼

Digitized by srujanika@gmail.com

ଚାଳିତ କଥା କହିଲେ, ମୁଁ ସେଦିନଠି ଠିଆ ହେବାକୁ କହୁଛି, ସେ ସ୍ଥାନ ଗୃହ ଭିତରକୁ ଯିବାକୁ କେହି ଚେଷ୍ଟା କରିବ ନାହିଁ । ହତ୍ୟା-କାଣ୍ଡର ଅନେକ ପାଦ ଚିହ୍ନ ଦ୍ୱାରର ଗୃହପାର୍ଶ୍ୱରେ ବେଶ୍ ବାରି-ହେଉଛି । ମୁଁ ତଞ୍ଜନ ଇନ୍‌ସପେକ୍‌ଟରଙ୍କୁ ସାଙ୍ଗରେ ଧରି ଆସୁଛି । ରବିବାବୁ ଫୋନ ମଝିରୁ ଚଳନ୍ତି ବାହାରିଗଲେ ।

ରବିବାବୁ, ଇନ୍‌ସପେକ୍‌ଟର ଶାନବନ୍ଧୁ ବାବୁଙ୍କ ବସା ଆଗରେ ମଟର ରଖି ପିଣ୍ଡା ଉପରକୁ ଉଠିଗଲେ । ସେତେବେଳକୁ ଦାଣ୍ଡ ଦରଜା ଖୋଲି ନ ଥିଲେ ବି ଭିତରେ ନଷ୍ଟୋବ୍ଦଟାର ସଁ ସଁ ଅବାଜରେ ଜଣାଯାଉଥିଲା, ଭିତରେ ଲୋକ ଉଠିଲେଣି । ରବିବାବୁ ଖବରନେଲେ; ଇନ୍‌ସପେକ୍‌ଟରବାବୁ ବଡ଼ ଚାହା ପ୍ରିୟ । ତାଙ୍କର ପାଇଁ ଚା ତିଆରି ହେଉଛି ।

କବାଟ କଡ଼ା ଝଟ୍ ଝଟ୍ ଶବ୍ଦ ଶୁଣି ଚାକର ଟୋକାଟି କବାଟ ଫିଟାଇ ଆସି ଦେଖେ ତ, ପୁରା ପୋଲିସ ପୋଷାକରେ ରବିବାବୁ । ସେ କବାଟ ଫିଟାଇ ଗୋଟାଏ ପାଖକୁ ଆଉଜିଗଲା । ରବିବାବୁ ଦାଣ୍ଡ ଅଫିସଘରକୁ ପଶି ଯାଉ ଯାଉ ପଚାରିଲେ—କରେ ବାବୁ ଉଠିଲେଣି ?

ଚାକର ଟୋକାଟି ରହି ରହି ଉତ୍ତର ଦେଲା—ହଁ ଆଜ୍ଞା, ପାଇଖାନା ଯାଇଛନ୍ତି । ରବିବାବୁ ଅନ୍ୟ କିଛି ନ ପଚାରି, ଝଣ୍ଟେ ଚେୟାର ଟାଣି ବସିପଡ଼ିଲେ ।; ସେତେବେଳକୁ ସେହି ବାହାଘର କେସ ନେଇ ତାଙ୍କ ମନରେ ପ୍ରବଳ ଝଡ଼ତୋଫାନ ବହୁଥିଲା । ହଣା ହୋଇଥିବା ଅଜ୍ଞାତନାମା ଏହି ଓଡ଼ିଆ ଭିତରେ ଯିଏ ହୋଇଥିବ, ତାହା ଆଜ କେତେ ଘଣ୍ଟା ଭିତରେ ନିଶ୍ଚୟ ଜଣାପଡ଼ିବ । କିଏ କିପରି ହତ୍ୟା କଲା ? ହତ୍ୟାକାଣ୍ଡର ସନ୍ଧାନ ନେବାରେ ସୂତ୍ର ବା କ'ଣ? ରବିବାବୁ କେତେ କ'ଣ ଭାବି ଘନ ଘନ ନିଃଶ୍ୱାସ ତ୍ୟାଗ କରୁଥିଲେ ।

Digitized by srujanika@gmail.com

ପାଇଖାନାରୁ ଘନବନ୍ଧୁ ବାବୁ ଖଡ଼ମ ମାଡ଼ି ଝଟ ଖଟ୍ ହୋଇ ବାହାରି ଆସିଲେ । ଗୁଜର ଟୋକାଟି କୁଅମୁଳେ ତାଙ୍କ ହାତକୁ ସାବୁନ ଖଣ୍ଡିକ ବଢ଼ାଇ ଦେଇ ଦେଇ କହିଲା—ଆଜ୍ଞା, ରବିବାବୁ କାହିଁକି ଖୋଜୁଛନ୍ତି । ଅଫିସରେ ବସିଛନ୍ତି ଆଜ୍ଞା !

ରବିବାବୁ ! ଇନ୍‌ସପେକ୍‌ଟରବାବୁ ମନକୁ ମନ ବିସ୍ମୟସୂଚକ ଶବ୍ଦ କରି କେତେ କ'ଣ ଭାବିଗଲେ । ସକାଳୁ କାହିଁକି, କଥା କ'ଣ ? ଘନବନ୍ଧୁ ବାବୁ ସବୁଦିନ ଅପେକ୍ଷା ଚଞ୍ଚଳ ଦାନ୍ତଘଷି, ତଉଲିଆରେ ମୁହଁ ପୋଛୁ ପୋଛୁ ତାଣ୍ଡ ଅଫିସଘର ଭିତରକୁ ପଶି ଆସୁ ଆସୁ ପଚାରିଲେ — କହୋ ରବିବାବୁ, ଖବର କ'ଣ ! ଏତେ ସକାଳୁ ?

ରବିବାବୁ ଚେୟାରରୁ ଉଠି ସଲାମ ଦେଇ ଠିଆହେଲେ । ଘନବନ୍ଧୁ ବାବୁ ଖଣ୍ଡେ ଚଉକି ଟାଣି ବସି ପଡ଼ି ପୁଣି ପ୍ରଶ୍ନ କଲେ, କଥା କ'ଣ ! ନୀରବ ହେଲେ ଯେ । ତା' ପରେ ଗୁଜରକୁ ନିର୍ଦ୍ଦେଶ ଦେଲେ ଦୁ' ଦି କପ ନେଇଆ ।

ରବିବାବୁ ନିଜେ ଚେୟାରରେ ବସିପଡ଼ି ଶୁଖିଲା ଗଳାରେ ଉତ୍ତରଦେଲେ—ଅବସ୍ଥା ବଡ଼ ସାଂଘାତିକ ସାର୍ !

ଘନବନ୍ଧୁ ବାବୁ ଟେବୁଲ ଉପରକୁ ଉଡୁକି ବିସ୍ମୟ ପ୍ରକାଶ କରି କହିଲେ—ଏଁ ସାଂଘାତିକ ! କ'ଣ ?

—ହଁ ସାର୍, ସାଙ୍ଘାତିକ ଘଟଣା । କଲାକାଗରେ କୌଣସି ଏକ ଭଦ୍ରଲୋକକୁ କିଏ ନିଷ୍ଠୁର ଭାବରେ ହତ୍ୟା କରିଛି । ଖାଲି ହତ୍ୟା ନୁହେଁ କୌଣସି କାରଣରୁ ତାଙ୍କର ମୁଣ୍ଡଟିକୁ ମଧ୍ୟ କାଟି ନିଆ ହୋଇଛି । ସେଠିକାର ବୀଭତ୍ସ ଦୃଶ୍ୟ ଦେଖିଲେ ଲୋମ ଟାଙ୍କୁରି ଉଠିବ ସାର୍ !

ଘନବନ୍ଧୁ ବାବୁ ରବିବାବୁଙ୍କର କଥାଗୁଡ଼ାକ ଟିଇଟାଲି ରେ ଶୁଣୁଥିଲେ ଏବଂ କ୍ରମଶଃ ତାଙ୍କର ଭ୍ରୂକୁଞ୍ଚିତ ହେଉଥିଲା । ସେ

Digitized by srujanika@gmail.com

ଗୋଟାଏ ଘୋର ଦୁଃଶ୍ୱାସ ଗ୍ରସ୍ତ କରୁଛନ୍ତି-ତାହାହେଲେ ଅବସ୍ଥା ସାଂଘାତିକ । ଏଭଳି ନିଷ୍ଠୁର ଦୁଃସାହସିକ କାର୍ଯ୍ୟ କମ୍ ବଦମାସ ଲୋକଙ୍କ କାମ ନୁହେଁ ! ଅଚ୍ଛା, ହତ ହୋଇଥିବା ଲୋକ କିଏ, ତା କିଛି ଜାଣିଛ ?

ରବିବାବୁ ଉତ୍ତର ଦେଲେ—ନା ସାର୍, ମୁଁ ସେ ସବୁ କଥା କିଛି ଜାଣିବାକୁ ଚେଷ୍ଟା କରି ନାହିଁ । ଏ ଖବର ପାଇବା ସଙ୍ଗେ ସଙ୍ଗେ ପନ୍ଦର ଜଣ ସଶସ୍ତ୍ର ପୋଲିସ ନେଇ ଲାସ ସ୍ଥଳପଟରେ ଜଗାଇ ଦେଇ ସିଧା ମୁଁ ଆପଣଙ୍କ ପାଖକୁ ଆସୁଛି । ତେବେ ମୋର ବିଶ୍ୱାସ, ସେ ଲାସର ପକେଟରେ ଥିବା କାଗଜପତ୍ର ଇତ୍ୟାଦିରୁ ସେ କିଏ ଏହା ସହଜରେ ଜଣାପଡ଼ିବ । ଆପଣ ଆସନ୍ତୁ ସାର୍ !

ଚାକର ଟୋକାଟି ଚା' ଦି' କପ ରଖି ଦେଇଗଲା ।

ଦୀନବନ୍ଧୁ ବାବୁ, ରବିବାବୁଙ୍କୁ ଚା' ଖାଇବାକୁ କହି ନିଜେ ମୁହଁରେ ଲଗାଇଲେ, କିନ୍ତୁ ତାଙ୍କର ସେଦିନ ଶୀତଦିନ ସକାଳେ ଉଷୁମ ଚା'କୁ ଆସ୍ତେ ଆସ୍ତେ ଖାଇ ଆନନ୍ଦ ଉପଭୋଗ କରିବାରେ ସେପରି ଆଦୌ ଇଚ୍ଛା ନ ଥିଲା । ସେଦିନ ଚା' ଖାଇବା ଭିତରେ ସେ କେତେ କ'ଣ ଭାବୁଥିଲେ ।

ଚାହାକୁ ଚା'ଖିଆ ଶେଷକରି ଦୀନବନ୍ଧୁ ବାବୁ ନିଜର ପୋଷାକ ପିନ୍ଧୁ ପିନ୍ଧୁ ରବିବାବୁଙ୍କ ଉଦ୍ଦେଶ୍ୟରେ କହିଲେ—ଏ ଖବରଟା ପୋଲିସ ସାହେବଙ୍କୁ ଦେଇଦେବା ଭଲ । କାରଣ, ତାଙ୍କ ବସା ନିକଟରେ ଏହା ଘଟିଛି କି ନା !

ରବିବାବୁ ମୁରୁକିଆ ହସି ହଁ ଟି ଭରି କହିଲେ—ପୋଲିସ ସାହେବଙ୍କୁ ଖବର ଦେବା ନୁହେଁ ସି. ଆଇ. ଡି. ବିଭାଗକୁ ଏ ଖବର ତୁରନ୍ତ ଦେବା ଦରକାର । କାରଣ, ସେଠି ବିଶେଷଜ୍ଞଙ୍କର ହତ୍ୟାକାରୀମାନଙ୍କର ନିଷ୍ଠୁର ପାଦଚିହ୍ନ ଇତ୍ୟାଦି ଥିବ । ଗୋଇନ୍ଦା ବିଭାଗରେ ଜାଣିବାକୁ

Digitized by srujanika@gmail.com

ଯାହା ସବୁ ଦରକାର, ତାହା ସେ ସ୍ଥାନରୁ ନିଶ୍ଚୟ ମିଳିବ, ଏହା କାହିଁକି ମୋର ଦୃଢ଼ ଧାରଣା ।

ଘନବନ୍ଧୁ ବାବୁ ଚମଡ଼ା ବେଲ୍ଟଟା କାନ୍ଧରେ ପକାଇ ପକାଇ କହିଲେ—ଠିକ୍ କହିଛ ଋଷିବାବୁ ! ଏଇଥିନୁ ତୁମର ସବୁ ଆଡ଼କୁ ନଜର ଥିବାରୁ ମୁଁ ଧନ୍ୟବାଦ ଦେଉଛି ।

ତା'ପରେ ଘନବନ୍ଧୁ ବାବୁ ଫୋନ୍ ଉଠାଇ ଡ଼ାକିଲେ-ହାଲୋ ! ହାଲୋ !

ମିନିଟକ ପରେ ଉତ୍ତର ଆସିଲା — କିଏ ଡାକୁଛନ୍ତି ଆଜ୍ଞା ! ମୁଁ ସି. ଆଇ. ଡ଼ି ଡ଼ି. ଏସ୍. ପି, ରାହାସବରାହାସବାବୁଙ୍କ ଘରର ଅର୍ଦ୍ଦଳୀ ।

ଘନବନ୍ଧୁ ବାବୁ ଉତ୍ତର ଦେଲେ—ବେଶ୍, ରାହାସବରାହାସବାବୁ ଉଠିଲେଣି ?

ଅର୍ଦ୍ଦଳିଟି ଉତ୍ତର ଦେଲା—ହଁ ଆଜ୍ଞା !

ଘନବନ୍ଧୁ ବାବୁ ଖବର ଦେଲେ—ତାହାହେଲେ ବାବୁଙ୍କୁ ଖବର ଦିଅ, ଇନ୍‌ସପେକ୍ଟର ଘନବନ୍ଧୁ ବାବୁ ଫୋନ୍ ଧରିଛନ୍ତି ।

ରହାସବରହାସବାବୁ ତାଙ୍କ ବଙ୍ଗଳାରେ ବାରଣ୍ଡାର ଟହଲ ମାରୁଥିଲେ । ଅର୍ଦ୍ଦଳୀ ଜଣାଇଲା —ହଜୁର, କ'ଣ ବଡ଼ ଜରୁରୀ କାମରେ ଇନ୍‌ସପେକ୍ଟର ଘନବନ୍ଧୁ ବାବୁ ଫୋନ୍ ଧରିଛନ୍ତି ।

ରାହାସବରାହାସବାବୁ କ୍ଷିପ୍ର ପଦକ୍ଷେପରେ ଫୋନ ପାଖକୁ ଆସି ପଚାରିଲେ—କଣ କହୁଛ ଘନବନ୍ଧୁ ବାବୁ ! ଏତେ ସକାଳୁ କି ଜରୁରୀ କାମ ?

ରହାସବରହାସବାବୁଙ୍କ ପାଟି ବାରି ଘନବନ୍ଧୁ ବାବୁ ନମସ୍କାର ଜଣାଇଲେ । ତା'ପରେ ଗମ୍ଭୀର ଗଳାରେ ଉତ୍ତର ଦେଲେ—ବଡ଼

Digitized by srujanika@gmail.com

ସାଂଘାତିକ କେଶ୍ ଆଜ୍ଞା ! ଢାଲି ଗଞ୍ଜରେ ମହାନଦୀର ପଥରବନ୍ଧ ଉପରେ କୌଣସି ଏକ ଭଦ୍ରଲୋକଙ୍କୁ ବଡ଼ ନିର୍ମମଭାବେ ହତ୍ୟା କରାହୋଇଛି । ଏପରିକି ତାଙ୍କର ମୁଣ୍ଡଟି ମଧ୍ୟ କାଟି ନିଆଯାଇଛି । ଆପଣ ଘଟଣାସ୍ଥଳକୁ ଶୀଘ୍ର ଆସିବାକୁ ଅନୁରୋଧ ।

ରାସବିହାରୀବାବୁ ଉତ୍ତେଜିତ ଗଳାରେ କହିଲେ— ସତେ ! ଏତେ ବଡ଼ ସାଙ୍ଘାତିକ କାଣ୍ଡ ପୁଣି ଏ ସହରରେ ସମ୍ଭବ ହେଲାଣି ! ଆଚ୍ଛା, ମୁଁ ଯାଉଛି । ଆପଣ ବଡ଼ ସାବଧାନ ଥିବେ । ଲାସ ଯେଉଁଠାରେ ପଡ଼ିଛି, ସେଠି ଯେପରି ଅନ୍ୟ କୌଣସି ଲୋକର ପାଦ ନ ପଡ଼େ ।

ଦୀନବନ୍ଧୁବାବୁ ଉତ୍ତର ଦେଲେ—ଆପଣ ଚଞ୍ଚଳ ଆସନ୍ତୁ ଆଜ୍ଞା ! କେହି ଯେପରି ସେ ସ୍ଥାନକୁ ପାଦ ନ ପକାଏ, ସେଥିପ୍ରତି ଆମେ ଆଗରୁ ସତର୍କ ରହିଛୁ ।

...

ଦୀନବନ୍ଧୁବାବୁ ପୁଣି ଫୋନ ଧରିଲେ ଅନ୍ୟଆଡ଼େ ।

ତେଣୁ ଉତ୍ତର ଆସିଲା— ମୁଁ ଆଜ୍ଞା ପୋଲିସ ସାହେବଙ୍କ ଅର୍ଦ୍ଦଳି, ଆପଣ କେଉଁଠୁ କହୁଛନ୍ତି ?

ଦୀନବନ୍ଧୁବାବୁ ପ୍ରଶ୍ନ କଲେ—ସାହେବ ଉଠିଲେଣି ? ମୁଁ ଇନ୍‌ସ୍‌ପେକ୍‌ଟର ଦୀନବନ୍ଧୁବାବୁ !

—ହଁ ଆଜ୍ଞା, ଏହି ଅଳ୍ପ ସମୟ ହେଲା ଉଠି ବାରଣ୍ଡାରେ ବସିଛନ୍ତି ।

—ଆଚ୍ଛା, ସାହେବଙ୍କୁ ମୋର ସଲାମ ଦିଅ, ଆଉ ମୁଁ ଏକ ଜରୁରି କାମରେ ଫୋନ୍ ପାଖରେ ଠିଆ ହୋଇଛି ବୋଲି କହ ।

ଅର୍ଦ୍ଦଳିଟି ଫୋନ୍ ରଖି ପୋଲିସ ସାହେବଙ୍କୁ ଖବର ଦେବାକୁ ବାରଣ୍ଡାକୁ ଚାଲିଗଲା ।

... ...

Digitized by srujanika@gmail.com

"କ'ଣ କି ଘନବନ୍ଧୁବାବୁ ? ସକାଳୁ କ'ଣ ଜରୁରି କାମ ! ପୋଲିସ ସାହେବ ଗଗନବାବୁ ଖୁସି ମନରେ ପ୍ରଶ୍ନ କଲେ ।

ଗଗନବାବୁଙ୍କ କଥା ଶୁଣି ଘନବନ୍ଧୁବାବୁ ନମସ୍କାର ଜଣାଇ କୃତଜ୍ଞତା ଭଙ୍ଗୀରେ ଉତ୍ତର ଦେଲେ—ଆଜ୍ଞା, ଆଜି ଏକ ସାଙ୍ଘାତିକ ଘଟଣା ଘଟିଛି । ବଡ଼ ନିର୍ମମ ହତ୍ୟାକାଣ୍ଡ !

ଗଗନବାବୁ ବ୍ୟସ୍ତ ସ୍ୱରରେ ପ୍ରଶ୍ନ କଲେ—ହତ୍ୟାକାଣ୍ଡ ! କେଉଁଠି ? କେତେବେଳେ ?

ଘନବନ୍ଧୁବାବୁ ଉତ୍ତର କଲେ—ବଡ଼ ଦୁଃଖର କଥା ଆଜ୍ଞା ! କାଲି କଣ ମହାନଦୀ କୂଳରେ କୌଣସି ଭଦ୍ରଲୋକକୁ ଦୁର୍ବୃତ୍ତମାନେ କାଲି ରାତିରେ ବଡ଼ ନୃଶଂସଭାବେ ହତ୍ୟା କରିଛନ୍ତି । ତାଙ୍କର ଦେହରୁ ମୁଣ୍ଡ ମଧ୍ୟ ଛିଡ଼ାଇ ନିଆ ହୋଇଛି ।

ଗଗନବାବୁ ବିସ୍ମିତ ହୋଇ ଉତ୍ତେଜିତ ଗଳାରେ ଉତ୍ତର ଦେଲେ—ସତେ ! ଯାହାଙ୍କୁ ହତ୍ୟା କରା ହୋଇଛି, ତାଙ୍କର କିଛି ଠିକଣା ପାଇଲେଣି ଆପଣ ?

ଘନବନ୍ଧୁବାବୁ ଉତ୍ତର ଦେଲେ—ଆଜ୍ଞା ଯେପରି କୁହାଯାଉଛି ସେଥିରେ ବର୍ତ୍ତମାନ ମୃତ ବ୍ୟକ୍ତି ଅନ୍ଧକାରରେ ରହିଛି । ଡ଼ିଉଟିରେ ଥିବା କନେଷ୍ଟବଲ ଏଠି ଖବର ଦେବା ସଙ୍ଗେ ସଙ୍ଗେ ଥାନାର ସବ୍-ଇନ୍‌ସପେକ୍ଟର ତ୍ରିବେଦୀବାବୁ ଘଟଣା ସ୍ଥଳକୁ ଯିବେ ବୋଲି ଘରରୁ ଯାଇଁ ଲାସର ରିପୋର୍ଟ କରି ପୋଲିସ ପହରା ରଖାଇଛନ୍ତି । ବର୍ତ୍ତମାନ ମୁଁ ଘଟଣାସ୍ଥଳକୁ ବାହାରିଛି । ଯିବା ଆଗରୁ ଆପଣଙ୍କୁ ଏ ସାଙ୍ଘାତିକ ହତ୍ୟାକାଣ୍ଡ ବିଷୟ ଜଣାଇବା ଉଚିତ ମନେକରି ଏ ଖବର ଦେଲି ।

ଗଗନବାବୁ ଉତ୍ତର ଦେଲେ—ମୋତେ ଜଣାଇ ଠିକ୍ କରିଛନ୍ତି । ଆପଣ ସି.ଆଇ.ଡି, ବିଭାଗକୁ ଖବର ଦିଅନ୍ତୁ ।

Digitized by srujanika@gmail.com

ଘନବନ୍ଧୁବାବୁ କହିଲେ—ମୁଁ ଦେଇ ସାରିଛି ଆଜ୍ଞା ।

— ଭଲ କରିଛ, ଘଟଣା ସ୍ଥଳକୁ ଶୀଘ୍ର ଆସିବାକୁ ମୁଁ ଆଉ ଥରେ ସେମାନଙ୍କୁ ଜଣାଇ ଦେଉଛି । ଆପଣ ସେଠାକୁ ଯାଆନ୍ତୁ, ମୁଁ ଆଉ ଅଧଘଣ୍ଟା ଭିତରେ ଯାଇ ପହଞ୍ଚୁଛି । ଗଗନବାବୁ ଫୋନ୍ ରଖିଦେଲେ ।

ଇନ୍‌ସପେକ୍ଟରବାବୁଙ୍କ ବସାର ରହିବାବୁ ଖୁବ୍ ଜୋରରେ ପୋଲିସ ମଟର ଛୁଟାଇ ଦେଲେ ।

କୁହୁଡ଼ି ଆସ୍ତେ ଆସ୍ତେ ଛାଡ଼ି ଆସୁଥିଲା । ଏତେ ସକାଳରୁ କାଳିପାଖ ପଥରବନ୍ଧ ବେଞ୍ଚ ବୃକ୍ଷପାଖରେ ପୋଲିସ ପହରା ଏବଂ ମଟର ଯିବା ଆସିବା ଦେଖି ଗାଡ଼ୋଇ ଆସୁଥିବା ଲୋକମାନେ ଖଣ୍ଡେ ଦୂରରେ ଅବାକ୍ ହୋଇ ଛିଡ଼ା ହୋଇଥିଲେ । ସକାଳୁ ବୁଲିବାକୁ ଆସୁଥିବା କେତେ ଜଣ ଉଚ୍ଚପଦସ୍ଥ ସରକାରୀ ଅଫିସର ମଧ୍ୟ ପୋଲିସ ଜଗୁଆଳମାନଙ୍କଠାରୁ ଘଟଣା ବୁଝି ଅଟକି ଗଲେଣି । ସମସ୍ତେ ବଭତ୍ସ ହତ୍ୟାକାଣ୍ଡ ଦେଖି ଦୁଃଖରେ ମ୍ରିୟମାଣ ।

ପଛକୁ ପଛ କେତେ ନୂଆ ଲୋକ ଆସି ସେଠାରେ ପହଞ୍ଚି ଗଲେଣି—ଘଟଣା କ'ଣ ଜାଣିବା ପାଇଁ । ସମସ୍ତେ ଫୁସ୍ ଫାସ୍ ହେଉ-ଛନ୍ତି ଘଟଣା କ'ଣ ! କିଏ ଏକ ଭୟମିଶ୍ରିତ ସ୍ୱରରେ ଉତ୍ତର ଦେଉଛି, ଖୁନ୍ ! କିଏ, କାହାକୁ ହତ୍ୟା କରିଛି । ତା'ପରେ ନୀରବତାର ରାଜତ୍ୱ । କାହାକୁ ହତ୍ୟା କରା ହୋଇଛି କିଏ ହତ୍ୟା କରିଛି, ତଥ୍ୟ ବୁଝିବାକୁ ସମସ୍ତେ ଉଦ୍‌ବିଗ୍ନ ହୋଇ ରହିଛନ୍ତି ।

ଇନ୍‌ସପେକ୍ଟର ଗଗନବାବୁ ମଟରରେ ଘଟଣାସ୍ଥଳରେ ପହଞ୍ଚିବାର ପାଞ୍ଚମିନିଟ ପରେ ନିଜେ ସି.ଆଇ.ଡ଼ି. ବିଭାଗର ଡ଼ି.ଏସ୍.ପି

Digitized by srujanika@gmail.com

ସଙ୍ଗରେ ସୁଶିକ୍ଷିତ ଚତୁର ଗୋଇନ୍ଦା ବିଭାଗର କର୍ମଚାରୀଙ୍କୁ ନେଇ ଆସି ପହଞ୍ଚିଲେ । ସିଏ ବୀଭତ୍ସ ହତ୍ୟାକାଣ୍ଡର କରୁଣ ଦୃଶ୍ୟ ଦେଖିଲେ, ସିଏ ଦୁଃଖରେ ମ୍ରିୟମାଣ ନ ହୋଇ ରହିପାରିଲେ ନାହିଁ । ଘନବନ୍ଧୁବାବୁ ଓ ରାସବିହାରୀବାବୁ କ୍ଷଣକାଳ ମୁହଁରେ ରୁମାଲ ଦେଇ ସେହି ମର୍ମାଦୃଶ୍ୟ ଦେଖିବାକୁ ଲାଗିଲେ । ତା'ପରେ ରାସବିହାରୀବାବୁ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି କହିଲେ—ଛାଡନ୍ତୁ, ବିଚାରର ଭାଗ୍ୟ !

ତାପରେ ରାସବିହାରୀବାବୁଙ୍କ ନିର୍ଦ୍ଦେଶରେ ଅନ୍ୟ ସରକାରୀ ଗୋଇନ୍ଦା କର୍ମଚାରୀ ସେ ସ୍ଥାନରେ ପଡ଼ିଥିବା ପାଦଚିହ୍ନର ଚିହ୍ନ ଚିହ୍ନ କରି ଫଟୋ ଉଠାଇବାକୁ ଲାଗିଲେ । ମାଟି ଉପରୁ ଫଟୋ ଉଠା ସରିଲା-ପରେ ରାସବିହାରୀବାବୁ ଓ ଘନବନ୍ଧୁବାବୁ ଲାସର ଖୁବ୍ ନିକଟକୁ ଯାଇ ଦେହରେ କୌଣସି ହସ୍ତ ଚିହ୍ନ ଅଛି କି ନାହିଁ ଏବଂ ଲାସକୁ ଚିହ୍ନଟ କରିବା ପାଇଁ ତାର ପକେଟରେ ଥିବା କାଗଜପତ୍ର ତନଖି କରିବାକୁ ମନସ୍ଥ କଲେ ।

ଘନବନ୍ଧୁବାବୁ ପକେଟରେ ହାତ ଦେବା ଆଗରୁ ରାସବିହାରୀ ବାବୁ କ'ଣ ଦେଖି ଘନବନ୍ଧୁବାବୁଙ୍କ ହାତକୁ ଧରି ଅଟକାଇ କହିଲେ, ଟିକିଏ ଅପେକ୍ଷା କରନ୍ତୁ ଆଜ୍ଞା । ହେଇ ଦେଖନ୍ତୁ, ସେହି କାନ୍ଧ ପାଖ ସିଲ୍କ କନାରେ ହତ୍ୟାକାରୀର ସ୍ପଷ୍ଟ ହସ୍ତଚିହ୍ନ । ସେଇଟାକୁ ଫଟୋ ଉଠାଇବା ନିତାନ୍ତ ଦରକାର । ତାପରେ ଅନ୍ୟ ଜଣେ ଗୁଇନ୍ଦା କର୍ମଚାରୀ ସଙ୍ଗେ ସଙ୍ଗେ ସେ ଫଟୋ ଉଠାଇ ନେଲେ ।

ତାପରେ ଘନବନ୍ଧୁବାବୁ ପକେଟରେ କିଛି କାଗଜପତ୍ର ଅଛି କି ନାହିଁ ଦେଖିବାପାଇଁ ପ୍ରଥମେ କୋଟ ପକେଟ ଖୋଜିଲେ, କିନ୍ତୁ ସେଥିରେ କେବଳ ଥିଲା ଦଶଟଙ୍କିଆ ନୋଟ ଯୋଡ଼ିଏ ଖଣ୍ଡ । ତାପରେ ଭିତର ପକେଟ କମିଜରେ ହାତ ପୂରାଇ ଦେଖିଲେ, ସେଥିରେ

Digitized by srujanika@gmail.com

କୌଣସି କାଗଜପତ୍ର ନ ଥିଲେ ମଧ୍ୟ ଖଣ୍ଡିଏ ଗ୍ଲେଟ ଧଳା କାଗଜ ଦୁଇଭାଗ ହୋଇ ରହିଛି । ଦୀନବନ୍ଧୁ ବାବୁ ସେ ଖଣ୍ଡିକ ଆଣି ଫିଟାଇ ଦେଲାକ୍ଷଣି ତାଙ୍କ ଆଖି ତାଳୁ ଉପରକୁ ଉଠିଗଲା ଏବଂ ତାଙ୍କ ପାଟିରୁ ଭୟମିଶ୍ରିତ ସ୍ୱର ବାହାରି ପଡ଼ିଲା—କି ସାଂଘାତିକ ! ରହାସବହାସୀ-ବାବୁ ମଧ୍ୟ ସେ ଖଣ୍ଡିକ ତାଙ୍କ ହାତରୁ ନେଇ ଅବାକ୍ ହୋଇ କିଛି ସମୟ ସ୍ତବ୍ଧ ରହିଲେ । ତା'ପରେ ରହାସବହାସୀବାବୁ ସେ ଖଣ୍ଡିକ ଯତ୍ନର ସହିତ ନିଜ ପକେଟରେ ରଖି ପୁନର୍ବାର ସେ ଓ ଦୀନବନ୍ଧୁ ବାବୁ ଲାସଟିର ପକେଟ ଏବଂ ଅନ୍ୟାନ୍ୟ ସ୍ଥାନ ପରୀକ୍ଷା କରିବାକୁ ଲାଗିଲେ ।

ପ୍ରାୟ ଲାସ ସମ୍ବନ୍ଧରେ ତଲାସ ଶେଷ ହେଲା ବେଳକୁ ପୋଲିସ ସାହେବ ଗଗନବାବୁ ମଟରଚଳାଇ ଆସି ପହଞ୍ଚିଲେ । ପୋଲିସ ସାହେବଙ୍କୁ ଦେଖି ଦେଖଣାହାରୀ ଲୋକେ ଆଡ଼େଇ ଗଲେ । ଦୀନବନ୍ଧୁ ବାବୁ ମଧ୍ୟ କେଇପାଦ ଆଗକୁ ଆସି ପୋଲିସ ସାହେବଙ୍କୁ ଲାସ ନିକଟକୁ ଘେନିଗଲେ ।

ଗଗନବାବୁ ଲାସଟିକୁ ଦେଖିଲାମାତ୍ରେ ଦୁଃଖରେ ଇତସ୍ତତଃ ନ ହୋଇ ରହି ପାରିଲେ ନାହିଁ । ଲାସର ପୋଷାକପତ୍ର ଏବଂ ମଲା ହାତରେ ସଜୀବ ଭଳି ଟିକ୍ ଟିକ୍ ହୋଇ ଚାଲୁଥିବା ଦାମିକା ହାତବନ୍ଧା ଘଡ଼ି-ଆଡ଼େ କିଛିକ୍ଷଣ ନିରୀକ୍ଷଣ କରି, ସେ ଅନ୍ତର ଭିତରେ ଓଲଟପାଲଟ କରି ଭାବୁଥିଲେ, ସେ ଯେପରି ଇମିତି କୌଣସି ବଶିଷ୍ଟଲୋକକୁ କେଉଁଠାରେ ଦେଖିଛନ୍ତି । ସେ କିଏ ? କେଉଁଠି ଦେଖିଛନ୍ତି; କିନ୍ତୁ କିଛି ମନେ ପଡୁ ନାହିଁ । ମୁଣ୍ଡ ନ ଥାଇ ବା କ'ଣ ସେ ଅନୁମାନ କରିବେ । ତଥାପି ଆଖି ଆଗରେ ଏକ ଛାଇ ଭାସି ଉଠୁଥାଏ, ସେ ଯେପରି ଲୋକକୁ ଚିହ୍ନିଛନ୍ତି...।

ଏପାଖ ସେପାଖ ମନରେ ଓଲଟପାଲଟ କରି କିଛି ମନେ ନ ପଡ଼ିବାରୁ ଗଗନବାବୁ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି କହିଲେ—ଆପଣ-

Digitized by srujanika@gmail.com

ମାନଙ୍କର ଲାସକୁ ଚଳାଣି କରିବାର କାମ ବୋଧହୁଏ ଶେଷ ହୋଇଛି । ଏହି ହତଭାଗ୍ୟ ଭଦ୍ରଲୋକ କିଏ, ସେ ବିଷୟରେ ଆପଣ କିଛି ଜାଣି ପାରିଲେ ? ପକେଟ ପ୍ରଭୃତିରେ କ'ଣ କୌଣସି କାଗଜପତ୍ର ନ ଥିଲା ?

ଗଗନବାବୁଙ୍କର କଥା ଶେଷ ହେଲାକ୍ଷଣି ଗ୍ରହାସବହାଣୀବାବୁ ଯତ୍ନରେ ସାଇତି ରଖିଥିବା କାଗଜ ଖଣ୍ଡିକ ପୋଲିସ ସାହେବଙ୍କ ହାତକୁ ବଢ଼ାଇ ଦେଇ କହିଲେ - ଏ ଏକ ରହସ୍ୟଜନକ ହତ୍ୟା । ଏ ହତ୍ୟାକାଣ୍ଡ ସମ୍ବନ୍ଧରେ ଅନେକ କିଛି ମୁଣ୍ଡ ଘୁରାଇବାକୁ ପଡ଼ିବ ।

ପୋଲିସ ସାହେବ ସେହି ଛୋଟ କାଗଜଖଣ୍ଡିକ ଉପରେ ଲେଖା ହୋଇଥିବା ଦୁଇ ଧାଡ଼ି ଲେଖା ଉପରେ ଆଖି ପକାଇ ବ୍ୟସ୍ତ ଆଉ ବ୍ୟଗ୍ର ଯେ ହୋଇ ଉଠିଲେ, ତାହା ତାଙ୍କ ମୁଖମଣ୍ଡଳରୁ ବେଶ୍ ପରିସ୍ଫୁଟ ହେଉଥିଲା । ତ'ପରେ ସେ ବିନା ବାକ୍ୟବ୍ୟୟରେ ସେହି କାଗଜଖଣ୍ଡିକ ଗ୍ରହାସବହାଣୀବାବୁଙ୍କ ହାତକୁ ବଢ଼ାଇ ଦେଲେ ।

ଚଳାଣି କାମ ଶେଷ ହେଲାବେଳକୁ ପ୍ରାୟ ଆଠଟା ବାଜି ଯାଇଥିଲା । କାନକୁ କାନ ହୋଇ ଏ ଘଟଣା ଆଖପାଖ ବସ୍ତି ଓ ବଜାରମାନଙ୍କରେ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଘଟଣା କ'ଣ ଜାଣିବା ପାଇଁ ଶହ ଶହ ଲୋକ, କିଏ ଚାଲି ଚାଲି, କିଏ ବା ସାଇ-କଲରେ ଛୁଟିଥିଲେ, ସତେ ଯେପରି ଭୂ-ଗର୍ଭ ଫଟାଇ ଏକ ବିରାଟକାୟ ଅସୁର ମୁଣ୍ଡ ଟେକୁଛି, ତାକୁ ସେମାନେ ଦେଖିବେ ।

ଗଗନବାବୁ ଲାସ ନିକଟରୁ ଫେରି ଆସୁ ଆସୁ ଧାନବନ୍ଧୁବାବୁ ଓ ଗ୍ରହାସହେବଣୀବାବୁଙ୍କୁ ଉଦ୍ଦେଶ୍ୟ କରି କହିଲେ—ବର୍ତ୍ତମାନ ଏ କାମ ଶେଷ ହୋଇଛି । ଆପଣ ଶବ ପରୀକ୍ଷା କରିବା ପାଇଁ ଲାସକୁ ଡାକ୍ତର-ଖାନାକୁ ପଠାଇ ଦିଅନ୍ତୁ । କିନ୍ତୁ ଅସଲ କଥା, ହତ୍ୟାକାରୀ କିଏ ?

Digitized by srujanika@gmail.com

କୌଣସି ଉପାୟରେ ତାର ସନ୍ଧାନ ନେବାକୁ ହେବ । ସେ କାମ ଯେତେ ଚଞ୍ଚଳ ପାରନ୍ତି ଆରମ୍ଭ କରି ଦିଅନ୍ତୁ ଏବଂ ପାଖ ଜିଲ୍ଲାମାନଙ୍କୁ ଏ ବିଷୟରେ ନଜର ରଖିବାକୁ ତୁରନ୍ତ ଖବର ଦିଅନ୍ତୁ ।

ଗଗନବାବୁ ତାଙ୍କର କଥା ଶେଷ କଲାରୁ ରବିବାବୁ ନରମ ଗଳାରେ କହିଲେ ଖୁନ୍ ହୋଇଥିବା ଏଇ ଭଦ୍ରଲୋକଟି କିଏ ? ସେ ସମ୍ବାଦ ପାଇବା ସଙ୍ଗେ ସଙ୍ଗେ ଅନୁସନ୍ଧାନ କରିବାର ଉପାୟ ସହଜ ହେବ ସାର୍ !

ଗଗନବାବୁ, ରବିବାବୁଙ୍କ ଆଡ଼େ ଦୃଷ୍ଟି ପକାଇ କହିଲେ, ତାହା ଯେ ଖୁବ୍ ଶୀଘ୍ର ଜଣାଯିବ, ଏଥିରେ ଆଉ କିଛି ସନ୍ଦେହ ନାହିଁ । ଏ ଯେ ଓଡ଼ିଆ ଏବଂ ଯେ ହତ୍ୟା କରିଛି ସେ ବି ଓଡ଼ିଆ, ଏ କଥା ଏଇ ସ୍ଲେଟ କାଗଜରେ ଲେଖା ହୋଇଥିବା ପାଠରୁ ବେଶ୍ ଜଣା-ପଡ଼ୁଛି ! ରବିବାବୁ ! ଆପଣ ଯୁବକ, ଆପଣଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ଏହା ସର୍ବଶ୍ରେଷ୍ଠ ସୁଯୋଗ । ଲାଗି ପଡ଼ନ୍ତୁ ।

ରବିବାବୁ କୃତଜ୍ଞତା ସ୍ୱରରେ କହିଲେ – ଯେତେ ଯାହା ବିପଦ ଆସିଲେ ବି ଏହି ଜଘନ୍ୟ କାର୍ଯ୍ୟର ସନ୍ଧାନ ନେବାକୁ ମୁଁ କେବେ-ହେଲେ ପଛଘୁଞ୍ଚା ଦେବି ନାହିଁ ସାର୍ !

ଗଗନବାବୁ ଟିକି ଯାଉଁ ଯାଉଁ କହିଲେ—ସହାସବଦାଶବାବୁ ଅଛନ୍ତି, ଆପଙ୍କର କିଛି ଅସୁବିଧା ହେବ ନାହିଁ । ତାପରେ ଦୀନବନ୍ଧୁ ବାବୁଙ୍କ ଆଡ଼େ ଚାହିଁ କହିଲେ—ଏହି ଖୁନ୍ ହୋଇଥିବା ବ୍ୟକ୍ତି କିଏ ତାହା ଜଣାଗଲା ସଙ୍ଗେ ସଙ୍ଗେ ଆପଣ ମୋତେ ଫୋନ୍‌ରେ କହିବେ । ଏ ସମ୍ବନ୍ଧରେ ଯଦି ଆଉ କିଛି ମୋର ସାହାଯ୍ୟ ଲୋଡ଼ା ହୁଏ, ତାହାହେଲେ ମୋତେ ଡାକିବାକୁ ମଧ୍ୟ ଭୁଲିବେ ନାହିଁ ।

Digitized by srujanika@gmail.com

ଘାନବନ୍ଧୁ ବାବୁ ପଛେ ପଛେ ମଝର ପାଖକୁ ଯାଇଁ ଯାଇଁ କହିଲେ—ସମ୍ବାଦ ପାଇବା ସଙ୍ଗେ ସଙ୍ଗେ ମୁଁ ଆପଣଙ୍କୁ ନିଶ୍ଚୟ ଜଣାଇବି ।

ପୋଲିସ ସାହେବ ମଝର ଚଳାଇ ବାହାରିଗଲେ ।

... ...

ଟେଲିଫୋନ ଘଣ୍ଟି ମୁହୂର୍ତ୍ତ ମୁହୂର୍ତ୍ତ ଝଣଝଣ ହୋଇ ବାଜି ଉଠିଲା । ଗଗନବାବୁଙ୍କ କୋଠିର ଅର୍ଦ୍ଦଳି ଉଠିଯାଇ ଫୋନ୍ ଧରି ଜବାବ ଦେଲା—କେଉଁଠୁ ଡାକୁଛନ୍ତି ଆଜ୍ଞା, ମୁଁ ପୋଲିସ ସାହେବଙ୍କ ଅର୍ଦ୍ଦଳି ।

ତେଣୁ ପ୍ରଶ୍ନ ହେଲା—ସାହେବ ଅଛନ୍ତି ?

—ହଁ ଆଜ୍ଞା !

ସାହେବଙ୍କୁ ଖବର ଦିଅ ଜିଲା ମାଜିଷ୍ଟ୍ରେଟ କୌଣସି ଜରୁରୀ କାମରେ ଫୋନ୍ ଧରି ଠିଆ ହୋଇଛନ୍ତି ।

ସ୍ୱୟଂ ଜିଲା ମାଜିଷ୍ଟ୍ରେଟ । ଅର୍ଦ୍ଦଳିଟି ଭୟରେ ଥରିବାକୁ ଲାଗିଲା । ସେ ମାଜିଷ୍ଟ୍ରେଟ ସାହେବଙ୍କୁ ଉତ୍ତର ଦେବାରେ କିଛି ଭୁଲ୍ କରିନାହିଁ ତ ! ବରଂ ଫୋନଟି ରଖିଦେଇ ସାହେବଙ୍କ ପାଖକୁ ଦଉଡ଼ିଲା ।

ଗଗନବାବୁ ସେତେବେଳେ କୋଠିର ଭିତରପାଖ ବାରଣ୍ଡାରେ ସେହି ପୋଲିସ ପୋଷାକରେ ଗୋଟିଏ ଚେୟାରରେ ବସି କିଛି ପୁସ୍ତ, ଚକୋଲେଟ ଖାଉଥିଲେ ଏବଂ ତାଙ୍କ ନିକଟରେ ଠିଆ ହୋଇ ଏ ହତ୍ୟା-କାଣ୍ଡ ନେଇ ସାବଧାନ ପ୍ରଶ୍ନ କରୁଥିବା ସ୍ତ୍ରୀଙ୍କର ଗୋଟି ଗୋଟି କରି ଉତ୍ତର ଦେଉଥିଲେ । ପାଖରେ ଗଗନବାବୁଙ୍କର ପିଲା ଦୁଇଟି ଅବାକାବା ହୋଇ ବାପାଙ୍କ ମୁହଁରୁ ସେହି ଭୟଙ୍କର ହତ୍ୟା କାହାଣୀ ଶୁଣୁଥିଲେ ।

Digitized by srujanika@gmail.com

ଅର୍ଦ୍ଦଳୀଟି ।ବଡ଼ ଶଙ୍କି ଶଙ୍କି ଯାଇଁ ଦୂରେଇ ଠିଆ ହେଲା । ଗଗନବାବୁ ତାକୁ ଦେଖି ମନେ ମନେ ଭାବିଲେ, ଫୋନରେ କଏ କୌଣସି ଜରୁରୀ କାମରେ ଡାକୁ ନ ଥିଲେ ସେ କଦାପି ଏଠିକି ଆସନ୍ତା ନାହିଁ । ପଚାରିଲେ—କ'ଣ ?

ଅର୍ଦ୍ଦଳୀଟି ଉତ୍ତର ଦେଲା—ହଜୁର । ଜଜ୍ ମାଜିଷ୍ଟ୍ରେଟ ସାହେବ କ'ଣ ଜରୁରୀ କାମରେ ଫୋନ ଧରି ଠିଆ ହୋଇଛନ୍ତି !

ଗଗନବାବୁ ଜଜେ ଜିଲା ମାଜିଷ୍ଟ୍ରେଟଙ୍କ ନାଁ ଶୁଣି, ଖାଇବା ପାଖ ଚେୟାରରୁ ଉଠିପଡ଼ି ମୁହଁ ଧୋଇ ଷପ୍ରଗତିରେ ଚାଲିଲେ ଅଫିସ-ଘରକୁ । ଫୋନ ଧରି ନମସ୍କାର ଜଣାଇ ନରମ ଗଳାରେ ଉତ୍ତର ଦେଲେ —ଟିକଏ ଜଳଖିଆ ଖାଉଥିଲି ଆଜ୍ଞା ।

ମାଜିଷ୍ଟ୍ରେଟ ପ୍ରଭାତବାବୁ କଥାରେ ବ୍ୟଗ୍ରତା ପ୍ରକାଶ କରି କହିଲେ—ଗଗନବାବୁ, ଆପଣ ଟିକିଏ ମୋ ବସାକୁ ଆସିପାରିଲେ ଖୁବ୍ ଭଲ ହୁଅନ୍ତା । ବର୍ତ୍ତମାନ ଏକ ସାଙ୍ଘାତିକ ଘଟଣା ଘଟିଛି । ତା ଦେଖି ଆମ ଘରର ସମସ୍ତେ ବଡ଼ ଉଦ୍‌ବିଗ୍ନ ହୋଇ ପଡ଼ିଛନ୍ତି ।

ଜିଲା ମାଜିଷ୍ଟ୍ରେଟଙ୍କ ଘରେ ସାଙ୍ଘାତିକ ଘଟଣା ଘଟିଛି, ଏ କଥା ଶୁଣି ଗଗନବାବୁ ବିସ୍ମିତ ହୋଇ ପ୍ରଶ୍ନ କଲେ —ଘଟଣା କ'ଣ ?

ମାଜିଷ୍ଟ୍ରେଟ ଉତ୍ତର ଦେଲେ—ଆପଣ ଆସିଲେ ଦେଖିବେ । ତେବେ, ଜଣେ କେହି ମୋର ସହରର ଏକ ବନ୍ଧୁଙ୍କ ଘରର ଚାକର ଏବଂ ସେ ପଠାଇବା ଓ ମାଛ ପଠାଇଛନ୍ତି ବୋଲି କହି ଏକ ପଣିକା ଖୁଡ଼ି ମୋ ଅର୍ଦ୍ଦଳୀ ଜମା ଦେଇ ଚାଲିଗଲା । ପ୍ରାୟ ଅଧଘଣ୍ଟା ପରେ ମୋର ସ୍ତ୍ରୀ ଖୁସିରେ ପରିବା ଖୁଡ଼ିଟି ଫିଟାଇ ଯାହା ଦେଖିଲେ, ଭୟରେ ଚିତ୍କାର କରି ତଳେ ପଡ଼ିଗଲେ । ମୋର ପିଲା ଛୁଆ ମଧ୍ୟ ଭୟରେ ଅସ୍ଥିର ହୋଇ ପଡ଼ିଛନ୍ତି । ବାସ୍ତବିକ ତାହା ବଡ଼ କରୁଣ

Digitized by srujanika@gmail.com

ଆଉ ସାଙ୍ଘାତିକ ଘଟଣା । ସେଇ ୯୪ ଉପର ଗୁଳବେଟି ବନ୍ଧାନୋବ ଓ ମଟନ ଷ୍ଟଲ୍‌ର ତଳେ ଏକ ରକ୍ତ ସିକ୍ତବସ୍ତ୍ର ସ୍ତୂପାକାର । ମଣିଷ ମୁଣ୍ଡ ରହିଛି ।

ଗଗନବାବୁ ଏ କଥା ଶୁଣୁ ଶୁଣୁ ବଡ଼ ଗମ୍ଭୀର ହୋଇ ବସିଥିଲେ । ତାଙ୍କର ପ୍ରତ୍ୟେକ ଭାବନା ଗୋଳମାଳ ହୋଇ ଯାଉଥିଲା । ସେ ଭସ୍ମୀ-ମିଶ୍ରିତ ଉତ୍ତେଜନା ଗଳାରେ ଉତ୍ତର ଦେଲେ-ସେ କଟା ମଣିଷମୁଣ୍ଡ ! ଯିଏ ନିଭୃତରେ ଏହା ଆପଣଙ୍କ ବସାରେ ଦେଇ ଯାଇଛି, ତା'ର ତ କମ ସାହସ ନୁହେଁ ! ତା' ପରେ ଗଗନବାବୁ ଜଣାଇଲେ, ସେଇଭଳି ଏକ ଘଟଣା ଆଜି ଘଟିଛି ଆଜ୍ଞା । ଗଲା ରାତି ମହାନ୍ତି ପାହାଡରେ କୌଣସି ଏକ ଲୋକକୁ ମହାଦେଶୀ ବଲି ଜଣେ କିଏ ଅତି ନିଷ୍ଠୁର ଭାବରେ ହତ୍ୟା କରିଛି । ସେହି ଲୋକଟିର ମୁଣ୍ଡଟି କାଟି ନିଆଯାଇଛି, ସେ ଯେ ଖୁବ୍ ଅବସ୍ଥାପନ୍ନ ଲୋକ, ଏଥିରେ କିଛି ସନ୍ଦେହ ନାହିଁ । ତାଙ୍କର ମୁଣ୍ଡ ହେବ ନାହିଁ ତ ଆଜ୍ଞା ! ଆପଣଙ୍କ ବସାରେ ପୁଣି ଏପରି କୌଶଳରେ ଦେବାରେ ବା ଉଦ୍ଦେଶ୍ୟ କ'ଣ ? ମୁଁ ବର୍ତ୍ତମାନ ସେଠାରୁ ଫେରୁଛି । ଇନ୍‌ସପେକ୍‌ଟର, ସି.ଆଇ.ଡ଼. ଡ଼. ଏସ୍. ପି. ଇତ୍ୟାଦି ସମସ୍ତେ ସେଇଠି ଅଛନ୍ତି ।

ମାଜିଷ୍ଟ୍ରେଟ ଦୁର୍ଗାବାବୁ ଶଙ୍କିତ ହୋଇ ପ୍ରଶ୍ନ କଲେ, ତାହାହେଲେ ଏପରି ଏକ ଘଟଣା ଘଟିଯାଇଛି—ନୁହେଁ ? ସେଇ ଲାସର ମୁଣ୍ଡ ଏ ହୋଇଥାଇ ପାରେ । ଆପଣ ଟିକେ ଆସନ୍ତୁ ।

ଗଗନବାବୁ ଉତ୍ତର ଦେଲେ—ମୁଁ ଆଜ୍ଞା ଦେଇ ବାହାରିଲି । ଥାନା ବାଟେ ଇନ୍‌ସପେକ୍‌ଟରବାବୁଙ୍କୁ ନେଇ ପହଞ୍ଚିଲି । ଗଗନବାବୁ ଫୋନ୍ ରଖି ତାଙ୍କର ହୋଟେଲର ଉପରକୁ ଉଠିଗଲେ । ଗଗନ-ବାବୁଙ୍କୁ ବ୍ୟସ୍ତହେବା ଦେଖି ତାଙ୍କ ସ୍ତ୍ରୀ ପଚାରିଲେ—କେଉଁ ମାଜିଷ୍ଟ୍ରେଟ

Digitized by srujanika@gmail.com

ସାହେବ ଡାକୁଥିଲେ କି ? ଯେଉଁ ଲୋକଟିକୁ ମଗ୍ନ ହୋଇଛ ସେଇ ବିଷୟ ନେଇ ନା କ'ଣ ?

ଗଗନବାବୁ ପାନ ଦୁଇଖଣ୍ଡ ମାଗି, ଆସିବାକୁ ଚର ଚର ହେଉ ହେଉ କହିଲେ — ଆଜିତ ଏକ ଖାସି ଘଟଣା ଘଟିଲାଣି । ନିଜେ ମାଜିଷ୍ଟ୍ରେଟ ସାହେବ ଡାକୁଥିଲେ । ଆଜି ସକାଳେ ତାଙ୍କ ଘରେ କିଏ ଜଣେ, ତାଙ୍କର ବନ୍ଧୁ ପଠାଉଛନ୍ତି ବୋଲି କହି ଏକ ବନ୍ଧା-ହୋଇ ଝୁଡ଼ି ଦେଇଗଲା । କିନ୍ତୁ ସମସ୍ତ ପରେ ତାଙ୍କ ସ୍ତ୍ରୀ ମନ ଖୁସିରେ ଝୁଡ଼ିରୁ ବନ୍ଧାଟୋକ ବାହାର କରୁ କରୁ ଦେଖିଲେ, ତା ତଳେ ଏକ ସଦ୍ୟ କଟା ମଣିଷ ମୁଣ୍ଡ ରଖା ହୋଇଛି ।

ଗଗନବାବୁଙ୍କ ସ୍ତ୍ରୀ ଚମକିଲା ପରି ହୋଇ କହିଲେ—ସେଇଠୁ କ'ଣ ହେଲା ? ଏ କି କାଣ୍ଡ ଲୋ ମା···!

ଗଗନବାବୁ କହିଲେ ଆଉ ହେବ କ'ଣ ? ବିଭତ୍ସ ଦୃଶ୍ୟ ଦେଖି ଗୁନାଥାରେ ଚମକି ସାହେବଙ୍କ ସ୍ତ୍ରୀ କଲୁଡ଼ି ହୋଇ ପଡ଼ି ତାଙ୍କ ହାତ ଗୋଡ଼ କଳଖର ହୋଇଛି । ମୁଁ ଯାଏ । ଗଗନବାବୁ ଆଉ କାଳ-ବିଳମ୍ବ ନ କରି ମଟର ଚଳାଇ ବାହାରିଗଲେ ।

ମଙ୍ଗଳାବାଗ ଥାନା ଆଗରେ ଦି' ଥର ମଟର ପେଁ ପେଁ କରି ଗଗନବାବୁ ମଟରରୁ ଓହ୍ଲାଇ ଥାନା ବାରଣ୍ଡା'କୁ ଉଠିଗଲେ ।

ପହରାବାଲା ସିପାହିଟି ହଠାତ୍ ପୋଲିସ ସାହେବଙ୍କୁ ଦେଖି ଭିତରେ ଭିତରେ ଥରୁଥିଲେ ବି ସାମାନ୍ୟ ପ୍ରକାଶ ନ କରି ସାହସର ସହିତ ବନ୍ଧୁକ ଉଠାଇ ସଲାମ ଦେଲା । ଗଗନବାବୁ ଥାନା ଭିତରକୁ ପଶି-ଗଲାକ୍ଷଣି ଦେଖିଲେ ଜଣେ ସବ୍‌ଇନ୍‌ସପେକ୍ଟର ବସି କ'ଣ ଲେଖୁଛନ୍ତି । ସେ ବି ପୋଲିସ ସାହେବଙ୍କୁ ଅସମୟରେ ଦେଖି ମନେ ମନେ ଆତଙ୍କ

Digitized by srujanika@gmail.com

ଗଣିଲେ ଏବଂ ଚେୟାରରୁ ଉଠିପଡ଼ି ସଲାମ ଦେଇ ତାଙ୍କ ଆଦେଶକୁ ଶୁଣିବାକୁ ଚାହିଁଲେ ।

ଗଗନବାବୁ ଚେୟାର ଖଣ୍ଡିକରେ ବସି ପଡ଼ି ପଚାରିଲେ, ଇନ୍‌ସପେକ୍‌ଟର ଧନବନ୍ଧୁବାବୁ କାହାନ୍ତି ? କାଲିଠାରୁ କ'ଣ ଏପର୍ଯ୍ୟନ୍ତ ଫେରି ନାହାନ୍ତି ?

ସବ୍-ଇନ୍‌ସପେକ୍‌ଟର ବାବୁଟି ଉତ୍ତର ଦେଲେ —ହଁ ଆଜ୍ଞା, ଏଇ ପାଞ୍ଚମିନିଟ ଆଗରୁ ସେ ଆଜି ରବିବାରର ଘଟଣାସ୍ଥଳରୁ ଫେରି-ଛନ୍ତି । ଲାସଟିକୁ ଡ଼ାକ୍ତରଖାନା ନିଆ ହେଲାଣି । ଇନ୍‌ସପେକ୍‌ଟରବାବୁ ବସାକୁ ଯାଇଛନ୍ତି, ଆଜ୍ଞା ।

ଗଗନବାବୁ ନିର୍ଦ୍ଦେଶ ଦେଲେ—ମୁଁ ଆସିଛି ବୋଲି ତାଙ୍କୁ ଖବର ଦିଅ । ଜରୁରୀ କାମ !

ସବ୍-ଇନ୍‌ସପେକ୍‌ଟର ବାବୁଟି ଜଣେ କନେଷ୍ଟବଲକୁ ଡ଼ାକି କହେ ପୋଲିସ ସାହେବ ଆସିଛନ୍ତି, କ'ଣ ବଡ଼ ଜରୁରୀ କାମରେ ଡାକୁଛନ୍ତି ବୋଲି ଧନବନ୍ଧୁବାବୁଙ୍କ ବସାକୁ ଖବର ପଠାଇ ଦେଲେ ।

ବସାରେ ଧନବନ୍ଧୁବାବୁ ଗୋଡ଼ରୁ ଜୋତା ଓହ୍ଲାଇ ଜଳଖିଆ ଦି'ଖଣ୍ଡ ଖାଉଥିଲେ । କନେଷ୍ଟବଲଟି ସଲାମ କରି ଧଇଁ ସଇଁ ହୋଇ କହିଲା - ହଜୁର, ପୋଲିସ ସାହେବ ଆସି ଥାନାରେ ବସିଛନ୍ତି । କହୁଛନ୍ତି କ'ଣ ବଡ଼ ଜରୁରୀ କାମ । ଚଞ୍ଚଳ ଆସନ୍ତୁ ଆଜ୍ଞା ।

ପୁରୁଣା କାଳିଆ ଇନ୍‌ସପେକ୍‌ଟର ଧନବନ୍ଧୁ ବାବୁ ଏ କଥା ଶୁଣିଲାକ୍ଷଣି ବ୍ୟସ୍ତବ୍ୟସ୍ତ ହୋଇ ପାଟିରେ ପୁରାଇଥିବା ଅଧ ସ୍ରେବା ଚକୁଳିପିଠା ଖଣ୍ଡିକ ବାହାର କରି କାଢ଼ିଇ ଆଗକୁ ପକେଇ ଦେଲେ । ବସିବା ସ୍ଥାନରୁ ଉଠ ଉଠ ପାଣି ଚିଲାପଟା ନିଇ ଦଉଡ଼ିଲେ ଅଫିସ ଘରକୁ । ଚଞ୍ଚଳ ଚଞ୍ଚଳ ଗୋଡ଼ରେ ବୁଟ୍‌ଜୋତା ହଳକ ପୁରାଇ

Digitized by srujanika@gmail.com

ପଟି ଲଗାଉ ଲଗାଉ ସ୍ତ୍ରୀ ପଚ୍ଚାରିଲେ—ମଲ ଏଇକ୍ଷଣି ଆସିଲ, ପୁଣି କ କାମ ଯେ ଚଳୁନପିଠା ଖଣ୍ଡିକ ବି ଖାଇ ପାରିଲ ନାହିଁ ? ହାଉ ପାନ ନିଅ ।

ଧାନବନ୍ଧୁ ବାବୁ ସ୍ତ୍ରୀଙ୍କ କଥାର ଉତ୍ତର ଦେବାକୁ ଆଉ ସମୟ ନ ଥିଲା । ସେ ଖାଲି କହିଲେ—ଏଇକ୍ଷଣି ମୋତେ କିଛି ବୁଝନା, ସିଆଣ୍ଡି ପୋଲିସ ସାହେବ ଆସି ଥାନାରେ ବସିଲେଣି । ପୁଣି କ'ଣ ହେଲା କି କ'ଣ ! ମୁଁ ଯାଏ, ଧାନବନ୍ଧୁ ବାବୁ ଘରୁ ବାହାରିଗଲେ ।

ଧାନବନ୍ଧୁ ବାବୁ ଆସିବାର ଦେଖି ଗଗନବାବୁ ବାରଣ୍ଡାକୁ ଆସି କହିଲେ —ଆଉ ଏଠିକି ଆସିବ ଦରକାର ନାହିଁ । ଆପଣ ମଟରରେ ଯାଇଁ ବସନ୍ତୁ । ଧାନବନ୍ଧୁ ବାବୁ ସେଇ ମୁହୂର୍ତ୍ତରେ ଘଟଣା କ'ଣ ଆଉ ପଚାରି ପାରିଲେ ନାହିଁ । ଆଦେଶ ପାଳନ କରି ମଟରରେ ଯାଇଁ ବସିଲେ ।

ପୋଲିସ ସାହେବ ମଟର ଚଳାଇ ବାହାରିଗଲେ । କିଛି ସମୟ ନୀରବତା ପରେ ଗଗନବାବୁ କହିଲେ—ବର୍ତ୍ତମାନ ଘଟଣା କ'ଣ ଘଟିଛି ବୁଝିଲେଣି ?

ଧାନବନ୍ଧୁ ବାବୁ କମ୍ପିତ ହୋଇ ଉତ୍ତର ଦେଲେ ମୁଁ ତ ଏଇ ଅଳ୍ପ ସମୟ ହେବ ମସକୁ ଡାକ୍ତର ମାଇଦା କରିବା ପାଇଁ ଡାକ୍ତର-ଖାନାକୁ ପଠାଇ ବସାକୁ ଫେରୁଛି । ସ୍ୱାଭାବିକରେ ଆଉ କ'ଣ କିଛି ନୂଆ ଘଟଣା ଘଟିଛି ଆଜ୍ଞା ?

ଗଗନବାବୁ ଗୋଟାଏ ମୋଡ଼ରେ ମଟର ବୁଲାଉ ବୁଲାଉ କହିଲେ, ସାଙ୍ଘାତିକ ଘଟଣା । ଏ ଘଟଣା ମୂଳରେ ଯେ କ'ଣ ଅଛି, ମୁଁ ବି କିଛି ବୁଝି ପାରୁନି । ଆଜି ସକାଳ ସାଢ଼େ ସାତଟାବେଳେ ସ୍ୱୟଂ ଜିଲା ମାଜିଷ୍ଟ୍ରେଟଙ୍କ ଘରେ ଜଣେ ଅପରିଚିତ ଲୋକ ଗୋଟିଏ ବନ୍ଧା-

Digitized by srujanika@gmail.com

କୋବି ଓ ମଟରଛୁଇଁ ପୂର୍ଣ୍ଣ ପରିବା ଝୁଡ଼ି, ତାଙ୍କର ସହରର ବନ୍ଧୁ ଜଣେ ପଠାଇଛନ୍ତି ବୋଲି କହିଲା । କିନ୍ତୁ ପରେ ତାଙ୍କ ସ୍ତ୍ରୀ ଖୋଲି ଦେଖିଲେ, ସେହି ପରିବା ଝୁଡ଼ି ତଳେ ସଦ୍ୟ କଟା ଏକ ମଣିଷ ମୁଣ୍ଡ ରହିଛି । ଏଥିରେ ନିଜେ ଜିଲ୍ଲା ମାଜିଷ୍ଟ୍ରେଟ ବ୍ୟସ୍ତବ୍ୟସ୍ତ ହୋଇ ଶୀଘ୍ର ଆସିବାକୁ ଫୋନ୍ ଦ୍ୱାରା ମୋତେ ଡ଼କାଇ ପଠାଇଛନ୍ତି ।

ଘନବନ୍ଧୁବାବୁ ଆବାକାବା ହୋଇ ଏଇ ରହସ୍ୟପୂର୍ଣ୍ଣ ଘଟଣା ଶୁଣିସାରି କହିଲେ ଏକ ମଣିଷ ମୁଣ୍ଡ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଘରକୁ ପଠାଇବାର ବା ଉଦ୍ଦେଶ୍ୟ କ'ଣ ? ସେଇଁ ଲାସଟିର ମୁଣ୍ଡ ନାହିଁ, ତାରି ଏ ମୁଣ୍ଡ ଆଉ ନୁହେଁ ତ ?

ଗଗନବାବୁ, ଘନବନ୍ଧୁ ବାବୁଙ୍କ କଥାରେ ଉତ୍ତର ଦେଇ କହିଲେ, ମୋର ତ ସେଇଆ ଅନୁମାନ ହେଉଛି । ଦେଖା ଯାଉ ।

ମାଜିଷ୍ଟ୍ରେଟଙ୍କ ଦୁଆରେ ମଟର ରହିଲା । ନିଜେ ମାଜିଷ୍ଟ୍ରେଟ ମଧ୍ୟ ତାଙ୍କ ଅଫିସ ଘରେ ବସି ପୋଲିସ ସାହେବଙ୍କୁ ଅପେକ୍ଷା କରୁଥିଲେ ।

ଗଗନବାବୁ ଓ ଘନବନ୍ଧୁ ବାବୁ ଅଫିସଘର ଭିତରକୁ ପଶି ଆସି, ପୋଲିସ ଠାଣିରେ ସଲାମ ଦେଲାକ୍ଷଣି, ମାଜିଷ୍ଟ୍ରେଟ ତ୍ରସ୍ତଭାବେ ଚୌକିରୁ ଉଠି ଘଟଣାସ୍ଥଳକୁ ସେମାନଙ୍କୁ ନେଇଗଲେ ।

ଘଟଣାସ୍ଥଳରେ କୋବି କେତେଟାର ତଳପାଖ ରକ୍ତ ସଲବଲ ହୋଇଥିଲା । ମଟରଛୁଇଁଗୁଡ଼ା, ଅଉ ସେହି ଇତସ୍ତତଃ ହୋଇ ପଡ଼ିଥିବା କୋବିଗୁଡ଼ାକ ମଝିରେ ସଦ୍ୟ କଟା ମଣିଷ ମୁଣ୍ଡ । ସୁନ୍ଦର ଗୋରା ମୁହଁ । ବାଳଗୁଡ଼ିକ ଅପରୂପ । ଚକ୍ଷୁ ଅର୍ଦ୍ଧ ମୁଦ୍ରିତ । ନାକ ତଳକୁ ଅଧା କଟା । ସାରା ମୁଖମଣ୍ଡଳରେ କଷ୍ଟଦାୟକ ମୃତ୍ୟୁବେଳର ଚିହ୍ନ ପରିସ୍ଫୁଟ ହୋଇଛି ।

Digitized by srujanika@gmail.com

ଗଗନବାବୁ ମୁହୂର୍ତ୍ତେ ସେହି କଟାମୁଣ୍ଡ ଆଡ଼େ ଥରକୁଥର ଭ୍ରୂକୁଞ୍ଚନ କରି ଅନେଇଲେ ଗୁରୁତ୍ୱ ଉତ୍ତେଜିତ ଗଳାରେ କହି ଉଠିଲେ—ଏ ଯେ ରତନପୁର ଜମିଦାର ଧନଞ୍ଜୟ ମାନସିଂଙ୍କ ମୁଣ୍ଡ । ତାଙ୍କୁ ପୁଣି କିଏ ହତ୍ୟା କରିଛି !

ପ୍ରଦ୍ୟୋତବାବୁ ବିସ୍ମିତ ହୋଇ ପଚାରିଲେ—ଆପଣ ତାଙ୍କୁ ଭଲ କରି ଚିହ୍ନନ୍ତି ?

ଗଗନବାବୁ ଦୁଃଖମିଶା ସ୍ୱରରେ ଉତ୍ତର ଦେଲେ—ହଁ ଆଜ୍ଞା, ମୁଁ ଭଲ କରି ଚିହ୍ନିଛି । ତାଙ୍କ ସହିତ ମୋର ଅନେକ ଦିନର ଚିହ୍ନା ପରିଚୟ । ଯେ କୌଣସି ସର୍ବାଗ୍ର କାମରେ ତାଙ୍କର ସାହାଯ୍ୟ ଲୋଡ଼ା ହେଲେ ସେ ସବୁବେଳେ ଆଗ ବାହାରନ୍ତି ।

ମାଜିଷ୍ଟ୍ରେଟ ପ୍ରଦ୍ୟୋତବାବୁ ଗମ୍ଭୀର ହୋଇ କହିଲେ—ତାଙ୍କର କେହି ଶତ୍ରୁପକ୍ଷର ଷଡ଼ଯନ୍ତ୍ରରେ ଏ ହତ୍ୟାକାଣ୍ଡ ଯେ ଘଟିଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏ ମୁଣ୍ଡ ମୋ ପାଖକୁ ପଠାଇବାର ବା ଉଦ୍ଦେଶ୍ୟ କ'ଣ ?

ଗଗନବାବୁ ଦୀର୍ଘ ନିଶ୍ୱାସ ଛାଡ଼ି ଉତ୍ତର ଦେଲେ, ମୁଁ ସେଇଆ ଭାବୁଛି ଆଜ୍ଞା ।

ପାନବିହାରୀବାବୁ ଏ କଥାବାର୍ତ୍ତା ଆଡ଼େ କାନ ଦେଇଥିଲେ ମଧ୍ୟ ତାଙ୍କ ଆଖି ବାରମ୍ବାର ଆଡ଼େ ଘୂରୁଥିଲା । ସେ ହଠାତ୍ ସେହି ଝୁଡ଼ି ଭିତରେ ଖଣ୍ଡେ କାଗଜ ଦେଖି ଉଠାଇ ନେଲେ । ସେ କାଗଜ ଖଣ୍ଡିକରେ କ'ଣ ଲେଖାଥିବ ବୋଲି, ଗଗନବାବୁ ଓ ପ୍ରଦ୍ୟୋତବାବୁ ମଧ୍ୟ ବିସ୍ମାରିତ ନେତ୍ରରେ ଚାହିଁ ରହିଲେ ।

ପାନବିହାରୀବାବୁ ଯେତେ ଚଞ୍ଚଳ ପାରନ୍ତି, ସେଖଣ୍ଡିକ ଖୋଲି ଦେଲେ, ସେଥିରେ ଲେଖା ହୋଇଥିବା କେଇ ଧାଡ଼ି ଉପରେ ଆଖି ବୁଲାଇ ନେଲେ ।

Digitized by srujanika@gmail.com

ଲେଖାଥିଲା—

ମାଜିଷ୍ଟ୍ରେଟ ସାହେବ ମହୋଦୟ,

ଫସଲ ଅନିଷ୍ଟକାରୀ ଜୀବ ହିସାବରେ ବିଲୁଆ, ମାଙ୍କଡଙ୍କୁ ମାରି ଯିଏ ତାର ଲାଞ୍ଜ ଆଣି ଦେଉଛି, ତାକୁ ଆପଣ ପୁରସ୍କାର ଦେଉଛନ୍ତି, କିନ୍ତୁ ଯିଏ ଫସଲ ଅନିଷ୍ଟକାରୀ ଜୀବ ଅପେକ୍ଷା ଆହୁରି ଭୀଷଣ, ସିଧାସଳଖରେ କେତେ ମଣିଷର ଅନିଷ୍ଟ କରି ସେମାନଙ୍କୁ ଦାଣ୍ଡରେ ଭିକାରୀ କରାଏ, ଯାହାର ହିଂସ୍ର ଦାଉରୁ ଯୁବତୀ, ତାର ଅଙ୍ଗ ଢାଙ୍କିବାକୁ ଲୁଗା ଖଣ୍ଡେ ପାଏ ନାହିଁ, ଅକାଳରେ ତାର ସ୍ତନ୍ୟପାୟୀ ଶିଶୁ ଛଟପଟ ହୋଇ କୋଳରୁ ଝଡ଼ିପଡ଼େ, ସେ ଯେ ଏ ସମାଜ ଭିତରେ କେଡ଼େ ହିଂସ୍ର, ମାନବମୁଖା ଜୀବ, ସେ କଥା ଆପଣ ଯଦି ବିଚାର କରିବେ, ତାହାହେଲେ ଆମେ ଯେ ଏ ମୁଣ୍ଡ ଆପଣଙ୍କ ପାଖକୁ ପଠାଇ ଭଲ କରିଛୁ ଏବଂ ଯଥେଷ୍ଟ ପୁରସ୍କାର ପାଇବାର ହକଦାର, ଏଥିରେ କ'ଣ ସନ୍ଦେହ ଅଛି ? ଆଇନରେ ଫାଶି ବଦଳରେ ଆମକୁ କେବେ ପୁରସ୍କାର ମିଳିବ ନାହିଁ । ତଥାପି ଅନୁରୋଧ, ଏ ମୁଣ୍ଡଟି ଯେଉଁ ମଣିଷମୁଖାଧାରୀ ହିଂସ୍ରଜନ୍ତୁର, ତାଙ୍କରି ପ୍ରିୟତମା ସ୍ତ୍ରୀଙ୍କ ପାଖକୁ ପଠାଇ ଦେବେ ।

ଶେଷରେ ଅନୁରୋଧ, ଅଯଥା ସ୍ତ୍ରୀ'ଙ୍କର ପ୍ରଜାମାନଙ୍କୁ ସନ୍ଦେହ କରି ହଇରାଣ କରିବେ ନାହିଁ । ସେମାନେ ସମ୍ପୂର୍ଣ୍ଣ ନିରୀହ ।

× × ×

ଦୀନବନ୍ଧୁ ବାବୁ ଭୀଷଣ ଶୋଷ ହେଉଥିବାବେଳେ ପାଣି ଗ୍ଲାସେ ମିଳିଲେ ଯେମିତି ପିଅନ୍ତି, ଠିକ୍ ସେମିତି ସେଇ କେତେ ଧାଡ଼ି ପଢ଼ି ଗଗନବାବୁଙ୍କ ହାତକୁ ଚିଠିଟି ବଢ଼ାଇ ଦେଲେ ।

ଗଗନବାବୁ ସେ ଖଣ୍ଡିକ ପଢ଼ି ସାରି ଘନ ଘନ ନିଶ୍ୱାସ ଛାଡ଼ି, ଛାଡ଼ି କମ୍ପିତ ହସ୍ତରେ ବଢ଼ାଇ ଦେଲେ ପ୍ରହ୍ଲାଦବାବୁଙ୍କ ହାତକୁ ।

Digitized by srujanika@gmail.com

ପ୍ରଭାତବାବୁ ଶଠି ଖଣ୍ଡିକ ଟନ୍‌ଟନ୍ କରି ପଢ଼ି ଗୋଟାଏ ଦୀର୍ଘ ନିଶ୍ୱାସ ଗ୍ରହଣ କହିଲେ—ତାହାହେଲେ ଆଗରୁ କେତେକଙ୍କ ଦ୍ୱାରା ଏ ଷଡ଼୍‌ଯନ୍ତ୍ରର କଳ୍ପନା କରାହୋଇ ତାହା କାର୍ଯ୍ୟକାରୀ ହୋଇଛି । ଏ କଥା ସେ ବାହାରେ କହିଲେ ସିନା, କିନ୍ତୁ ଭିତରେ ଏ କଟାମୁଣ୍ଡ ତାଙ୍କ ପାଖକୁ ଆସିବା ଦ୍ୱାରା ଏବଂ ତାଙ୍କୁ କେନ୍ଦ୍ର କରି କୌଣସି ଷଡ଼ଯନ୍ତ୍ର ହୋଇଛି ବୋଲି ଯେଉଁ ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା, ସେ ସନ୍ଦେହ ବର୍ତ୍ତମାନ ଦୂର ହେବାରୁ ସେ ଭିତରେ ଭିତରେ ଆନନ୍ଦ ଅନୁଭବ କରୁଥିଲେ ।

ସାହେବ କିଛି ସମୟ ନୀରବ ରହି ଫେରିଆସିଲେ ଅଫିସ ଘରକୁ ।

ପ୍ରଭାତବାବୁ ଚେୟାରରେ ବସି ପଡ଼ି ଦୃଢ଼ ଗମ୍ଭୀର ଗଳାରେ କହିଲେ—ଦେଖନ୍ତୁ ଗଗନବାବୁ, ଏ ହତ୍ୟାକାଣ୍ଡ ଖବରଆଉଟ୍ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ସର୍କାରୀ ବେ-ସର୍କାରୀ ମହଲରେ ଏ ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ଅନୁମିତ ହେବ । ତେଣୁ ଆମର ସମସ୍ତ ଶକ୍ତି ଖଟାଇ ଏହାର ତଦନ୍ତ କରିବାକୁ ହେବ ଏବଂ ହତ୍ୟାକାରୀ ଦଳ ଯେପରି ଧରା ପଡ଼ନ୍ତି, ତା'ର ଚେଷ୍ଟା କରିବାକୁ ହେବ ।

ଗଗନବାବୁ ଗମ୍ଭୀର ଓ ଉତ୍ତେଜନାପୂର୍ଣ୍ଣ ସ୍ୱରରେ ଉତ୍ତର ଦେଲେ—ଏଥିପାଇଁ ଯାହା କିଛି ଉପାୟ ଅବଲମ୍ବନ କରିବାକୁ ହେବ, ସେଥିପାଇଁ ମୁଁ କେବେ ପଛାଇବ ନାହିଁ । ତା'ପରେ ଗଗନବାବୁ, ଘନବନ୍ଧୁବାବୁଙ୍କୁ କହିଲେ—ଆପଣ ଥାନାକୁ ଫୋନ୍ କରନ୍ତୁ । କେତେ ଜଣ କନେଷ୍ଟବଳ ଆସି ଏ ମୁଣ୍ଡ ଓ ପାଣିବାପତ୍ର ତନଖି କରିବାପା ପାଇଁ ଥାନାକୁ ନେଇଯାଆନ୍ତୁ । ମୁଣ୍ଡଟି ମଧ୍ୟ ସେଇ ଲୋକ ସହିତ ଯୋଡ଼ି ମନର ସାମାନ୍ୟ ସନ୍ଦେହ ଦୂର କରିବାକୁ ହେବ ।

Digitized by srujanika@gmail.com

ଘାନବନ୍ଧୁ ବାବୁ ଥାନାକୁ ଫୋନ୍ କଲେ ।

ଟେଣୁ ଉତ୍ତର ଆସିବାରୁ, ସ୍ୱର ବାରି ଘାନବନ୍ଧୁ ବାବୁ ପ୍ରଶ୍ନ କଲେ—କିଏ ନୁବବାବୁ ନା ?

—ହଁ ସାର !

ତା'ହେଲେ ତୁମେ ଅସି ଯାଉଛ । ମାଜିଷ୍ଟ୍ରେଟ ସାହେବଙ୍କ ଘରୁ ମୁଁ କହୁଛି । ଗୋଟିଏ କଟା ମୁଣ୍ଡ ସାହେବଙ୍କ ଘରକୁ ପରବା ଝୁଡ଼ି ଭିତରେ କିଏ ପଠାଇଛି । ପରେ ସବୁ ବିଷୟ ଜାଣିବେ । ପୋଲିସ-ସାହେବତ ଏଠି ଅଛନ୍ତି । ତୁମେ ତିନି ଚାରିଜଣ କନେଷ୍ଟବଳ ଧରି ଶୀଘ୍ର ଏଠିକୁ ଆସ । ଅନେକ କାମ ।

ରବବାବୁ ଏ କଟାମୁଣ୍ଡ କଥା ଶୁଣୁ ଶୁଣୁ ଘଟଣାସ୍ଥଳକୁ ଯିବାକୁ ଉଚ୍ଛନ୍ନ ହୋଇ ପଡ଼ିଲେ ଏବଂ ଶୀଘ୍ର ଉତ୍ତର ଦେଲେ—ସାର, ଏଣେ ତ ଏଇ ଘଟଣା ନେଇ ଏକ ସମ୍ବାଦ ପହଞ୍ଚିଲଣି । ରତନପୁର ଜମିଦାର ଧନଞ୍ଜୟ ମାନସିଂହଙ୍କୁ କୌଣସି ଏକ ଝାଙ୍କ୍ସି ଘେନି ଘେରରୁ କେଉଁଆଡ଼େ ଯେ ଯାଇଛି, ତାର ପତ୍ତା ମିଳୁନାହିଁ ।

ଘାନବନ୍ଧୁ ବାବୁ ଫୋନ୍ ରଖିଦେବା ଆଗରୁ କହିଲେ; ପୋଲିସ ସାହେବ ନିଜେ ମାନସିଂହଙ୍କ ମୁଣ୍ଡ ବୋଲି ଚିହ୍ନିଲେଣି । ଆପଣ ଶୀଘ୍ର ଆସନ୍ତୁ ।

ପ୍ରଭାତବାବୁ ଓ ଗଗନବାବୁ ଏହି ହତ୍ୟାକାଣ୍ଡ ବିଷୟରେ କଥାବାର୍ତ୍ତା ହେଉ ହେଉ ପ୍ରଭାତବାବୁ ପ୍ରଶ୍ନ କଲେ—ଏ ଖବର ତାଙ୍କ ଘରେ ପହଞ୍ଚିଲାଣି ?

ଗଗନ ବାବୁ ଟିକିଏ କ'ଣ ଚିନ୍ତା କଲପରି ଉତ୍ତର ଦେଲେ, ବୋଧହୁଏ ଏ ଖବର ତାଙ୍କ ଘରର କେହି ଜାଣି ନାହାନ୍ତି । ତାଙ୍କର

Digitized by srujanika@gmail.com

କାଠଯୋଡ଼ି କୂଳରେ ପ୍ରାସାଦତୁଲ୍ୟ କୋଠା ଅଛି । ମୋର ଅନୁମାନ, ସେ ବୋଧହୁଏ ସେଇଠି କେତେ ଦିନ ହେଲା ଆସି ରହୁଥିଲେ । ତାଙ୍କର ପିଲାପିଲି ମଧ୍ୟ ସେଇଠି ଥିବେ । କାଲି ରାତିରେ ଜମିଦାର-ବାବୁ ବୋଧହୁଏ ତାଙ୍କ ନିଜ ଘରୁ ରତନପୁରରୁ-କଟକ ଆସୁଥିଲେ କିମ୍ବା କଟକରୁ ରତନପୁରରୁ ଯାଉଥିଲେ । କଟକ ବସାରୁ ତାଙ୍କୁ ରାତିରେ ଜବରଦସ୍ତି ଅଣା ହୋଇଥିଲେ, ଘଟଣା ଏତେବେଳକୁ ଜଣା ପଡ଼ନ୍ତାଣି । ମୋର ସେ ଅତି ଶ୍ରଦ୍ଧାପରିଚିତ ଲୋକ । ତା'ଛଡ଼ା ସେ ଜଣେ ନାମଜାଦା ଜଣାଶୁଣା ବ୍ୟକ୍ତି ମଧ୍ୟ । ମୁଁ ଭାବୁଛି, ତାଙ୍କର ବସା ଦେଇ ଘରକୁ ଫେରିବି ବୋଲି ।

ପ୍ରଦ୍ୟୋତବାବୁ ଆଗ୍ରହ ଦେଖାଇ କହିଲେ—ତା'ଠିକ ହେବ । ମୋ ତରଫରୁ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ସମବେଦନା ଜଣାଇବେ । ଏ ସମ୍ବାଦ ଶୁଣି ତାଙ୍କ ସ୍ତ୍ରୀ ଯେ ନିଜକୁ କିଭଳି ଭାବେ ସମ୍ଭାଳି ନେବେ, ସେଇକଥା ମୁଁ ଭାବୁଛି ।

ଗଗନବାବୁ ଉତ୍ତର ଦେଲେ—ସମସ୍ତେ ହିଁ ତାଙ୍କୁ ସାନ୍ତ୍ୱନା ଦେବ । ଆଉ ଉପାୟ କ'ଣ ? ତଥାପି ଆବସ୍ଥା ଦେଖି, ମୁଁ କଥା କହିବି ।

ପ୍ରଦ୍ୟୋତବାବୁ ଟିକିଏ ଶୁଖିଲା ହସ ହସି କହିଲେ—ଆପଣ ଯେପରି ଭାବରେ କହନ୍ତୁ ନା କାହିଁକି, ତାଙ୍କ ସ୍ୱାମୀଙ୍କୁ ଯେ ହତ୍ୟା କରା-ଯାଇଛି, ଏ କଥାତ ଆଉ ଲୁଚିଇ ହେବ ନାହିଁ ।

—ନା ଆଜ୍ଞା ।

ସ୍ୱାଭିତରେ ରବିବାବୁ ଓ କେଇ ଜଣ କନେଷ୍ଟବଳ ଆସି ସାହେବଙ୍କ କୋଠିରୁ ସେହି ମୃତ୍ତଦେହକୁ ଡ଼ାକ୍ତରଖାନା ସ୍ଥାନାନ୍ତରିତ କରିବାକୁ ବ୍ୟବସ୍ଥା କରୁଥିଲେ ।

Digitized by srujanika@gmail.com

ତା'ପରେ ପ୍ରଦ୍ୟୋତବାବୁ ଗଗନବାବୁଙ୍କୁ ଉଦ୍ଦେଶ୍ୟ କରି କହିଲେ, ଆପଣଙ୍କ ଉପରେ ଏ ଘର ପୁରାପୁରି ରହିଲା । ଆପଣ ମାନସିଂହଙ୍କ ବସା ବାଟଦେଇ ଯିବେ ନା ?

ଗଗନବାବୁଙ୍କୁ, ସାହେବ ବିଦାୟ ସୂଚକ କଥା କହୁଥିବା ଜାଣି ଉଠି ଠିଆ ହେଲେ ଏବଂ ପୁନର୍ବାର ସେ ଏବଂ ଘନବନ୍ଧୁ ବାବୁ ପୋଲିସ କାଇଦାରେ ସାହେବଙ୍କୁ ସଲାମ ଦେଇ ମଟର ପାଖକୁ ଫେରି ଆସିଲେ ।

ଘନବନ୍ଧୁ ବାବୁ ମଟରରେ ବସିବେ କମ୍ବା ରିକ୍ସା କରି ଥାନାକୁ ଯିବେ ଏଇକଥା ଭାବୁଛନ୍ତି, ଗଗନବାବୁ ମଟରରେ ବସିପଡ଼ି କହିଲେ —ବସନ୍ତୁ, ଘନବନ୍ଧୁବାବୁ । ମାନସିଂହଙ୍କ ଘରବାଟେ ମଟରଟା ଘୂରାଇ ନେବା । ମୋ ବସାରୁ ଡ୍ରାଇଭର ଆଣି ଆପଣଙ୍କୁ ଥାନାରେ ଛାଡ଼ି ଦେଇଯିବ ।

ସାହେବ ଯେତେବେଳେ ନିଜର ଲୋକ ଭଳି ଡାକୁଛନ୍ତି, ଘନବନ୍ଧୁ ବାବୁଙ୍କର ମନା କରିବାର ଆଉ ସ୍ଥଳ ନ ଥିଲା । ମଟରରେ ଯାଇ ବସିଲେ ।

ଗଗନବାବୁ ମଟର ଚଳାଇ ନେଲେ କାଠଯୋଡ଼ି କୂଳରେ ଥିବା ଜମିଦାର ମାନସିଂହଙ୍କ ଘରକୁ ।

ମାନସିଂହଙ୍କ ଘର ସାମନାରେ ମଟର ରଖି ଗଗନବାବୁ ଓ ଘନବନ୍ଧୁବାବୁ ଓହ୍ଲାଇ ପଡ଼ିଲେ । ସେତେବେଳକୁ ଫାଟକଟି ଖୋଲା ରହିଥିଲା । ଗଗନବାବୁ ଭାବିନେଲେ, କୌଣସି ବିଶେଷ କାର୍ଯ୍ୟବଶତଃ ବୋଧହୁଏ କେହି ଭିତରକୁ ଯାଇଛି, ନଚେତ୍ ବଗିଚାରେ ନାନା ଜାତିର ସୌଖୀନ ଫୁଲଗଛ ଗୁଡ଼ିକୁ ଗୋରୁଗାଈଙ୍କ ମୁହଁରେ ଉଜାଡ଼ି ଦେବାପାଇଁ କେବେ କେହି ଫାଟକ ମୁକୁଳା କରି ଯାଇ ନ ଥାନ୍ତା ।

Digitized by srujanika@gmail.com

ଝୋଲା ଫାଟକ ଦେଇ ଗଗନବାବୁ ଓ ଧାନବନ୍ଧୁବାବୁ ବାରଣ୍ଡା ଉପରକୁ ଉଠିଗଲେ ।

ଜଣେ ଚାକର, ଦୁଇଜଣ ପୋଲିସବାବୁ ବାରଣ୍ଡାକୁ ଆସିବାରୁ ଘର ଭିତରକୁ ଦଉଡ଼ିଗଲା ଏବଂ ସଙ୍ଗେ ସଙ୍ଗେ ଅନ୍ୟ ଜଣେ ଭଦ୍ର-ଲୋକ ଦଣ୍ଡ ଘରକୁ ଆସି ହଠାତ୍ ପୋଲିସ ସାହେବ ଏବଂ ଅନ୍ୟ ଜଣେ ପୋଲିସ ଅଫିସରଙ୍କୁ ଦେଖି, କେତେ କ'ଣ ଭାବୁଥିଲେ ଓ ଭଦ୍ରତା ଖାତିରରେ ନମସ୍କାର କରି ବୈଠକଖାନାକୁ ବସିବାକୁ ନେଇଗଲେ ।

ଗଗନବାବୁ ଓ ଧାନବନ୍ଧୁବାବୁ ଜମିଦାର ମାନସିଂହଙ୍କର ସାଜସଜ୍ଜାପୂର୍ଣ୍ଣ ବୈଠକଖାନାଟି ଦେଖି ଅବାକ୍ ହୋଇଗଲେ । ବୈଠକଖାନାର କାନ୍ଥ କଡ଼ରେ କଡ଼ରେ ଦାମିକା ଭେଲଭେଟ୍ କନାର ଗଦି ବେଞ୍ଚ ସଜ୍ଜା ହୋଇଛି । ଘରର ମଝିରେ ଗୋଟିଏ ବଡ଼ଟ ଟେବୁଲ୍ ଏବଂ ଟେବୁଲ୍ ଚାରିପଟରେ କେତୋଟି ଗଦି ଚେୟାର । ଟେବୁଲ ଉପରେ ଫୁଲଦାନୀ ଇତ୍ୟାଦି । କାନ୍ଥରେ ପ୍ରାଚୀନ ଓ ଆଧୁନିକ ଧରଣର ଅନେକ ଛବି ଝୁଲୁଛି । ଜମିଦାର ଟେବୁଲ ପାଖରେ ଯେଉଁ ଚେୟାରରେ ବସନ୍ତି, ଠିକ୍ ତା'ର ସମ୍ମୁଖ କାନ୍ଥର ମଧ୍ୟସ୍ଥଳରେ ଜମିଦାରଙ୍କର ଏକ ବଡ଼ଟ ତୈଳ ପ୍ରତିକୃତି ଟଙ୍ଗା ହୋଇଛି ।

ଗଗନବାବୁ ଖଣ୍ଡେ ଚେୟାରରେ ବସିରହି ଘରଆଡ଼କୁ ନିରୀକ୍ଷଣ କରୁଥିଲେ ବ ମନେମନେ ଭାବୁଥିଲେ, ସେହି ସୁଖୀ-ପରିବାରକୁ କପରି ଏହି ଦୁଃସମ୍ବାଦ ସେ ଦେବେ ।

ଆଗର ସେହି ଭଦ୍ରବ୍ୟକ୍ତିଟି ପୋଲିସ ସାହେବଙ୍କର ଏହି ସବୁ ଭାବନାକୁ ଭାଙ୍ଗି ତାଙ୍କ ଆଗରେ ପାନ ଓ ସିଗାରେଟ୍ ଆଣି ଥୋଇଲେ । ଗଗନବାବୁଙ୍କର ସେତେବେଳେ ସେହି ପାନ ବ ସିଗାରେଟ ସ୍ପର୍ଶ କରିବାକୁ ଆଦୌ ଇଚ୍ଛା ନ ଥିଲା ।

Digitized by srujanika@gmail.com

ଗଗନବାବୁ ଟିକିଏ ଗମ୍ଭୀର ହୋଇ ସେହି ଭଦ୍ରଲୋକଙ୍କୁ ପଚାରିଲେ—ଜମିଦାରବାବୁଙ୍କ ସ୍ତ୍ରୀ ଏଇଠି ରହୁଛନ୍ତି ?

—ହଁ ଆଜ୍ଞା ଅଛନ୍ତି । ଭିତରେ ସେ ବର୍ତ୍ତମାନ ବଡ଼ ବ୍ୟସ୍ତ । ଥାନାକୁ ତ ବର୍ତ୍ତମାନ ଆମେ ଖବର ଦେଇଛୁ । ଘଟଣା କ'ଣ କି, କାଲି ରାତି ଦୁଇଟା ମେଲରେ ବାବୁ ଦିନକପାଇଁ ଜରୁରୀ କାମରେ ବ୍ରହ୍ମପୁର ଯିବାର ଥିଲା, ସେଥିପାଇଁ ଠିକ୍ ସମୟରେ ଗାଡ଼ିକୁ ପହଞ୍ଚାଇ ଦେବାପାଇଁ ଖଣ୍ଡେ ଟାକସି ଠିକ୍ ହୋଇଥିଲା । ଠିକ୍ ବେଳରେ ଟାକ୍ସି ଆସିବାରୁ ବାବୁ ଓ ଜଣେ ଚାକର ଷ୍ଟେସନ ବାହାରିଗଲେ, କିନ୍ତୁ ଚାକରଟା ଏଇ ଅଧଘଣ୍ଟା ହେଲା ଷ୍ଟେସନରୁ ବାବୁଙ୍କର ବିଛଣା, ସୁଟକେଶ୍ ଇତ୍ୟାଦି ଗୋଟାଏ ହାତଟଣା ରିକ୍ସାରେ ଆଣି କହୁଛି, ଷ୍ଟେସନରେ ଜିନିଷପତ୍ର ଓହ୍ଲାଇ ଦିଆଗଲା ପରେ ମୁଁ ଜିନିଷ ପାଖରେ ଜଗି ବସିଲି । ଗାଡ଼ି ଆସିବାକୁ ଡେରି ଥିବାରୁ ବାବୁ ସେଇ ଟାକ୍ସିରେ ବସି କୁଆଡେ଼ ଗଲେ । ତା'ପରେ ମେଲଗାଡ଼ି ପହଞ୍ଚିଲା । ବାବୁ ଆସିଲେ ନାହିଁ । ସକାଳ ହେଲା କାହାର ଦେଖା ନାହିଁ । ଆଠଟାଯାଏ ବସି ବସି ଏଇକ୍ଷଣି ଏ ଖବର ଆଣି ଦେଉଛି । ଆପଣଙ୍କର ଆସିବାର କାରଣ କ'ଣ ବୁଝିପାରିଲି ନାହିଁ—ଆଜ୍ଞା ? ଲୋକଟି ଅତି ଭଦ୍ରଭାବରେ ପ୍ରଶ୍ନ କଲେ ।

ଗଗନବାବୁ ଓ ଦୀନବନ୍ଧୁବାବୁ ଉକ୍ତ ଭଦ୍ରଲୋକଙ୍କର କଥା ଶୁଣୁ ଶୁଣୁ ଘଟଣା କପରି କ'ଣ ଘଟିଛି; ତାହା ତାଙ୍କ ଆଖି ଆଗରେ ନାଚି ଯାଉଥିଲା ।

ଗଗନବାବୁ ଭଦ୍ରଲୋକଙ୍କର ଏତେଗୁଡ଼ାଏ କଥା ଶୁଣିସାରି ସ୍ଥିର ଗଳାରେ ଉତ୍ତର ଦେଲେ—ଜମିଦାରବାବୁ ସ୍ତ୍ରୀଙ୍କୁ ଜଣାଇଦେବ ମୁଁ ପୋଲିସ ସାହେବ ଏବଂ ଧନଞ୍ଜୟବାବୁଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ । ବୈଠକଖାନା ସଂଲଗ୍ନ ଏଇ କୋଠରୀର ପରଦା ଅରପଖକୁ

Digitized by srujanika@gmail.com

ଅଧିବାକୁ ମୁଁ ଅନୁରୋଧ କରୁଛି ବୋଲି ତାଙ୍କୁ କୁହନ୍ତୁ । ଆପଣ ତାଙ୍କର କ'ଣ ହୁଅନ୍ତି ?

ଭଦ୍ରଲୋକଟି ଉତ୍ତର ଦେଲେ—ମୁଁ ତାଙ୍କର ଦୂର ସମ୍ପର୍କୀୟ ବନ୍ଧୁ ବାନ୍ଧବ ହେଲେ ବି, ଘରର ଏବଂ ଜମିଦାରୀର ସମସ୍ତ ଆୟ-ବ୍ୟୟର ଦାୟିତ୍ୱ ପ୍ରାୟ ମୋ ଉପରେ ।

ଗଗନବାବୁ ତାଙ୍କୁ ଆଡ଼ୁର ପାଖକୁ ଡାକି କହିଲେ—ବେଶ୍, ମାଆଙ୍କୁ ଡାକି ଦିଅ ଏବଂ ତାଙ୍କ ବିଷୟରେ ଟିକେ ସତର୍କ ରହିବେ ।

ଭଦ୍ରଲୋକଟି ମନ ସେତେବେଳକୁ ସନ୍ଦେହରେ ଦୋହଲୁ-ଥିଲା । ସେ ଆଉ କିଛି ପଚାରି ପାରିଲେ ନାହିଁ । ଅସ୍ଥିର ପାଦରେ ଜମିଦାରବାବୁଙ୍କ ସ୍ତ୍ରୀଙ୍କୁ ପୋଲିସ ସାହେବ କହିବା ମୁତାବକ ଖବର ଦେଇଦେଲେ ।

ଜମିଦାରବାବୁଙ୍କ ସ୍ତ୍ରୀ ଆଶା ଦେବୀ ଏ କଥା ଶୁଣି ଏକ ଅଜଣା ଆଶଙ୍କାରେ ଶିହରି ଉଠିଲେ । କ'ଣ ତେବେ ଘଟଣା ଘଟିଛି ! ସେ ଅସ୍ଥିର ପଦରେ ପରଦା ପାଖକୁ ଆସିଲେ । ତାଙ୍କ ପଛେ ପଛେ ଘରର ଚାକର, ଚାକରାଣୀ ମିଶି ଆଠଦଶ ଜଣ ।

ଗଗନବାବୁ, ଜମିଦାରବାବୁଙ୍କ ସ୍ତ୍ରୀ ପରଦା ଅନ୍ତରାଳକୁ ଆସିବା ଜାଣି ପାରିଲେ ମଧ୍ୟ କିପରି ଯେ ସେ କଥା ଆରମ୍ଭ କରିବେ, ସେଇକଥା ଭାବୁଥିଲେ । ଗଗନବାବୁଙ୍କୁ ନୀରବ ଦେଖି ଜମିଦାର-ବାବୁଙ୍କ ସ୍ତ୍ରୀ ଅଜଣା ଆଶଙ୍କାରେ ଇତଃସ୍ତତ ହୋଇ ପରଦା ଆର ପାଖରୁ ବ୍ୟଥାଭରା ସ୍ୱରରେ କହିଲେ—ଆପଣ ବାବୁଙ୍କର ଯେ ବନ୍ଧୁ, ଏ କଥା ମୁଁ ଆଗରୁ ଜାଣିଛି । କ'ଣ ଘଟିଛି କହନ୍ତୁ ଆପଣ ?

ପୋଲିସ ସାହେବ ହେଲେ ବି ଗଗନବାବୁଙ୍କର ମନ ଏକେବାରେ ଦବିଯାଇଥିଲା । ଦୀନବନ୍ଧୁବାବୁ ଭଗ୍ନ ମନରେ ଚେୟାରରେ ବସି ରହି ଏଣେତେଣେ ଚାହୁଁଥିଲେ ।

Digitized by srujanika@gmail.com

ଗଗନବାବୁ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ନରମ ଗଳାରେ କହିଲେ--ଆପଣ ନିଶ୍ଚିନ୍ତ; ସବୁକଥା ବିଷୟରେ କହିବାର ଶକ୍ତି ଆପଣଙ୍କର ଯଥେଷ୍ଟ ଅଛି। ଯାହା ହୋଇ ଯାଇଛି; ତା ଆଉ ଫେରିବ ନାହିଁ। ବଡ଼ ଦୁଃସମ୍ବାଦ, ମୋର ବନ୍ଧୁ ଧନଞ୍ଜୟବାବୁ ଆଜି ନାହାନ୍ତି। ବର୍ତ୍ତମାନ ଉପାୟ, ଶତ୍ରୁକୁ ଖୋଜି ଉପଯୁକ୍ତ ଶାସ୍ତି ଦେବା।

ଗଗନବାବୁଙ୍କର ଶେଷ କଥା ଶୁଣିବା ପୂର୍ବରୁ ଆଶା ଦେବୀ ଚିତ୍କାର କରି ମୂର୍ଚ୍ଛିତା ହୋଇ ପଡ଼ିଗଲେ। ସଙ୍ଗେ ସଙ୍ଗେ ସେହି ସୁଖୀ ପରିବାର ଭିତରେ ଦୁଃଖର ଛାୟା ଘୋଟିଗଲା ଏବଂ କ୍ରନ୍ଦନ ରୋଳରେ ଗୃହଅଙ୍ଗ ଝଙ୍କି ଉଠିଲା। ଧନବନ୍ଧୁବାବୁ ମଧ୍ୟ ସେ ବିକଳ କାନ୍ଦଣାରେ ଆଖିକୋଣ ରୁମାଲରେ ନ ପୋଛି ରହିପାରିଲେ ନାହିଁ।

ଗଗନବାବୁ ସେମିତି ଗମ୍ଭୀର ହୋଇ ବସିଥାନ୍ତି। କିଛିକ୍ଷଣ ପରେ ଆଶା ଦେବୀଙ୍କର ଚେତା ଆସିବାରୁ ସେ ପୁଣି ଚିତ୍କାର କରି ଉଠିଲେ—ମୁଁ ତାଙ୍କୁ ଦେଖିବାକୁ ଯିବି, ମୋତେ ତାଙ୍କ ପାଖକୁ ନେଇ ଚାଲନ୍ତୁ।

ଗଗନବାବୁ ଦେଖିଲେ, ବର୍ତ୍ତମାନ ଯେତେ ଯାହା ବୁଝାଇଲେ ସେ ଶୁଣିବେ ନାହିଁ କି କୌଣସି ଉପଦେଶ ମଧ୍ୟ ତାଙ୍କ ମନକୁ ସ୍ପର୍ଶ କରିବ ନାହିଁ। ସମୟହିଁ ସବୁବେଦନା ଭୁଲାଇ ଦେବ। ସେ ଉଠି ଠିଆ ହୋଇଲେ ଏବଂ ପାଟି ଶୁଣାଇ କହିଲେ—ପଛକୁ କୌଣସି କଥା କେବେ ଫେରିବ ନାହିଁ। ଆପଣ ଧୈର୍ଯ୍ୟ ଧରନ୍ତୁ; ହତ୍ୟାକାରୀକୁ ଆମେ ଯେକୌଣସିମତେ ଧରି ଉଚିତ ଶାସ୍ତି ଦେବୁ। ତା ପରେ ଉକ୍ତ ଭଦ୍ରଲୋକଙ୍କୁ ଡାକି କହିଲେ— ଡାକ୍ତରଖାନାରେ ତାଙ୍କ ଶବଟି ରଖା ହୋଇଛି। ଆପଣମାନେ ଯଦି ଉଚିତ ମନେ କରନ୍ତି, ତାହାହେଲେ ତାଙ୍କୁ ଦେଖାଇ ଆଣିବାରେ କିଛି ଆପତ୍ତି ନାହିଁ। କିନ୍ତୁ ବଡ଼ ସାବଧାନ

Digitized by srujanika@gmail.com

ରହିବେ, ଯେପରି ସ୍ୱାମୀଙ୍କ ଦୁଃଖରେ ଅନ୍ୟ କୌଣସି ଘଟଣା ନ ଘଟେ ଆମେ ଯାଉଛୁ, ଦରକାର ପଡ଼ିଲେ ପୁଣି ଆସିବୁ ।

ଦିନ ଦୁଇଟାବେଳକୁ ଏ ବିଷୟ ନେଇ ଗୃହଆଡ଼େ ସରଗରମ କଥାବାର୍ତ୍ତା ଚାଲିଥିଲା । ସରକାରୀ, ବେ-ସରକାରୀ ଅନେକ ଲୋକ ଏଭଳି ନୃଶଂସ ହତ୍ୟାକାଣ୍ଡ ବିଷୟ ନେଇ ତର୍କ ବିତର୍କ କରୁଥିଲେ । ଜମିଦାରଙ୍କ ଅନେକ ବନ୍ଧୁ ମଧ୍ୟ ଡାକ୍ତରଖାନାକୁ ଦଉଡ଼ା ଧାପଡ଼ା କରି ଧନଞ୍ଜୟବାବୁଙ୍କର ଶେଷ ଦର୍ଶନ କରି ଆସୁଥିଲେ । ଆଜିର ଏକ ବିଶେଷ ଘଟଣା ଏହି ଯେ, ଜମିଦାରବାବୁଙ୍କର ସ୍ତ୍ରୀ ଆଶାଦେବୀ ସ୍ୱାମୀଙ୍କର ଲାସକୁ ଦର୍ଶନ କରି ଏପରି କାତର ଓ ଦୁଃଖରେ ମ୍ରିୟ-ମାଣ ହୋଇ ପଡ଼ିଛନ୍ତି ଯେ, ତାଙ୍କର ଚେତା ଘଣ୍ଟାକୁ ଘଣ୍ଟା ବୁଡ଼ିଯାଉଛି ଏବଂ ତାଙ୍କର ଆଂଶିକ ମସ୍ତିଷ୍କ ବିକୃତି ମଧ୍ୟ ଘଟିଛି । ତାଙ୍କୁ ସେହି ଡାକ୍ତରଖାନାରେ କଡ଼ା ନଜରରେ ରଖା ହୋଇ ସେବା ଶୁଶ୍ରୂଷା କରିଯାଉଛି ।

ଜମିଦାରଙ୍କ ଘରେ ଏସବୁ ଦୁଃଖପୂର୍ଣ୍ଣ ଘଟଣାର ବ୍ୟାପାର ଚାଲି-ଥିଲାବେଳେ ଗୁପ୍ତ ପୋଲିସ ବିଭାଗ ଓ ପୋଲିସ ବିଭାଗ ନିଜନିଜ କର୍ତ୍ତବ୍ୟରେ ତନଖନରେ ଲାଗି ପଡ଼ିଥିଲେ । ପିନ୍ଟୁମିଆଁ ଓ ଗୌର ସିଂହ ଠାରୁ ବୋତୁ ବୋତୁ ସେହି ଟାକ୍ସି ସେଇ ବାଟ ଦେଇ ଡ଼ଲକା ବେଗରେ ଚାଲିଯିବା ସମ୍ବାଦ ସଂଗ୍ରହ କରି, ସେହି ଟାକ୍ସି ସାହାଯ୍ୟରେ ଯେ ଏ ହତ୍ୟାକାଣ୍ଡ ସଙ୍ଘଟିତ ହୋଇଛି, ଏ କଥା ନିଃସନ୍ଦେହରେ ସମସ୍ତଙ୍କର ଧାରଣା ହୋଇ ଯାଇଛି । ସେଥିପାଇଁ ଅନେକ ଗୁପ୍ତ ବିଭାଗ ପୋଲିସ କୌଶଳରେ ଅନେକ ଟାକ୍ସି ପରୀକ୍ଷା କରିଛନ୍ତି, କିନ୍ତୁ କୌଣସି ସନ୍ଧାନ ମିଳିନାହିଁ ।

ସନ୍ଧ୍ୟା ହେଲା । ପୋଲିସ ସାହେବ ମଧ୍ୟ ଏଥିମଧ୍ୟରେ ଦୁଇ ତିନିଥର ଫୋନ୍ ଦ୍ୱାରା କୌଣସି ସନ୍ଧାନ ମିଳିଛି କି ନାହିଁ ବୋଲି

Digitized by srujanika@gmail.com

ପସ୍ବର ହାରିଲେଣି । କିନ୍ତୁ କୌଣସି ଖବର ଏପର୍ଯ୍ୟନ୍ତ ମିଳି ନ ଥିବାରୁ ସେ ହତାଶ ହୋଇଛନ୍ତି ।

ଦୁଇ ତିନିଦିନ କଟିଗଲା । ଗୋଇନ୍ଦା ବିଭାଗ ସହର ତମାମ ଅନୁସନ୍ଧାନ କରି ହତ୍ୟାକାରୀଙ୍କୁ ଧରିବା ତ ଦୂରର କଥା, ସନ୍ଦେହ ମଧ୍ୟ କାହାରିକୁ କରି ପାରିଲେ ନାହିଁ । ତେବେ ହତ୍ୟାକାରୀ କିଏ ?

ଗୋଇନ୍ଦା ବିଭାଗକୁ ଛାଡ଼ିଦେଲେ, ପୋଲିସ ବିଭାଗ ମଧ୍ୟ ଏ ଖିଷ୍ଟ ହତ୍ୟାକାଣ୍ଡରେ ତନାଘନା ଦେଖାଇବା ପାଇଁ ଜମିଦାର-ବାବୁଙ୍କ ଜମିଦାରୀରେ ଥିବା କେତେକ ମେଳିଆ ଶତ୍ରୁପକ୍ଷ ଲୋକଙ୍କୁ ସନ୍ଦେହରେ ହଳ ହଳ କରି କଟକ ବାନ୍ଧି ଆଣିଲେଣି । କିନ୍ତୁ ଯେତେ ଯାହା ଉପାୟ କଲେ ସୁଦ୍ଧା, କୌଣସି ସନ୍ଧାନ ପାଇଲେ ନାହିଁ ।

× × × ×

ସନ୍ଧ୍ୟା ଛଅଟା । ଗଗନବାବୁ ଅଫିସରୁ ଫେରି ଜଳଖିଆ ଖାଇ ନିଜ ଅଫିସ୍ ଘରେ ଆରାମ ଚେୟାରରେ ବସି ବିଶ୍ରାମ ନେଉଥିଲେ । ଅନ୍ୟଦିନ ପରି ଯାବତୀୟ ଗୋଳମାଳ ଖବରଅନ୍ତର କିଛି ନ ଥିବାରୁ ତାଙ୍କୁ ସେ ସମୟଟି ବେଶ୍ ଶାନ୍ତ ଲାଗୁଥିଲା । ତେବେ ଗଗନବାବୁ ଆଖି ବୁଜି ଜମିଦାରଙ୍କ ହତ୍ୟା ସମ୍ପର୍କରେ କେତେ କଣ ଭାବୁଥିଲେ । ହଠାତ୍ ତାଙ୍କର ମନେ ପଡ଼ିଲା, ଗତ ଆଠମାସ ତଳର କଥା । ଭାଗ୍ୟ ଛଡ଼ା ତାଙ୍କୁ ଯେ କେହି ବଞ୍ଚାଇ ନାହିଁ, ଏକଥା ଭାବି ସେ ଶିହରି ଉଠୁଥିଲେ । ସ୍ୱାମୀବାବାଙ୍କ ଦଳର ସେଇ ଡ଼ାକ୍ତରବାବୁ ଆଜି ତାଙ୍କର ଚିଷ୍ୟା ମାଳଣ୍ଠି କମ କୌଶଳୀ ନୁହନ୍ତି । ସେଦିନ ସେମାନେ ଇଚ୍ଛା କରିଥିଲେ ପୋଲିସ ବିଭାଗର ସବୁ ତତ୍ପରତାକୁ ଗୋଡରେ ଦଳି, ବସ୍ତାର କୁକୁର ଭଳି ସମସ୍ତଙ୍କୁ ବାଡ଼େଇ ବାଡ଼େଇ ମାରିଥିଲେ ବି

Digitized by srujanika@gmail.com

କେହି କହିବାକୁ ନ ଥିଲେ । ସେମାନଙ୍କ ଦଳ ପୋଲିସ ମନକୁ ଭୁଲାଇବାପାଇଁ ସେଠାରୁ ଆଡ଼ା ଭାଙ୍ଗି ପୁଣି ଏଭଳି ନୂଆ ଦଳ ଗଢ଼ି ନାହାନ୍ତି ତ ! ସେହି ଦଳର ଉଦ୍ଦେଶ୍ୟ ଥିଲା—ଖୁବ୍ ବଡ଼ଲୋକ-ମାନଙ୍କର ଧନ ଜୀବନ ନଷ୍ଟ କରି, ଗରିବ ଲୋକଙ୍କୁ ବାଣ୍ଟିଦେବା । ସେଦିନ ପଢ଼ିବା ଝୁଡ଼ି ଭିତରୁ ଯେଉଁ ଚିଠି ଖଣ୍ଡିକ ବାହାରିଲା ଏବଂ ଯେଉଁମାନେ ତାକୁ ଲେଖିଛନ୍ତି, ସେମାନଙ୍କର ମଧ୍ୟ ସେହି ଉଦ୍ଦେଶ୍ୟ ।

ତେବେ କ'ଣ ସେହି କର୍ମକର୍ତ୍ତାମାନେ କୌଶଳରେ ପୋଲିସକୁ ଭୁଲାଇବାପାଇଁ ଭୁବନେଶ୍ୱରରେ ସେହି ଅଗାଧ ସମ୍ପତ୍ତି, ମଠର ମଧ୍ୟ ଛାଡ଼ି ନିଜ ଦଳ ଭାଙ୍ଗିଦେଲେ ବୋଲି ଛଳନା କରିଥିଲେ । ସେହି-ମାନେ ନୂଆକରି ପୁନର୍ବାର ଦଳ ଗଢ଼ି ନାହାନ୍ତି ତ ? ଯଦି ପ୍ରକୃତରେ ଗଢ଼ିଥାନ୍ତି, ତାହାହେଲେ ଏହି ଗୋଟାଏ ହତ୍ୟାକାଣ୍ଡ ଘଟଣାରେ ସେ ଦଳକୁ ଧରିବା କ'ଣ ସହଜ ? ପୁଣି ମନ ଓଲଟ ଧରେ । କିଏ ଜାଣେ, ସେ ଦଳର କାମ ନ ହୋଇ ପାରିଥାଏ । ସେମାନଙ୍କର ଶେଷ ଚିଠି ଏବଂ ସେ ସେଦିନ ନିଜେ, ପୋଲିସଦଳ ସହିତ ସେହି ଦସ୍ୟୁଦଳକୁ ଧରିବାକୁ ଯାଇଁ କପଟ ବୋକାଙ୍କ ପରି ନିଜେ ଧରାପଡ଼ିଗଲେ ଏବଂ ଶେଷରେ ସେହି ଦଳ, ସେମାନଙ୍କୁ ନ ମାରି କପଟ ଦୟା ଦେଖାଇ ଛାଡ଼ିଦେଲେ, ସେ ସବୁ ଘଟଣାରୁ ଅନୁମାନ ହେଉଛି, ବୋଧହୁଏ ସେ ଦଳ ଭାଙ୍ଗିଯାଇଛି । ଗଗନ-ବାବୁଙ୍କର ଅନୁମାନ କେଉଁଟା ଠିକ୍ ହୁଏ ନାହିଁ । ମନ ସନ୍ଦେହରେ ଦୋହଲୁଥିଲେ ।

ହଠାତ୍ ତାଙ୍କ ବାଁ ପାଖ ଟେବୁଲ ଉପରେ ଟେଲିଫୋନ୍ ଘଣ୍ଟିଟା ଝଣ୍ ଝଣ୍ ହୋଇ ବାଜି ଉଠିଲା । ଗଗନବାବୁ ଟେଲିଫୋନ୍ ଧରି ଜବାବ ଦେଲେ—କେଉଁଠୁ ଡାକୁଛନ୍ତି ?

Digitized by srujanika@gmail.com

ତେଣୁ ଉତ୍ତର ଆସିଲା—ମୁଁ ସିଏ ହୁଏ ଏବଂ ସେଇଁଠୁ ଡାକୁଛି ତାହା ପରେ ଜାଣିବେ । ମୁଁ କୌଣସି ଏକ ଖବର ଦେବାପାଇଁ ପୋଲିସ ସାହେବଙ୍କୁ ଡାକୁଛି ।

ଗଗନବାବୁ କ'ଣ ଟିକିଏ ଘବ ଉତ୍ତର ଦେଲେ—ମୁଁ ନିଜେ ପୋଲିସ ସାହେବ, ଆପଣ କ'ଣ କହିବାର କୁହନ୍ତୁ ।

ତେଣୁ ଟିକିଏ ହସ ଭିତରେ ଉତ୍ତର ଆସିଲା—ନମସ୍କାର ! ହଁ ଶୁଣନ୍ତୁ ଗଗନବାବୁ, ହଠାତ୍ ମୋର କଥା ଶୁଣି ଚମକି ପଡ଼ିବେ ନାହିଁ । ଆପଣ ସେହି ମାତ କୁକୁର ଧନଞ୍ଜୟ ମାନସିଂହଙ୍କର ହତ୍ୟାରେ ହତ୍ୟାକାରୀକୁ ଧରିବା ପାଇଁ କାହିଁକି ମୁଣ୍ଡ ଘୂରାଉଛନ୍ତି, ଶୁଣେ ? ତାର ଜୀବନରେ ସେ ଭଦ୍ର ସଭ୍ୟତାର ମୁଖା ପିନ୍ଧି ଯେତେ ଅତ୍ୟାଚାର କରିଛି, ତାର ଉପଯୁକ୍ତ ଶାସ୍ତି ମୃତ ଛଡ଼ା ଆଉ କ'ଣ ହୋଇଥାନ୍ତା ? ଆପଣ ଅନେକ କଥା ମଧ୍ୟ ସନ୍ଧାନ ନେଇପାରି ନାହାନ୍ତି । ସେଦିନ ତାକୁ ଖାଲି ହତ୍ୟା କରା ହୋଇ ନାହିଁ ତା ସଙ୍ଗରେ ଥିବା ପଚାଶ ହଜାର ଟଙ୍କା ମଧ୍ୟ ନିଆଯାଇଛି ।

ଗଗନବାବୁ ଏକଥା ଶୁଣୁ ଶୁଣୁ ତାଙ୍କ ଘୁଣ୍ଡି ଉଠୁଥିଲା ପଡ଼ୁଥିଲା । ସେ ଗୋଟାଏ ଖିଆଲରେ ଉତ୍ତର ଦେଲେ—ତା ପରେ ?

ତା ପରେ ଆଉ କ'ଣ ? ଏ କଥା ଆପଣଙ୍କୁ କହି କହିବାର ଦରକାର ନ ଥିଲା । କିନ୍ତୁ ଆପଣ ଶାମ ସାହୁ ଦୋଷ, ରାମ ସାହୁ ମୁଣ୍ଡରେ ଲଦୁଛନ୍ତି ବୋଲି ଏ କଥା ମୁଁ କହୁଛି । ଆପଣ ଯେଉଁମାନଙ୍କୁ ସନ୍ଦେହ କରି ଅଯଥା ହାଜତରେ ରଖିଛନ୍ତି, ସେମାନଙ୍କର ଦୋଷ କ'ଣ ? ସେମାନେ ଏ ବିଷୟରେ ବିନ୍ଦୁବିସର୍ଗ ଜାଣନ୍ତି ନାହିଁ । ଦୟାକରି ସେମାନଙ୍କୁ ଛାଡ଼ିଦିଅନ୍ତୁ । ହଁ ଶେଷରେ ମୋର ଅନୁରୋଧ, ଆପଣ ଏ ବିଷୟରେ ଗୁରୁତ୍ୱ ଦିଅନ୍ତୁ ନାହିଁ ! ସେହିଳି କୁକୁର-

Digitized by srujanika@gmail.com

ଗୁଣ୍ଡାଙ୍କୁ ଯେତେ ରାସ୍ତାରେ ପିଟି ପିଟି ମାରିବା ଆପଣ ଉଚିତ, ସେତେ ଭଲ ।

ଗଗନବାବୁ କଥା କହୁଥିବା ସେ ଆତତାୟୀକୁ ମାଡ଼ବସିଲା-ଭଳି କହିଲେ - କେଉଁଠୁ ଆପଣ କହୁଛନ୍ତି ?

ତେଣୁ ଖାଲି ହିହି ହା ହା ହସ । ଗଗନବାବୁ ? ଆପଣ ପୋଲିସ ଗୁଇନ୍ଦା କରି କରି ବୁଢ଼ା ହେଲେ, ତେବେ ବି ବୁଦ୍ଧି ଫେରିଲା ନାହିଁ । କଥା କହୁଥିବା ବ୍ୟକ୍ତିଟି ଫୋନ୍ ରଖିଦେଲେ ।

ଗଗନବାବୁ ଉତ୍ତେଜିତ ହୋଇ ପଡ଼ିଲେ । କ'ଣ କରିବେ ! ହତ୍ୟାକାରୀଦଳ ଏହି ସହର ଭିତରେ, ପୁଣି ଏତେ ସାହସରେ ତାଙ୍କ ସଙ୍ଗରେ କଥାବାର୍ତ୍ତା କରୁଛନ୍ତି । କିନ୍ତୁ ସେ ଧରି ପାରିବେ ନାହିଁ । ପୁଣି ହଠାତ୍ ଚେୟାରରେ ବସିପଡ଼ି ଫୋନ୍ ଧରି ଡାକିଲେ ହାଲୋ, ଏକ୍ସଚେଞ୍ଜ ।

ତେଣୁ ଟେଲିଫୋନ ଚାଳକ ଉତ୍ତର ଦେଲା—କେଉଁ ନମ୍ବର ଦରକାର ?

ଗଗନବାବୁ ଦୃଢ଼ ସ୍ୱରରେ ଉତ୍ତର ଦେଲେ—ମୁଁ ଏସ୍. ପି., ବର୍ତ୍ତମାନ କେଉଁ ଭଦ୍ରଲୋକ ମୋ ସହିତ କଥାବାର୍ତ୍ତା କରୁଥିଲେ, ତାଙ୍କର ନମ୍ବର କେତେ ?

ଟେଲିଫୋନ୍ ପରିଚାଳକ ଉତ୍ତର ଦେଲେ -ପ୍ରତି ମୁହୂର୍ତ୍ତରେ ଲୋକ ଡକାଡକି ହେଉଛନ୍ତି । ଏକ ବ୍ୟକ୍ତିର ଟେଲିଫୋନ୍ ନମ୍ବର ସହିତ ଅନ୍ୟ ବ୍ୟକ୍ତିର ନମ୍ବର ସଂଯୋଗ କରିବା ଆମର ଏକମାତ୍ର କାମ । କିଏ କେଉଁଠୁ ଡାକିଲା, ସେ ଖବର ରଖିବା ଦରକାର ପଡ଼େନା । ସେଆଡ଼କୁ ତ ମୋର ନଜର ନାହିଁ—ଆଜ୍ଞା ।

Digitized by srujanika@gmail.com

ଗଗନବାବୁ ନିର୍ବାକ୍ ହୋଇ ଠିଆ ହେଲେ । ଉପାୟ କ'ଣ ? ହତ୍ୟାକାରୀ ଯେ ଏଇ ସହର ଭିତରେ । ସେ ଅତି ବୁଦ୍ଧିମାନ, କୌଶଳୀ, ଶିକ୍ଷିତ ମଧ୍ୟ । କେତେବେଳେ ଫୋନ୍ ସାହାଯ୍ୟରେ ସେ ଯେ ହତ୍ୟାକାରୀ ବା ହତ୍ୟା ବିଷୟରେ ସବୁକଥା ଜାଣେ, ପୋଲିସ ଆଗରେ ସାହସ କରି କହନ୍ତା କିପରି ? ପୁଣି ଫୋନ୍ ଧରି ଡ଼ାକଲେ ଥାନାକୁ ।

ଉତ୍ତର ଆସିଲା—କେଉଁଠୁ ଡ଼ାକୁଛନ୍ତି ଆଜ୍ଞା ?

ଗଗନବାବୁ ଉତ୍ତେଜିତ ଗଳାରେ କହିଲେ—ମୁଁ ଏସ୍. ପି. । ଧାନବନ୍ଧୁବାବୁ ଅଛନ୍ତି ?

—ହଁ ଅଜ୍ଞା, ଅଛନ୍ତି !

ତାହାହେଲେ ତାଙ୍କୁ ଖବର ଦିଅ, ବଡ଼ ଜରୁରୀ କାମ । ସଙ୍ଗେ ସଙ୍ଗେ ଆସନ୍ତୁ ।

ଧାନବନ୍ଧୁବାବୁ ଥାନାରେ ତାଙ୍କର ସ୍ୱତନ୍ତ୍ର କୋଠରୀରେ ବସି ଅଫିସ୍ କାମ କରୁଥିଲେ । କନେଷ୍ଟବଳଟି ପରଦା ଆଡ଼େଇ ଯାଇ ଖବର ଦେଲା—ହଜୁର, ଏସ୍. ପି. ସାହେବ ଜରୁରୀ କାମରେ ଘରେ ଅପେକ୍ଷା କରି ବସିଛନ୍ତି, ଆପଣ ସଙ୍ଗେ ସଙ୍ଗେ ଆସନ୍ତୁ ।

ଧାନବନ୍ଧୁବାବୁ ଉଠିପଡ଼ି କହିଲେ—ସାହେବ କ'ଣ ଫୋନ୍ ଧରିଛନ୍ତି ?

—ନା, ଆଜ୍ଞା, ଛାଡ଼ି ଦେଲେଣି ।

ପୁଣି କ'ଣ ଜରୁରୀ କାମ ! ଧାନବନ୍ଧୁବାବୁ ସେହି ଠିଆ ଅବସ୍ଥାରେ କାଗଜପତ୍ର ସଜାଡ଼ିରଖି ଦେଇ ବାହାରି ଆସିଲେ । ସଙ୍ଗେ ସଙ୍ଗେ ପୋଲିସ ମଟରରେ ଚାଲିଲେ ପୋଲିସ ସାହେବଙ୍କ ଘରକୁ । ସେତେବେଳକୁ ପ୍ରାୟ ନଅଟା ବାଜି ଯାଇଥିଲା ।

Digitized by srujanika@gmail.com

ଧାନବନ୍ଧୁ ବାବୁ ଅଫିସ ଘରକୁ ପଶିଯାଇ ଦେଖିଲେ, ଗଗନବାବୁ ଚିନ୍ତାମଗ୍ନ ହୋଇ ବସି ରହିଛନ୍ତି । ଧାନବନ୍ଧୁ ବାବୁ ତାଙ୍କୁ ନମସ୍କାର କଲାକ୍ଷଣି ଗଗନବାବୁ ଧାନବନ୍ଧୁ ବାବୁଙ୍କୁ ବସିବାକୁ ନିର୍ଦ୍ଦେଶ ଦେଇ କହିଲେ—ବଡ଼ ଦୁଃଖର କଥା, ହତ୍ୟାକାରୀ ଏହି ସହର ଭିତରେ ଥିଲେ ବି, ଆପଣମାନେ ବୁଦ୍ଧି ଖଟାଇ ତାକୁ ଧରିପାରୁ ନାହାନ୍ତି । ଏହାଠାରୁ ବଳି ଦୁଃଖର ଘଟଣା ଆଉ କ'ଣ । ଉଚ୍ଚ ମହଲରେ ପୋଲିସ ବିଭାଗ ବଦନାମ ହେବା ଛଡ଼ା କିଛି ଫଳ ହେବନି ।

ଧାନବନ୍ଧୁ ବାବୁ ଓ ତାଙ୍କ ସହକର୍ମୀମାନଙ୍କ ଉପରେ ଏ ଖୁନ୍ କେସ୍ ନେଇ ଅନୁସନ୍ଧାନ କରିବାରେ ହେଳା ହେଉଛି ବୋଲି ପ୍ରକାରାନ୍ତରେ ପୋଲିସ ସାହେବ କହିବାରୁ, ଧାନବନ୍ଧୁ ବାବୁ ଦବି-ଯାଇଥିଲେ । ଟିକିଏ ନୀରବ ରହି ପ୍ରଶ୍ନ କଲେ—ହତ୍ୟାକାରୀ କ'ଣ ଏହି ସହରରେ ଅଛି ଆଜ୍ଞା ?

ଗଗନବାବୁ ଗମ୍ଭୀର ଗଳାରେ ଉତ୍ତର ଦେଲେ—ହଁ, ଏହି ସହରରେ । କିନ୍ତୁ ତାଙ୍କୁ ଧରିବାକୁ ଉପାୟ ବା କଅଣ ? ତା ପରେ, ଏହି ଅଧଘଣ୍ଟା ଆଗରୁ ଫୋନ୍‌ରେ ଯାହାସବୁ ଘଟିଥିଲା, ଗଗନବାବୁ ବିସ୍ତୃତ ଭାବରେ କହିଗଲେ । ଧାନବନ୍ଧୁ ବାବୁ ନିର୍ବାକ୍ ହୋଇ ଶୁଣି ଶୁଣି ତାଙ୍କ ମୁଣ୍ଡ ଉଠୁଥିଲା ପଡ଼ୁଥିଲା ।

କିଛିକ୍ଷଣ ପରେ ଖଣ୍ଡେ ମଟର ଆସି ପୋଲିସ ସାହେବଙ୍କ ଫାଟକ ପାଖରେ ଠିଆ ହେଲା । ଧାନବନ୍ଧୁ ବାବୁ ସେଇଆଡ଼କୁ ଚାହିଁବାରୁ ଗଗନବାବୁ କହିଲେ, ମୁଁ ସି.ଆଇ.ଡ଼ି. ବିଭାଗର ସହାସବଦାଶିବାବୁଙ୍କୁ ଡ଼କାଇଛି । ଏ ବିଷୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ମୋର ଅନୁମାନ ହେଉଛି, ଏଭଳି ଘଟଣା ଗୋଟିକରେ ଶେଷ ହେବନାହିଁ । ଗୋଟିକ ପରେ ଗୋଟିଏ ଘଟିବ ।

Digitized by srujanika@gmail.com

ସଦାସବଦାଶବାବୁ ଘର ଭିତରକୁ ପଶିଆସି ପୋଲିସ ସାହେବଙ୍କୁ ନମସ୍କାର କଲେ । ପୋଲିସ ସାହେବ କଥାର ଗୁରୁତ୍ୱ ହେତୁ ତାଙ୍କୁ ବସିବାକୁ ଅନୁରୋଧ କରି ସଙ୍ଗେ ସଙ୍ଗେ କହିଲେ— କି ଉପାୟ କରିବାକୁ ହେବ କୁହନ୍ତୁ ସଦାସବଦାଶବାବୁ ? ତାପରେ ଗଗନବାବୁ ପୁନର୍ବାର ସମସ୍ତ ଘଟଣା ସଦାସବଦାଶବାବୁଙ୍କ ଆଗରେ କହିଲେ । ସଦାସବଦାଶବାବୁ, ଗଗନବାବୁଙ୍କଠାରୁ ଶୁଣୁଥିବା ଅବସ୍ଥାରେ ଦରକାରୀ କେତୋଟି ବିଷୟ ଖାତାରେ ଟିପି ନେଉଥିଲେ ।

କଥାବାର୍ତ୍ତା ଶେଷ ହେଲରୁ ସଦାସବଦାଶବାବୁ କହିଲେ, ଏସବୁ ବାଜେ ଲୋକଙ୍କର କାମ ନୁହେଁ । ତା ନ ହେଲେ ଏଇ ସହରରେ ହତ୍ୟାକାରୀ ପୁଣି କେଉଁ ସାହସରେ ଫୋନ୍ ଦ୍ୱାରା ପୋଲିସ ସାହେବଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରନ୍ତା । ସେ ଦଳରେ ନିଶ୍ଚୟ ଯେ କେତେକ ଶିକ୍ଷିତ, ଧୂର୍ତ୍ତ ଲୋକ ଅଛନ୍ତି ଏଥିରେ ସନ୍ଦେହ ନାହିଁ । ଏହି ଦଳକୁ ଧରିବାକୁ ସାଧନା ଏବଂ ସମୟ ଦରକାର । ବର୍ତ୍ତମାନ ଏକମାତ୍ର ଚିନ୍ତା, ଏ ବିଷୟରେ ଗୋଇନ୍ଦା ବିଭାଗର କେତେ ଜଣ ଚତୁର ଶିକ୍ଷିତ ଯୁବକଙ୍କୁ ସ୍ୱତନ୍ତ୍ର ଭାବରେ ଏ କାମରେ ନିଯୁକ୍ତ କରିବାକୁ ହେବ ଏବଂ ଦରକାର ପଡ଼ିଲେ ପୁଲିସ ବିଭାଗରୁ ମଧ୍ୟ କେତେ ଜଣଙ୍କୁ ଗୁପ୍ତ ବିଭାଗକୁ ଆଣିବାକୁ ପଡ଼ିବ ।

ସଦାସବଦାଶବାବୁ ଏକଥା କହୁଥାଉଥା ପରେ, ଗଗନବାବୁ ଦୁଆର ମୁହଁରେ ପହରା ଥିବା ଚପରାସିକୁ ତାଗିଦ୍ କରି କହିଲେ —ବାହାରୁ କେହି ଯେପରି ଭିତରକୁ ନ ଆସେ, ସାବଧାନ ।

ପହରାବାଲା ହଜୁର କହି ସମ୍ମତି ଜଣାଇଲା ।

ତାପରେ ଗଗନବାବୁ ନିଜେ ଖଣ୍ଡେ ସିଗାରେଟ ଲଗାଇ ସଦାସବଦାଶବାବୁଙ୍କ ପାଖକୁ ସିଗାରେଟ୍ ପକେଟ ବଢ଼ାଇ ଦେଲେ ।

Digitized by srujanika@gmail.com

ଘନବନ୍ଧୁ ବାବୁ ସିଗାରେଟ୍ ନ ଖାଉଥିବାରୁ ତାଙ୍କ ପାଇଁ ପାନ ଆଣିବାକୁ ଘରୁ ବରାଦ ହେଲା ।

ଗଗନବାବୁ କିଛି ସମୟ କ'ଣ ଚିନ୍ତା କରୁଥିବା ପରି ମରବ ରହି କହିଲେ—ରାଧାସବଦାଶିବାବୁ, ଆପଣଙ୍କର ଆରବର୍ଷ ଭୁବନେଶ୍ୱରରେ ସ୍ୱାମୀବାବାଙ୍କ ଦଳକୁ ଧରିବା ପାଇଁ ଯିବାରେ ଆମ୍ଭମାନଙ୍କର ଯାହା ଅବସ୍ଥା ଘଟିଥିଲା, ସେ ସବୁତ ଆପଣ ଜାଣନ୍ତି । ତା ଛଡ଼ା ସେହି ଦଳ ଯେପରି ଭାବରେ ସେମାନଙ୍କର ଅଗାଧ ସମ୍ପତ୍ତି ଛାଡ଼ି ନିଜ ଦଳକୁ ଭାଙ୍ଗିଦେଲେ ବୋଲି ଘୋଷଣା କରିଥିଲେ, ସେକଥା ତ ମୋ ରିପୋର୍ଟରୁ ଆପଣ ପଢ଼ିଥିବେ । ମୋର ଜାଣିବାକୁ କ୍ଷୀଣ ସନ୍ଦେହ, ସେହି ଦଳର ପୁନର୍ବାର ଆବିର୍ଭାବ ହୋଇନାହିଁ ତ ?

ରାଧାସବଦାଶିବାବୁ ଅଧା ସିଗାରେଟ୍ ଖଣ୍ଡକ ହାତରେ ଧରି ଉପରକୁ ଚାହିଁ ଉତ୍ତର ଦେଲେ, ତା ମଧ୍ୟ ଅସମ୍ଭବ ନୁହେଁ । ପୋଲିସ ଆଖିରେ ଧୂଳି ଦେଇ ଏବଂ ସେମାନଙ୍କ ଭବିଷ୍ୟତ ପ୍ରତି ଆଉ କୌଣସି ସନ୍ଦେହ ଯେପରି ନ ଆସେ, ସେଥିପାଇଁ ସେମାନେ ଅଗାଧ ସମ୍ପତ୍ତି ଛାଡ଼ିଦେଇ ପାରିଥାନ୍ତି ଏବଂ ସେହି ଦଳର ସୁଚିନ୍ତିତ କଳ୍ପନା ଅନୁସାରେ ଆପଣମାନଙ୍କୁ ସେଦିନ ଜୀବନରେ ନ ମାରି ଦୟା ଦେଖାଇ ପାରିଥାନ୍ତି । ସେମାନଙ୍କ ଘୋଷଣାରେ କେଉଁ ବିଶ୍ୱାସ ? ତେବେ ଗୋଇନ୍ଦା ବିଭାଗ, ସେସବୁ ଘଟଣା ଘଟିଯିବା ପରେ ପରେ କେତେଦିନ ପର୍ଯ୍ୟନ୍ତ ଓଡ଼ିଶାରେ ବିଶେଷ ଭାବେ ମଧ୍ୟ ନଜର ରଖିଥିଲା, କିନ୍ତୁ ସେହି ଦଳର କୌଣସି ପତ୍ତା ବା ସେହିଭଳି କୌଣସି ସନ୍ଦେହଜନକ ଘଟଣା କେଉଁଠି ଘଟି ନ ଥିଲା ପରି ମୋର ପରିଷ୍କାର ମନେ ଅଛି । ତଥାପି ସେ ଦଳକୁ ଏକ ବେଳେ ଭୁଲିଯିବା ବି ଉଚିତ ନୁହେଁ ।

ଗଗନବାବୁ କହିଲେ—ମୁଁ ମଧ୍ୟ ସେଇକଥା ଭାବୁଛି । ଆପଣ ଯେଉଁମାନଙ୍କୁ ଗୁପ୍ତଭାବରେ ଏ ବିଷୟ ତଦନ୍ତ କରିବା ପାଇଁ ନିଯୁକ୍ତ

Digitized by srujanika@gmail.com

କରିବେ, ସେମାନଙ୍କୁ ମଧ୍ୟ ଏ ବିଷୟରେ ନଜର ରଖିବାକୁ ନିଶ୍ଚୟ ନିର୍ଦ୍ଦେଶ ଦେବେ ।

ଏତେବେଳକେ ଦୀନବନ୍ଧୁବାବୁ ନିଜର ମନ୍ତବ୍ୟ ଦେବାକୁ ଯାଇଁ କହିଲେ—ଧନଞ୍ଜୟବାବୁଙ୍କୁ ହତ୍ୟା କରିବା ଆଜକୁ ବାରଦିନ ହୋଇ ଗଲାଣି । ତାଙ୍କ ପରିବାର ଭିତରୁ ଏ ଶୋକଗ୍ରସ୍ତା ଯେ କେତେକ ପରିମାଣରେ ଅପସରି ଯିବଣି, ଏଥିରେ ସନ୍ଦେହ ନାହିଁ । ତେଣୁ ମୋର ଇଚ୍ଛା, ତାଙ୍କ ଘରକୁ ଯାଇଁ ଜମିଦାରବାବୁଙ୍କ ବିଷୟରେ ଏବଂ ତାଙ୍କ ଘରେ ଥିବା କାଗଜପତ୍ର ତନଖି କରିବା ଦ୍ୱାରା କେତେକ ତଥ୍ୟ ମଧ୍ୟ ମିଳିଯିବ । ହତ୍ୟାକାରୀ ଏଇ ସହରରେ ଥାଇ ପୋଲିସ ସାହେବଙ୍କୁ ଜଣାଇ ଦେଇଛି ଯେ, ଖାଲି ତାଙ୍କର ଜୀବନ ନିଆ ହୋଇ ନାହିଁ, ତାଙ୍କ ପାଖରେ ଥିବା ପଚିଶ ହଜାର ଟଙ୍କା ମଧ୍ୟ ନିଆ ହୋଇଛି । ଏ ଟଙ୍କା କାହିଁକି, କେଉଁଥିପାଇଁ ସେଦିନ ସେ ନେଇଥିଲେ, ଏସବୁ ବିଷୟରେ ଏପରି କି ତାଙ୍କ ଅତୀତ ଜୀବନର କେତେକ ଘଟଣା ମଧ୍ୟ ବୁଝିବାକୁ ହେବ ।

ଗଗନବାବୁ ଓ ସ୍ୱାସବଦାଶିବାବୁ, ଦୀନବନ୍ଧୁବାବୁଙ୍କର ମନ୍ତବ୍ୟକୁ ପ୍ରଶଂସା ନ କରି ରହିପାରିଲେ ନାହିଁ । ସ୍ୱାସବଦାଶିବାବୁ ଅନ୍ୟମାନଙ୍କୁ ଶୁଣାଇ କହିଲେ—ବାଜେ କେଶ୍ ଭଳି ଏହାକୁ ମନେ-କରି, ବାହାରେ ଘାଣ୍ଟି ଚକଟି କିଛି ଲାଭ ନାହିଁ । କାରଣ ଯେଉଁ-ମାନେ ହତ୍ୟା କରିଛନ୍ତି, ସେମାନଙ୍କର ଲେଖାରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, ଜମିଦାରଙ୍କ ଉପରେ ସେମାନେ ପ୍ରତିଶୋଧ ନେଇଛନ୍ତି ଏବଂ ତାଙ୍କର ଚରିତ୍ର ଉପରେ ଘୋର ଦୋଷାରୋପ କରିଛନ୍ତି । ମୁଁ ଭାବୁଛି, ଏଇ ଦିନେ ଦୁଇଦିନ ଭିତରେ ଜମିଦାରଙ୍କ ଘରୁ ତଥ୍ୟ ସଂଗ୍ରହ କରିବାକୁ ହେବ ଏବଂ ଅନ୍ୟ କେତେକ ଗୁପ୍ତବିଭାଗ କର୍ମଚାରୀଙ୍କୁ ତାଙ୍କ ଜମିଦାରୀକୁ ପଠାଇବାକୁ ହେବ ।

Digitized by srujanika@gmail.com

ସୁହାସଚନ୍ଦ୍ର ଦାସବାବୁଙ୍କ କଥା ଶେଷ ହେଲାରୁ ଗଗନଚନ୍ଦ୍ରବାବୁ କହିଲେ—ମୋ ବିଚାରରେ ଥାନାର ରବିବାବୁଙ୍କୁ କିଛିଦିନ ପାଇଁ ଆପଣଙ୍କ ବିଭାଗକୁ ବଦଳି କରି ଅଣାହେବା ଉଚିତ । କାରଣ, ତାଙ୍କର କାର୍ଯ୍ୟକଳାପରୁ ମୁଁ ଗଲା ଦୁଇବର୍ଷ ହେଲା ବୁଝିପାରିଛି, ଏସବୁ ବିଷୟରେ ତାଙ୍କର ଜ୍ଞାନ ଖୁବ୍ ଅଛି । ତା ଛଡ଼ା ସେ ବଡ଼ ସାହସୀ ଓ ଉତ୍ସାହୀ ।

ଗଗନବାବୁ ତାଙ୍କ କଥାକୁ ଅନୁମୋଦନ କରି କହିଲେ, ବେଶ୍ କଥା, ତାର ବ୍ୟବସ୍ଥା ମୁଁ ଶୀଘ୍ର କରିଦେବି । ରବିବାବୁ ଦୁଇ ଦିନ ଭିତରେ ସେ ବିଭାଗରେ ଯାଇଁ କାମ କରିବେ ।

ଏସବୁ ପରାମର୍ଶ ଶେଷ ହେଲାବେଳକୁ ରାତି ନଅଟା ବାଜି ଯାଇଥିଲା । ଗଗନବାବୁ ଅନ୍ୟମାନଙ୍କୁ ବିଦାୟ ଦେବାକୁ ଯାଇଁ କହିଲେ, ଆପଣମାନେ ଯାଆନ୍ତୁ । ଏ ବିଷୟରେ ଯେପରି କରିବାର କଥା, ତାହା ଆଉ ଡେରି କରିବା ଉଚିତ ନୁହେଁ ।

× × × ×

ଏ ମଧ୍ୟରେ ସୁହାସଚନ୍ଦ୍ରଦାସ ବାବୁ, ଧନଞ୍ଜୟ ବାବୁଙ୍କଘରୁ କେତେକ ସନ୍ଦେହଜନକ ବିଷୟ ଟିପି ଆଣି ତାଙ୍କର ସହକର୍ମୀମାନଙ୍କୁ ଜଣାଇ ଥିଲେ ବି ରବିବାବୁଙ୍କ ମନରେ ଆହୁରି କେତେକ ସନ୍ଦେହ ରହି ଯାଇଥିଲା ।

ସେଦିନ ଉପରଓଳି ପାଞ୍ଚଟା । ରବିବାବୁ ଧନଞ୍ଜୟବାବୁଙ୍କ ଘରେ ପହଞ୍ଚି କେତେକ କଥା ଜାଣିବାକୁ ଇଚ୍ଛାକଲେ । ସେଦିନ ସେହି ଭଦ୍ରଲୋକ ହରିବାବୁ, ତାଙ୍କୁ ବୈଠକଖାନାରେ ବସାଇ ପଚାରିଲେ —କ'ଣ ଆପଣ ଜାଣିବାକୁ ଚାହାନ୍ତି, ପଚାରନ୍ତୁ ଆଜ୍ଞା ?

ରବିବାବୁ ବଡ଼ ନମ୍ର ଭାବରେ ଆରମ୍ଭ କଲେ—ଆପଣଙ୍କ ଘରେ ଏ ଅକସ୍ମାତ୍ ଦୁଃଖ ସମ୍ବନ୍ଧରେ ଥରକୁଥର ଆମେ ଆସି ବ୍ୟସ୍ତ

Digitized by srujanika@gmail.com

କହିବାରେ ଆପଣଙ୍କୁ ବଡ଼ ବିରକ୍ତ ଲାଗୁଥିବ । କିନ୍ତୁ ଉପାୟ କ'ଣ ? ଏ ପୋଲିସ ବିଭାଗ ମଧ୍ୟ ଆପଣଙ୍କର । ସବୁକଥା ନ ଜାଣିଲେ, ଆପଣଙ୍କର ଶତ୍ରୁଙ୍କୁ ବିନାଶ କରିବାରେ ବହୁତ ବିଳମ୍ବ ହେବ । ତେଣୁ ମୁଁ ଆପଣଙ୍କ ମାଆଙ୍କ ସହିତ କେତୋଟି ବିଷୟ ପରାମର୍ଶ କରିବାକୁ ଚାହେଁ ।

ହରିବାବୁ ଭିତରକୁ ଯାଉଁ ଯାଉଁ କହିଲେ—ମାଆଙ୍କ ଆଗରେ ବାବୁଙ୍କ କଥା ଥରକୁ ଥର ମନେ ପକାଇବା ଅର୍ଥ ତାଙ୍କ ମନରେ ଝଷଣ ଦୁଃଖ ଦେବା । ତଥାପି ନ ବୁଝିଲେ ନ ହେଉଛି । ସେ ଉପରେ କ'ଣ କରୁଛନ୍ତି, ଦେଖି ଆସେ ।

କିଛି ସମୟ ପରେ ହରିବାବୁ ଉପରୁ ଫେରିଆସି କହିଲେ, ଟିକିଏ ଆଜ୍ଞା ଅପେକ୍ଷା କରନ୍ତୁ, ମା' ଆସୁଛନ୍ତି ।

ରବିବାବୁ ତାଙ୍କୁ ଧନ୍ୟବାଦ ଜଣାଇ କହିଲେ - କିଛି ଭାବିବେ ନାହିଁ । ଏସବୁ ଗୁପ୍ତ ଖବର ପରା । ମାଆଙ୍କୁ ଦୟାକରି ଥରେ ପଚାରି ଆସନ୍ତୁ, ଏଠିକୁ ନ ଆସି ଅନ୍ୟ କୌଣସି ଘରକୁ ଯିବାକୁ ହେବ ।

ହରିବାବୁ ପୁନର୍ବାର ଉପରକୁ ଗଲେ ।

କିଛିସମୟ ପରେ ଫେରିଆସି କହିଲେ—ଆପଣ ଯଦି କିଛି ମନେ ନ କରନ୍ତି, ତାହାହେଲେ ଆପଣ ତାଙ୍କ ଶୋଇବା ଘରକୁ ଯାଇ ପାରନ୍ତି ।

ରବିବାବୁ ଉଠି କହିଲେ—ମୋର ଆପତ୍ତି କରିବାର କ'ଣ ଅଛି, ଚାଲନ୍ତୁ ।

ଉପର ମହଲାର ଶେଷ କୋଠରୀରେ ଆଶା ଦେବୀଙ୍କର ଶୋଇବା ଘର । ଘରକୁ ପଶିଗଲେ ଜଣାଯାଏ, ଏଇ କେଇଦିନ ଆଗରୁ ଘରଟି

Digitized by srujanika@gmail.com

ଯେପରି ସାଜସଜ୍ଜାରେ ପୂର୍ଣ୍ଣ ଥିଲା, ହଠାତ୍ ଅଯତ୍ନରେ ହତଶ୍ରୀ ହୋଇ-ଯାଇଛି । ଧନଞ୍ଜୟବାବୁଙ୍କ ସ୍ତ୍ରୀଙ୍କର ମଧ୍ୟ ସେଇ ଦଶା । ଯେପରି କେଇ ଦିନ ଭିତରେ ତାଙ୍କ ବୟସକୁ କିଏ ଦଶବର୍ଷ ଆଗକୁ ବଢ଼ାଇ ଦେଇଛି । ସବୁବେଳେ ଉଦାସ ଭାବ, ମୁହଁରେ ଦୁଃଖର ଛାପ ଘୋଟି ରହିଛି ।

ରବିବାବୁ ସେ ଘର ଭିତରକୁ ପଶି, ତାଙ୍କୁ ନମସ୍କାର କଲାକ୍ଷଣି ଆଶା ଦେବୀ ଖଟ ଉପର୍ରୁ ଶୋଇବା ଅବସ୍ଥାରୁ ଉଠିପଡ଼ି ମୁଣ୍ଡରେ ଲୁଗା ଦେଲେ ଏବଂ ନିକଟରେ ପଡ଼ିଥିବା ଚେୟାରରେ ବସିବାକୁ ରବିବାବୁଙ୍କୁ କହିଲେ ।

ରବିବାବୁ ଚେୟାରରେ ବସିପଡ଼ି ଟିକିଏ ନୀରବ ରହି ଆରମ୍ଭ କଲେ—ଆପଣଙ୍କର ଏ ଦୁଃଖ ଲାଘବ କରିବାକୁ ଭଗବାନଙ୍କ ଛଡ଼ା ଏ ଦୁନିଆଁରେ ଆଉ କେହି ନାହିଁ । ତେବେ ବର୍ତ୍ତମାନ ଶ୍ରେଷ୍ଠପନ୍ଥା ହେଉଛି, ଶତ୍ରୁକୁ କିପରି ବିନାଶ କରିବାକୁ ହେବ । ଆପଣ ଯଦି କିଛି ମନେ ନ କରନ୍ତି, ତାହାହେଲେ ମୁଁ ଆପଣଙ୍କୁ କେତୋଟି କଥା ପଚାରିବ ।

ଆଶାଦେବୀ ଦରଘା ସ୍ୱରରେ ଉତ୍ତର ଦେଲେ—ଆପଣ ମନଇଚ୍ଛା ପଚାରି ପାରନ୍ତି ।

ତା'ପରେ ରବିବାବୁ, ହରିବାବୁଙ୍କୁ ଚାହିଁ କହିଲେ—ଯେଉଁ ହତ୍ୟାକାରୀ ଦଳ ଏ କାଣ୍ଡ ଘଟାଇଛନ୍ତି, ସେମାନେ ଯେ ଆମ ଗତିବିଧି ଲକ୍ଷ୍ୟ କରୁ ନ ଥିବେ, ଇମିତି ନୁହେଁ । ଆପଣ ଦୟାକରି ଉପର ମହଲାକୁ ଯେପରି କେହି ନ ଆସନ୍ତି ତାର ବ୍ୟବସ୍ଥା କରି ଦିଅନ୍ତୁ ଏବଂ ଆପଣ ନିଜେ ଏଠିକୁ ଆସନ୍ତୁ ।

ହରିବାବୁ ଗୋଟାଏ ଚାକର ଟୋକାକୁ ତାଗିଦ୍ କରି କହିଲେ, ତୁ ଏହି ପାହାଚ ପାଖରେ ବସି ଥା, ଅନ୍ୟ ଚାକରବାକର ଯେପରି ବର୍ତ୍ତମାନ ଉପରକୁ ନ ଆସନ୍ତି ।

Digitized by srujanika@gmail.com

ତା' ପରେ ରବିବାବୁ ପ୍ରଥମ କରି ହରିବାବୁଙ୍କୁ ପ୍ରଶ୍ନ କଲେ, ସେଦିନ ଜମିଦାରବାବୁ ବରହମପୁର ଯାଉଥିଲେ କାହିଁକି ? ତାଙ୍କ ସଙ୍ଗରେ ସେଦିନ ପଚଶ ହଜାର ଟଙ୍କା ଥିବା କଥା କ'ଣ ସତ ?

ହରିବାବୁ ବିସ୍ମିତ ନେତ୍ରରେ ଅନାଇଁ ପ୍ରଶ୍ନ କଲେ—ଆପଣ କେମିତି ଜାଣିଲେ, ବାବୁ ପଚଶ ହଜାର ଟଙ୍କା ନେଉଥିଲେ ବୋଲି । ଆମର ମହାଜନୀ କାରବାର ଅଛି, ସେଠି ମଧ୍ୟ ଆମର ଘର ଅଛି । ସେଠାରେ ଜଣେ ଗୁମାସ୍ତା ରହନ୍ତି, ତାଙ୍କରି ଜରିଆରେ ସେଠିକା ବ୍ୟବସାୟୀମାନେ ଟଙ୍କା କରଜ କାରବାର କରନ୍ତି ।

ରବିବାବୁ ପୁଣି ପ୍ରଶ୍ନ କଲେ—ସେଦିନ ସେ ଟଙ୍କା ନିଜ ଘରୁ ଟ୍ରେଜେରିରୁ ପଠାଇ ନିଆଯାଇଥିଲା ନା ଜମିଦାରୀରୁ ଟଙ୍କା ଆଦାୟ ହୋଇ ଆସିଥିଲା, ଯାହାକି ଟଙ୍କା ନେବା ଆଣିବା କୌଣସି ବାହାର ଲୋକ ଜାଣିବାର ସୁବିଧା ପାଇଥିଲେ ?

ହରିବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ—ପଚଶ ହଜାର କାହିଁକି, ତିରିଶ ହଜାର ଟଙ୍କା ମୁଁ ସେଦିନ ନିଜ ହାତରେ ଆଣିଛି । ଜମିଦାରବାବୁ ବି ସେଦିନ କଚେରୀରେ ଥିଲେ । ସେ ଟଙ୍କା ହେଉଛି, ଜମିଦାରୀ ବନ୍ଧକ ବାବଦ ସୁଧ ଟଙ୍କା ।

କାହାର ଜମିଦାରୀ—ଜମିଦାରବାବୁଙ୍କ ପାଖରେ ବନ୍ଧକ ଥିଲା କି ? ରବିବାବୁ ପ୍ରଶ୍ନ କଲେ ।

ହରିବାବୁ, ପାନବଟାରୁ ପାନ ବାହାର କରି ଖଣ୍ଡେ ରବିବାବୁଙ୍କ ହାତକୁ ବଢ଼ାଇ ନିଜେ ଖଣ୍ଡେ ଖାଇଲେ । ତାପରେ କଥାକୁ ଚଞ୍ଚଳ କହିବା ପାଇଁ ଆରମ୍ଭ କଲେ ଆପଣ ଜାଣନ୍ତି ନାହିଁ, ସେସବୁ ଅନେକ କଥା । ବାଲେଶ୍ୱର ପ୍ରତାପପୁର ଜମିଦାର ଉଦୟନାରାୟଣବାବୁ

Digitized by srujanika@gmail.com

ତାଙ୍କ ଜମିଦାରୀ ଆମ ପାଖରେ ବନ୍ଧକ ରଖି କୋଡ଼ିଏ ହଜାର ଟଙ୍କା ନେଇଥିଲେ । ମଝିରେ ମଝିରେ ସାମାନ୍ୟ ଅସୁଲ ଦେଇ ନାଲିଶକୁ ଏଡ଼ି ଦେଉଥିଲେ । ଗଲା ଦୁଇମାସ ତଳେ ବାବୁ ଓ ମୁଁ ପରାମର୍ଶ କରି ତାଙ୍କୁ ଖବର ଦେଲୁ · ଏପରି କରିବା ଠିକ୍ ହେଉ ନାହିଁ । ସୁଧ ମୂଳ କରି ତିରିଶି ହଜାର ଟଙ୍କା ହୋଇଗଲାଣି, ତତ୍‌କାଳ ପରିଶୋଧ କରନ୍ତୁ, ନଚେତ୍ ଜମିଦାରୀର ଯାହା ମୂଲ୍ୟ ହେବ, ତାହା ତିରିଶି ହଜାର ଟଙ୍କା ବାବୁ ଦେଇ ବାକି ଟଙ୍କା ନେଇ ଜମିଦାରୀକୁ ବିକ୍ରୀ କରି ଦିଅନ୍ତୁ ।

ଏ ସମ୍ବାଦ ତାଙ୍କ ପାଖକୁ ପଠାଇବାର ପନ୍ଦରଦିନ ପରେ ଉତ୍ତର ଆସିଲା--ମୋ ଜମିଦାରୀର ମୂଲ୍ୟ ଏକଲକ୍ଷ ଟଙ୍କା ହେବ । ଯଦି ଆପଣ ନେବାକୁ ଇଚ୍ଛୁକ ଅଛନ୍ତି, ତାହାହେଲେ ସୁଧରୁ ଅନ୍ତତଃ ପାଞ୍ଚ ହଜାର ଟଙ୍କା କାଟି ଦେଇ ବାକି ଯାହା ହେବ, ତାହା ମଞ୍ଜୁର ଦେବାକୁ ମୁଁ ପଛାଇବି ନାହିଁ ।

ତାଙ୍କ ଚିଠି ପାଇ ବାବୁ ଓ ମୁଁ ପରାମର୍ଶ କରି ଠିକ୍ କଲୁ, ଯଦି ଅଶୀହଜାର ଟଙ୍କାରେ ଜମିଦାରୀ ବିକ୍ରୀ କରିବେ, ତାହାହେଲେ ଆମେ ନେବୁ ଏବଂ ସୁଧ ବାବଦକୁ ଏକହଜାର ଟଙ୍କା ଛାଡ଼ି ଦେବୁ । ଏକଥା ତାଙ୍କୁ ଜଣାଇ ଚିଠି ଦେଲୁ । ଆମେ ଭାବିଥିଲୁ, ସେ ସେଥିରେ ରାଜି ହୋଇଯିବେ । କାରଣ ସେହି ଜମିଦାର ଜଗଦୀଶନାରାୟଣବାବୁ ଟଙ୍କା ପାଇଁ ସବୁବେଳେ ପାଗଳ । ତାପରେ ହରିବାବୁ ଟିକିଏ ବିସ୍ମିତ ହେଲାପରି କହିଲେ—ତାଙ୍କ କଥା ଆମେ କିଛି ବୁଝିପାରି ନାହୁଁ । ସେ ନିଜ ଜମିଦାରୀ ପ୍ରତାପପୁରଠାରେ ନ ରହି, କାହିଁକି ଯେ ସମୁଦ୍ରକୂଳ ଗୁନ୍ଦପୁରଠାରେ ଏକ ସୁନ୍ଦର କୋଠା ତିଆରି କରିଛନ୍ତି, ସେ ଜାଣନ୍ତି । ପଇଁତିରିଶି ବର୍ଷ ହେଲାଣି, ବିବାହ ବି ହୋଇ ନାହାନ୍ତି । ଭୂତକୋଠି ଭଳି ବିରାଟ ଘରେ ସେ ନିଜେ ଓ ତାଙ୍କ ଚାକରବାକର କେଇଜଣ । ତା ଛଡ଼ା ବାଘ, ଭାଲୁ ପୋଷିବାରେ ତାଙ୍କର ଭାରି ସଉକ୍ । ଖାଲି ହେଁଗଣ୍ଡା କାଷ

Digitized by srujanika@gmail.com

ଝାଲୁଙ୍କୁ । ସେ ଘରେ ଖାଇବାକୁ ଦେଇ ପୋଷିଛନ୍ତି । ଜମିଦାରଙ୍କର କାମଭିତରେ ସକାଳୁ ସଞ୍ଜଯାଏ ଗୋଟାଏ ଘରେ କବାଟ କିଳି ବହି ପଢ଼ିବା । ମୁଁ ଥରେ ଅଜ୍ଞା, ଏ ଟଙ୍କା ପଇସା ବିଷୟ ନେଇ ସେଠିକୁ ଯାଇଥିଲି । ଦେଖିଲି—ଦଶ ଗଣ୍ଡା ହେବ ବହି, ତାରି ମଝିରେ ସେ ପୋକ ଭଳି ବସିଛନ୍ତି । ଲୋକ ସ୍ୱଭାବରେ ଖରାପ ଲୋକ ନୁହନ୍ତି । ଅତିଥି ଅଭ୍ୟାଗତ ଯିଏ ଗଲା, ରାଜାଘରଭଳି ତାର ଚର୍ଚ୍ଚା କରିବେ ।

ରବିବାବୁ, ଏକଥା ହରିବାବୁଙ୍କ ମୁହଁରୁ ଶୁଣୁଥିଲାବେଳେ ଆଶା ଦେବୀଙ୍କ ମୁହଁକୁ ଚାହିଁ ଲକ୍ଷ୍ୟ କରିଛନ୍ତି—ତାଙ୍କର ମୁହଁ ଆଗ ଅପେକ୍ଷା ଅସ୍ୱାଭାବିକ ଭାବରେ ବଦଳି ଗଲା । ମୁହଁରେ ବିରକ୍ତିର ଚିହ୍ନ । ସେ ଯେପରି ଏସବୁ କଥା ଶୁଣିବାକୁ ନାରାଜ । ରବିବାବୁଙ୍କ ମନରେ ସ୍ୱତଃ କିପରି ଏକ ଧାରଣା ଜମାଟ ବାନ୍ଧୁଥିଲା, ଏହି ହତ୍ୟାକାଣ୍ଡ ପଛରେ ଏହିସବୁ ଘଟଣାର ଯେପରି କୌଣସି ସମ୍ପର୍କ ଅଛି ।

ରବିବାବୁ ଆଗ୍ରହ ଦେଖାଇ କହିଲେ —ତା ପରେ ? ତାହାହେଲେ ଉଦୟନାରାୟଣବାବୁ ଏକ କିମ୍ଭୂତକିମାକାର ଲୋକ··· ।

ହରିବାବୁ ଠିକଏ ଆଗ୍ରହ ଦେଖାଇ କହିଲେ—ହଁ ଅଜ୍ଞା, ବଡ଼ ଅଦ୍ଭୁତ ଲୋକ । ହର ମାୟା ଅଜ୍ଞା, ନାରାୟଣଙ୍କ ଅଗୋଚର । ନୋହିଲେ ଜମିଦାରୀକୁ ବନ୍ଧା ଦେଇ, ବହିପତ୍ର କିଣି, ବାଘ ଭାଲୁ ପୋଷି ପୁଣି ସଉକ କରୁଥାନ୍ତେ !

ରବିବାବୁ କଥା ପକାଇଲେ ତାହାହେଲେ ଉଦୟନାରାୟଣବାବୁଙ୍କ ସ୍ୱଭାବରେ ଆପଣମାନେ କ'ଣ ରାଜି ହେଲେ ନାହିଁ ? ହରିବାବୁ ଉତ୍ତର ଦେଲେ— ସେ ବଡ଼ ମନୁଆ ଲୋକ, ହଠାତ୍ କଣ ଭାବିଲେ କେଜାଣି, ଚିଠି ଲେଖିଲେ— ଉଦୟନାରାୟଣ ଗଞ୍ଜେଡ଼ିକ ମଦ୍ୟପି ନୁହେଁ । ଆପଣ ଏକ ହଜାର ଟଙ୍କା ସୁଧ ଛାଡ଼ ଦେବାପାଇଁ

Digitized by srujanika@gmail.com

ଯେଉଁ ଦୟା ଦେଖାଇଛନ୍ତି, ସେ ଦୟା ମୁଁ ଗ୍ରହଣ କରିବାକୁ ରାଜି ନୁହେଁ । ଉଦୟନାରାୟଣ ସର୍ବସ୍ୱ ଦାନ କରି ଜାଣେ; କିନ୍ତୁ ଆପଣଙ୍କ ଭଳି ହୃଦୟହୀନ ଲୋକଙ୍କଠାରୁ ଦାନ ଗ୍ରହଣ କରିବାକୁ ସେ ଶିଖି ନାହିଁ । ମୁଁ ଆଜିଠାରୁ ଏକମାସ ମଧ୍ୟରେ ଆପଣଙ୍କ ଟଙ୍କା ପରିଶୋଧ କରି, ମୋର ଜମିଦାରୀକୁ ମୁକୁଳାଇ ଆଣିବି ।

ରବିବାବୁ ଏକଥା ଶୁଣୁ ଶୁଣୁ ତାଙ୍କ ମୁଖ ଉଜ୍ଜ୍ୱଳ ହୋଇ ଉଠୁଥିଲା । କିନ୍ତୁ ମନର ଭାବକୁ ଲୁଚାଇ ରଖି ସାଧାରଣ ଭାବରେ କହିଲେ ତାହାହେଲେ ଉଦୟନାରାୟଣ ବଡ଼ ରାଗି ଲୋକ, ନଚେତ୍ ଅସମୟରେ କୋଡ଼ିଏ ହଜାର ଟଙ୍କା ନେଇ ଇମିତି ଉତ୍ତର ଦିଅନ୍ତେ କାହିଁକି ! ତା'ପରେ ହାତଘଡ଼ିକୁ ଚାହିଁଲେ—ଆଠଟା ବାଜିଲାଣି । ତା ଛଡ଼ା ଏକଥା ହରିବାବୁ କହି ଚାଲିଥିବା ବେଳେ, ଆଶାଦେବୀ ଭଦ୍ରତା ଖାତିରରେ କିଛି ନ କହିଲେ ବି ଭିତରେ ଭିତରେ ଏସବୁ କଥା ଶୁଣିବାକୁ ଯେ ସେ ଇଚ୍ଛା କରୁନାହାନ୍ତି, ତାହା ତାଙ୍କ ମୁଖରୁ ବେଶ୍ ଜଣା ପଡୁଥିଲା । ତେଣୁ ରବିବାବୁ ବେଶି ସମୟ ସେଠାରେ ଏ ବିଷୟରେ କଥାବାର୍ତ୍ତା ହେବାକୁ ଆଉ ଇଚ୍ଛା କଲେ ନାହିଁ । ସଂକ୍ଷେପରେ କଥାକୁ ସାରିଦେବା ପାଇଁ ପଚାରିଲେ—ଉଦୟନାରାୟଣବାବୁ ବୋଧହୁଏ ଜମିଦାରବାବୁଙ୍କର ଅନେକ ଦିନରୁ ଚିହ୍ନାପରିଚିତ ଥିଲେ ?

ହରିବାବୁ କଥାଟାକୁ ହେୟଜ୍ଞାନ କଲାପରି କହିଲେ - ସେ ଆମର ଆଦୌ ଚିହ୍ନାପରିଚିତ ନ ଥିଲେ, କେବଳ ମାଆଙ୍କ ଯୋଗୁ ତାଙ୍କୁ ଚିହ୍ନିବା କଥା ।

ଏ କଥାକୁ କେନ୍ଦ୍ର କରି କେତେ କଥା ପଚାରିବାକୁ ରବିବାବୁଙ୍କର ଇଚ୍ଛା ହେଉଥିଲେ ବି, ଅଳ୍ପସମୟରେ କଥାକୁ ସାରି ଦେବାପାଇଁ ଆଶାଦେବୀଙ୍କ ଆଡ଼କୁ ଚାହିଁ ନରମ ଗଳାରେ ପ୍ରଶ୍ନ କଲେ—ଉଦୟ-

Digitized by srujanika@gmail.com

ନାରାୟଣବାବୁ ବୋଧହୁଏ ଆପଣଙ୍କର କିଛି ବନ୍ଧୁ ବାନ୍ଧବ ହେବେ ।
ଆପଣ ଏଠିକୁ ଆସିବା ପୂର୍ବରୁ ବୋଧହୁଏ ଚନ୍ଦ୍ରପରିଚିତ ଥିଲ ।

ଆଶା ଦେବୀ ହଠାତ୍ ଏଭଳି ପ୍ରଶ୍ନରେ ଇତସ୍ତତଃ ହୋଇଗଲେ ବି ନିଜର ମନର ଭାବକୁ ଘୋଡ଼ାଇ ରଖି କହିଲେ—ସେ ଆମର ଖୁବ୍ ଦୂର ସମ୍ପର୍କୀୟ ବନ୍ଧୁ ବାନ୍ଧବ । ମୁଁ ଏଠିକୁ ନ ଆସିବା ଆଗରୁ ପ୍ରତି ଛୁଟିରେ ସେ ଆମ ଘରକୁ ବୁଲି ଆସୁଥିଲେ । ସେତେବେଳେ ବର୍ତ୍ତମାନ ପରି ତାଙ୍କର ସ୍ୱଭାବ ନ ଥିଲା ! ତାଙ୍କର ବାପ, ମା, ମରିବା ପରେ କେଜାଣି କାହିଁକି, ତାଙ୍କର ସ୍ୱଭାବ ଏମିତି ବଦଳିଗଲା ଯେ, ସେ ଜମିଦାରି ବନ୍ଧକ ରଖି ଏବଂ ଅନ୍ୟ ଯେଉଁଠି ଯାହା ଧନରତ୍ନ ଥିଲା ସବୁ ବିକାଭାଙ୍ଗି ଖର୍ଚ୍ଚ କରିବାରେ ଲଗିଲେ ।

ରବିବାବୁ, ଆଶା ଦେବୀଙ୍କୁ ଏ ବିଷୟରେ ଶତ ଶତ ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଥିଲେ ବି ଜାଣି ଶୁଣି ପଚାରିଲେ ନାହିଁ । ତାଙ୍କର ସେତେବେଳକୁ ଧାରଣା ଜନ୍ମି ଆସୁଥିଲା—ଏ ବିଷୟରେ ନିଶ୍ଚୟ କିଛି ଗୁପ୍ତ ରହସ୍ୟ ଅଛି । ଆଶା ଦେବୀଙ୍କୁ ଏ ବିଷୟରେ ଘୁରେଇ ଫୁରେଇ ପଚାରିବା ମାନେ ସେ ମନରେ କୌଣସି ସନ୍ଦେହ କରିପାରନ୍ତି । ତେଣୁ ରବିବାବୁ ଆଶା ଦେବୀଙ୍କୁ କଥାରେ ଆଗ୍ରହ ଦେଖାଇ କହିଲେ—ସେଥିପାଇଁ ସୁବିଧା ନେଇ ଉଦୟନାରାୟଣବାବୁ ଏଠାରୁ କରଜ ନେଇଛନ୍ତି । ନଚେତ୍ ଆଖପାଖର ଜମିଦାର, ରାଜା, ମହାରାଜାଙ୍କଠାରୁ କରଜ ନ ନେଇ ଏଠିକୁ ଆସିଥାନ୍ତେ କାହିଁକି ।

ହରିବାବୁ, ରବିବାବୁଙ୍କ କଥାରେ ସମ୍ମତି ଜଣାଇ କହିଲେ, ସେଇଆ ତ ପ୍ରକୃତ କଥା ଆଜ୍ଞା !

ରବିବାବୁ ଘଣ୍ଟାକୁ ଅନାଇଁଲେ ଛ ଅଟା ବାଜିବାକୁ ଉପରେ । ଆଶା ଦେବୀଙ୍କୁ ଆଉ କିଛି ପଚାରିବାକୁ ତାଙ୍କର ଇଚ୍ଛା ହେଲା ନାହିଁ । କାରଣ

Digitized by srujanika@gmail.com

ଏ ବିଷୟରେ ଆଗ ଅନ୍ୟ ସ୍ଥାନରୁ ଖବର ସଂଗ୍ରହ କରିବା ଉଚିତ। ତାପରେ ସେ ଉଠିପଡ଼ି କହିଲେ —ରାତି ବେଶି ହେଲାଣି, ଯାଉଛି ଆଜ୍ଞା! ଆପଣଙ୍କର ଏ ଦୁଃଖ ସମୟରେ ଏଣୁ ତେଣୁ ପଚାରି ବିରକ୍ତ କରି ବୋଲି କିଛି ଭାବିବେ ନାହିଁ। ତେବେ, ଯଦି କେବେ ଦରକାର ପଡ଼େ, ତାହାଲେ ମୁଁ ପୁଣି ଆପଣଙ୍କୁ ବିରକ୍ତ କରିବାକୁ ଆସିବି।

ଆଶା ଦେବୀ ଗମ୍ଭୀର ଭାବରେ ଉତ୍ତର ଦେଲେ—ଆପଣଙ୍କ ଇଚ୍ଛା !

ରବିବାବୁ, ଆଶା ଦେବୀଙ୍କୁ ନମସ୍କାର କରି ଘରୁ ବାହାରି ଆସିଲେ, ତାଙ୍କ ପଛେ ପଛେ ହରିବାବୁ। ରବିବାବୁ, ହରିବାବୁଙ୍କଠାରୁ ବିଦାୟ ହୋଇଯିବା ଆଗରୁ ତାଙ୍କ ସହିତ ହାତ ମିଳାଇ ଖୁସି ମନରେ କହିଲେ —ଆପଣଙ୍କର ଭଦ୍ରବ୍ୟବହାର କଦାପି ମୁଁ ଭୁଲି ପାରିବି ନାହିଁ। ଆଜି ବେଳଥିଲେ ଅନ୍ୟ କିଛିସମୟ କଥାବାର୍ତ୍ତା ହୋଇଥାନ୍ତା। ଉଦୟନାରାୟଣ ବାବୁ କିପରି ପୁଣି ଟଙ୍କା ଖଟିଦେଲେ, ସେ ସବୁକଥା ଆପଣଙ୍କ ମୁହଁରୁ ଶୁଣିବାକୁ ମୋର ବଡ଼ ଆଗ୍ରହ। କାଲି କେତେବେଳକୁ ଆପଣଙ୍କ ସହିତ ସାକ୍ଷାତ ମିଳିବ — କୁହନ୍ତୁ ଆଜ୍ଞା !

ହରିବାବୁ, ଜଣେ ପୋଲିସ ଅଫିସରଙ୍କ 'ମୁଖରୁ ନିଜର ପ୍ରଶଂସା ଶୁଣି, ରବିବାବୁଙ୍କ ପ୍ରତି ସେ ମୋହିତ ହୋଇ ଯାଇଥିଲେ। ରବିବାବୁଙ୍କ ପ୍ରଶ୍ନରେ ଆଗ୍ରହ ଦେଖାଇ କହିଲେ—କାଲି ଖାଇପିଇ ଦିନ ଗୋଟାଏ ବେଳକୁ ଆସନ୍ତୁ। ନଟବରଙ୍କ ସମୟରେ ମୋ ବସାରେ ବସି ଗପସପ ହେବା।

ରବିବାବୁ କୃତ୍ରିମ ହସ ହସି କହିଲେ—ଧନ୍ୟବାଦ୍, ମୁଁ ଠିକ୍ ସମୟରେ ଆସି ପହଞ୍ଚିବି।

Digitized by srujanika@gmail.com

ସେଦିନ ରବିବାବୁ ଖାଇପିଇ ଶୋଇଲେ; କିନ୍ତୁ ଅନେକ ରାତିଯାଏ ତାଙ୍କ ଆଖିକୁ ନିଦ ଆସିଲା ନାହିଁ । କ'ଣ ତେବେ ଘଟଣା ? କରଜ ଫୁଟିବା ପରେ ପରେ ଏ ହତ୍ୟାକାଣ୍ଡ ଘଟିଲା କାହିଁକି ? ଉଦୟନାରାୟଣଙ୍କ କଥା ପଡ଼ିଲେ ଆଶା ଦେବୀଙ୍କର ମୁହଁ ଅସ୍ୱାଭାବିକ ଭାବରେ ବଦଳି ଯିବାର କାରଣ କଣ ? ଉଦୟନାରାୟଣ ଏତେ ବଡ଼ ଜମିଦାର, ପୁଣି ଉଚ୍ଚଶିକ୍ଷିତ ଥିଲେ ବି ବିବାହ ହେଲେ ନାହିଁ କାହିଁକି ? କଲେଜର ପ୍ରତ୍ୟେକ ଛୁଟିରେ ସେ କେଉଁ ଆଶାରେ ଆଶା ଦେବୀଙ୍କ ଘରକୁ ଦଉଡ଼ୁଥିଲେ । ଆଶା ଦେବୀଙ୍କ ବୟସ ସେତେବେଳେ ନିଶ୍ଚୟ ପନ୍ଦର ଷୋଳ ହୋଇଥିବ । ପୁଣି ଧନଞ୍ଜୟ-ବାବୁଙ୍କର ମୁଣ୍ଡ ତାଙ୍କୁ ଉପହାର ଦିଆ ଯାଉଛି କାହିଁକି ? ଏ ସବୁକଥା ତାଙ୍କ ମନରେ ବୁଢ଼ିଆଣୀଜାଲ ପରି ଛନ୍ଦି ହେଉଥିଲା ।

ରାତି ଏଗାରଟା ବାଜିଥିଲେ ବି ରବିବାବୁଙ୍କ ଆଖିକୁ ନିଦ ଆସୁ ନ ଥିବାରୁ ତାଙ୍କ ସ୍ତ୍ରୀ ହେମଲତା ଅଭିମାନ କରି ମୁହଁବୁଲାଇ କହିଲେ, କ'ଣ ଏତେ ଭାବୁଛ ଶୁଣେ ! ଏତେ ରାତିରେ ଶୋଇଲାବେଳେ ବି ଉପରକୁ ଚାହିଁ ସେଇ ଭାବନା । ଇମିତି ଯଦି ସରକାରର ସଚ୍ଚା କର୍ମଚାରୀ ପାଲଟିବାକୁ ଇଚ୍ଛା ଥିଲା, ତାହାହେଲେ କାହିଁକି ଯୁବତୀ ସ୍ତ୍ରୀର ହାତ ଧରିଲ ? କେତେବେଳେ ଟିକିଏ ହେଲେ ହସଖୁସିରେ ଗପସପ ହେବାକୁ ତମକୁ ବେଳ ମିଳୁନାହିଁ ?

ରବିବାବୁ ଭାବନା ରାଜ୍ୟରୁ ଫେରିଆସି ହସ ହସ ହୋଇ ସୋହାଗରେ ନିଜ ଆଡ଼କୁ ହେମଲତାକୁ ଆଉଜାଇ ଆଣି କହିଲେ, ମୋର ଭୁଲ ହୋଇଛି —ହେମ ! ମୁଁ ଭାବୁଥିଲି, ତମେ ଶୋଇ ଯାଇଛ ବୋଲି । ମୁଁ ଚେଇଁବା ସଙ୍ଗେ ସଙ୍ଗେ ତମେ ବି ଚେଇଁଛ ନା ? ମୋର ରାଣୀ; କ'ଣ କହିବ ପରା କୁହ ?

Digitized by srujanika@gmail.com

ସ୍ୱାମୀଙ୍କର ବାରମ୍ବାର ସୋହାଗରେ ହେମଲତା ଅଭିମାନ-ଭଙ୍ଗୀରେ କହିଲେ—ତିନି ମାସ ହେଲା ପଣ କରିଲଣି ରମେଶବାବୁ ସ୍ତ୍ରୀଙ୍କର ଯେମିତି ଦୁଲ ଯଥା ହୋଇଛି, ସେମିତି ମୋତ ଯୋଡ଼ିଏ କରି ଆଣି ଦେବାକୁ । ସବୁ ମାସରେ କହୁଛ, କରୁନା । ଏଇ ଦଶହରାକୁ ନିଶ୍ଚୟ କରିଦେବ ।

ରବିବାବୁ, ସ୍ତ୍ରୀଙ୍କର କଥାରେ ମନେ ମନେ ଭାବୁଥିଲେ, ତାଙ୍କର କରିବାରେ କଣ ସନ୍ଦେହ ନାହିଁ; କିନ୍ତୁ ଅଣ୍ଟୁଛି କୁଆଡ଼ୁ । ଆଉ ମାସର ଆହୁରି ୫୦ ଟଙ୍କା ଦୋକାନୀର ବାକି ଅଛି । ଏ ପୁଣି ଦଶହରା ମାସ । ସବୁଆଡ଼ୁ ଖର୍ଚ୍ଚର ସୁଅ ଛୁଟିବ, ପୁଣି ଦୁଲ ନ କଲେତ ନ ଚଳେ ! ମନର ଭାବନାକୁ ମନରେ ମାରି ପଚାରିଲେ—ସେ ଦୁଲ ଦୁଇଟା କେତେ ସୁନାରେ ହୋଇଯିବ ?

ହେମଲତା ଖୁସି ହୋଇ କହିଲେ—ବାରଣ ଓଜନ ହେଲେ ହେବ ।

ରବିବାବୁ—କହିଲେ ହଉ, ଦଶହରାକୁ ନିଶ୍ଚୟ ମିଳିବ ।

ତହିଁ ଆରଦିନ ରବିବାବୁ ଖାଇ ପିଇ ଏଗାରଟା ବେଳକୁ ଅଫିସ ବାହାରିଗଲେ । ସେଠି ରାଧାସହଦାସବାବୁଙ୍କ ସହିତ କେତେକ ପରାମର୍ଶ କରି ସିଧା ସାଇକେଲ ଚଳାଇଲେ ଧନଞ୍ଜୟବାବୁଙ୍କ ଘର-ଆଡ଼େ । ଫାଟକ ଖୋଲି ତାଙ୍କ ବାରଣ୍ଡା ଉପରକୁ ଉଠିଯାଇ ଜଣେ ଚାକରକୁ ପଚାରିଲେ—ହରିବାବୁ କେଉଁଠି ଅଛନ୍ତି, ତାଙ୍କୁ ଡାକ ଦିଅ ।

ଚାକର ଟୋକାଟି କହିଲା—ବାବୁ ମୋତେ ଏଠି ବସାଇ, କ'ଣ କାମରେ ବାହାରକୁ ଯାଇଛନ୍ତି । କହିଛନ୍ତି—ଆପଣ ବୈଠକଖାନାରେ ବସନ୍ତୁ, ସେ ଏଇକ୍ଷଣି ଆସିବେ । ହରିବାବୁ ତାଙ୍କ ସାଇକେଲଟା ଉପରକୁ ଉଠାଇ ଆଣିବାକୁ କହି ବୈଠକଖାନାରେ ବସିଲେ ।

Digitized by srujanika@gmail.com

ପ୍ରାୟ ପନ୍ଦର ମିନଟ ପରେ ହରିବାବୁ ଆସି ପହଞ୍ଚିଲେ । ରବି-ବାବୁଙ୍କୁ ଦେଖି କହିଲେ—ମୁଁ ଜାଣେ, ଆପଣ ଠିକ୍ ସମୟରେ ଆସିଥିବେ । ତେବେ କଣ କରିବି ଆଜ୍ଞା, ଘରୁ ଚିଠି ଆସିଲା, ଜରୁରି କ'ଣ ପଚିଶଟା ଟଙ୍କା ଦରକାର । ନ ଦେଲେ ନ ଚଳେ । ଡାକଘରୁ ତ ସିଧା ମୁଁ ପଠାଇ ଦେଉଛି ।

ହରିବାବୁ କଥାରେ ରବିବାବୁଙ୍କର ସନ୍ଦେହ କରିବାର କିଛି ନ ଥିଲା । ସେ ଆନନ୍ଦ ପ୍ରକାଶ କରି କହିଲେ—ମୁଁ ତ ବେଶି ସମୟ ବସିନାହିଁ । ଦଶ ପନ୍ଦର ମିନଟ ମଧ୍ୟରେ ଆପଣ ଆସିଗଲେ ।

ହରିବାବୁ ଆଉ ଖଣ୍ଡେ ଚେୟାରରେ ବସିପଡ଼ି ସଙ୍ଗେ ସଙ୍ଗେ ପଚାରିଲେ—ଏଇଠି ବସି ଗପସପ ହେବା; ନା ମୋ ବସାକୁ ଯିବା ?

ରବିବାବୁ ଖୁସି ମନରେ ଉତ୍ତର ଦେଲେ—ଆପଣ ଯେଉଁ ସ୍ଥାନକୁ ନିରୋଳା ମନେ କରୁଛନ୍ତି, ସେଇଠିକୁ ଚାଲନ୍ତୁ ।

ହରିବାବୁ ଉଠିପଡ଼ି କହିଲେ—ତାହାହେଲେ ମୋ ବସାକୁ ଚାଲନ୍ତୁ । ପ୍ରକୃତରେ ହରିବାବୁଙ୍କ ବସା ସେହି ହତା ଭିତରେ ବଡ଼ ନିରୋଳା ଯାଗାରେ ଥିଲା । ତାଙ୍କ ବସାରେ ଦୁହେଁ ଦୁଇଖଣ୍ଡ ଚେୟା-ରରେ ବସିପଡ଼ିଲା ପରେ ହରିବାବୁ ପ୍ରଶ୍ନ କଲେ—କାଲି କେଉଁଯାଏ କଥା ପଡ଼ିଥିଲା, ଆପଣଙ୍କର ମନେ ଅଛି ଆଜ୍ଞା ?

ରବିବାବୁ କଥାଟିକୁ ଟିକିଏ ମନେ ପକାଇଲାପରି ହୋଇ କହିଲେ, ଆପଣ ଉଦୟନାରାୟଣବାବୁଙ୍କୁ ଲାଗି ଚିଠି ଦେବା କଥା ତ କହିଥିଲେ ।

ହରିବାବୁ ଉତ୍ତେଜିତ ସ୍ୱରରେ କହିଲେ—ତାଙ୍କ ରାଗକୁ ଆମ ବାବୁଙ୍କର ରାଗ ତ କମ୍ ନୁହେଁ ! ଆମ ବାବୁ କାଉଁରିଆ କାଠ, ଜିଦ୍ ଧରିଲେ ଖାଇଁ ଯିବେ ପଛକେ, ନଇଁବେ ନାହିଁ । ସଙ୍ଗେ ସଙ୍ଗେ ତାଙ୍କ ନାମରେ ନାଲିସ୍ ହେଲା । ସତ କଥା ଅଜ୍ଞା, ଆମର ବିଶ୍ୱାସ ଥିଲା,

Digitized by srujanika@gmail.com

ସେ କଦାପି ଟଙ୍କା ଫୁଟିପାରିବେ ନାହିଁ; କିନ୍ତୁ ମକଦ୍ଦମା ଶେଷ ତାରିଖ ଦିନ ତାଙ୍କର ଜଣେ ଲୋକ ବିନା ଆପତ୍ତି ଓଜରରେ ଆମର ସୁଧ ମୂଳ ସମ୍ବନ୍ଧ ଡ଼ିଗ୍ରୀ ହୋଇଥିବା ଟଙ୍କା ଦାଖଲ କରିଦେଲା ।

ରବିବାବୁ ପ୍ରଶ୍ନ କଲେ—ସେ ଟଙ୍କା କେଉଁଠୁ ଆଣିଲେ, ଆପଣ ଶୁଣାଶୁଣିରେ ଜାଣିଛନ୍ତି କିଛି ?

ହରିବାବୁ ଟିକିଏ ରହି କହିଲେ—ମୁଁ ସେକଥା ଆଜ୍ଞା ଜାଣିବାକୁ ଚେଷ୍ଟା କରିନାହିଁ ।

ରବିବାବୁ ପୁଣି ପ୍ରଶ୍ନ କଲେ – ହତ୍ୟାକାଣ୍ଡ ଯେଉଁଦିନ ଘଟିଲା, ସେଦିନକୁ କଚେରୀରୁ ଟଙ୍କା ଉଠାଇବାର କେତେଦିନ ହୋଇଥିଲା ?

ହରିବାବୁ ଟିକିଏ ଚିନ୍ତା କରି କହିଲେ—ତିନି ଚାରିଦିନରୁ ବେଶି ହେବ ନାହିଁ । ତାପରେ ସେ ବିସ୍ମିତ ହୋଇ ରବିବାବୁଙ୍କୁ ପଚାରିଲେ ଏସବୁ କଥା କାହିଁକି ବୁଝୁଛନ୍ତି ଆଜ୍ଞା ! ଆପଣ କଣ ଭାବୁଛନ୍ତି, ଏ ହତ୍ୟାକାଣ୍ଡ ସମ୍ବନ୍ଧ ସେମାନଙ୍କର କିଛି ସମ୍ପର୍କ ଅଛି !

ରବିବାବୁ କଥା ବୁଲେଇ କହିଲେ—ହତ୍ୟାକାଣ୍ଡ ସମ୍ବନ୍ଧ ସେମାନଙ୍କର କିଛି ସମ୍ପର୍କ ନାହିଁ ସତ; କିନ୍ତୁ ମୁଁ ପଚାରୁଥିଲି, ଯଦି ଟଙ୍କା ଅଣିବାବେଳେ କୌଣସି ବଦମାସ୍ ଲକ୍ଷ୍ୟ କରିଥାଏ, ତାହାର ଅନୁସନ୍ଧାନ କରିବାକୁ ହେବ । ତାପରେ ଅନ୍ୟ ବିଷୟ ନେଇ ଏଣୁତେଣୁ ଗପ ପଡ଼ିଲା । କିଛି ସମୟ ପରେ କଥା ମଝିରେ ରବିବାବୁ ପଚାରି ଦେଲେ, ସେ ଉଦୟନାରାୟଣବାବୁ କେତେଦିନ ହେଲା ଏଠିକୁ ଆସି ନାହାନ୍ତି ?

ହରିବାବୁ ଉତ୍ତର ଦେଲେ—ଅନେକଦିନ ଆଗେ ଥରେ କି ଦୁଇଥର ଆସିଥିଲେ । ତାପରେ ଟଙ୍କା କାରବାର ତାଙ୍କ କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଜରିଆରେ ହୋଇଛି ।

Digitized by srujanika@gmail.com

ରତ୍ନବାବୁ ଯିବାକୁ ଚେଷ୍ଟାର ଗ୍ରଣ୍ଡ, ହରିବାବୁଙ୍କୁ କୃତଜ୍ଞତା ଜଣାଇ କହିଲେ—ମୁଁ ଆପଣଙ୍କର ସମୟ ନଷ୍ଟ କରିଥିବାରୁ କିଛି ଭାବବେ ନାହିଁ । ଦରକାର ହେଲେ ପୁଣି ଦେଖାସାକ୍ଷାତ୍ ହେବ ।

ରତ୍ନବାବୁ ସିଧା ସାଇକେଲ ଧରିଲେ ଷ୍ଟେସନ ବାଟେ ଫେରି ଆସିବାକୁ । ତାଙ୍କ ମନରେ ପ୍ରଶ୍ନ ଜାଗି ଉଠିଛି, ସେ ଶୀଘ୍ର ଆଶା ଦେବୀଙ୍କ ନିଜ ଘର ଓ ଉଦୟନାରାୟଣଙ୍କ ଘରକୁ ଛଦ୍ମବେଶରେ ଯିବେ । ଆଶା ଦେବୀ ଓ ଉଦୟନାରାୟଣଙ୍କର କି ସମ୍ପର୍କ, ସେକଥା ତାଙ୍କର ବୁଝିବା ନିତାନ୍ତ ଦରକାର ।

ଷ୍ଟେସନରୁ କିଛିବାଟ ଆସି ଗୁଜଳିଆ ଗଞ୍ଜ ପୋଷ୍ଟଅଫିସ ନିକଟରେ ଦେଖିଲେ—ସେଠାରେ ଥିବା ଗୋଟିଏ ବରଗଛମୂଳେ ପ୍ରାୟ କୋଡ଼ିଏ ଜଣ ଭିକ୍ଷୁକ ବସିଛନ୍ତି । ସମସ୍ତଙ୍କ ହାତରେ ଭିକ୍ଷା-ପାତ୍ର । ତାଙ୍କ ମଝିରେ ଠିଆ ହୋଇଛି ସ୍ତ୍ରୀକୁ ନେଇ ଭିକ୍ଷା କରୁଥିବା ଜଣେ ପଶ୍ଚିମା ଯୁବକ । ତା ମୁଣ୍ଡରେ ପଗଡ଼ି । ଦେହରେ ରଙ୍ଗ ବେ-ରଙ୍ଗ କମିଜ । ପଛରେ ହାରମୋନିୟମଟିଏ ଝୁଲୁଛି । ପାଖରେ ଠିଆ ହୋଇଛି ଜଣେ ଯୁବତୀ, ଅଠର ଊନେଇଶ ବର୍ଷ ହେବ । ଗୋଲ ମୁହଁ, ଚୂନ ରଙ୍ଗର ଧଳା ଦାନ୍ତ, ଢଳଢଳ ଆଖିରେ କଜ୍ଜଳ ଗାର । ଦେହରେ ପିନ୍ଧିଥିବା ସିଆଁ ମଇଳା ଛିଟ ବ୍ଲାଉଜକୁ ଠେଲି ତାର ଉନ୍ନତସ୍ତନ ଦୁଇଟି, ବୃଦ୍ଧ ଶରୀରରେ ବି କାମ ଲାଳସା ଜାଗ୍ରତ କରିଦ । ଅଣ୍ଟାରେ ନାଲି ଛିଟର ଘାଗରା । କଳାଗଣ୍ଠିରେ ଘୁଙ୍ଗୁର । ସେମାନେ ସେଠାରେ ବସିଥିବା ଭିକ୍ଷୁକମାନଙ୍କ ଭିକ୍ଷାପାତ୍ରରେ ଠନ୍ ଠନ୍ କରି ପଇସା ପକାଉଛନ୍ତି ।

ରତ୍ନବାବୁ ସେଠି କ'ଣ ହେଉଛି ବୋଲି ଦେଖିବାକୁ ସାଇ-କେଲରୁ ଓହ୍ଲାଇପଡ଼ି ଠିଆ ହୋଇ ରହିଗଲେ ।

Digitized by srujanika@gmail.com

କିଛିସମୟ ପରେ ସେହି ପଶ୍ଚିମା ଯୁବକଟି, କିଏ ଜଣେ ବାବୁ ସେମାନଙ୍କୁ ଅନାଇ ଠିଆ ହୋଇଥିବାରୁ ହିନ୍ଦିରେ ପ୍ରଶ୍ନ କଲା— କ'ଣ ଦେଖୁଛନ୍ତି ବାବୁ ?

ରବିବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ—ଦେଖୁଥିଲି, ତୁମେ ନିଜେ ଭିକ୍ଷା କରିବାକୁ ଆସି କାହିଁକି ଏହି ଭିକ୍ଷୁକମାନଙ୍କୁ ପଇସା ବାଣ୍ଟୁଛ ! ଏକଥା ଆଜି ମୁଁ ନୂଆ ଦେଖିଲି ।

ସେହି ପଶ୍ଚିମା ଯୁବକଟି ତାଚ୍ଛଲ୍ୟ ଭାବରେ ଉତ୍ତର ଦେଲା, ଆପଣଙ୍କୁ ଏକଥା ବଡ ରହସ୍ୟଜନକ ଜଣାଯାଉଛି, ନୁହେଁ ? ଭିକ୍ଷୁକର କଣ ହୃଦୟ ନାହିଁ ? ନିଜ ଅପେକ୍ଷା ଆହୁରି ହୀନ ଅପାରଗ ଭିକ୍ଷୁକକୁ ଦେଖିଲେ, ସେମାନଙ୍କର ଦୁଃଖ ଲାଘବ କରିବାକୁ କ'ଣ ତାର ଇଚ୍ଛା ହୁଏ ନାହିଁ ! ଏମାନଙ୍କ ଅପେକ୍ଷା ଆମର ଭିକ୍ଷା ଆଦାୟ କରିବାକୁ ସମ୍ବଳ ଆଉ ଗୁଣ ଅଛି । ତେଣୁ ଆମେ ଏମାନଙ୍କ ଅପେକ୍ଷା ଯଥେଷ୍ଟ ଭିକ୍ଷା ସଂଗ୍ରହ କରିପାରୁଛୁ । ଆମର ଯେତିକି ଲୋଡ଼ା ସେତିକି ରଖି, ଆଉ ସମସ୍ତ ରୋଜଗାର ଧନ ଏହି ନିକୃଷ୍ଟ ଭିକ୍ଷୁକମାନଙ୍କୁ ବାଣ୍ଟି ଦେଉଛୁ ଆଜ୍ଞା !

ରବିବାବୁ ଭିକ୍ଷୁକ ମୁହଁରୁ ତାଙ୍କ ଜୀବନରେ ପ୍ରଥମ କରି ଏକଥା ଶୁଣି ବଡ଼ ଆଶ୍ଚର୍ଯ୍ୟ ବୋଧ କରୁଥିଲେ । ତାପରେ ତାକୁ ଉତ୍ତର ଦେଇ କହିଲେ—ଯାହାହେଉ, ତୁମେ ଖୁବ୍ ଭଲ କାମ କରୁଛ !

ଯୁବକଟି ପଚାରିଲା—ହଜୁର, ଆପଣ କଣ କରନ୍ତି ?

ରବିବାବୁ ଉତ୍ତର ଦେଲେ—ଓକିଲାତି କରେ ।

ଯୁବକଟି ହସି ଦେଇ କହିଲା—ଆପଣଙ୍କର ସେ ଗୁଣ ଅଛି ବୋଲି ସେ କାମ ଚଳାଇ ପାରୁଛନ୍ତି । ଆମର ଆଜ୍ଞା, ଏଇ ହାରମୋନିୟମଟି, ଆଉ ମୋ ଭିତରର କଣ୍ଠସ୍ୱର ସମ୍ବଳ । ମଣିଷ ଆନନ୍ଦ ପାଇବା ପାଇଁ ସବୁକିଛି କରେ । ଆମର ଆଉ କଣ ଅଛି ହଜୁର ! ଏହି ହିନ୍ଦୁସ୍ଥାନରେ

Digitized by srujanika@gmail.com

ଏ ମୁଣ୍ଡରୁ ସେମୁଣ୍ଡ ଯାଏ, ଗୀତ ଗାଇ, ନାଚ ଆମ ଦିନ କଟିଯାଉଛି । ଆଚ୍ଛା ନୁହେଁ ବାବୁ ?

ରବିବାବୁ ମନେ ମନେ ଭାବୁଥିଲେ—କଣ୍ଠ ବଦଳରେ ଏଣ୍ଡ ରୂପବି ସମ୍ବଳ । ମନରକଥା ନ ସରୁଣୁ ସେଇ ଯୁବତୀଟି ତାଙ୍କ ପାଖକୁ ଆଗେଇ ଆସି ଆଖି ନଚାଇ ହସ ହସ ହୋଇ ହାତ ପତାଇଲା, କୁମ୍ ବ କୁଛ୍ ଦୋ ବାବୁ ?

ସେଇ ଯୁବତୀଟିର ଯୌବନ ପ୍ରତିଭା ପ ଖରେ ରବିବାବୁ ନଇଁ ଯାଇଥିଲେ । ବନା ଆପତ୍ତି ଓଜରରେ ପକେଟରେ ହାତ ପୂରାଇ ଦେଖିଲେ, ଦୁଇଟି ଟଙ୍କା ଅଛି । ଟଙ୍କାଟିଏ ଭଙ୍ଗାଇ ଆଠଅଣା ଦେବାକୁ ତାଙ୍କର ସାହସ ପାଇଲା ନାହିଁ । ଅଗତ୍ୟା ଟଙ୍କାଟିଏ କାଢ଼ି ତା ହାତକୁ ବଢାଇ ଦେଲେ । ଯୁବତୀଟି ପୁଣି ଆଖି ନଚାଇ ନମସ୍କାର କରି ମୁହଁ ବୁଲାଇଲା ।

ରବିବାବୁ ସାଇକେଲ ଚଢିଲେ । କିନ୍ତୁ ସେ ସାଇକେଲ ଚଢ଼ି ବ, ସେଇ ଯୁବତୀଟିର ରୂପ ଯୌବନ ଓ ଆଖିନଚକୁ ମନେ ପକାଇ ନଜେ ତାକ୍ ଧିନ୍ ଧିନ୍ ନାଚୁଥିଲେ ।

...

ରବିବାବୁ, ରାହାସବଦାସବାବୁଙ୍କ ଘରେ ପହଞ୍ଚିଲା ବେଳକୁ ସେ ଅଫିସରୁ ଆସି ଜଳଖିଆ ଖାଇ ବସିଛନ୍ତି । ରବିବାବୁ ତାଙ୍କ ଅଫିସ ଘରେ ବସି ଖବର କାଗଜ ଉପରେ ଆଖି ପକାଉଥିଲେ ମଧ୍ୟ ତାଙ୍କ ଆଖି ଆଗରେ ସେ ତରୁଣୀଟିର ରୂପ ଯୌବନ ନାଚୁଥିଲା । କିଛିସମୟ ପରେ ରାହାସବଦାସବାବୁ ଅଫିସକୁ ଆସିବାରୁ, ରବିବାବୁ ନମସ୍କାର କଲେ । ରାହାସବଦାସବାବୁ ଖୁସି ମନରେ ତାଙ୍କ ଚେୟାରରେ ବସି ପଡୁପଡୁ କହିଲେ—ବସନ୍ତୁ ରବିବାବୁ ! ଆଉ ଖବର କଣ ? ସେ ବିଷୟରେ

Digitized by srujanika@gmail.com

କୌଣସି ସନ୍ଧାନ ମିଳନ୍ତି ? ଆଜ ଗଗନବାବୁ, ସେ ବିଷୟରେ କିଛି ଜାଣିବାକୁ ଫୋନ୍ ଦ୍ୱାରା ପଚାରୁଥିଲେ ।

ରବିବାବୁ ନମ୍ର ସ୍ୱରରେ ଉତ୍ତର ଦେଲେ—ଏ ହତ୍ୟାକାଣ୍ଡ କିଛି ସାଧାରଣ ଲୋକଙ୍କ ଦ୍ୱାରା ଘଟିନାହିଁ ଯେ ଏଣୁତେଣୁ ସନ୍ଧାନ ନେଇ କିଛି କରିବାକୁ ହେବ । ଏହା ଯେଉଁମାନଙ୍କ ଦ୍ୱାରା ସମ୍ଭବପର ହୋଇଛି—ସେମାନେ ମଧ୍ୟ ଆମ ଅପେକ୍ଷା କମ୍ ଚତୁର ନୁହନ୍ତି ! ତାପରେ ରବିବାବୁ, ରାହାସବହାରୀବାବୁଙ୍କ ଉଦ୍ଦେଶ୍ୟରେ ପଚାରିଲେ, ଅନ୍ୟ ଯେଉଁମାନେ ସନ୍ଧାନରେ ଲାଗିଥିଲେ, ସେମାନଙ୍କଠାରୁ କ'ଣ କିଛି ସନ୍ଧାନ ମିଳିଛି ?

ରାହାସବହାରୀବାବୁ ଉତ୍ତର ଦେଲେ—କିଛି ଖବର ସଂଗ୍ରହ ଯେ ନ ହୋଇଛି ଇମିତ୍ତ ନୁହେଁ, କିନ୍ତୁ ଏ ହତ୍ୟାକାଣ୍ଡ ସହିତ ତାର ବିଶେଷ କିଛି ସମ୍ପର୍କ ଥିଲାପରି ମୋର ମନେ ହେଉ ନାହିଁ—ଆପଣ କିଛି ସଂଗ୍ରହ କରିଛନ୍ତି ?

ରବିବାବୁ ଟିକିଏ ଗମ୍ଭୀର ହୋଇ ଉତ୍ତର ଦେଲେ—ଆଜ୍ଞା, ମୁଁ ଯେଉଁ ଘଟଣା ଉପରେ ଆସ୍ଥା ରଖି; ମୋର ଅନୁସନ୍ଧାନ ଚଳାଇଛି, ତାହା ଫଳବତୀ ହେବାର ଆଶା ରହିଛି । ବର୍ତ୍ତମାନ ମୋର ଏ ପ୍ରାଥମିକ ଅନୁସନ୍ଧାନ ମାତ୍ର । ମୁଁ ଆଉ ଟିକିଏ ଆଗେଇ ଗଲେ, ଆପଣଙ୍କୁ ସମସ୍ତ ସମ୍ବାଦ ଜଣାଇବି । ତେବେ ମୁଁ ଏଇ ରବିବାର ପରେ ପ୍ରାୟ ପନ୍ଦର ଦିନ ଏ ସହରରୁ ଅନୁପସ୍ଥିତ ରହିବି । ମୋର ଯାହା ଦରକାର ତାହା ଯୋଗାଇ ଦେବାକୁ ଅନୁରୋଧ ।

ରାହାସବହାରୀବାବୁ ଖୁସିହୋଇ ଉତ୍ତର ଦେଲେ, ମୁଁ ଆପଣଙ୍କର ଏ ଯାତ୍ରାର ଜୟ କାମନା କରୁଛି । ଆପଣ ଯାହା ଇଚ୍ଛା କରିବେ,

Digitized by srujanika@gmail.com

ତାହା ବ୍ୟବସ୍ଥା କରି ଦିଆଯିବ ଏବଂ ଆପଣ ଯେତେବେଳେ ଯେଉଁ ସାହାଯ୍ୟ ନେବେ, ମୁଁ ସ୍ୱତନ୍ତ୍ର ଭାବରେ ଆପଣଙ୍କୁ ଯୋଗଇ ଦେବ ।

ରବିବାବୁ କୃତଜ୍ଞତାପନ କରି କହିଲେ—ଆପଣଙ୍କ ଆଶୀର୍ବାଦରୁ ମୁଁ ଯେ ଜୟଯୁକ୍ତ ହେବି ତାହା ମୋର ଭରସା ରହିଛି ।

ତା'ପରେ ରାହାସବାହାଦୂରବାବୁ, ପୁଝାରୀଙ୍କୁ ଡାକିଲେ—ଚା ଦି' କପ୍ ଆଣିବା ପାଇଁ । ସଙ୍ଗେ ସଙ୍ଗେ ପୁଝାରୀ ଚା ଆଣି ଥୋଇଲାଣି, ରାହାସବାହାଦୂରବାବୁ କହିଲେ-ରବିବାବୁଙ୍କ ପାଇଁ ପ୍ଲେଟରେ ବିସ୍କୁଟ ଆଣ ।

ପ୍ରାୟ ସନ୍ଧ୍ୟା ଛ'ଟା ବେଳେ ରବିବାବୁ ରାହାସବାହାଦୂରବାବୁଙ୍କ ଘରୁ ବସାକୁ ଫେରିଲେ । ତା'ପରେ ରାତି ଆଠଟା ବେଳକୁ ଗଲେ ଧନଞ୍ଜୟବାବୁଙ୍କ ବସାକୁ । ସେଠାରେ ସେ ଅନୁପସ୍ଥିତ ରହିବା ସମୟରେ ତାଙ୍କ ବସାଆଡ଼େ ଟିକିଏ ନଜର ରଖିବାକୁ ଅନୁରୋଧ କଲେ ।

ତହିଁଆରଦିନ ସକାଳ । ରବିବାବୁ ନିଜର କାମରେ ବଜାରକୁ ଆସିଥାନ୍ତି । ମାଲ୍ଟିଓ୍ୱାଡ଼ ପଟିରେ ଯେଉଁଠି ଦେଖ, ଖାଲି ଭେଳା ଭେଳା ଲୋକ । କେଉଁଠି ଠିଆହୋଇ, କେଉଁଠି ବସି, ଅତ୍ୟନ୍ତ ଗୁପ୍ତ ଖବର ଭଳି ଚୁପ୍ ଚୁପ୍ କଥାବାର୍ତ୍ତା ହେଉଛନ୍ତି । ଏହା ଛଡ଼ା ସେଠି ମଦନଲାଲଙ୍କ ଘର ସାମନାରେ ଅନେକ ଲୋକ ଠିଆହୋଇ ଖବର କଣ ଜାଣିବା ପାଇଁ ଅନାଇଁ ରହିଛନ୍ତି । ଭିତରୁ କାନ୍ଦବୋବାଳି ପଡ଼ିଛି । ସମସ୍ତଙ୍କ ଭିତରେ ସେ ନିଜକୁ ମିଶାଇ, କଥା କଣ ବୋଲି ଜାଣିବାକୁ ଜଣକୁ ପଚାରିବାରୁ ସେ କହିଲା—ଘଟଣା କଣ ମୁଁ କିଛି ଜାଣି ନାହିଁ । ତେବେ କାଲି ରାତିରେ ସେଠଜୀଙ୍କୁ ତାଙ୍କ ବଗିଚା ଘରେ ନିର୍ମମ ଭାବରେ କିଏ ହତ୍ୟା କରିଛି !

Digitized by srujanika@gmail.com

ରବିବାବୁ ଏକଥା ଶୁଣିଲାକ୍ଷଣି ଚମକି ପଡ଼ିଲେ, ତାଙ୍କ ଆଗରେ ସେଦିନର ପତ୍ରିକା ଝିଡ଼ୁ ଭିତରେ ଥିବା ଧନଞ୍ଜୟବାବୁଙ୍କର କଟାମୁଣ୍ଡ ସହିତ ଥିବା ଚଟି ଖଣ୍ଡିକ ଆଖି ଆଗରେ ନାଚି ଉଠିଲା । "ଏଭଳି ଅତ୍ୟାଚାରୀ, ଚରିତ୍ରହୀନ, ଧର୍ମ ଲୋକଗୁଡ଼ାଙ୍କୁ ଯେତେ ରାସ୍ତାରେ କୁକୁରଙ୍କ ପରି ବାଡ଼େଇ ବାଡ଼େଇ ମାରିଦିଆ ଯାଇପାରେ, ସେତେ ଭଲ ।" ତାହାହେଲେ ଜଣେ ସେହି ହତ୍ୟାକାରୀ ଦଳ ଏହି କଟକ ସହରରେ ପୋଲିସକୁ ହେୟ ମନେକରି ପୁଣି ଏକ ଭୟାବହ କାଣ୍ଡ ଘଟେଇ ସାରିଲେଣି ।

ପୁନର୍ବାର ରବିବାବୁ ଅନ୍ୟ ଜଣେ ମାରୱାଡ଼ି ଲୋକଙ୍କୁ ପ୍ରଶ୍ନ କଲେ—ସେଠଜୀଙ୍କ ବଗିଚା ଘର କେଉଁଠି ? ତାଙ୍କର ଶବକୁ କ'ଣ ଏଠିକୁ ଅଣା ଯାଇଛି ?

ଲୋକଟି ଦୁଃଖ କରି ଉତ୍ତର ଦେଲା—ବର୍ତ୍ତମାନ ଖବର ଏଠି ଆସି ପହଞ୍ଚିଲା । ସେଠଜୀ ନଟବାଲାରେ ସେହି ବଗିଚା ଘରେ ରହିବାକୁ ଭଲ ପାଆନ୍ତି । କାଲି ସେ ଏଠିକି ଆସିଥିଲେ । ବ୍ୟବସାୟକଥାବ ବୁଝି ସନ୍ଧ୍ୟାବେଳେ ମଟରରେ ବଗିଚା ଘରକୁ ଯାଇଥିଲେ । ସେଠି ତାଙ୍କୁ ରାତିରେ କିଏ ହତ୍ୟା କରିଛି । ତାଙ୍କର ପୁଅ, ଭାଇ ଏବଂ ଅନେକ ମାରୱାଡ଼ି ସେଠିକି ଯାଇଛନ୍ତି । ତାଙ୍କ ବଗିଚା ଘର ହେଉଛି, ଭୁଜସିପୁର ମହାନଦୀ କୂଳରେ ।

ରବିବାବୁ ସେଠାରେ ଆଉ ମୁହୂର୍ତ୍ତେ ଅପେକ୍ଷା ନ କରି ସିଧା ଦଉଡ଼ିଲେ ମହାନଦୀ କୂଳରେ ଥିବା ସେଠଜୀଙ୍କର ବିଶ୍ରାମ ଗୃହ ଆଡ଼କୁ । ସେଠି ଯାଇଁ ଦେଖିଲେ ଫାଟକ ପାଖରେ ପୋଲିସ ପହରା ଅଛି । ଫାଟକ ଆଗରେ କେତେ ଟୋକା, ବୁଢ଼ା, ସେଠଜୀଙ୍କୁ ହତ୍ୟା କଲା କିଏ ଏବଂ କିପରି, ତାହା ଜାଣିବା ପାଇଁ ଉଦ୍‌ଗ୍ରୀବ ମନରେ

Digitized by srujanika@gmail.com

ଠିଆ ହୋଇ ରହିଛନ୍ତି । ସେ ଫାଟକ ପାଖରେ ପହରା ଦେଉଥିବା ସିପାହୀକୁ ପଚାରି ବୁଝିନେଲେ ଯେ, ଲାଲବାଗ ଥାନାର ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର, ଜମାଦାର ଇତ୍ୟାଦି ଭିତରେ ଅଛନ୍ତି ।

ଫାଟକ ଫିଟାଇ ଭିତରକୁ ଯିବା ଆଗରୁ ରବିବାବୁ ଥରେ ସେଠଙ୍କ ବଙ୍ଗଳାର ହତାଆଡ଼େ ଅନାଇଁ ଗଲେ । ବିରାଟ ବଗିଚା । ସହରି ପାଖରେ ଇଟାର ପାଚେରି । ଗାଁ ଠାରୁ ବଗିଚା ବେଶି ଦୂର ନ ହେଲେ ବି ସେ ସ୍ଥାନଟା ବଡ଼ ନିସ୍ତବ୍ଧ ଥିଆ । ବଗିଚା ଭିତରେ ଅମ୍ବ, ଲିଚୁ, ପିଜୁଳି ଗଛ ଭରପୂର । ଫାଟକର ସେମୁଣ୍ଡରେ ଠିକ୍ ମଝାମଝି ବନ୍ଧକୁ ଲାଗି ସୁନ୍ଦର ଡାକବଙ୍ଗଳାଟିଏ । ଫାଟକ ପାଖରୁ ଗୋଟିଏ ସିଧା ରାସ୍ତା ବଙ୍ଗଳାର ପାହାଚଯାଏ ପଡ଼ିଛି । ରାସ୍ତାର ଦୁଇ ପାଖରେ ଝାମ୍ପୁରି ଝାମ୍ପୁରି ଛୋଟ ଛୋଟ ଜଙ୍ଗଲଗଛ । ଫାଟକ ପାଖରୁ କୌଣସି ଲୋକ ବିପଦ ଆପଦ ବେଳେ ରଡ଼ିରେ ଡାକିଲେ—ବଙ୍ଗଳା ଭିତର ଲୋକଙ୍କ ଠାରୁ ଶବ୍ଦ ଶୁଣିବା ମୁସ୍କିଲ ।

ରବିବାବୁ ଫାଟକ ଖୋଲି ଭିତରକୁ ପଶିଲେ । ଫାଟକଠାରୁ ସିଧା ଗୋଟିଏ ସୁରୁକି ରାସ୍ତା ଡାକବଙ୍ଗଳା ପାହାଚପର୍ଯ୍ୟନ୍ତ ପଡ଼ିଛି । ସେ ସିଧା ସିଧା ଯାଇ ବଙ୍ଗଳାର ପାଖରେ ଥିବା ଏକ ଅମ୍ବଗଛକୁ ସାଇକେଲ ଡେରି ବାରଣ୍ଡା ଉପରକୁ ଉଠିଗଲାକ୍ଷଣି, ସବ୍ଇନ୍ସପେକ୍ଟର ଯୁଗଳବାବୁ ତାଙ୍କୁ ଦେଖିପକାଇ ପାଛୋଟି ନେଲେ । ରବିବାବୁ ଉଦ୍‌ବିଗ୍ନ ମନରେ ପ୍ରଶ୍ନ କଲେ—କେଉଁଠି ସେଠଙ୍କୁ ହତ୍ୟା କରାଯାଇଛି ?

ଯୁଗଳବାବୁ ଆଗେ ଆଗେ ବାଟ କଢ଼ାଇ ନେଲେ । ବାରଣ୍ଡା ଟପିଲେ ଏକ ବିରାଟ ହଲ । ସେହି ହଲ୍ ଭିତରେ ପ୍ରାୟ କୋଡ଼ିଏଟି ସୁନ୍ଦର ସୁନ୍ଦର ଗଦି ବେଞ୍ଚ ପଡ଼ିଛି । ଘରର ମଝିରେ ଖୁବ୍ ଦାମିକା

Digitized by srujanika@gmail.com

ଫୁଲଫଳଶୋଭିତ କାଶ୍ମୀର ଗାଲିଚା ବିଛା ହୋଇଛି । କାନ୍ଥରେ ଅସଂଖ୍ୟ ସୌଖୀନ ଫଟୋ । ଉପର ଛାତରେ କାରୁକାର୍ଯ୍ୟପୂର୍ଣ୍ଣ କାଚର ଝାଡ଼ ଭିତରେ ଛୋଟ ଛୋଟ ଇଲେକ୍‌ଟ୍ରିକ୍ ବଲ୍‌ବ ଖଞ୍ଜା ହୋଇଛି । ସେ ଘରକୁ ଯେ କୌଣସି ଲୋକ ପଶିଲେ ଜାଣିପାରିବ ଯେ, ସେଠଜୀ ନିଶ୍ଚୟ ଆଧୁନିକ ରୁଚିସମ୍ପନ୍ନ ଲୋକ । ରବିବାବୁ ଥରେ ଚାରିଆଡ଼କୁ ଚାହିଁ, ଚେୟାରରେ ବସିଥିବା ଇନ୍‌ସପେକ୍‌ଟର ବାବୁଙ୍କୁ ନମସ୍କାର କଲେ । ଇନ୍‌ସପେକ୍‌ଟର ସନାତନବାବୁ ଖୁସି ହୋଇ କହିଲେ, ଆପଣ ଆସି ଖୁବ୍ ଭଲ କରିଛନ୍ତି । ବଡ଼ ରହସ୍ୟଜନକ ହତ୍ୟାକାଣ୍ଡ । ଆମେ ପୋଲିସ ସାହେବଙ୍କୁ ଖବର ଦେଇଛୁ । ସେ ବର୍ତ୍ତମାନ ପହଞ୍ଚି-ଯିବେ ବୋଲି ଆମେ ଆଶା କରୁଛୁ ।

ରବିବାବୁ ସେଠଜୀଙ୍କର ମୃତ ଦେହ ଦେଖିବାକୁ ବ୍ୟଗ୍ର ହୋଇ ପଡ଼ିବାରୁ ଯୁଗଳବାବୁ ତାଙ୍କୁ ସେହି ବୈଠକଖାନା ସଂଲଗ୍ନ ଆଉ ଗୋଟିଏ କୋଠରୀକୁ ନେଇଗଲେ । ସେ କୋଠରୀଟି ସେଠଜୀଙ୍କର ଶୋଇବା ଘର ।

ଯୁଗଳବାବୁ ଘରର ଏକ କଣକୁ ହସ୍ତ ନିର୍ଦ୍ଦେଶ କରି କହିଲେ, ଦେଖନ୍ତୁ ରବିବାବୁ ! କିଭଳି ଶୋଚନୀୟ ହତ୍ୟାକାଣ୍ଡ ?

ରବିବାବୁ ସେଆଡ଼କୁ ଚାହିଁଦେଲକ୍ଷଣି ଶିହରି ଉଠିଲେ । କି ଭୟଙ୍କର ସେ ଦୃଶ୍ୟ । ସେଠଜୀଙ୍କ ବିରାଟ ମେଦବହୁଳ ଦେହରେ ସେଠଜୀ ଗୋଟିଏ ବଡ଼ ଦଉଡ଼ିରେ ଦୁଇହସ୍ତ କରି ବନ୍ଧା ହୋଇଛନ୍ତି । ତାଙ୍କ ଛାତିରେ ବସିଛି ଛୁରୀର ଭୂଷା ଦାଗ । ରକ୍ତ ସେଇବାଟେ ଛୁଟି ଅଧ-ବଖରା ଘର ରକ୍ତ ଗଙ୍ଗାରେ ପରିଣତ ହୋଇଛି । ସେଠଜୀଙ୍କ ମୁଣ୍ଡ ଛାତି ଉପରକୁ ନଇଁ ପଡ଼ିଛି ଆଉ ଅନ୍ତଲପେଟ ଉପରେ ରକ୍ତଧାର ବହି ଭୟଙ୍କର ଦିଶୁଛି । ରବିବାବୁ ସେଠଜୀଙ୍କର ସେହି ଶୋଚନୀୟ ମୃତ

Digitized by srujanika@gmail.com

ଦେହଆଡ଼େ ଆଖି ପକାଇଲେ ବ ଏହି ହତ୍ୟାକାଣ୍ଡ କଏ, କାହାର ଇଙ୍ଗିତରେ ଏସବୁ ସମ୍ଭବପର ହୋଇଛି, ତାହା ଜାଣିବାକୁ ତାଙ୍କ ମନ ବ୍ୟାକୁଳ ହୋଇ ଉଠୁଥିଲା ।

ବାହାରେ ମଟର ପେଁ ପେଁ ଶବ୍ଦ ଶୁଣି ଯୁଗଳବାବୁ କହିଲେ, ଗଗନବାବୁ ଆସିଗଲେଣି । ତା ପରେ ସେ କୋଠରୀରୁ ଫେରି ପୋଲିସ ସାହେବଙ୍କୁ ପାଛୋଟି ଆଣିବାକୁ ବାହାରିଗଲେ । ପୋଲିସ ସାହେବ ଗଗନବାବୁ, ଅନ୍ୟ ଏକ ମଟରରୁ ରାହାସବହାରୀବାବୁ ଓହ୍ଲାଇ ଆସିଲେ । ସେମାନଙ୍କ ମୁଖମଣ୍ଡଳ ଗମ୍ଭୀର — ମୁଣ୍ଡ ସେହି ବିଷୟରେ ଘୂର୍ଣ୍ଣାନ୍ତ । ମାରବରେ ଦୁହେଁ ବାରଣ୍ଡା ଉପରକୁ ଉଠି ଆସିଲେ । ଇନ୍‌ସପେକ୍‌ଟରବାବୁ ସେମାନଙ୍କୁ ସିଧା ନେଇଗଲେ ସେଠଜୀଙ୍କୁ ଯେଉଁ କୋଠରୀରେ ହତ୍ୟା କରାଯାଇଛି ।

ଗଗନବାବୁ ଓ ରାହାସବହାରୀବାବୁ ସେଠଜୀଙ୍କ ମୃତ ଦେହକୁ ଦେଖିଲାକ୍ଷଣି ସ୍ତମ୍ଭୀଭୂତ ହୋଇଗଲେ । ଲକ୍ଷପତି ସେଠଜୀଙ୍କର ହତ୍ୟା ଏ କଥା ଜଣାଗଲା ସଙ୍ଗେ ସଙ୍ଗେ ଚାରିଆଡ଼େ ହୁଲସ୍ଥୂଳ ପଡ଼ିବ ଏବଂ ଲୋକେ ପୋଲିସ ବିଭାଗର ଅପାରଗତାକୁ ଯେ ଜୋର ଦେଇ କଥା-ବାର୍ତ୍ତା ହେବେ, ଏକଥା ଭାବି ସେମାନେ ବିଚଳିତ ହୋଇ ପଡୁଥିଲେ ।

କିଛିସମୟ ମାରବରେ ଠିଆ ହୋଇ ରାହାସବହାରୀବାବୁ ରବି-ବାବୁଙ୍କୁ ଉଦ୍ଦେଶ୍ୟ କରି କହିଲେ—ଦେଖ ରବିବାବୁ, ଏ ଘଟଣା ମଧ୍ୟ ତୁମରି ଉପରେ । ବର୍ତ୍ତମାନ ଲାସଟିକୁ ଉତ୍ତମରୂପେ ପରୀକ୍ଷା କରିନିଅ । ରାହାସବହାରୀବାବୁ ମଧ୍ୟ ନିଜେ ଲାସଟିର ଚାରିପାଖ ନିରୀକ୍ଷଣ କରିବାକୁ ଲାଗିଲେ । ରବିବାବୁ ସେଠଜୀଙ୍କୁ ଦେଖୁ ଦେଖୁ ତାଙ୍କ ଅଣ୍ଟାରେ ଖୋସା ହୋଇଥିବା ଖଣ୍ଡେ କାଗଜ କାଢ଼ି ଆଣି ତରତର କରି ଫିଟାଇ ପଢ଼ିଲେ ।

Digitized by srujanika@gmail.com

ଲେଖାଅଛି—

ଜୀବ ହିଂସା କରିବା ମହାପାପ । କିନ୍ତୁ ଯିଏ ସହସ୍ର ସହସ୍ର ଲୋକଙ୍କୁ ସୂକ୍ଷ୍ମ ବୁଦ୍ଧି ଖେଳାଇ ହାଡ଼ରୁ ମାଂସ ଝଡ଼ାଇ ପାରେ, ଗରିବ ଲୋକଙ୍କୁ ଚାଉଳରେ ଗୋଡ଼, ତେଲରେ ଭେଜାଲ ମିଶାଇ, ନିଜର ଟ୍ରେଜେରୀ ବୋଝେଇ କରିପାରେ, ସେହିଭଳି ମଣିଷରୂପୀ ହିଂସ୍ର ସିଂହକୁ ହତ୍ୟା କରିବାରେ ପୁଣ୍ୟ ଛଡ଼ା ପାପ ନାହିଁ । ଏକ ପଶୁ ହାଡ଼ଚଟା କୁକୁର ସେଠରି, ପୁଣି ପଇସା ବଳରେ ଯୁବତୀଙ୍କର ଚରିତ୍ର ନଷ୍ଟ କରିବାକୁ ସଙ୍କୋଚ ମଧ୍ୟ କମ୍ ନୁହେଁ । ସେଠଙ୍କର ଏହି ଟ୍ରେଜେରୀ ଭିତରେ ସଞ୍ଚିତ ଦୁଇଲକ୍ଷ ଟଙ୍କା ନେଲୁ—ତାର ଦକ୍ଷିଣା ସ୍ୱରୂପ ତାର ପ୍ରାଣ ମଧ୍ୟ ।

ରବିବାବୁ ସେ ଚିଠି ଖଣ୍ଡିକ ଏକ ନିଶ୍ୱାସରେ ପଢ଼ିସାରି, ତାହା ଗଗନବାବୁଙ୍କ ହାତକୁ ବଢ଼ାଇ ଦେଲେ । ଗଗନବାବୁ ଖୁବ୍ ଧ୍ୟାନର ସହିତ ସେ ଖଣ୍ଡିକ ପଢ଼ିସାରି ରାୟବାହାଦୁରବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲେ—ଏହା ପୋଲିସ ବିଭାଗର ଏକ ସମସ୍ୟା ହୋଇ ଉଠିଲାଣି । ସେଦିନର ସେହି ଚିଠିରୁ ମୁଁ ଅନୁମାନ କରିଥିଲି, ଜମି-ଦାରଙ୍କୁ ହତ୍ୟା କରିସିବା ପରେ ଏହା ଶେଷ ହେବ ନାହିଁ । ଗୋଟିକ ପରେ ଗୋଟିଏ ଶୋଚନୀୟ ଘଟଣା ଘଟିବ । ଏହାର ଶୀଘ୍ର ପ୍ରତିକାର ନ ହେଲେ, ଆଉ ରକ୍ଷା ନାହିଁ । ଗଗନବାବୁ ବ୍ୟସ୍ତ ହୋଇ ଏତକ କହିସାରି ଖଣ୍ଡେ ଚେୟାରରେ ବସିପଡ଼ିଲେ । ଇନ୍‌ସପେକ୍ଟର ସନାତନବାବୁ କହିଲେ—ଏତିକି ଆଜ୍ଞା ଘଟିନାହିଁ, ଯେଉଁମାନେ ଏ କାଣ୍ଡ ଘଟାଇଛନ୍ତି, ସେମାନେ କମ୍ କୌଶଳୀ ନୁହନ୍ତି ! ଆଉଘରେ ଆଜ୍ଞା ଦୁଇଜଣ ନେପାଳୀ ସିପାହୀ ମୃତ ପ୍ରାୟ ପଡ଼ିଛନ୍ତି; କିନ୍ତୁ ସେମାନଙ୍କୁ ଜୀବନରେ ମରି ଯାଇନାହିଁ । କୌଣସି ବିଷାକ୍ତ ଗ୍ୟାସ ସାହାଯ୍ୟରେ ସେମାନଙ୍କର ଚେତା ଲୋପ କରାଯାଇଛି । ଡାକ୍ତର-

Digitized by srujanika@gmail.com

ଖାନାକୁ ଆମ୍ବୁଲାନ୍ସ ପାଇଁ ଖବର ଯାଇଛି, ସେମାନଙ୍କୁ ଶୀଘ୍ର ଡାକ୍ତରଖାନାକୁ ବଦାସ୍ତ କରିବାକୁ ହେବ ।

ଗଗନବାବୁ ସେମାନଙ୍କ ଦେଖିବାପାଇଁ ଉଠିପଡ଼ିଲେ । ବଙ୍ଗଳା ଅଳ୍ପ ଦୂରରେ ନେପାଳୀମାନଙ୍କୁ ରହିବାପାଇଁ ଯେଉଁ ବସାଘର ଦିଆ ଯାଇଥିଲା, ସେହି ବସା ଘରେ ଦୁଇଜଣ ନେପାଳୀ ଯୁବକ ମୃତ ପ୍ରାୟ ପଡ଼ି ରହିଥିଲେ ।

ଗଗନବାବୁ ସେମାନଙ୍କୁ କିଛି ସମୟ ନିରୀକ୍ଷଣ କରି ସମସ୍ତେ ଶୁଣିଲା ଭଳି କହିଲେ—ଏ ଦୁଇଜଣ ପହରାବାଲା, ରାତିରେ ପହରା ଦେବାର କଥା; କିନ୍ତୁ ସେମାନେ କାହିଁକି ଏକ ସଙ୍ଗରେ ଏ ଘରକୁ ଆସିଥିଲେ । ଗଗନବାବୁଙ୍କ ଆଖି ହଠାତ୍ ସେହି କୋଠରୀ ଭିତରେ ପଡ଼ିଥିବା ଦଉଡ଼ିଆ ଖଟ ତଳକୁ ପଡ଼ିଲା । ଜଣେ ସିପାହୀକୁ ଗଗନବାବୁ ଆଦେଶ ଦେଲେ ସେଠି ଥୁଆ ହୋଇଥିବା ବୋତଲ ଦୁ'ଟାକୁ ନେଇଆସ । ସିପାହୀଟି ଆଦେଶ ପାଳନ କଲା ପରେ, ଗଗନବାବୁ ବୋତଲଟିକୁ ପରୀକ୍ଷା କରି ଦେଖିଲେ, ତାହା ବିଲାତି ମଦ । ତାପରେ ଗଗନବାବୁ ବୋତଲଟାକୁ ସିପାହୀ ହାତକୁ ବଢ଼ାଇ ଦେଇ, ସନାତନ ବାବୁଙ୍କୁ ଲକ୍ଷ୍ୟ କରି କହିଲେ—ଆପଣ ଘଟଣାକୁ ତନ୍ନ ତନ୍ନ କରି ତଦନ୍ତ କରନ୍ତୁ, କାରଣ ଏଇ ସିପାହୀ ଦୁଇଟାଙ୍କୁ ସେଠଜୀଙ୍କୁ ହତ୍ୟା କରିବା ପୂର୍ବରୁ ହାତ କରା ହୋଇଛି । ନଚେତ୍ ଏ ଦୁ'ଜଣ ପହରା-ଦେବା ପରିବର୍ତ୍ତେ ଏତେ ମଦ ଖାଇ ମଉଜ କରୁଥାନ୍ତେ କେଉଁଠି । ସେଇ ମଦପିଆ ଅବସ୍ଥାରେ, କୌଣସି ବିଷାକ୍ତ ଗ୍ୟାସ ଦ୍ୱାରା ଏମାନଙ୍କର ଚେତା ଲୋପ କରା ହୋଇଛି ।

ସନାତନବାବୁ ଉତ୍ତର ଦେଲେ—ଏହା ମଧ୍ୟ ମୋର ପୂରା ବିଶ୍ୱାସ ଅଛି । ଏ ଚୌକିଦାର ଦୁ'ଜଣଙ୍କର ଚେତା ଫେରି ଆସିଲେ ଯେତେ ଖବର ଜଣା ପଡ଼ିବ ।

Digitized by srujanika@gmail.com

ବାହାରେ ଏସବୁ ଘଟଣାଘଟନା ଚାଲିଥିବାବେଳେ ରବିବାବୁ ସେହି ଡାକବଙ୍ଗଳାକୁ ଯିବା ଆସିବା କରୁଥିବା ଲୋକମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ । ବଗିଚାରେ ଯେଉଁ ଦୁ'ଜଣ ମାଳି ରହୁଥିଲେ, ସେମାନଙ୍କୁ ପଚାରିବାରେ ସେମାନେ କହିଲେ—ଆମେ ଆଜ୍ଞା, ଦିନ ସାରା କାମ କରି ଗଣ୍ଡାଏ ଖାଇ ବସାରେ ଶୋଇ ଯାଇଥିଲୁ । ସକାଳେ ଉଠି ଦେଖିଲୁ ଯେ, ବାବୁଙ୍କର ନଉକର ଚାକର ବସାରେ ଦଶ୍ରୁନାଥ୍ ଙ୍କ ନେପାଳୀ ଚୌକିଦାର୍ ଙ୍କ ନାହାନ୍ତି । ତେଣୁ ସନ୍ଦେହରେ ଦେଖିଲାବେଳକୁ ଏପରି ଘଟଣା ।

ରବିବାବୁ ପଚାରିଲେ—ତାଙ୍କର ଚାକର ନାଁ କଣ ? ସେ କେଉଁଠି ?

ଜଣେ ମାଳି କହିଲା—ତା ନାଁ ଜଗୁ । ପୂରା ମାଇଚିଆ ଟୋକା । ତାରି ଭିତରେ କେଉଁଠି ଥିବ ।

ରବିବାବୁ ସେଠାରେ ଆଉ ନ ରହି, ଜଗୁକୁ ଖୋଜିବାରେ ଲାଗିଲେ । ତାଙ୍କର ପୂର୍ବ ଧାରଣା ହୋଇଥିଲା, ଜଗୁଠାରୁ ନିଶ୍ଚୟ ସଠିକ ଖବର ଜଣା ପଡ଼ିବ ।

ଏହିଭିତରେ ଆମ୍ବୁଲାନ୍ସ ଆସି ନେପାଳୀ ଚୌକିଦାର ଦୁଇଜଣଙ୍କୁ ଡାକ୍ତରଖାନା ନେଇ ଯାଇଛି । ସେଠଣଙ୍କର ଲାସ୍ ଡ଼ାକ୍ତର ପରୀକ୍ଷା ପରେ ସେମାନଙ୍କର ଜ୍ଞାତି କୁଟୁମ୍ବଙ୍କ ହସ୍ତରେ ଦେଇ ଦବାପାଇଁ ପୋଲିସ ସାହେବ ନିର୍ଦ୍ଦେଶ ଦେଇଛନ୍ତି ।

ସେଠଣଙ୍କର ନଜର ମଟରରେ ତାଙ୍କ ଶବ ନଆଗଲା । ପୋଲିସ ସାହେବ ମଧ୍ୟ ଚାଲିଗଲେଣି । ଗହାସବହାଦ୍‌ବାବୁ ଆଉ କିଛି ସମୟ ସେଠାରେ ରବିବାବୁଙ୍କୁ ରହିବାକୁ ଅନୁରୋଧ କରି, ମଟରକୁ ଯିବାକୁ

Digitized by srujanika@gmail.com

ଉଦ୍ୟମ ହେଉଛନ୍ତି, ହଠାତ୍ ସେହି ବଙ୍ଗଳା ସଂଲଗ୍ନ ଗୋଟିଏ ସ୍ଟୋର୍ କୋଠରୀରୁ କାନ୍ଦଣା ଶୁଭିଲା— ବୋଉଲୋ ମଲି ! ବାପାଲୋ ମଲି !

ରବିବାବୁ ଶବ୍ଦ ଆସୁଥିବା ସେହି କୋଠରୀର ଝରକା ପାଖକୁ ଦଉଡ଼ି ଯାଇ ଶୁଣିଲେ— ତାର ଭିତରୁ ଶବ୍ଦ ଆସୁଛି । ତାଙ୍କର ସ୍ଥିର ଧାରଣା ଏବଂ ଆନନ୍ଦ ହେଲା—ଏ ନିଶ୍ଚୟ ସେଠଜୀଙ୍କ ନିଜ ଚାକର ମାଇଚିଆ ଜଗୁ ।

ସେ ତରବର ହୋଇ ଭିତର ବାଟେ ଯାଇ ଦେଖିଲାବେଳକୁ ବାହାରୁ କୋଲପ ପଡ଼ିଛି । ସୁହାସଚନ୍ଦ୍ରାଶ୍ରୀବାବୁ ଓ ସନାତନବାବୁ ମଧ୍ୟ ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ହୋଇ ଜଣେ ସିପାହୀକ ଡାକି କହିଲେ—କୋଲପ ଜଲଦି ଭାଙ୍ଗ ।

କବାଟ ଖୋଲିଯିବା ସଙ୍ଗେ ସଙ୍ଗେ ସୁହାସଚନ୍ଦ୍ରାଶ୍ରୀବାବୁ ଓ ରବି-ବାବୁ ଭିତରକୁ ପଶିଯାଇ ଦେଖିଲେ ଜଗୁ ଦଉଡ଼ିରେ ଭିଡ଼ାହୋଇ ବନ୍ଧା ହୋଇଛି । ତା ମୁଣ୍ଡ ପାଖରେ ପଡ଼ିଛି ମେଞ୍ଚାଏ ତୁଳା । ସିପାହୀ ଓ ରବିବାବୁ ଦଉଡ଼ା ଖୋଲୁ ଖୋଲୁ ସୁହାସଚନ୍ଦ୍ରାଶ୍ରୀବାବୁ କହିଲେ, ଏହାକୁ ଦଉଡ଼ିରେ ବନ୍ଧାଯାଇ ତା ପରେ କ୍ଲୋରଫର୍ମ ଦ୍ୱାରା ତାର ଚେତା ଲୋପ କରାଯାଇଛି । ଦସ୍ୟୁକଣି ଚରିତ୍ରକୁ ନ ମାରି ବହୁ ପରିଶ୍ରମରେ ବନ୍ଧାବନ୍ଧ କରିଛନ୍ତି ।

ଦଉଡ଼ା ଫିଟା ସରିଲା ପରେ ମାଇଚିଆ ଜଗୁ ଉଠି ବସିଲା । ସେତେବେଳକୁ ତାର ଚେତା ସମ୍ପୂର୍ଣ୍ଣ ଆସିଥିଲେ ବି ସାମାନ୍ୟ ନିଶା ଛାଡ଼ି ନ ଥିଲା । ସେ ଏମାନଙ୍କୁ ଦେଖି ଆଖି ମଳି ମଳି ଗୁଣୁଆ ହେଲା ପରି କହିଲା—ତୁମେମାନେ ବାବୁ କିଏ ମ ! ତା ପରେ ସେ କାନ୍ଦିଲା ପରି ହୋଇ କହିଲା—ସେ ନାତବାଲା ଟୋକା ଆଜି ସେ ଟୋକାଟାର ସେଇଁ ବଳ । ମୋତେ ମାଡ଼ିବସି କ'ଣ ଶୁଙ୍ଘେଇ ଦେଲେ ।

Digitized by srujanika@gmail.com

ସର୍ବାସର୍ବାଶବାବୁ ଓ ସନାତନବାବୁ ତା କଥା ଶୁଣି ମନେ ମନେ ବୁଝିନେଲେ—କାଲି ରାତିରେ ନିଶ୍ଚୟ କୌଣସି ନାଚବାଲି-ଦଳ ଏଠିକୁ ଆସିଛନ୍ତି । ସେଇମାନଙ୍କର ଏ କାଣ୍ଡ । ରବିବାବୁ ସେଇକଥା ଅନୁମାନ କରୁଥିଲେ ବି ତାଙ୍କର ଆଖି ଆଗରେ ନାଚି ଯାଉଥିଲା, କାଲିକାର ସେଇ ନାଚବାଲୀର ସୁନ୍ଦର ମୁହଁ । ସେଇ ନାଚବାଲୀ ଆଜି ହେବ ନାହିଁ ତ ! ସେଠଜୀଙ୍କ ଲାସ୍ ଉପରୁ ଯେଉଁ ଚିଠି ମିଳିଛି, ସେଇ ଚିଠିରେ ହତ୍ୟାକାରୀଦଳ ସେଠଜୀଙ୍କର ହୀନ ଚରିତ୍ର ବିଷୟରେ ସ୍ପଷ୍ଟ ଜଣାଇ ଦେଇଛନ୍ତି । ତେବେ କ'ଣ ସେଠଜୀ କାଲି ରାତିରେ କାମଲାଳସା ତୃପ୍ତି ପାଇଁ କୌଣସି ନାଚବାଲି ଦଳକୁ ଏଠିକୁ ଆଣିଥିଲେ ।

ତା'ପରେ ରବିବାବୁ ସନାତନବାବୁଙ୍କ ସହିତ କଣ ଚୁପ୍ ଚୁପ୍ କଥାବାର୍ତ୍ତା ପରେ, ସନାତନବାବୁ ସିପାହୀଙ୍କୁ ଆଦେଶ ଦେଲେ, ତାକୁ ଧରି ମଟରରେ ବସାଇ ଦିଅ । ସିପାହୀ ଦି'ଜଣ ତା ବାହା ଧରି ଉଠାଇ ନେଲେ ।

ଜଗୁ ଗୁନିଆରେ ଏପାଖ ସେପାଖ ଅନେଇ କହୁଥାଏ, ମୋର କି ଦୋଷମ ବାବୁ ! ମୁଁ ପରା ମୋର ବାସି କାମ ସାରିନାହିଁ ।

ସନାତନବାବୁ କହିଲେ—କିଏ କଣ କହୁଛି ତୋର ଦୋଷ ! ପାଟି ବନ୍ଦ କରି ଚୁପ୍ ହୋଇ ବସ ।

ସନାତନବାବୁ ମଟରରେ ବସିବା ପୂର୍ବରୁ ସେଠଜୀଙ୍କର ସମସ୍ତ ଘର ବନ୍ଦ କରି ସିପାହୀଙ୍କୁ ଜଗାଇ ଦେଲେ । ମଟର ଛାଡ଼ିଲା । ସର୍ବାସର୍ବାଶବାବୁ, ସନାତନବ ବୁ ଓ ରବିବା'ବୁ, ସେଠଜୀଙ୍କ ଦେହ ଲଗା ଚାକର ଜଗୁକୁ ଥାନାରେ ଓହ୍ଲାଇ ରବିବାବୁଙ୍କୁ କେତେକ ପରାମର୍ଶ ଦେଇ ମଟର ଚଳାଇ ବାହାରିଗଲେ ।

Digitized by srujanika@gmail.com

ଜଗୁଆକୁ ଥାନା ଭିତରେ ଥିବା ଏକ ସ୍ୱତନ୍ତ୍ର କଏଦୀଖାନା ଘରକୁ ନିଆଗଲା । ସେତେବେଳକୁ ଏଗାରଟା ବାଜି ଯାଇଥିବାରୁ ସନାତନ ବାବୁ, ଗାଧୁଆ ଖିଆପିଆ ନ କରି ବଡ଼ ଅଶାନ୍ତି ବୋଧ କରୁଥିଲେ ।

ରାଘବବାବୁ ସେହି କୋଠରୀରେ ପ୍ରବେଶ କରି ସନାତନବାବୁଙ୍କୁ କହିଲେ—ଆପଣ ଗାଧୋଇ ଖାଇପିଇ, ଆସନ୍ତୁ ଆଜ୍ଞା ? ଏହାଠାରୁ ସମସ୍ତ କଥା ଆଦାୟ କରିବାକୁ ବେଶି ସମୟ ଲାଗିବ ନାହିଁ । ଅଧ-ଘଣ୍ଟା ଭିତରେ ମୁଁ ସମସ୍ତ କାମ ଶେଷ କରି ଦେଉଛି ।

ସନାତନବାବୁ, ରାଘବବାବୁଙ୍କ ଉପରେ ଖୁସି ହୋଇ କହିଲେ, ତାହାହେଲେ ମୁଁ ଆସୁଛି । ଆପଣ ମଧ୍ୟ ମୋ ବସାରେ ଗଣ୍ଡାଏ ଖାଇ ଦିଅନ୍ତୁ । ଆଜି ଏତେବେଳେ ଘରକୁ ଯିବେ କ'ଣ ?

ରାଘବବାବୁ ନରମ ଗଳାରେ ଉତ୍ତର ଦେଲେ—ମୁଁ ସକାଳୁ ଆଜି ଜଳଖିଆ ଖାଇ ଆସିଥିଲି, କାମ ସରିଲେ ଘରକୁ ଫେରିଯିବି ଯେ । ସନାତନବାବୁ ଜିଦ୍ କଲାପରି କହିଲେ—କିଛି ଅସୁବିଧା ହେବ ନାହିଁ, ମୋ ସଙ୍ଗରେ ଦିଟା ଖାଇବେ । ସନାତନବାବୁ ବସାକୁ ଚାଲିଗଲେ ।

ରାଘବବାବୁ ଚେୟାରରେ ବସିପଡ଼ି, ପାଖରେ ଠିଆ ହୋଇଥିବା ସେଠଜୀଙ୍କର ଦେହଲଗା ଚାକରକୁ ନରମ ଗଳାରେ ଡାକିଲେ, ଜଗୁ ? ଜଗୁ ଥରି ଥରି ଉତ୍ତର ଦେଲା—ଆଜ୍ଞା ?

ରାଘବବାବୁ ପଚାରିଲେ –ତୋତେ ଭୋକ କରିବଣି, नुहेँ ? ବାବୁଙ୍କର ଏପରି ପ୍ରଶ୍ନରେ ଜଗୁ ହାତ ମଳି ମଳି ମୁଖର ଭାବ-ଭଙ୍ଗୀ ଦେଖାଇଲା ।

ରାଘବବାବୁ ସଙ୍ଗେ ସଙ୍ଗେ ଜଣେ ସିପାହୀ ହାତରେ ଆଠଅଣାର ଜଳଖିଆ ତାଙ୍କୁ ଆଣି ଖାଇବାକୁ ଦେଲେ ।

Digitized by srujanika@gmail.com

ଜଗୁ ଜଳଖିଆ ଖାଇ, ପାଣି ପିଇସାରିବା ପରେ, ରବିବାବୁ ପକେଟରୁ ଖଣ୍ଡେ ପାନ ବାହାର କରି ଜଗୁକୁ ଦେଲେ ।

ଜଗୁ ଡରି ଡରି ତାଙ୍କ ହାତରୁ ପାନ ଖଣ୍ଡିକ ନେଇ ପାଟିରେ ପୁରାଇଲା । ତା ପରେ ରବିବାବୁ ପୁଣି ହସ ହସ ହୋଇ ଡାକଲେ, ଜଗୁ ?

ଜଗୁ ଉତ୍ତର ଦେଲା—ଆଜ୍ଞା !

ରବିବାବୁ କହିଲେ—ଦେଖ ଜଗୁ, ତୁ ଯେ ଖୁବ ଭଲପିଲା, ଏକଥା ମୁଁ ଜାଣିଛି । ମୁଁ ଭାବୁଛି, ଏଣିକି ତୁ ମୋ ଘରେ ରହିବୁ । ମୁଁ ଯାହା ପଚାରୁଛି, କିଛି ନ ଲୁଚାଇ ସତ କହିଦେବୁ । ନଚେତ୍ ତୋ ଉପରକୁ ବଡ଼ ବିପଦ ଆସିବ । ଅଚ୍ଛା କହିଲୁ—କାଲି ସେଠ-ଜୀଙ୍କ ଘରକୁ ରାତିରେ କେଉଁମାନେ ଆସିଥିଲେ ?

ଜଗୁ ରବିବାବୁଙ୍କୁ ନିଜର ଲୋକପରି ମନେକରି କହିଲା; ମୁଁ ସେଠି ଆଉ ରହିବ ନାହିଁ, ମୋ ପ୍ରାଣ ତ କାଲି ଯାଇଥାନ୍ତା ! ମୁଁ କାହିଁକି କୋଉକଥା ଲୁଚାଇବ । ମୁଁ କାହାର ଖାଏ, ନା ଧାରେ । ହଁ ବାବୁ ଶୁଣନ୍ତୁ, ଆମ ସେଠଜୀ ଭାରି ସ୍ତ୍ରୀ ରଙ୍କଣିଆ, ବୁଢ଼ା ହେଲେ ବି କଣ କମ୍ ସଉକ ! ସେଥିପାଇଁ ସେ ନିଜର କୁଟୁମ୍ବମାନଙ୍କ ସହିତ ନ ରହି ବଗିଚାଘରେ ନିରୋଳା ଜାଗାରେ ରହନ୍ତି । କେବଳ ପଇସା ବଳରେ, ବେଳେ ବେଳେ କେତେକ ଯୁବତୀଙ୍କୁ ଏଠିକୁ ରାତିରେ ଅଣା ହୁଏ । ସେଠଜୀ କେବଳ ମନର ସାଧ ମେଣ୍ଟାଇବା ପାଇଁ ସେମାନଙ୍କୁ ପାଖରେ ନେଇ ବସାନ୍ତି । ତା ପରେ ନୋଟ୍ ବଡ଼ା ବଡ଼ା ଦେଇ ବିଦାୟ କରି ଦିଅନ୍ତି । କାଲି ଦିନରେ ବୋଧହୁଏ ଆଜ୍ଞା ସେଠଜୀ ସେହି ଟଚ୍ଛୁମା ମାଇକିନିଆ ଗୁଡ଼ାଙ୍କୁ ବସ୍ତା ଘାଟରେ ନଗଦ ପଇସା ରୋଜଗାର କରୁଛନ୍ତି; ତାରି ଭିତରୁ ଜଣେ କାହାକୁ ଦେଖି ପସନ୍ଦ

Digitized by srujanika@gmail.com

କହିଥିଲେ କି କ'ଣ କାଳି ନଅଟାବେଳେ ତାଙ୍କର ଜଣେ ବିଶ୍ୱସ୍ତ ଅନୁଚର ଶିକ୍ଷା ଦ'ଟାରେ ତାଙ୍କୁ ଘେନି ଆସିବ ଗୋଟାଏ ଟୋକୀ, ବଇଠା ଯବାନ ସ୍ତ୍ରୀ !

ଭବବାବୁ ନାଚବାଲୀ ନାଁ ଶୁଣି ଶୁଣି ବ୍ୟଗ୍ରତା ପ୍ରକାଶ କରି ପଚାରିଲେ—କିମିତି ଲୋକ ? ଛିଟ ଜାମା ପିନ୍ଧିଛି ତ ?

ଜଗୁ ମୁଣ୍ଡ ହଲାଇ କହିଲା—ହଁ ଆଜ୍ଞା, ସେଇ ହେବ କି କ'ଣ ! ଦେଖିବାକୁ ଭାରି ସୁନ୍ଦରୀ । ତା ଚାହାଣିରେ ସେଠ ଭୁଲିଗଲା ! ଆଉ ମାଇକିନିଆଟା ବି କମ୍ ସୁନ୍ଦରୀ ନୁହେଁ । ବାରଦୁଆର ବୁଲୁଥିଲେ କଣ ହବ—ରୂପ ଅଛି ।

ଭବବାବୁ ପଚାରିଲେ—ତା ପରେ ?

ଜଗୁ ଆରମ୍ଭ କଲା—ଜଣେ ନେପାଳୀ ଚାକରିଆ ଯାଇଁ ପାଞ୍ଚ-ଟଙ୍କାର ଜଳଖିଆ ଘେନି ଆସିଲା । ସେମାନଙ୍କୁ ସେଠ ଜଳଖିଆ ଖାଇବାକୁ କହି ମୋତେ ଡାକିଲା—ଆରେ ଜଗୁଆ ।

ମୁଁ ପାଖରେ ଠିଆ ହୋଇ ପଚାରିଲି—କଣ ଆଜ୍ଞା ?

ସେ ଭାରି ଖୁସି ମନରେ କହିଲେ—କେମିତି ଦିଶୁଛି ସେ ମାଇକିନା । ଭାରି ସୁନ୍ଦରୀ, ନୁହେଁ ?

ସେଠର କଥାର ଉତ୍ତର ଦେଲି—ଆଜ୍ଞା, ଆପଣଙ୍କ ମନ ମାଫିକେ ହୋଇଛି । ଉପର ମନରେ ଏହା କହିଲି ସିନା, ମନେ ମନେ ଭାବୁଥାଏ, ଖାଲି ଦେଖି ଦେଖି ମନର ସାଧ ମେଣ୍ଟାଇବାରେ ଏତେ ଆନନ୍ଦ ଆଉ ସତ ପୁରୁଷପଣିଆ ଥା'ନ୍ତା ତାହାହେଲେ ଏଠା କାହାକୁ ମାନନ୍ତା ନାହିଁ । ଖାଲି ପଇସା ଜୋର ଆଜ୍ଞା ।

ତାପରେ କଣ ହେଲା ? ଭବବାବୁ ପ୍ରଶ୍ନ କଲେ ।

ଜଗୁଆ କହିଲା—ତାପରେ ଆଜ୍ଞା, ସେଠ ଯାଇଁ ମନଖୁସିରେ ବସିଲା । ମୋତେ କହିଲା—ଯା ଜଗୁ, ଆଜି ଡେରି କାହିଁକି । କାଲି

Digitized by srujanika@gmail.com

ଠାରୁ କାଲ୍ ମାଆ ବୁଝିନ୍ଲ,ପରେ ମୁଁ ତା ମନକଥା ଜାଣି ଡାକ ଆଣିଲି । ପରଦା ଆଡ଼େଇ ସମସ୍ତଙ୍କ ଅପେକ୍ଷା ଯେଉଁ ଯୁବତୀଟି ସୁନ୍ଦରୀ, ସେ ନାଚ ନାଚ; ହସି ହସି ସେଠଣାଙ୍କ ପାଖକୁ ଆଗେଇ ଆସିଲା । ସେଠର ମନ କୁଣ୍ଡେ ମୋଟ । ତା ପାଖରେ ଠିଆ ହେଲା ସଙ୍ଗେ ସଙ୍ଗେ ସେ ଖଟଉପରେ ବସାଇଲା ।

ଜଗୁ ହସିଦେଇ କହିଲା —କଣ କହିବ ବାବୁ, ସେଠଟା ଟଙ୍କା ଦିଏ, ଆଜ ସେଇ ଟଙ୍କାର କଗମତ ଭୋଗ କରନ୍ତି ସେହି ନେପାଳୀ ଚୌକିଦାର ବ'ଟା । ଅନ୍ୟସ୍ତ୍ରୀଟା ତାଙ୍କ ଘରକୁ ଯ.ଇଥିଲା, ନେପାଳୀ ଚୌକିଦାରକୁ ପଚ୍ଛରୁ ନାହାନ୍ତି ?

ରବବାବୁ କହିଲେ—ସେମାନଙ୍କୁ ପଚ୍ଛରି ଲାଭ କ'ଣ । ତୋ ଠାରୁ ତ ସବୁ ଖବର ମିଳିବ । ଜଗୁ ଠାରୁ ଏକଥା ଶୁଣୁ ଶୁଣୁ ଘଟଣା କଣ ଘଟିଛି, ରବବାବୁଙ୍କ ଆଖି ଆଗରେ ନାଚ ଯାଉଥିଲା ।

ଇନ୍‌ସପେକ୍‌ଟର ସନାତନବାବୁଙ୍କ ପୁଅଟାଏ ଆସି ରବବାବୁଙ୍କୁ ଡାକିଲା —ଆସନ୍ତୁ ଆଜ୍ଞା, ରାତ ବଢ଼ା ହେଲାଣି । ବାବୁ ଅପେକ୍ଷାକରି ବସିଛନ୍ତି ।

ରବବାବୁଙ୍କର ଜଗୁ କଥା ଶୁଣି ଶୁଣି ଯିବାକୁ ଆଦୌ ଇଚ୍ଛା ନ ଥିଲେ ବ ବାଧ ହୋଇ ତାକୁ ସେଠାରେ ବସି ରହିବାକୁ କହି ଖାଇବାକୁ ଉଠିଗଲେ । ଖାଇବସିବା ପାଖରେ କଣ କରିବାକୁ ହେବ ସେ ବିଷୟରେ ରବବାବୁ ଓ ସନାତନବାବୁଙ୍କ ଭିତରେ ପରାମର୍ଶ ଚାଲିଲା ।

ପ୍ରାୟ ଅଧଘଣ୍ଟା ଭିତରେ ରବବାବୁ ଜଗୁ ପାଖକୁ ଫେରି ଆସିଲେ । ତାର କିଛି ସମୟ ପରେ ସନାତନବାବୁ !

Digitized by srujanika@gmail.com

ଜଗୁ ସେହି ସମୟ ଭିତରେ କାନ୍ଦପାଖ ଶୋଇ ଯାଇଥିଲା । ରଘୁବାବୁ ଓ ସନାତନବାବୁ ସେହି ନଭୂଚ କୋଠ ଖ୍ରେ ବସି ସେହି ବିଷୟରେ କଥାବାର୍ତ୍ତା ହେଉଥିଲେ । କିଛି ସମୟ ପରେ ବାବୁମାନେ ଆସିଲେଣି ବୋଲି ଜଗୁ ଦେଖି ଉଠିପଡ଼ିଲା । ତା'ପରେ ରଘୁବାବୁ ଖୁସି ମନରେ କହିଲେ—ତୁ ଶୋଇଯାଇ ଭଲ କରିଛୁ । ତା ପରେ କ'ଣ ହେଲା କହିବୁଟି ?

ଜଗୁ କଥାରେ ଖିଅ ଯୋଡ଼ି କହିଲା ମୋତେ କେଉଁ କଥାକୁ ଦେଖିବା ବାରଣ ନ ଥାଏ । ତା ପରେ ସେଠ ଆଉ ସେ ମାଇକିନାଆଙ୍କ ହସରେ ଘର ଫାଟି ପଡୁଥିଲା । ମୁଁ ଦୁଆରମୁହଁ ଆଡୁଆଳରେ ଠିଆ ହୋଇଥିବା ଦେଖି ସେଇ ମାଇକିନା ହସ ବନ୍ଦ କରି ମୋତେ ଧମକେଇଲା ଭଳି କହିଲା କିଆଁ ଦେଖୁଛଉ ତୁମ୍ ! ସରମ ଆତେ ନେହିଁ ? ବାହାରେ ଯାଇଏ ନା । ମୁଁ ବି ତା କଥାରେ ଡରିଗଲି । ସେଠଜୀ ସେଦିନ ବି ମୋତେ ଧକ୍କାପକାଇଲା ପରି କହିଲା—ଜଗୁଆ, ଯା ବାହାରକୁ ! ମୁଁ ଛଡ଼ିମିଡ଼ି ହୋଇ ଦାଣ୍ଡ ବାରଣ୍ଡାକୁ ଚାଲିଆସିଲି । ମୁଁ ଆସିବା ଦେଖି ବାହାରେ ବିଛଣା ପକାଇ ବସିଥିବା ସେହି ପଞ୍ଜିମା ଟୋକାଟା ଉଠି ମୋ ହାତ ଧରିନେଇ କହିଲା—ଆଇଏ ଦୋସ୍ତ । ମୁଁ ତା ପାଖରେ ଯାଇ ବସିଲି । ସେ ଯାହା କହୁଥାଏ ମୁଁ ଖାଲି ହଁ ମାରୁଥାଏ ।

ପ୍ରାୟ ଅଧଘଣ୍ଟା ପରେ ସେଠଜୀଙ୍କ ପାଖରେ ଥିବା ସେଇ ଟୋକାଟା ଆସ୍ତେ କବାଟ ଫିଟାଇ ବାହାରକୁ ଚାହିଁ ଧୀର ଗଳାରେ କହିଲା—ଆଇୟେ ।

ପଞ୍ଜିମା ଟୋକାଟା ସଙ୍ଗେ ସଙ୍ଗେ ମୋ ହାତଧରି ଉଠାଇ ନେଇ କହିଲା ଚଲୋ ଭିତରକୁ ।

Digitized by srujanika@gmail.com

ମୁଁ ଭିତରକୁ ଯାଇ ଦେଖିଲି, ଖଟ ଉପରେ ସେଠଜୀ ଶୋଇ ଯାଇଛନ୍ତି । ଖଟ ପାଖରେ ଠିଆ ହୋଇଛି ସେ ମାଇକିନା । ମୋତେ ଦେଖି ପକାଇଲାକ୍ଷଣି, ନାଚି ନାଚି ମୋପାଖକୁ ଦଉଡ଼ି ଆସିଲା । ଆଉ ହସି ହସି ମୋ ବେକ ଗୁଡ଼ପାଖରେ ତା ହାତ ବୁଲାଇ କହିଲା, ସେଠଜୀ ବିଲ୍‌କୁଲ୍ ବୁଡ଼ା ଆଦମ୍ । ତୁମକୁ ସାଦି କରିବି ଜଗୁଆ । ଏହା କହୁ କହୁ ମୋ ବେକକୁ ଏତେ ଜୋରରେ ଚିପିବାକୁ ଲାଗିଲା ଯେ ମୁଁ ଅନେକଶ୍ୱାସୀ ହେବାକୁ ଲାଗିଲି । ମୋତେ ଲାଗିଲା, ସେ ଚିପାରେ ମୋର ଜୀବନଟା ଯେପରି ଗୁଳିଯିବ । ସଙ୍ଗେ ସଙ୍ଗେ ସେ ପଶ୍ଚିମା ଟୋକାଟା ଦଉଡ଼ି ଆଣି ମୋତେ ବାନ୍ଧି ପକାଇଲା—ଆଉ ତୁଳା ମେଞ୍ଚାଏ ମୋ ନାକ ପାଖରେ ମାଡ଼ି ଧରିଲା । ତା ପରେ ମୁଁ ଯେ ସେ ଘରକୁ କମିତି ଯାଇ ପଡ଼ିଲି, ସେ ଖିଆଲ ଆଜ୍ଞା ମୋର ନାହିଁ । କାହିଁ ସେ ମାଇକିନା କାବୁ ? ଦେଖାହେଲେ ବି ଗୋଇଠା ମାରି ପଚାରନ୍ତି ପରା ! ତାପରେ ଆପଣ ତ ହଜୁର ଦଉଡ଼ି ଫିଟାଇ ମୋତେ ମୁକୁଳେଇଲେ ।

ଜଗୁର କଥା ଶୁଣିସାରି, ସନାତନବାବୁ ଓ ଉଦ୍ଧବବାବୁଙ୍କ ଆଖି ଆଗରେ କିପରି ଘଟଣା ଯେ ଘଟିଛି ତାହା ନାଚି ଯାଉଥିଲା । ଆଉ ସ୍ତ୍ରୀ ଲୋକଟି ଚୌକିଦାର ଦୁ'ଜଣଙ୍କୁ କୌଣସି ନିଶାକ୍ତ ଦ୍ରବ୍ୟ ଖୁଆଇ ତାର କାମ ଶେଷ କରିଛି । ସେଠଜୀଙ୍କ ପାଖରେ ଥିବା ଯୁବତୀଟି ପ୍ରେମ-ସମ୍ଭାଷଣ ଭିତରେ ତାଙ୍କୁ ଅଚେତ କରାଇଛି । ବାକି ଜଗୁଆକୁ ତ ଏମାନଙ୍କର ଭ୍ରୁକ୍ଷେପ ନ ଥିବ । ତାପରେ ସେଠି ବିଲେଇ ଛୁଆର ବି ରବ ନାହିଁ । ସେମାନେ ନିର୍ଭୟରେ ସମସ୍ତ କାମ ଶେଷ କରି ଚମ୍ପଟ୍ କରିଛନ୍ତି ।

ସନାତନବାବୁ ସଙ୍ଗେ ସଙ୍ଗେ କହି ଉଠିଲେ—ଏ ସହରକୁ ଏଭଳି ଯେତେ ଦଳ ଆସି ଅଛନ୍ତି, ସମସ୍ତଙ୍କୁ ବର୍ତ୍ତମାନ ଗିରଫ କରି ଆଣିବାକୁ

Digitized by srujanika@gmail.com

ହେବ । ତା ଛଡ଼ା ପୁରୀ, ବାଲେଶ୍ୱର ଏବଂ ପାଖ ଗଡ଼ଜାତରେ ଥିବା ଏହି ଧରଣ ନାଚବାଲାଙ୍କ ପ୍ରତି ମଧ୍ୟ ନଜର ରଖିବାକୁ ପଡ଼ିବ । ସନାତନବାବୁ ଜଣେ ସବ୍‌ଇନ୍‌ସପେକ୍ଟରଙ୍କୁ ଡାକି ଏ ସବୁ କାମ ପୋଲିସ ଫଉଜ ନେଇ ଯେତେ ଚଞ୍ଚଳ ହୋଇପାରେ; ତାହା କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଓ୍ୟାରଲେସ ଦ୍ୱାରା ପୁରୀ, ବାଲେଶ୍ୱର ଏବଂ ଅନ୍ୟାନ୍ୟ ସ୍ଥାନକୁ ଖବର ଦେବାକୁ ମଧ୍ୟ ଜଣାଇଲେ ।

ରବିବାବୁ, ସନାତନବାବୁଙ୍କ ଆଦେଶରେ କିଛି ପ୍ରତିବାଦ କଲେ ନାହିଁ । ମନେ ମନେ ହସି ଭାବିଗଲେ—ଯେଉଁମାନେ ଚିଠିରେ, ଫୋନ୍‌ରେ ସାହେବଙ୍କୁ ଜଣାଇ ଏ କାଣ୍ଡ ଘଟାଇ ପାରୁଛନ୍ତି, ସେମାନେ ପୋଲିସର ଏ ମାମୁଲିଗତି, ଏଠୁ ସେଠୁ ଗିରଫ କରି ଆଣିବା କଥାକୁ କ'ଣ ଭାବି ନ ଥିବେ ? ଅଯଥା ପଣ୍ଡ ପରିଶ୍ରମ କରିବା ସାର ହେବ ।

ରବିବାବୁ ଯିବାକୁ ଉଦ୍ୟମ ହୋଇ ସନାତନବାବୁଙ୍କୁ ଲକ୍ଷ୍ୟ କରି କହିଲେ—ସେ ଚୌକିଦାର ଦି'ଟାଙ୍କର ଚେତା ଆସିଲା ପରେ ତାଙ୍କଠାରୁ କେତେକ ସଠିକ ସମ୍ବାଦ ମଧ୍ୟ ମିଳିବ ।

ସନାତନବାବୁ ଉତ୍ତେଜିତ ହୋଇ କହିଲେ—ସମସ୍ତଙ୍କ ଅପେକ୍ଷା ସେଇ ଦୁଇଜଣଙ୍କ ଦୋଷ ଖୁବ୍ ବେଶୀ । ସେମାନେ ଯଦି ସେମାନଙ୍କର ଯଥାମତ ଡ଼ିଉଟିରେ ଥାନ୍ତେ, ତାହାହେଲେ ଏତେବଡ଼ ହତ୍ୟାକାଣ୍ଡ କେବେ ସମ୍ଭବପର ହୋଇ ନଥାନ୍ତା ।

ରବିବାବୁ କହିଲେ—ଚୌକିଦାରଗୁଡ଼ାଙ୍କର ଦୋଷ କଣ ସାର ? ସବୁ ଦୋଷ ସେହି ସେଠିର । ବିଲେଇକୁ ଶୁଖୁଆ ଖିଆ ଶିଖେଇଛି ସେଇ । ଏଇ ଥରଟା ତ କିଛି ନୂଆ କଥା ନୁହେଁ । ସେଠିଙ୍କର ଚରିତ୍ର ଯେ ଅତି ଜଘନ୍ୟ ତା ଜଗୁଆଠାରୁ ଆପଣ ଶୁଣିଲେ । ଚୌକିଦାରଙ୍କୁ ଏସବୁ ବିଷୟରେ ସେ ପ୍ରଥମ ପ୍ରଶ୍ରୟ ଦେଇଛି ।

Digitized by srujanika@gmail.com

ରବିବାବୁ ପରେ ଆସିବାକୁ କହି ବିଦାୟ ହୋଇଗଲେ ।

ଓପରଓଳି ପାଞ୍ଚଟାବେଳକୁ ଥାନାରେ ଲୋକ ଭରପୂର । ଶହ ଶହ ବାଟୋଇ ମଧ୍ୟ ସେଠି କଣ୍ଟି ସମସ୍ତ ଅଟକ ଯାଉଛନ୍ତି, ଘଟଣା କ'ଣ ବୁଝିବା ପାଇଁ ।

ସେତେବେଳକୁ ସହର ତମାମ ଯେତେ ବିଦେଶୀ ଭିକମଗା ନାଚବାଲିଦଳ ଥିଲେ , ସମସ୍ତ ମରଦ ମାଇକନାଙ୍କୁ ଧରି ଅଣାହୋଇ ଥାନାରେ ଧାଡ଼ିକରି ପ୍ରାୟ କୋଡ଼ିଏ ଜଣଙ୍କୁ ବସାଯାଇଛି । ଇନ୍‌ସ-ପେକ୍‌ଟରବାବୁ ଜଗୁଆକୁ ସଙ୍ଗରେ ଧରି ପଚାରୁଛନ୍ତି – ଯା' ଭିତରୁ କିଏ କାଲି ଟ୍ରେନରେ ଥିଲା ଚିହ୍ନି ବାହାର କର ?

ଜଗୁଆ ଗୋଟିକ ପରେ ଗୋଟିଏ ନିରୀକ୍ଷଣ କରି ବୁଲିଗଲା, କିନ୍ତୁ କାହାରିକୁ ଚିହ୍ନି ପାରିଲା ନାହିଁ । ସନାତନବାବୁ କହିଲେ, କେବେ କାହାକୁ ଦେଖିଥିଲୁ, ଚିହ୍ନାଟ କରି ପାରୁନୁ ?

ସନାତନବାବୁଙ୍କ କର୍କଶ ସ୍ୱରରେ ଜଗୁଆ ଟିକିଏ ଡ଼ରିଯାଇ-କହିଲା—ଆଜ୍ଞା, ମୋର ସଫା ମନେଅଛି, କାଲି ଯେଉଁମାନେ ଯାଇ-ଥିଲେ, ସେମାନଙ୍କ ଚେହେରା ପରି ସୁନ୍ଦରୀ ଯୁବତୀ କାହାନ୍ତି ଏଠି ? ଯା'ଙ୍କ ଭିତରେ କେହି ନୁହନ୍ତି ଆଜ୍ଞା ।

ଜଗୁଆ ମୁହଁରୁ ଏ କଥା ଶୁଣି ସନାତନବାବୁଙ୍କ ମୁହଁ ଫିକା ପଡ଼ିଗଲା । ତା'ପରେ ସେ ମନକୁ ମନ କହିହେଲେ—ଯେଉଁମାନେ ଏଠିକୁ ଧରା ହୋଇ ଆସିଛନ୍ତି, ସମସ୍ତେ ଏ ହତା ଭିତରେ ଆଜି ରହିବେ । କାଲି ନେପାଳୀ ଚୌକିଦାର ଦୁ'ଜଣ ଆସିଲେ, ସେମାନେ ଚିହ୍ନି ପାରୁଛନ୍ତି କି ନାହିଁ; ଦେଖିବାର କଥା । ତା ପରେ ଜଣେ ସବ୍‌ଇନ୍‌ସପେକ୍‌ଟରଙ୍କୁ ଆଦେଶ ଦେଲେ, ଏମାନଙ୍କୁ ଜଗି ରହିବା ପାଇଁ ରାତିରେ ପହରା ବ୍ୟବସ୍ଥା କରିଦିଅ ।

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ରବିବାବୁ ଆଉ କେଉଁଆଡ଼େ ନ ଯାଇ ରାଧାରମଣବାବୁଙ୍କ ସହିତ କେତେକ ଜରୁରୀ ଗୁପ୍ତ ପରାମର୍ଶ କରି ଏବଂ କେତେକ ଦରକାରୀ ଜିନିଷପତ୍ର ନେଇ ବସାକୁ ଫେରିଆସିଲେ ।

× × ×

ରବିବାବୁ ନିଜର ପୋଷାକ ବଦଳାଇ ଫେରିବାଲା ରୂପ ସାଜି ଆଶା ଦେବୀଙ୍କ ନିଜ ବାପଘର ଗାଁ ନାନପୁରରେ ପହଞ୍ଚିଲାବେଳକୁ ସନ୍ଧ୍ୟା ପାଞ୍ଚଟା । ନାନପୁର ଗାଁ କହିଲେ—ନାନପୁର ଜମିଦାରଙ୍କ ଘର ଛଡ଼ା ଆଉରି ପଚାଶ ଷାଠିଏ ବିଭିନ୍ନ ଜାତିର ଲୋକଙ୍କର ଘର । ଗାଁ ମୁଣ୍ଡରୁ ଛୋଟ ଛୋଟ ଦୋକାନ ବି ଅଛି ।

ରବିବାବୁ ସେଠାରେ ପହଞ୍ଚି ଗାଁର ଏମୁଣ୍ଡରୁ ସେମୁଣ୍ଡ ଯାଏ ଥରେ ଡାକିଗଲେ—ଆମେରିକାନ ସୁନାମୁଦି, ହାର ନବ, କଣ୍ଠା-ପାଉଁଆ ନବ, ସିଲ୍‌କ ଫିତା ନବ; ଅତର ସାବୁନ ନବ ହରେକ କିସମକା ଜାପାନୀ ମାଲ । ସସ୍ତା, ଚାର ପଇସେମେ ଏକ ଅଇନା । ଲୁଟ ଖାଉ ।

ମଫସଲ ଗାଁକୁ ଗୋଟାଏ ଫେରିବାଲା ଆସିବା ମାନେ, ଯେମିତି କେଉଁଠୁ ଗୋଟାଏ ବଜାର ଉଠି ଆସିଛି କି କ'ଣ ! ଆଗେ ପିଲା-ମାନଙ୍କର, ତା ପଛେ ପଛେ ବଡ଼ଙ୍କର ଭିଡ଼ । ତା ପଛକୁ ଏ ଘର ଦୁଆର ମୁହଁରୁ ଡାକିବ—ଦେ, ଫିତା ଅଣାକର ଦେଇ ଯା । ସେ ଦୁଆର ମୁହଁରୁ ଚନ୍ଦନକର୍ପୁର ଚାରି ପଇସାର ଦେ । ଆଉ କିଏ ଅଣାଏ ପଇସା ହାତକୁ ବଢ଼ାଇ କହିଲାଣି, ଅଇନାଟା ଦେ । ଏମିତି ଫେରିବାଲା ଏପାଖ ସେପାଖ ହୋଇ ପଇସା, ଅଣି, ଦୋଅଣି ପାଞ୍ଚଟଙ୍କାର ବିକି ସାରିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ତା ବାଦ୍ ସୁଟ୍‌କେଶ ବନ୍ଦ କରି, ଜମିଦାରଙ୍କର ଘର ପାଖ ଗୋଟିଏ ଛୋଟ ଗୁଡ଼ିଆ ଦୋକାନରେ ପହଞ୍ଚି କହିଲା—ଏଠି ରାତିକି କଟାଇ ଦେବାପାଇଁ ଜାଗା ମିଳିବ ଖାଲି ?

Digitized by srujanika@gmail.com

ଗୁଣ୍ଡୁଆ ଦୋକାନର ମାଲିକ ଆଉ ଗାଁକୁ ବାଦାମ ତେଲ ଆଣି-ବାକୁ ଯାଇଥିବାରୁ ତା'ମାଆ ଦୋକାନରେ ବସି ଢୁଳ ଲଗାଉ ଲଗାଉ ଜଣେ ଫେରିବାଲା ଗରାଖ ଆସିବା ଦେଖି ପଚାରିଲା—କ'ଣ କହୁଛରେ ପୁଅ ?

ଫେରିବାଲା କହିଲା—ଯାହା ଭଡ଼ା ନବ ପଛକେ, ଏ ରାତିକ ଏଠି ରହିବାକୁ ଜାଗା ଦିଅ । ଆଉ କେଉଁଠି ସୁବିଧା ନାହିଁ । ପାଞ୍ଚ ବର୍ଷ ତଳେ ଏ ଗାଁକୁ ଆସି ଏଠି ରହିଥିଲି ।

ବୁଢ଼ୀ ଭଡ଼ା ନାଁ ଶୁଣି ହସିଦେଇ କହିଲା—ମୋର କ'ଣ ମନେ ନାହିଁ ନା କଣ ? ଏ ପିଲାଙ୍କ ମୁହଁଟା ମତେ ଜୋ ଠୋଉଁ ଜାଣିଥିଲି ।

ଫେରିବାଲା ହସିଦେଇ କହିଲା—ମୁଁ ଭାବୁଥିଲି, ମାଉସୀ ମନେ ରଖି ନାହିଁ । ଠିକ୍ ମନେ ରଖିଛ ତ !

ବୁଢ଼ୀ କହିଲା—ଏଇଠି ରହ ଯା । ଖଜୁରୀପଟି ଅଛି, ରୋଷେଇ କରିବୁ ନା, ଜଳଖିଆ ଖାଇବୁ ପୁଅ ? କହିବୁ ତ ରୁଟି ଦ'ଖଣ୍ଡ କରି-ଦେବି ।

ଫେରିବାଲା ଖୁସିହୋଇ କହିଲା—ଆଜି ପଚାରୁଛ ମାଉସୀ ? ରୋଷେଇ କରିପାରିବି ନାହିଁ, ବୁଲି ବୁଲି ହାଲିଆ ହେଲିଣି । ରୁଟି ଦ'ଖଣ୍ଡ କରି ଦେ !

ରାତି ଘଡ଼ିକ ପରେ ବୁଢ଼ୀର ପୁଅ ରଘୁଆ ଆଉ ଗାଁରୁ ବାଦାମ ତେଲ ନେଇ ଫେରିଲା । ଦୋକାନରେ କିଏ ଜଣେ ଭଲ ଗରାଖ ବସିଥିବାରୁ ସଙ୍ଗେ ସଙ୍ଗେ ମାଆକୁ ପଚାରି ସବୁ ବୁଝିନେଲା । ତା ପରେ ଫେରିବାଲା ସଙ୍ଗରେ କଥାବାର୍ତ୍ତା ହୋଇ ଖଜୁରୀପଟି ବଦଳରେ ଖଣ୍ଡେ ମସିଣା ଆଣିଦେଲା ।

ଫେରିବାଲା ସେଦିନ ରାତି ରାତି କାମ ଶେଷ କରିବା ପାଇଁ ଦୋକାନୀ ଟୋକାକୁ ଡାକି କହିଲା—ଆରେ ଦୋକାନୀ ଭାଇ, ଆଗେଇ ଆ, ବସି ଟିକିଏ ଗପସପ ହେବା ।

Digitized by srujanika@gmail.com

ରଘୁଆର ଫେରିବାଲା ଠାରୁ କିଛି ସଉକନ୍ ଜିନିଷ କିଣିବାର ଇଚ୍ଛା ତାକୁ ଦେଖିଲାବେଳୁ ହୋଇ ସାରିଥିଲା । ଫେରିବାଲା କଥାର ଉତ୍ତର ଦେଇ କହିଲା—ଯାଉଛି ଫେରିବାଲା ଭାଇ, ତମ ପାଇଁ ଟିକିଏ ତରକାରି ଯୋଗାଡ଼ କରି ଦିଏ ।

ଫେରିବାଲା ତଟିଘରେ ବସି ଲଣ୍ଠନ ଆଲୁଅରେ ତାର ଜିନିଷପତ୍ର ସଜାଡ଼ିବାରେ ଲାଗିଥାଏ । ରଘୁଆ ତରକାରି ବସାଇ ମାଆକୁ କହିଲା, ତରକାରି ଓହ୍ଲାଇ ଦେବୁ, ମୁଁ ଏଇଠି ଅଛି ।

ରଘୁଆ ଫେରିବାଲା ପାଖରେ ବସି ନୋଲଗୋଲ୍ ଓ ମୁଦି ଅନ୍ୟାନ୍ୟ ମନୋହାରି ଜିନିଷ ସବୁ ଦେଖୁଥାଏ । ବୁଢ଼ୀ ବି କିଛି ସମୟ ପରେ ତରକାରି ଓହ୍ଲାଇ ସେଇଠି ଆସି ବସିଲା । ଏଣୁ ତେଣୁ କଥାବାର୍ତ୍ତା ଭିତରେ ଫେରିବାଲା ପଚାରିଲା-ମାଉସୀ, ପାଞ୍ଚ ବର୍ଷ ଆଗେ ଆସିଥିଲି ଯେ, ଏଇ ଜମିଦାର ଘର ଦଶ ଟଙ୍କାର ଜିନିଷ କିଣିଥିଲେ । ଆଜ ଦୁଆର ମୁହଁରେ ଡାକି ଡାକ ଆସିଲି, କେହି ଶୁଣିଲେ ନାହିଁ, ଆଗଭଳି ତ ଘର ନାହିଁ, ବଡ଼ ହତଶ୍ରୀ ଦିଶୁଛି !

ରଘୁଆ ମା ବୁଢ଼ୀ ହୁଁ ଟିଏ ମାରି କହିଲା—ହଁରେ ପୁଅ, ସେ ଘର କ'ଣ ଆଉ ଅଛି ? କପୁର ଗଲାଣି କନା ପଡ଼ିଛି । ସେ ଜମିଦାରବାବୁ ମଲା ସଙ୍ଗେ ସଙ୍ଗେ ଭାଇ ଭାଇ ଭିତରେ କଳି କଜିଆ । ଗୋଟାଏ ଭାଇ ମଦ ଖାଉଛି ।

ଫେରିବାଲା ଆଗ୍ରହ ଦେଖାଇ କହିଲା—ସେଥିପାଇଁ ଇମିତି ଅବସ୍ଥା । ଆଚ୍ଛା ମାଉସୀ, ଆଗଥର ଆସିଲାବେଳେ ଜମିଦାରଙ୍କ ଯେଉଁ ଝିଅର ବିବାହ ଯୋଗାଡ଼ ବାଲେଶ୍ୱରରେ ଲାଗିଥିଲା, ତାହା ହୋଇଗଲା ପରା । ବଡ଼ଘରକୁ ଅ ସିଥିଲେ କେତେ ଖୁସୀ ହୋଇଥାନ୍ତା ।

Digitized by srujanika@gmail.com

ବୁଢ଼ୀ, ଫେରିବାଲା କଥାରେ ସଙ୍ଗେ ସଙ୍ଗେ ଉତ୍ତର ଦେଲା, ସେ ବାହାଘର କ'ଣ ହେଲା କି ବାପା !

— କାହିଁକି ମ ମାଉସୀ, ସବୁତ ଠିକ୍ ହୋଇଥିଲା ?

ସେକଥା କିଏ ବୁଝିଛି ପୁଅ ! ବଡ଼ଲୋକ ଘର କଥା, କିଏ ପାଟି ଫିଟାଇବ ? ସେ ଝିଅ ପରା ଶେଷକୁ ସେଠି ବିଭା ହେବାକୁ କୁଆଡ଼େ ମନା କରିଦେଲା । ତା ପରେ କଟକରେ କେଉଁ ମୁଲକରେ ବାହା ହୋଇଛି ।

ଫେରିବାଲା ଓରଫ୍ ରବିବାବୁଙ୍କର ଆଉ କିଛି ବୁଝିବାର ନ ଥିଲା । ସେ ମନେ ମନେ ତାଙ୍କର ଅନୁମାନ ଉଜ୍ଜ୍ୱଳମୟ ଦେଖି ଆନନ୍ଦ ଅନୁଭବ କରୁଥିଲେ । ତା ପରେ ଏଣୁ ତେଣୁ ମାମୁଲି ଗପ ସପ । ଦ'ଟା ବାଜିବାରୁ ଫେରିବାଲା କହିଲା-ଏଥର କ'ଣ କରିଚ ଖାଇବାକୁ ଦିଅ ମାଉସୀ । ବଡ଼ବ୍ୟସ୍ତ ଲାଗିଲାଣି, ବିଶ୍ରାମ ନବା । କେତେ ପଇସା ହେଲା କୁହ । ମୁଁ ଖେଉ ଉଠିକି ଚାଲିଯିବି—ଆଉ ଗାଁକୁ ।

× × ×

ରବିବାବୁ କଟକ ଫେରି ଆସିଲେ । ବିହାରୀବିହାରୀବାବୁଙ୍କ ପାଖକୁ ଯାଇ ପୁଣି କେତେକ ଗୁପ୍ତ ପରାମର୍ଶ କରି ବସାକୁ ଫେରିଲେ; କିନ୍ତୁ ସେ କେଉଁଠି ସ୍ଥିର ହୋଇ ରହି ପାରିଲେ ନାହିଁ । ଖାଇବା, ପିଇବା ଶୋଇବା ସବୁବେଳେ ସେହି ଏକ ଚିନ୍ତା, କିପରି ଏହି ରହସ୍ୟ-ଜନକ ବ୍ୟୂହ ଭେଦ କରିବେ ।

ଦୁଇଦିନ ପରେ ରବିବାବୁ ସାଧାରଣ ଦେଶ-ଭ୍ରମଣକାରୀ ହିସାବରେ କେତେକ ଜିନିଷ ପତ୍ର ଓ ଖଣ୍ଡିଏ ସାଇକେଲ ଧରି ଷ୍ଟେସନ ବାହାରିଗଲେ । ବାଲେଶ୍ୱରରେ ଷ୍ଟେସନରୁ ଓହ୍ଲାଇ ଖୋର ହେବା

Digitized by srujanika@gmail.com

ପର୍ଯ୍ୟନ୍ତ ଓ୍ୟେଟିଂ ରୁମ୍‌ରେ ବିଶ୍ରାମ କରିବାକୁ ତା ଭିତରେ ପ୍ରବେଶ କଲେ !

ସକାଳ ଛ'ଟା ବେଳେ ନିଜର ନିତ୍ୟକର୍ମ ସାରି ରବିବାବୁ ଗୋଟିଏ ଜଳଯୋଗ ହୋଟେଲକୁ ବାହାରିଗଲେ । ସେଠାରେ ଦିନଟିଏ ରହିବା ପାଇଁ ଗୋଟିଏ କୋଠରି ଭଡ଼ା ନେଇ, ଘୂରିଆଡ଼େ ବୁଲି ତାଙ୍କର କେତେକ ଦରକାରୀ ସମ୍ବାଦ ସଂଗ୍ରହ କରିବାରେ ଲାଗିଲେ । କଥା ପ୍ରସଙ୍ଗରେ ଯେଉଁଠି ଶୁଣିଲେ ସେଠି ସେହି ଜମିଦାର ଉଦୟନାରାୟଣ ବାବୁଙ୍କର ପ୍ରଶଂସା । କିଏ କହିଲା—ସେ ଏକ ସାଧକ । କିଏ କହିଲା—ସେ ଏକ ଉଦାର ଜମିଦାରର ଅବତାର । ରବି-ବାବୁ ଏ କଥା ଶୁଣିଲାକ୍ଷଣି ତାଙ୍କର ଆଶା ମଉଳି ଯାଉଥିଲା । ତାହା-ହେଲେ କ'ଣ ତାଙ୍କର ଆଶା ନିରାଶାରେ ପରିଣତ ହେବ !

ରବିବାବୁ ତହିଁଆର ଦିନ ଦୁଇଟା ବେଳକୁ ସାଇକେଲରେ ଗୁଡପୁର ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ସାଇକେଲ ଉପରେ ବସି ନିଜର ଗୋଡ଼ ଅନବରତ ଘୂରୁଥିବା ସମୟରେ ରବିବାବୁଙ୍କର ମୁଣ୍ଡ ସେଇ ଭାବନାରେ ଘୂରୁଥିଲା । ବାଟରେ ଯେ ଯେଉଁଠି ଦେଖା ହେଲା, ତାକୁ ଜମିଦାରଙ୍କ ବିଷୟରେ ପ୍ରଶ୍ନ କଲେ, ଯଥା ସମ୍ଭବ ଉତ୍ତର ମିଳେ ଜମିଦାର ସ୍ୱୟଂ ଗରିବ ମୂଲିଆଙ୍କର ମା, ବାପା । ତାଙ୍କ ପାଇଁ ଏ ଅଞ୍ଚଳରେ ଲୋକ ଦୁଃଖ କ'ଣ ଜାଣନ୍ତି ନାହିଁ । କେହି କେବେ ତାଙ୍କ ଦୁଆରକୁ ଯାଇ ଖାଲି ହାତରେ ଫେରି ନାହିଁ ।

ବାଟସାକ ଉଦୟନାରାୟଣ ବାବୁଙ୍କ ପ୍ରଶଂସା ଶୁଣି ଶୁଣି ସନ୍ଧ୍ୟା-ବେଳକୁ ଗୁଡପୁର ତିନି ମାଇଲ ଥାଉଣୁ ଏକ ଗାଁରେ ପହଞ୍ଚିଲେ । ସେ ରାତିଟି ସେ ଗାଁରେ କୌଣସି ଜାଗାରେ ରହିଯିବାକୁ ତାଙ୍କର ଇଚ୍ଛା ହେଲା । ଗାଁ ଦାଣ୍ଡରେ ଜଣେ କିଏ ନୂଆ ଧୋବ ବାଉଳି ଲୋକ ଦେଖି

Digitized by srujanika@gmail.com

ପିଲାସବୁ ଜମା ହୋଇଗଲେ । ଗାଁର କେତେକ ଲୋକ ସେ ବାବୁଙ୍କୁ ପଚାରିଲେ, ଆସିବାର କାରଣ ପଚାରିବାରୁ, ଭଦ୍ରବାବୁ କହିଲେ—ମୁଁ ଜଣେ ଭ୍ରମଣକାରୀ । ସାରା ଭାରତ ବୁଲିବା ଉଦ୍ଦେଶ୍ୟରେ ବାହାରିଛି । ଶୁଣିଲି, ଏଠି କେଉଁ ଜମିଦାର ଅଛନ୍ତି, ଖୁବ୍ ଭଲ ଲୋକ । ତାଙ୍କ ପାଖରୁ କିଛି ସାହାଯ୍ୟ ନେବା ଉଦ୍ଦେଶ୍ୟରେ ବାହାରିଛି । ତା ଛଡ଼ା ବୁଦ୍ଧପୁର କିପରି ସ୍ଥାନ, ତା ମଧ୍ୟ ଦେଖିବାକୁ ମୋର ଇଚ୍ଛା । ଆଗେ ଏଇ ବୁଦ୍ଧପୁର ଏବଂ ଆପଣଙ୍କର ଏଇ ଗାଁ ସବୁ କମ୍ ଐତିହ୍ୟଶାଳୀ ନ ଥିଲା ! ବଦନେ ଏହିସବୁ ସ୍ଥାନ ସହରତୁଲ୍ୟ ଥିଲା ; କିନ୍ତୁ ଆଜି ଶ୍ରେଷ୍ଠ ଶ୍ରେଷ୍ଠ ଗାଁ, ଧାନ ବିଲରେ ପରିଣତ ହୋଇଛି । ଆଜି ଆଉ ବୁଦ୍ଧପୁର ଯିବାକୁ ବଡ଼ କ୍ଲାନ୍ତ ଲାଗୁଛି । ଗାଁରେ କେଉଁଠି ରାତିଟା ରହିଯିବାକୁ ଇଚ୍ଛା । ସ୍କୁଲ ଘର ହେଲେ ଚଳିବ ।

ଜମା ହୋଇଥିବା ଲୋକଙ୍କ ଭିତରୁ ଜଣେ ବୟୋବୃଦ୍ଧ କହିଲେ, ଆପଣ ଯେତେବେଳେ ସାଇକେଲରେ ସାରା ଭାରତ ଭ୍ରମଣ କରି ବାହାରିଛନ୍ତି, ତାହା କମ୍ କଥା ନୁହେଁ ! ଆମେ ଗ୍ରାମବାସୀ କ'ଣ ଆଜି ରାତିକ ଆପଣଙ୍କର ସେବା କରିବାକୁ ଅକ୍ଷମ ? ଜମିଦାରଙ୍କ ପାଖକୁ ଯାଆନ୍ତୁ, ନିଶ୍ଚୟ ସୁଫଳ ଫଳିବ । ତା ପରେ ଜଣେ ଗ୍ରାମବାସୀ ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କୁ ସଙ୍ଗରେ ଧରି ଗାଁ ସେ ମୁଣ୍ଡ ଭାଗବତ ଘରକୁ ନେଇଗଲେ ।

ସନ୍ଧ୍ୟା ପରେ ଗାଁର କେତେକ ଲୋକ ସେଠାରେ ଜମିଲେ । କେତେ ଆଉ କେତେ କଥା ପଡ଼ିଲା । ଭ୍ରମଣକାରୀ ଭଦ୍ରବ୍ୟକ୍ତି ଦେଶ ବିଦେଶର କେତେ କଥା ଶୁଣାଇ ଲୋକଙ୍କୁ ମୁଗ୍ଧ କଲେ । ତା ପରେ ଜମିଦାରଙ୍କ କଥା ପଡ଼ିଲା । ଭ୍ରମଣକାରୀବାବୁ କହିଲେ—ଅନେକ ବିଶିଷ୍ଟ ଭଦ୍ର ବ୍ୟକ୍ତିଙ୍କଠାରୁ ଶୁଣିଛି, ଆପଣଙ୍କର ଏ ଜମିଦାରବାବୁ

Digitized by srujanika@gmail.com

ଯେପରି ଉଦ୍ୟୋଗୀ ସେହିପରି ସାଧକ । ସେ କୁଆଡ଼େ ଚିଦାନନ୍ଦ ହୋଇ ନାହାନ୍ତି । ଆଜିକାଲି ଯୁଗରେ ଧନୀ ଜମିଦାରମାନେ ଭୋଗବିଳାସ, ସ୍ତ୍ରୀ ସୁଖରେ ମାତିଥିଲାବେଳେ ଆପଣଙ୍କର ଜମିଦାରବାବୁ ଏପରି ନିଷ୍ଠାବାନ୍ ହେବା କମ୍ ଆଶ୍ଚର୍ଯ୍ୟର କଥା ନୁହେଁ ।

ସେମାନଙ୍କ ଭିତରୁ ଜଣେ କହିଲା—ଈଶ୍ୱରଙ୍କ ଶକ୍ତି ନ ଥିଲେ, ଏପରି ହେବା ସମ୍ଭବ ନୁହେଁ ଆଜ୍ଞା । ତାଙ୍କର ବୟସ ଯେତେବେଳେ ପଚିଶ ବର୍ଷ ହେବ ସେତେବେଳକୁ ତାଙ୍କର ବୈରାଗ୍ୟ ଜନ୍ମିଲାଣି । ନିଜ ଜମିଦାରୀରେ ଥିବା ଘରବାଡ଼ି ଛାଡ଼ି, ଏହି ବୃନ୍ଦାବନଠାରେ ସୁନ୍ଦର କୋଠା ତିଆରି କରିଛନ୍ତି । ବଡ଼ ଅଦ୍ଭୁତ ଧରଣର ଲୋକ ସେ ଆଜ୍ଞା । ସବୁବେଳେ ଉଦାସ । ଦିନରାତି ଗୋଟିଏ ଘର ଭିତରେ ପଶି କୁଆଡ଼େ କ'ଣ ପଢ଼ାପଢ଼ି କରନ୍ତି । ତାଙ୍କର ସଙ୍ଗୀଙ୍କ ଭିତରେ କେତେଗୁଡ଼ିଏ ବାଘ, ଭାଲୁ ଛଡ଼ା ଅନ୍ୟ କିଛି ନାହିଁ । ସକାଳ ହେଲେ ଦେଖିବେ, ଦଶ କୋଶ ଦୂରରୁ ବି ଗରିବ ଲୋକ ତାଙ୍କ ଦୁଆରେ ଧାରଣା ଦେଇଥିବେ । କେହି ଖାଲି ହାତରେ ଫେରିବେ ନାହିଁ । ପେଟ ପୂରାଇ ଖାଇବେ, ତା' ଉପରେ ପୁଣି ଦକ୍ଷିଣା ଭଳି ପାଞ୍ଚ, ଦଶ ଆଣିବେ ।

ଆଉ ଜଣେ କହିଲା—ଆଜ୍ଞା, ତାଙ୍କର ଆଉ ଏକ ସନ୍ଧିକ ଅଛି । ଗାଁରେ ଯିଏ ବୁଢ଼ା ହେଉ, ଟୋକା ହେଉ ବା ଯୁବତୀ ହେଉ, ଯିଏ ମଲା, ତାଙ୍କୁ ସେ ଖବର ଦେଇଥିବା ସାଙ୍ଗେ ସଙ୍ଗେ ପାଞ୍ଚଟଙ୍କା ପୁରସ୍କାର ପାଇବ ଏବଂ ଜମିଦାରବାବୁ ଏ ଖବର ପାଇଲା ସଙ୍ଗେ ସଙ୍ଗେ ମଠର ତଳି ଶଣ୍ଟାନରେ ମୃତ ଲୋକ ପାଖରେ ଯାଇ ହାଜର ହେବେ । ଆମେ ମୂର୍ଖଲୋକ ଏ ସବୁ କ'ଣ ବୁଝିବୁ ? ମଲା ଲୋକକୁ ଦେଖି ଅନ୍ୟମାନେ କାନ୍ଦି ଅଧୀର ହେଲାବେଳେ, ସେ ଅନେକ ସମୟ ସେହି ମୃତବ୍ୟକ୍ତିର ମୁହଁକୁ ଚାହିଁ ଖୁସି ମନରେ ହସି ହସି ମଠରକୁ ଫେରି ଆସିବେ ।

Digitized by srujanika@gmail.com

ଭ୍ରମଣକାରୀବାବୁ ଏ କଥା ଶୁଣୁ ଶୁଣୁ ଆଉ ଏକ ନୂଆ ସମସ୍ୟାର ଜାଲରେ ପଡ଼ି ଛଟପଟ ହେବାକୁ ଲାଗିଲେ । ବ ଆଶ୍ଚର୍ଯ୍ୟ କଥା ! ମଲା ଖବର ପାଇଲାକ୍ଷଣି ସେ ପୁରସ୍କାର ଦେଉନ୍ତି କାହିଁକି ? ମୃତଶରୀରକୁ ସେ ନିଜେ ଦେଖି ହସନ୍ତି କାହିଁକି ? କି ଗୁପ୍ତ ରହସ୍ୟ ଯା ଭିତରେ ରହିଛି ? କଥାବାର୍ତ୍ତା ଭିତରେ ବେଶି ସମୟ ନୀରବ ରହିବା ସୁନ୍ଦର ନୁହେଁ ବୋଲି, ଭ୍ରମଣକାରୀବାବୁ କହିଲେ—ମୃତ ଶରୀରକୁ ଦେଖି ତୁମ୍ଭେମାନେ ଦୁଃଖରେ ଅଧୀର ହେଉଥିବାବେଳେ, ସେ ଯେ ହସନ୍ତି ଯାର ମୂଳରେ କମ୍ କଥା ନାହିଁ ! ସେ ପ୍ରକୃତ ସାଧକ, ସେ କେବଳ ଏ ସଂସାରର ମାୟା ବନ୍ଧନକୁ ତୁଚ୍ଛ ମନେ କରି ଦୁନିଆଁକୁ ବିଦ୍ରୂପ କରି ହସି ପାରେ । କିନ୍ତୁ ଆମେ ସାଧାରଣ ଲୋକ ତ, ମାୟା ବନ୍ଧନ ଭିତରେ ବୁଡ଼ି ରହିଛୁ, ଆମେ ଦୁଃଖରେ ଅଧୀର ହେବୁ ନାହିଁ ତ ଆଉ ହେବ କିଏ ?

ସେଠାରେ ବସିଥିବା ଆଉ ପାଞ୍ଚ ଜଣ ଲୋକ କହି ଉଠିଲେ, ଠିକ୍ ଆଜ୍ଞା, ଆପଣ ଯାହା କହିଲେ ଅକ୍ଷରେ ଅକ୍ଷରେ ସତ । ଶାସ୍ତ୍ର ପୁରାଣରେ କ'ଣ ଲେଖା ନାହିଁ, କୁରୁକ୍ଷେତ୍ରରେ ପରା ଅର୍ଜୁନ, ଭାଇ ବନ୍ଧୁଙ୍କୁ ମାରି ରାଜ୍ୟ ଲୋଡ଼ା ନାହିଁ ବୋଲି ଗାଣ୍ଡିବ ଧନୁକୁ ଥୁଡ଼ି ଦେବାରୁ ଶ୍ରୀକୃଷ୍ଣ ପରା ଏଇଆ ବୁଝାଇଥିଲେ । ଏ ମାୟା ସଂସାରରେ କିଏ କାହାର ? କିଏ ମରୁଛି, କିଏ ବା କାହାକୁ ମାରୁଛି ? କେବଳ କୁହୁକ ପରି ଏ ଦୁନିଆଟା ଖାଲି ଖେଳଘର ।

ତା ଭିତରୁ ଆଉ ଜଣେ କହିଲେ—ଜମିଦାରବାବୁଙ୍କର ଆଉ ଏକ ଖିଆଲ ଜାଣନ୍ତି ବାବୁ ? ଆପଣ ତ ଯିବେ, କାଲି ଦେଖିବେ ଯେ !

ଭ୍ରମଣକାରୀବାବୁ ସେ କି କଥା ବୋଲି ଜାଣିବାକୁ ଆଗ୍ରହ ପ୍ରକାଶ କରିବାରୁ ଯେ ଲୋକଟି ଆଗରୁ ଠିକଣା ପୁଞ୍ଚାଥିଲା ସି କହିଲା,

Digitized by srujanika@gmail.com

ଜମିଦାରବାବୁଙ୍କୁ ବର୍ତ୍ତମାନ ପଇଁତାଳିଶ ବର୍ଷଯାଏ ହେବ କି କ'ଣ । କଳା ଦାଢ଼ି ରଖିଛନ୍ତି ବୋଲି ବେଶୀ ବୟସର ପରି ଜଣାପଡ଼ୁଛନ୍ତି । ମଣିଷ ମରିବା ଖବର ଶୁଣିଲେ ସେ ଯେପରି ଆନନ୍ଦ ପ୍ରକାଶ କରନ୍ତି, ଅନ୍ୟ କୌଣସି ଖୁସି ଖବରରେ ସେତେ ନୁହେଁ । ସେଥିପାଇଁ ସେ ମଲେ, ଯେଉଁ ସମାଧି ମନ୍ଦିରରେ ଚିରଦିନ ପାଇଁ ଶୋଇ ରହିବେ ସେହି ମନ୍ଦିର ଯେ କି ସୁନ୍ଦର ହୋଇଛି ତାହା ଆପଣ ନ ଦେଖିଲେ ମୋ ବର୍ଣ୍ଣନାରୁ କିଛି ବୁଝି ପାରିବେ ନାହିଁ । କେତେ ଟଙ୍କା ଯେ ସେ ସମାଧି ପୀଠରେ ଖର୍ଚ୍ଚ ହେଲାଣି, ତାର କଳନା ନାହିଁ । ପ୍ରତିଦିନ ସକାଳ ସନ୍ଧ୍ୟାରେ ଜମିଦାରବାବୁ ସେହି ସମାଧି ପୀଠକୁ ଦେଖିବାକୁ ଯା'ନ୍ତି । ମଲା ପରେ ସେ ସେଇଠାରେ ଶୋଇ ରହିବେ ବୋଲି ମନକୁ ମନ ହସି ପକାନ୍ତି । ଏଇଥିରୁ ବୁଝୁନାହାନ୍ତି, ସେ କଅଣ ଧରଣର ଲୋକ । କିଏ ମରିବା କଥା କହିଲେ, ହଠାତରେ ଥରି ଉଠେ, ଆଉ ସେ ମରଣ ନା ଶୁଣିଲେ, ଆନନ୍ଦରେ ହସି ହସି ଗଡ଼ିଯା'ନ୍ତି ।

ଭୂଷଣନାଥବାବୁ ଏ ସବୁ କଥାକୁ ମନେ ମନେ ଓଲଟପାଲଟ କରି ଶେଷକୁ ଭାବ ଗମ୍ଭୀର ହୋଇ କହିଲେ —ଯେଉଁମାନେ ଖୁବ ଜ୍ଞାନୀ, ତ୍ରିକାଳଦର୍ଶୀ, ଜନ୍ମ ମରଣ ଯାହାଙ୍କ ପାଖରେ ସମାନ, ସେଇମାନେହିଁ କେବଳ ମୃତ୍ୟୁରେ ଆନନ୍ଦ ପ୍ରକାଶ କରନ୍ତି । ଜମିଦାରବାବୁ ବାସ୍ତବିକ୍ ଏକ ପ୍ରତିଭାଶାଳୀ ମହାତ୍ମା ।

ରାତି ଦଶଟା ବାଜିବାରୁ ସେମାନଙ୍କ ଭିତରୁ ଜଣେ ବୃଦ୍ଧ କହି ଉଠିଲେ—ଏଣିକିରେ ଗପସପ ବନ୍ଦ କର । ବାବୁ କ୍ଳାନ୍ତ ହୋଇ ପଡ଼ିଛନ୍ତି ବୋଲି ଏଠି ବିଶ୍ରାମ ନେଉଛନ୍ତି । ତାଙ୍କ ଆଗରେ ଏତେ ଗପସପ ହେଲେ, ସେ ଆଉ ବିଶ୍ରାମ ନେବେ କେତେ ବେଳେ ? ତାଙ୍କ ପାଇଁ ଖାଇବା ଜିନିଷ ଠାକୁରଘରେ କ'ଣ ବନ୍ଦୋବସ୍ତ କରିଛ ଦେଖ, ନେଇ

Digitized by srujanika@gmail.com

ଆସ । ସେଠାରେ ବସିଥିବା ଲୋକଙ୍କ ମନକୁ ମଧ୍ୟ ଏ କଥା ପାଇଲା । ଖାଇବା ଜିନିଷ ଆଣିବା ପାଇଁ ଦୁ’ଜଣ ଟୋକା ଦଉଡ଼ିଲେ ।

ସେଦିନ ଭ୍ରମଣକାରୀବାବୁ ଖାଇ ପିଇ ଶୋଇଲାବେଳକୁ ରାତି ଏଗାରଟା । '

ତହିଁ ଆରଦିନ ସକାଳ । ଭ୍ରମଣକାରୀବାବୁ ନଜର ନିତ୍ୟକର୍ମ ସାରି ସାଇକେଲ ଧରି ଜମିଦାରବାବୁଙ୍କ ଗୃହାଭିମୁଖେ ଗମନ କଲେ । ଅସ୍ତେ ଆସ୍ତେ ସାଇକେଲ ଚଳାଇ ଜମିଦାରଙ୍କ କୋଠି ଆଗରେ ପହଞ୍ଚିଲାବେଳକୁ ଆଠଟା ବାଜି ଯାଇଥିଲା ।

ଭ୍ରମଣକାରୀବାବୁ, ଜମିଦାରଙ୍କ କୋଠାଆଡ଼େ ଚାହିଁ ଅବାକ୍ ହୋଇଗଲେ । ଚତୁଃପାର୍ଶ୍ୱରେ ଦୁଇ ମାଇଲ ଆୟତନରେ କେଉଁଠି ଘରଦ୍ୱାର କିଛି ନାହିଁ । ଯୁଆଡ଼କୁ ଚାହିଁଲେ ଖୋଲା ପଡ଼ିଆ ଏବଂ ଧାନ କ୍ଷେତ ଭିତରେ ଆଖି ପାଏ ନାହିଁ । ଅପନ୍ତରା, ଜନଶୂନ୍ୟ, ଜାଗାରେ ଜମିଦାରବାବୁ ଯେ କାହିଁକି ଏ ବାସଗୃହ ତିଆରି କରି-ଛନ୍ତି, ତାହା ତାଙ୍କ ଛଡ଼ା ଆଉ କାହାରି ବୁଝିବା ସମ୍ଭବପର ନୁହେଁ ।

ବିରାଟ ପ୍ରାଚୀରବେଷ୍ଟିତ ଉଦ୍ୟାନର ମଧ୍ୟସ୍ଥଳୀରେ ଜମିଦାରବାବୁଙ୍କର ଦୋତାଲା କୋଠାଟିଏ ଠିଆ ହୋଇଛି । ଫାଟକ ପାଖରେ ଆଉ ଗୋଟିଏ ଗ୍ଲେଟ ଘର । ସେ ଘର ଭିତରେ କେତୋଟି ଟେବୁଲ ଚେୟାର ସଜା ହୋଇଛି । ଲୌହ ଫାଟକ ବନ୍ଦ । ଭ୍ରମଣକାରୀବାବୁ ଫାଟକ ପାଖରେ ସାଇକେଲ ରଖି ଏଣେ ତେଣେ ଅନାଇବାରୁ ସେହି ଫାଟକପାଖ ଘର ଭିତରୁ ଜଣେ ଲୋକ ବାହାରି ଆସି ପଚାରିଲେ କାହାକୁ ଖୋଜୁଛନ୍ତି ଅଜ୍ଞା ?

ଭ୍ରମଣକାରୀବାବୁ ସେହି ଦ୍ୱାରକାରୀବାବୁଙ୍କୁ ନମସ୍କାର ହୋଇ ନମ୍ର ଭାବରେ କହିଲେ—ମୁଁ ଅଜ୍ଞା, ଏଇ ସାଇକେଲରେ ଭାରତ

Digitized by srujanika@gmail.com

ଭ୍ରମଣ କରିବାକୁ ମନସ୍ଥ କରିଛି । ଏଥିମଧ୍ୟରେ ଦକ୍ଷିଣ ଭାରତର ପ୍ରାୟ ହଜାର ମାଇଲ ଭିତରେ ଥିବା ସବୁ ପୁଣ୍ୟସ୍ଥାନମାନ ଦେଖି ଏଠି ପହଞ୍ଚିଛି । ବାଲେଶ୍ୱରରେ ଜମିଦାରବାବୁଙ୍କର ଖ୍ୟାତି ଶୁଣି ତାଙ୍କ ଦର୍ଶନ କରିବାକୁ ଆସିଛି ଏବଂ ମୋର ନଜର ଯେ କିଛି ସ୍ୱାର୍ଥ ନାହିଁ, ଏପରି ନୁହେଁ । ବିଭିନ୍ନ ସ୍ଥାନର ରାସ୍ତା ଘାଟ ଭ୍ରମଣ କରିବା ସମୟରେ ଅର୍ଥ ହେଉଛି ଏକମାତ୍ର ସହାୟ । ଜମିଦାରବାବୁଙ୍କଠାରୁ କିଛି ଚାନ୍ଦା ବି ସଂଗ୍ରହ କରିବି ।

ସେ ଭଦ୍ରବ୍ୟକ୍ତି ଭ୍ରମଣକାରୀଙ୍କଠାରୁ ଏତିକ ଶୁଣି ଖୁସି ହୋଇ ତାଙ୍କୁ ଘରକୁ ଡାକି ନେଇ କହିଲେ—ଆପଣ ତାହାହେଲେ ଜମିଦାର-ବାବୁଙ୍କର ଅତିଥି ହେଲେ । ଆଜି ଗୁରୁବାର, ଜମିଦାରବାବୁଙ୍କର ମୌନ ଦିବସ । ତାଙ୍କ ସହିତ ଦେଖା ହେଉ ହେଉ କାଲି ପାଞ୍ଚଟା, ଆପଣ ତାଙ୍କର ଅତିଥିଶାଳାରେ ଖାଇପିଇ ବିଶ୍ରାମ କରନ୍ତୁ ।

ଭ୍ରମଣକାରୀବାବୁ ଖଣ୍ଡେ ଚେୟାରରେ ବସି ପଡ଼ୁ ପଡ଼ୁ କହିଲେ, ବାଲେଶ୍ୱରରେ ଏବଂ ଅନ୍ୟାନ୍ୟ ସ୍ଥାନରୁ ଜମିଦାରବାବୁଙ୍କର ଯେଉଁ ପ୍ରଶଂସା ଶୁଣିଥିଲି, ତାହା ମୋର ବିଶ୍ୱାସ ହେଉ ନ ଥିଲା; କିନ୍ତୁ ଆପଣଙ୍କର ବ୍ୟବହାରରୁ ସେ ଧାରଣା ମୋର ବଦଳିଛି ।

ଭଦ୍ରବ୍ୟକ୍ତି ଟିକିଏ ହସି କହିଲେ— ମୁଁ ନିମିତ୍ତ ମାତ୍ର ।

ପ୍ରାୟ ପନ୍ଦରମିନିଟ ପରେ ସେହି ଭଦ୍ରବ୍ୟକ୍ତି ଉଠି କହିଲେ, ଆପଣ ଏଥର ବିଶ୍ରାମଗୃହକୁ ଚାଲନ୍ତୁ । ଅତିଥି ଆସିଲା ମାତ୍ରେ ତାଙ୍କର ସେବା କରିବା ପାଇଁ ଜମିଦାରବାବୁଙ୍କର ନିର୍ଦ୍ଦେଶ ଅଛି ।

ଭ୍ରମଣକାରୀବାବୁ ଉଠିଲେ । ତାଙ୍କ ପଛେ ପଛେ ସେହି ଭଦ୍ର-ଲୋକ । ଫାଟକ ପାଖରେ ଠିଆ ହେଲାକ୍ଷଣି, ଦୂରରୁ ଜଣେ ମାଳୀ ଆସି କବାଟ ଖୋଲିଦେଲା । ଫାଟକ ପାଖରୁ କୋଠା ପାହାଚ ଯାଏ

Digitized by srujanika@gmail.com

ପକ୍କା ରାସ୍ତା । ରାସ୍ତାର ଦୁଇ ଧାରରେ ଦୁଇଧାଡ଼ି ହୋଇ ବଳାଉ ଫୁଲ ଗଛରେ ବିଭିନ୍ନ ରଙ୍ଗର ଫୁଲ ସବୁ ଭରି ହୋଇ ଯାଇଛି ।

ସେହି ଭଦ୍ରଲୋକ ଭ୍ରମଣକାରୀ ଅତିଥିଙ୍କୁ ସଙ୍ଗରେ ଧରି ସିଧା ରାସ୍ତାରେ ନ ଯାଇ ପ୍ରାଚୀରି କରେ କରେ ଏକ ରାସ୍ତାରେ ଚାଲିବାକୁ ଲାଗିଲେ । ଅଳ୍ପବାଟ ପରେ ପୁଣି ଏକ ବିରାଟ ପ୍ରାଚୀର । ପ୍ରାଚୀର ଦେହରେ ପୁଣି ଏକ ଫାଟକ । ସେହି ଫାଟକର କଡ଼ାକୁ ଠକ୍ ଠକ୍ କଲାକ୍ଷଣି, ଜଣେ ଲୋକ କବାଟ ଖୋଲି ଦେଲା । ତା ଭିତରକୁ ଦୁହେଁ ଯାଉଁ ଯାଉଁ ଭ୍ରମଣକାରୀ ରବିବାବୁ ମନେ ମନେ ଶଙ୍କିଯାଉଥିଲେ । ସେ ଯେଉଁ ଅତିଥିଶାଳାରେ ରହିବାକୁ ଯାଉଛନ୍ତି, ତାହା ଅତିଥିଶାଳା ନା ବନ୍ଦୀ ନିବାସ ! ପୁଣି ପରମୁହୂର୍ତ୍ତରେ ସାହସ ବାନ୍ଧନ୍ତି, ଭଗବାନ ଭରସା । କ'ଣ ହେଉଛି ଦେଖାଯାଉ ।

ସେହି ପ୍ରାଚୀରର ଅଳ୍ପଦୂରରେ ଅତିଥିଶାଳା । ସୁନ୍ଦର ସାଜସଜା କୋଠରୀ । ଖଟ, ଟେବୁଲ, ଚେୟାର ଇତ୍ୟାଦି ଯଥାସ୍ଥାନରେ ସଜ୍ଜିତ ହୋଇ ରହିଛି । ଉକ୍ତ ଭଦ୍ରବ୍ୟକ୍ତି ଭ୍ରମଣକାରୀବାବୁଙ୍କୁ କହିଲେ, ଆପଣ ଏଇଠି ବିଶ୍ରାମ କରନ୍ତୁ । ତା ପରେ ଜଣକର ନା ଧରି ଡାକିଲେ, ପରୁଆ, ପରୁଆ ? ଅଠର ଊଣେଇଶ ବର୍ଷର ଏକ ଟୋକା ହାଜର ହୋଇ କହିଲା—କଣ ଆଜ୍ଞା ? ଉକ୍ତ ଭଦ୍ରବ୍ୟକ୍ତି କହିଲେ—ଏ ବାବୁଙ୍କର ସେବାରେ ଯେପରି କିଛି ହେଳା ନ ହୁଏ ! ସ୍ନାନାଗାରକୁ କହ, ଜଲଦି ଜଳଖିଆ କରୁ ?

ପରୁଆ ସମ୍ମତି ଜଣାଇ କହିଲା—ସ୍ନାନାଗାର ପୁରି ଘଣ୍ଟାଏ ଆଜ୍ଞା । ବାବୁ ଗାଧୋଇ ସାରିଲାବେଳକୁ ତିଆରି ହୋଇ ସାରିଥିବ । ତା' ପରେ ସେ ଭଦ୍ରବ୍ୟକ୍ତି ଭ୍ରମଣକାରୀବାବୁଙ୍କୁ କହିଲେ—ଆପଣ କାମ ସାରନ୍ତୁ । ଖାଇଲା ବେଳକୁ ମୁଁ ପୁଣି ଆପଣଙ୍କ ପାଖକୁ ଆସିବି ।

Digitized by srujanika@gmail.com

ଭ୍ରମଣକାରୀବାବୁ କହିଲେ--ଆପଣଙ୍କର ଏଭଳି ବ୍ୟବସ୍ଥାରେ ଯେ କୌଣସି ଲୋକ ମୁଗ୍ଧ ହେବ । ଧନ୍ୟ ଜମିଦାରବାବୁ !

ଭଦ୍ରବ୍ୟକ୍ତି ଚାଲିଯିବା ପରେ ଭ୍ରମଣକାରୀ ରବିବାବୁ ଗାଧୋଇ ବାହାରିଲେ । ପରିଆ ଗାଧୁଆ ଘରକୁ ନେଇ ତାଙ୍କୁ ବାସନା ତେଲ, ଲକ୍ସ ସାବୁନ ପ୍ରଭୃତି ଦେଲା । ରବିବାବୁ ଗାଧୋଇଯିବା ଭିତରେ ଚାରିଆଡ଼କୁ ଚାହିଁ ଦେଖିଲେ—ଏ ଅତିଥିଶାଳା ଠିକ୍ ବନ୍ଦୀଶାଳା ସଙ୍ଗେ ସମାନ । ପ୍ରାଚୀର କବାଟ ନ ଫିଟିଲେ ବାହାରକୁ ଯିବାର କୌଣସି ଉପାୟ ନାହିଁ ।

ଗାଧୋଇ ସାରି, ନିଜ ଖଟ ପାଖକୁ ଫେରିଆସି ଲୁଗାପଟା ପିନ୍ଧିଲା ବେଳକୁ, ପୁଖାଳ ଆଣି ପୂରି, ଆଳୁ ତରକାରୀ, ସୁଜି ଖିରି ଟେବୁଲ ଉପରେ ଥୋଇଲା । ରବିବାବୁ ମୁଣ୍ଡ ଖୁଣ୍ଟାଇ ଖାଇ ବସିଲେ । ଖାଉଁ ଖାଉଁ ସେ ନିଜକୁ ନିଜେ ବଡ଼ ଲଜ୍ଜିତ ବୋଧ କରୁଥିଲେ । ସେ ଯାହାର ଆତିଥ୍ୟ ଗ୍ରହଣ କରିଛନ୍ତି, ତାରି ପୁଣି ସର୍ବନାଶ କରିବାକୁ କଳ୍ପନା ଧରି ଆସିଛନ୍ତି ଏଠିକୁ । ଉପାୟ ନାହିଁ, ସର୍କାରୀ ଚାକରି, ତାଙ୍କର କର୍ତ୍ତବ୍ୟ !

ଜଳଖିଆ ଖାଇସାରି ରବିବାବୁ ସ୍ଥିର ମନରେ ଭବିଷ୍ୟତ ଉପାୟ ସ୍ଥିର କରିବାକୁ ବିଛଣାରେ ପଡ଼ିଲେ ।

ପରିଆ, ପାଖରେ ସିଗାରେଟ ଦେଇ ପଚାରିଲା—ଆଜି କ'ଣ କରିବ ବାବୁ ?

ରବିବାବୁ ଖୁସିହୋଇ କହିଲେ—ତୋର ଏଇକ୍ଷଣି ଆଉ କିଛି କାମ ନାହିଁ, ଯାଇପାରୁ ।

ଠିକ୍ ବାରଟା ବେଳକୁ ସେହି ଭଦ୍ରବ୍ୟକ୍ତି ଆସି ପହଞ୍ଚିଲେ । ସେତେବେଳେ ପର୍ଯ୍ୟନ୍ତ ବି ରବିବାବୁ ତାଙ୍କର କଳ୍ପନାର ଯୌଧ

Digitized by srujanika@gmail.com

ଉଡ଼ୁଥିଲେ । ଭଦ୍ରବ୍ୟକ୍ତିଙ୍କୁ ଦେଖିପକାଇ ଭ୍ରମଣକାରୀବାବୁ ବାରଣ୍ଡାରୁ ଉଠିପଡ଼ିଲେ । ତା ପରେ ଖୁସି ମନରେ ସେହି ଭଦ୍ରବ୍ୟକ୍ତିଙ୍କୁ ପାଖ ଚେୟାରରେ ବସିବାକୁ ଅନୁରୋଧ କରି କହିଲେ —ଆଜ୍ଞା, ଏଭଳି ସୁଖଭୋଗ ଏ ଭ୍ରମଣକାରୀ ଭାଗ୍ୟରେ ନାହିଁ । କାଲି ଆଜ୍ଞା ମୋତେ ବିଦାୟ କରିଦେବାକୁ ଚେଷ୍ଟା କରିବେ ।

ଭଦ୍ରଲୋକ ବସି ପଡ଼ି ପଡ଼ି ହସ ହସ ହୋଇ କହିଲେ —ସେ କଥା ଆଜ୍ଞା ମୋ ହାତରେ ନାହିଁ । ଜମିଦାର ବାବୁ ଜଣେ ଅତିଥି ପାଇଲେ ତାଙ୍କୁ ସହଜରେ ଛାଡ଼ନ୍ତି ନାହିଁ । କାଲି ତାଙ୍କ ସହିତ ଦେଖା ହେଉ, ତା ପରେ ଯାହା ହେବ ।

ପରିଆ ଦୁଇଟି ଆସନ ପକାଇଲାକ୍ଷଣି, ପୂର୍ବୋକ୍ତ ଖାଦ୍ୟ ଜିନିଷ ଆଣି ସଜାଇ ରଖିଲା । ଏତେ ରକମ ତରକାରୀ ହେଲା କେମିତି ବେଳେ ! ଭ୍ରମଣକାରୀବାବୁ ଅବାକ୍ ହୋଇଗଲେ । ମାଛର ପାଞ୍ଚ ପ୍ରକାର । ସାଧା ତରକାରୀ, କ୍ଷିରି, ପୁରି ଇତ୍ୟାଦି କେତେ କ'ଣ । ତାଙ୍କ ଜୀବନରେ ସେ ଏଭଳି କେଉଁଠି ଦିନେ ହେଲେ ଖାଇ ନାହାନ୍ତି । ରବିବାବୁ ମନେ ମନେ କ୍ଷଣକପାଇଁ ଭାବିଗଲେ, ସେ ଯେଉଁ ଉଦ୍ଦେଶ୍ୟରେ ଆସିଛନ୍ତି, ସେ ଯାହାହେଉ ପଛକେ ଏହି ଅତିଥି-ଶାଳାରେ ସେ କିଛିଦିନ ରହି ରାଜସୁଖ ଭୋଗ କରିପାରିବେ ।

ଖିଆପିଆ ସରିଲା । ଭଦ୍ରବ୍ୟକ୍ତି ଯିବା ଆଗରୁ କହିଲେ —ଯଦି କିଛି ଅସୁବିଧା ହୋଇଥାଏ କ୍ଷମା କରିବେ । ରାତିରେ ଆପଣ ଆଜ୍ଞା କ'ଣ ଖାଆନ୍ତି ? ଭାତ ନା ପୁରି ?

ଭ୍ରମଣକାରୀବାବୁ ଉତ୍ତର ଦେଲେ —ସେମିତି କିଛି ମୋର ଧରାବନ୍ଧା ନାହିଁ । ଯାହା ଯେଉଁଠି ମିଳିଲା ।

Digitized by srujanika@gmail.com

ଭଦ୍ରବ୍ୟକ୍ତି କହିଲେ —ପୁରି ଆଉ ମାଂସ ସୁବିଧା ହେବ । ମୁଁ ଯାଏ ଆଜ୍ଞା ।

ସେଦିନ ରାତି ଦଶଟା । ଭ୍ରମଣକାରୀବାବୁ ଖାଦ୍ୟ ଖାଇସାରିବା ପରେ ସେ ଭଦ୍ରବ୍ୟକ୍ତି ବିଦାୟ ହୋଇ ଯାଇଛନ୍ତି । ରବିବାବୁ ବିଛଣାରେ ଏପାଖ ସେପାଖ ହୋଇ ଭାବୁଥାନ୍ତି, କିପରି ଜୟପୁରରେ ଖବର ସଂଗ୍ରହ ହୋଇ ପାରିବ । ଭାବନା ମଝିରେ ଘନ ଘନ ନିଶ୍ୱାସ ବାହାରି ଆସୁଥାଏ ।

ହଠାତ୍ ପରିଆ ଗୋଡ଼ ପାଖରେ ଠିଆହୋଇ କହିଲା—ବାବୁ ଗୋଡ଼ ଟିକିଏ ଚିପିଦିଏ !

ରବିବାବୁ ଖୁସି ହୋଇ କହିଲେ—ଖଟ ଉପରେ ବସି ଚିପି ଦେ । ଠିଆ ହୋଇ ଚିପିବୁ କେତେବେଳ ଯାଏ ।

ପରିଆ ଖଟ ଉପରେ ବସି ଗୋଡ଼ ଚିପୁ ଚିପୁ ରବିବାବୁ ନରମ ଗଳାରେ ପଚାରିଲେ—ଆରେ ପରି, କେତେଦିନ ହେଲା ଏଠି ରହିଲୁଣି ?

ପରିଆ ଉତ୍ତର ଦେଲା—ବର୍ଷେ ହେବ ରହିଲଣି ।

—ଦରମା କେତେ ?

ଆଜ୍ଞା ପଚିଶ ଟଙ୍କା । ତା ଛଡ଼ା ଏଠିକୁ ଯେଉଁ ବାବୁମାନେ ଆସି ରହନ୍ତି, ସେମାନେ ବି ବକ୍‌ସିସ୍ ଦିଅନ୍ତି । ଅଧିକା ଆଉ ପାଞ୍ଚଟଙ୍କା ଯାଏ ହୁଏ ।

ରବିବାବୁ ମନେ ମନେ ଭାବିନେଲେ, ପରିଆ ଯେତେବେଳେ ବର୍ଷେ ହେବ ରହିଲାଣି ନିଶ୍ଚୟ କିଛି ଖବର ଜାଣିଥିବ । ତାର ବି ବକ୍‌ସିସ୍ ନେବା ଲୋଭ ବେଶି । ତେଣୁ ତାକୁ ସେ କଳ୍ପନା କରି ନ ଥିବା ବକ୍‌ସିସ ଯାଚିଲେ, ନିଶ୍ଚୟ କିଛି କଥା ଆଦାୟ ହୋଇ

Digitized by srujanika@gmail.com

ମାଗିବ । ରବିବାବୁ ପଣିଆ ଉଦ୍ଦେଶ୍ୟରେ ହସ ହସ ହୋଇ କହିଲେ, ମୋ ଠାରୁ ତୁ କେତେ ବକ୍‌ସିସ୍ ନେବୁ କହିଲୁ ?

ପଣିଆ ଆନନ୍ଦରେ ସତି ଗଲା ପରି କହିଲା—ହଜୁର ଯାହା ଦେବେ ।

ରବିବାବୁ କହିଲେ, ମୁଁ ଗଲାବେଳକୁ ଦଶ ଟଙ୍କା ଦେବି ଯେ । ପଣିଆ ଆନନ୍ଦରେ କୁରୁଳା ଉଠିଲା । ଦଶଟଙ୍କା ! କେହି କେବେ ଦେଇ ନାହାନ୍ତି ।

ହଠାତ୍ ଦୂରରେ ମଟର ଘର୍ ଘର୍ ଶବ୍ଦ ଶୁଭିଲା । ରବିବାବୁ ଆଶ୍ଚର୍ଯ୍ୟ ହେଲାପରି ପଚାରିଲେ--ମଟର ଶବ୍ଦ ଏତେ ରାତିରେ କେଉଁଠି ଶୁଭୁଛି ! କଏ କେଉଁଠୁ ଆସିଲା ନାଁ କ'ଣ ?

ପଣିଆ ଆନନ୍ଦରେ ବ୍ୟଗ୍ରତା ଦେଖାଇ କହିଲା--ଆପଣ ଜାଣି ନାହାନ୍ତି ପରା, ଜମିଦାରବାବୁ ଏଇକ୍ଷଣି ବୁଲିଯିବେ । ଡ୍ରାଇଭର୍ ମଟର ଆଣି, ଫାଟକ ପାଖରେ ରଖିଦେଇ ଗଲାଣି ।

ରବିବାବୁଙ୍କର ବିସ୍ମୟର ସୀମା ରହିଲା ନାହିଁ । ଦିନସାରା ଜମିଦାରବାବୁ ଘର ଭିତରେ ଚୁପ୍‌ଚାପ୍ ବସିରହି, ରାତି ଏଗାରଟା, ପୁଣି ଏହି ମଫସଲ ଅଞ୍ଚଳରେ ନିଶବ୍ଦ ରାତି କହିଲେ ଚଳେ, ସେ ଏକୁଟିଆ ମଟର ନେଇ ବୁଲିଯିବେ କୁଆଡ଼େ ? ପଣିଆକୁ ପଚାରିଲେ, ଫେରିବେ ଯାଇ କେତେବେଳେ ?

ପଣିଆ ଉତ୍ତର ଦେଲା—ଫେରୁ ଫେରୁ ଆଜ୍ଞା ଅନେକ ରାତି । କେଉଁଦିନ ରାତି ଦୁଇଟା ତ କେଉଁଦିନ ରାତି ତିନିଟା ।

ରବିବାବୁ କଥାରେ ଆହୁରି ବ୍ୟଗ୍ରତା ପ୍ରକାଶ କରି କହିଲେ; କୁଆଡ଼େ ଯାଆନ୍ତି ସେ ?

Digitized by srujanika@gmail.com

ବେଶିଆ କ'ଣ ଗୁଡ ବାହାରକୁ ଉଠି ଆସିଲ । ତା ପରେ ଖଟ ଉପରେ ବସି ଗୋଡ଼ରେ ହାତ ମାରୁ ମାରୁ କହିଲ—ବାବୁ ମୁଁ ଶୁଣିଛୁ, ସେ କୁଆଡ଼େ ଘର ଗୁଣୀ ! ଏଇ ଆଖପାଖରେ କେତେକ ବଡ଼ ବଡ଼ ମଶାଣି ଅଛୁ, ସେଇ ମଶାଣି ଆଡ଼େ ସେ ବୁଲ ଯାଆନ୍ତି । ତା ଛଡ଼ା ଏଠାରୁ ସମୁଦ୍ର ପର୍ଯ୍ୟନ୍ତ ଯେଉଁ ବସ୍ତା ପଡ଼ିଛୁ, ସେ ଆଡ଼କୁ ମଧ୍ୟ ବୁଲ ଯାଆନ୍ତି । ଆହୁରି ଶୁଣିଛୁ ସେ କୁଆଡ଼େ ମନ୍ତ୍ରବଳରେ ଟଙ୍କା ଆଣୁଛନ୍ତି, ଦୁଃଖୀ ଦରିଦ୍ରଙ୍କୁ ବାଣ୍ଟୁଛନ୍ତି ।

ଏ କଥା ଶୁଣୁ ଶୁଣୁ ରବବାବୁଙ୍କ ମନରେ ଗୋଟିଏ ପରେ ଗୋଟିଏ ନୂଆ ସମସ୍ୟା ଭୂତ ପରି ଆସି ଠିଆ ହେଉଥିଲ । କେଉଁଟାକୁ ସେ ସମାଧାନ କରିବେ ! ତା ପରେ ସେ ପରିଆକୁ ପଚାରିଲେ- ଜମିଦାରବାବୁ ତ ହାହେଲେ ଦିନବେଳେ ଶୋଇ ଯାଉଥିବେ ?

ପରିଆ ଉତ୍ତର ଦେଲ—ସେ ବେଶୀ ସମସ୍ତ ଶୁଅନ୍ତି ନାହିଁ । ତାଙ୍କର ଯେଉଁ ଘରେ ବହିପତ୍ର ପୁରି ରହିଛୁ, ସେଇ ଘରେ ବସି କ'ଣ ପଢ଼ନ୍ତି ।

ରବବାବୁ ପରିସ୍ରା କରିବା ବାହାନାରେ ବାହାରକୁ ଆସି ଚାରି ଆଡ଼େ ସତର୍କ ଦୃଷ୍ଟି ପକାଇ ପୁଣି ବଛଣାକୁ ଫେରିଗଲେ । ତା ପରେ ପଚାରିଲେ - ତୁ ସେ ଘର ଦେଖିଛୁ ?

ପରିଆ ଭୟମିଶ୍ରିତ ଗଳାରେ କହିଲ—ସେ ଘରକୁ ଯିବାକୁ ସମସ୍ତଙ୍କୁ ମନା । ମୁଁ ଏ ବର୍ଷକ ଭିତରେ କେଣିକ ଦୁଇ ତିନି ଥର ମୋଟେ ଯାଇଥିବ । ଜମିଦାରବାବୁଙ୍କ ରହିବା କୋଠରିକୁ ତାଙ୍କର ପୁଝାରି, ତିନି ଚାରି ଜଣ ଚାକର, ଆଉ ଦୁଇ ତିନି ଜଣ ବାବୁଙ୍କ ଛଡ଼ା ଅନ୍ୟ ପ୍ରାୟ କେହି ଯାଆନ୍ତି ନାହିଁ ।

ରବବାବୁ କଷ୍ଟ କେଇ କହିଲେ—ତୁ ବଡ଼ ଓଲୁ ପିଲଟା, ଜମିଦାରବାବୁଙ୍କ ପଢ଼ାଘର ଭିତରଟା ଟିକଏ ଦେଖି ପାରିଲୁ ନାହିଁ ?

Digitized by srujanika@gmail.com

ପାଣ୍ଡିଆ ନଜର ବାହାଦୁରୀ ଦେଖାଇ କହିଲା—ମୁଁ କ'ଣ ଛାଡ଼ିଛି ବାବୁ ! ଦିନେ ଜମିଦାରବାବୁଙ୍କ ଅଜଣାତରେ ସେ ଘର ଦେଖି ନେଲି । କେହି ଜାଣି ନାହାନ୍ତି, ନହେଲେ କେତେ ମାଡ଼ ଖାଇଥାନ୍ତି ।

ରବିବାବୁ ତା ଖୁସିରେ, ନଜେ ଖୁସି ହୋଇ କହିଲେ, ବେଶ୍ କରିଛୁ । ସେ ଘରେ କ'ଣ ଦେଖିଲୁ ?

ପଣ୍ଡିଆ ଆହୁରି ଆନନ୍ଦରେ କହିଲା, କଣ୍ଟ ନାହିଁମ ବାବୁ ! ଖାଲିଟାରେ ସେ ଘରକୁ ଯିବା ମନା । ଘରସାକ ଖାଲି ବହି । ଜମିଦାର ବାବୁ ଯେଉଁଠି ବସି ବହି ପଢ଼ନ୍ତି, ଠିକ୍ ତାରି ସିଧା କାନ୍ଥରେ ଗୋଟାଏ ମାଇକନାର ଖୁବ୍ ବଡ଼ ଛବି । ଆଉ ସେହି ଛବିର ଗୋଡ଼ିପାଖରେ କାନ୍ଥରେ ବନ୍ଧୁକ ଗୁଳି ପଶିଲାପରି ଫୋଡ଼, ଖାବରା ହୋଇଛି । ଆମ ଜମିଦାରବାବୁ ତ ମୋଟେ ବାହା ହୋଇ ନାହାନ୍ତି; ସେ ଫଟଟା କାହିଁକ ରଖିଛନ୍ତି କେଜାଣି ?

ପଣ୍ଡିଆଠାରୁ ଏକଥା ଶୁଣୁ ଶୁଣୁ ଅଥଳରେ ଥଳ ପାଇଲା ପରି ରବିବାବୁ ମନେ ମନେ ଆନନ୍ଦ ଅନୁଭବ କରୁଥିଲେ । ତାହାହେଲେ ତାଙ୍କ ଅନୁମାନ କ'ଣ ଠିକ୍ ହେବ ! ସେ ଆଉ ପଣ୍ଡିଆକୁ ଅଧିକ କଣ୍ଟ ନ ପଚାରି କହିଲେ—ବହୁତ ରାତି ହେଲାଣି, ଯା ଶୋଇବୁ । ମୋତେ ବି ନିଦ ମାଡ଼ିଲାଣି ।

... ...

ତହିଁଆରଦିନ ପାଞ୍ଚଟା ବାଜିଲାକ୍ଷଣି, ଭ୍ରମଣକାରୀବାବୁ ଜମିଦାର-ବାବୁଙ୍କ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ହୋଇ ବସି ରହିଥିଲେ । ଠିକ୍ ସାଢ଼େ ସାତଟାବେଳେ ସେହି ଭଦ୍ରଲୋକ ଆସି ଖବର ଦେଲେ, ଆସନ୍ତୁ ଆଜ୍ଞା, ଜମିଦାରବାବୁ ଆପଣଙ୍କୁ ଅପେକ୍ଷା କରି ବସିଛନ୍ତି ।

Digitized by srujanika@gmail.com

ଭ୍ରମଣକୋଷୀବାବୁ ଆନନ୍ଦରେ ନିଜର ବ୍ୟାଗ୍‌ଟି ଧରି ସଙ୍ଗେ ସଙ୍ଗେ ସେହି ଭଦ୍ରଲୋକଙ୍କ ସଙ୍ଗରେ ବାହାରି ପଡ଼ିଲେ ।

ଜମିଦାରବାବୁଙ୍କ କୋଠା ବାରଣ୍ଡାକୁ ଉଠି ଭ୍ରମଣକୋଷୀବାବୁ, ଚାରିଆଡ଼ ସଜାସଜ ଦେଖି ଖୁବ ଖୁସି ହେଉଥାନ୍ତି । ଘର ପରେ ଘର, ତା'ପରେ ବାରଣ୍ଡା, ତା ପରେ ବଗିଚା, ପୁଣି ବାରଣ୍ଡା ଏବଂ ଦୁଇ ତିନୋଟି କୋଠରୀ ପାର ହେବା ପରେ, ସେହି ଭଦ୍ରବ୍ୟକ୍ତି ଏକ କୋଠରୀ ଦୁଆର ମୁହଁରେ କହିଲେ—ଆପଣ ମୁହୂର୍ତ୍ତେ ଅପେକ୍ଷା କରନ୍ତୁ, ମୁ ଭିତରୁ ଖବର ନେଇ ଆସୁଛି ।

ଭ୍ରମଣକୋଷୀବାବୁ ସେହି ବାରଣ୍ଡାରେ ପଡ଼ିଥିବା ଗଦି ଚେୟାରରେ ବସି ପଡ଼ି ଚାରିଆଡ଼କୁ ଅନାଉଥାନ୍ତି । ରହସ୍ୟ ପରେ ରହସ୍ୟ ତାଙ୍କ ମନକୁ ଚହଲାଇ ଦେଉଥାଏ । କାହିଁକି, କି ଉଦ୍ଦେଶ୍ୟରେ ଏ ଘର ତିଆରି ହୋଇଛି ।

ହଠାତ୍ ତାଙ୍କର ଭାବନାକୁ ଭାଙ୍ଗି ଜଣେ ଗୌରବର୍ଣ୍ଣ ଦୀର୍ଘକାୟ ପୁରୁଷ ତାଙ୍କ ଆଗରେ ଆସି ଠିଆ ହେଲେ । ଦେହରେ କଳାରଙ୍ଗର ଓଭରକୋଟ୍, ମୁହଁରେ ଦାଢ଼ି, ଚକ୍ଷୁରୁ ଯେପରି ଜ୍ୟୋତି ବାହାରୁଛି । ଭ୍ରମଣକୋଷୀବାବୁ ତାଙ୍କୁ ଦେଖିଲା ସଙ୍ଗେ ସଙ୍ଗେ ନମସ୍କାର ହେଲେ । ତାଙ୍କର ସେତେବେଳକୁ ପୂର୍ବ ଧାରଣା ହୋଇଥିଲା, ଏ ନିଶ୍ଚୟ ଉଦୟନାରାୟଣବାବୁ !

ଭ୍ରମଣକାଷୀଙ୍କର ମନର ଭାବନାକୁ ଭାଙ୍ଗି ପ୍ରଫୁଲ୍ଲିତ ଚିତ୍ତରେ ସେହି ଦୀର୍ଘଆକୃତିର ବ୍ୟକ୍ତି କହିଲେ—ଆପଣ କାଲିଠାରୁ ଆସି ମୋତେ ସାକ୍ଷାତ କରିବାରେ ଅସୁବିଧା ପାଇଥିବାରୁ ବାସ୍ତବିକ୍ ମୁଁ ବଡ଼ ଦୁଃଖିତ । ଭିତରକୁ ଆସନ୍ତୁ ।

Digitized by srujanika@gmail.com

ଉଦୟନାରାୟଣବାବୁଙ୍କ ଭଦ୍ର ବ୍ୟବହାରରେ ରବିବାବୁ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କ ପଛେ ପଛେ ଗଲେ ।

ଗୋଟିଏ ସୁନ୍ଦର ସାଜସଜାପୂର୍ଣ୍ଣ କୋଠରୀ । ଜମିଦାରବାବୁ ଗୋଟିଏ ଲମ୍ବା ଗଦି ବେଞ୍ଚରେ ବସିପଡି, ସେହି ବେଞ୍ଚରେ ବସିବାକୁ ଆଗନ୍ତୁକଙ୍କୁ ଅନୁରୋଧ କଲେ । ଆଗନ୍ତୁକ ଭ୍ରମଣକାରୀବାବୁ ବସି ସାରିଲା ପରେ; ଉଦୟନାରାୟଣବାବୁ ଖୁସି ମନରେ ପ୍ରଶ୍ନ କଲେ, ଆପଣଙ୍କର ଅତିଥିଶାଳାରେ କିଛି ଅସୁବିଧା ହୋଇନାହିଁ ତ ?

ଭ୍ରମଣକାରୀବାବୁ କୃତଜ୍ଞତା ଭଙ୍ଗିରେ କହିଲେ—ଅସୁବିଧା ତ ଦୂରର କଥା, ଜଣେ ବାରବୁଲା ବାଟୋଇ ହିସାବରେ ଆପଣଙ୍କ ଅତିଥିଶାଳାରେ ସ୍ଥାନ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି ।

ଉଦୟନାରାୟଣବାବୁ ହସିଦେଇ କହିଲେ—ଅତିଥିମାନଙ୍କ ପାଇଁ ମୋର ସମସ୍ତ ସମ୍ପତ୍ତି ଉତ୍ସର୍ଗ କରିଛି । ଧନ୍ୟ ମନେ କରିବାର କ'ଣ ଅଛି ? ଆପଣ ଦେଶ ଭ୍ରମଣ କରି ବାହାରିଥିବା କଥା ମୁଁ ଶୁଣିଛି ଏବଂ ଆପଣଙ୍କର ଭାରତ ଭ୍ରମଣ କରି ଘରକୁ ଫେରିବା ପର୍ଯ୍ୟନ୍ତ ଯାହା କିଛି ଦରକାର, ତାହା ଯୋଗାଇ ପାରିବି ବୋଲି ମୋର ଇଚ୍ଛା ରହିଛି । କିନ୍ତୁ ଆପଣ ଏତେ ଚଞ୍ଚଳ ବୁଲିଯିବାକୁ କାହିଁକି ତରତର ହେଉଛନ୍ତି ? ମୋ ଅତିଥିଶାଳାରୁ କାହାକୁ ମୁଁ କେବେ ସାତଦିନ କମ୍‌ରେ ଛାଡ଼େ ନାହିଁ । ଆପଣ ସମସ୍ତ ଜଞ୍ଜାଳ ଛାଡ଼ିଦେଇ ଭ୍ରମଣରେ ଯେ ବାହାରିଛନ୍ତି ଏହା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ !

ଭ୍ରମଣକାରୀ ଆଗନ୍ତୁକ ଟିକିଏ ନୀରବ ରହି କହିଲେ—ଆଜ୍ଞା, ମୋର ସଂସାର ଜଞ୍ଜାଳ କିଛି ନାହିଁ । ଘରେ ବାପା ଅନେକ ଦିନରୁ ମରିଛନ୍ତି ।

Digitized by srujanika@gmail.com

ଜମିଦାରବାବୁ ବିସ୍ମିତ ହୋଇ ପ୍ରଶ୍ନ କଲେ—ଆପଣଙ୍କର ସ୍ତ୍ରୀ, ପିଲାପିଲା ?

ଭ୍ରମଣକାରୀବାବୁ ଦୀର୍ଘ ନିଶ୍ୱାସ ଛାଡ଼ି ବେଦନାଭରା ସ୍ୱରରେ କହିଲେ—ସେ ବହୁତ କଥା ଆଜ୍ଞା, ମୁଁ ଯେଉଁଥିପାଇଁ ବାହା ହେଲି ନାହିଁ ଆଜି ବିବାହ ହେବାକୁ ବି କେବେହେଲେ ମନ କରୁଛି ନାହିଁ ।

ଜମିଦାରବାବୁ ଏ କଥା ଶୁଣି ହସି ଉଠିଲେ । ତା ପରେ କହିଲେ, ଏ ପ୍ରତିଜ୍ଞା ଆପଣଙ୍କର ଏ ବୟସରେ କରିବା ଉଚିତ ନୁହେଁ । ଏ ପ୍ରତିଜ୍ଞା କ'ଣ ଆପଣ ପାଳନ କରି ପାରିବେ ? ଅନେକ ସମୟରେ ଯୁବକମାନେ କେତେକ କାରଣରୁ ଏପରି ପ୍ରତିଜ୍ଞା କରିଥାନ୍ତି, କିନ୍ତୁ ପୁଣି ଅନ୍ୟ ତରୁଣୀର ଚାହାଣୀରେ ସେ ପ୍ରତିଜ୍ଞା ନିଆଁ ପାଖରେ ଘିଅ ପରି ତରଳିଯାଏ ।

ଭ୍ରମଣକାରୀବାବୁ ଟିକିଏ ରହି କହିଲେ—ଆଜ୍ଞା, ଏ କଥା ସତ ହେଲେ ବି ସବୁ କ୍ଷେତ୍ରରେ ସମାନ ନୁହେଁ । ତରୁଣ ବୟସରେ କେଉଁ ତରୁଣୀ ସହିତ ସାମାନ୍ୟ ମନୋମାଳିନ ହେଲେ, ତରୁଣ ହୁଏତ କିଛି ପ୍ରତିଜ୍ଞା କରି ବସେ; କିନ୍ତୁ ତରୁଣୀ ଯେତେବେଳେ ନିଜର ଭୁଲ ମାନି ଦୋଷ ମାଗିନିଏ, ସେତେବେଳେ ତରୁଣର ଅଟଳ ପ୍ରତିଜ୍ଞା କ୍ଷଣକରେ ଧୂଳିସାତ୍ ହୋଇଯାଏ । କିନ୍ତୁ ଯେଉଁଠି ତରୁଣ, ତରୁଣୀ ପ୍ରଥମ ଜୀବନରେ ପରସ୍ପରକୁ ଭଲପାଇ, ଭବିଷ୍ୟତ ଜୀବନରେ ସୁନ୍ଦର ସଂସାର ଗଢ଼ିବାକୁ କଳ୍ପନା କରିଥାନ୍ତି, ସେଠି ଯଦି ତରୁଣୀଟି ହଠାତ୍ ପ୍ରତାରଣା କରି ଅନ୍ୟ ପୁରୁଷର ହାତ ଧରି ଚାଲି-ଯାଏ, ତାହାହେଲେ ପ୍ରଥମ ପୁରୁଷର ମନର ଅବସ୍ଥା କ'ଣ ହେବ ଅନୁମାନ କରନ୍ତୁ ! ମୋ ଜୀବନରେ ଏଇଆ ଘଟିଛି ଆଜ୍ଞା ; ସେଥିପାଇଁ ମୁଁ କୌଣସି ତରୁଣୀକୁ ଚାହିଁବାକୁ ଇଚ୍ଛା କରେ ନାହିଁ । ଭାବୁଛି, ଏହି ଭାରତ ସାରା ଘୁରି ଘୁରି ଯେଉଁଠି ମୋର ମରଣ ହେବ ସେଇଠି ଶାନ୍ତିରେ ଅନନ୍ତକାଳ ପାଇଁ ଶୟନ କରିବି ।

Digitized by srujanika@gmail.com

ଉଦୟନାରାୟଣବାବୁ ମୁଣ୍ଡ ହଲାଇ ମୃଦୁ ହସୁଥିଲେ ଏବଂ ତାଙ୍କ ମୁଖମଣ୍ଡଳରୁ ଜଣାପଡୁଥିଲା ସେ ଯେପରି ସେହି ହସ ଏବଂ ମୁଣ୍ଡହଲା ଭିତରେ କେତେ କ'ଣ ଭାବୁଛନ୍ତି । କିନ୍ତୁ ସମସ୍ତ ନୀରବ ରହି ପ୍ରତି ଜମିଦାର ବାବୁ ସିଧା ଭାବରେ ଆଗନ୍ତୁକ ଭ୍ରମଣକାରୀଙ୍କୁ ବୁଝିଁ ପଚାରିଲେ ଆପଣ ଏହି ପ୍ରତିଜ୍ଞା ରଖି ପାରିବେତ ?

ଭ୍ରମଣକାରୀବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ— ସେ ଆଘାତ ମୋ ଅନ୍ତରକୁ ଏପରି ତହଲାଇ ଦେଇଛି ଯେ, ତାହା ଜାଳୁ ଜାଳୁ ମୋ ଜୀବନ ଶେଷ ହୋଇଯିବ ।

ଜମିଦାରବାବୁ ସମଦୁଃଖୀ ଭଳି ଟିକିଏ ବିଦ୍ରୂପ ହସ ହସି କହିଲେ — ବେଶ୍ । ଏଇଥିରୁ ଜାଣନ୍ତୁ ଏ ଦୁନିଆଟା କେଡ଼େ କଦର୍ଯ୍ୟ । ମଣିଷ ଦୁନିଆରେ ଜନ୍ମଗ୍ରହଣ କରି ଖାଇପିଇ ବଞ୍ଚି ରହିବା ବଡ଼ କଥା ନୁହେଁ । ମଣିଷର ଆୟୁକାଳ ଭିତରେ ଯୌବନଟି ହେଉଛି ସର୍ବଶ୍ରେଷ୍ଠ ସମୟ । ସେହି ସମୟଟି ଯଦି ଆନନ୍ଦ, ସୁଖ ଶାନ୍ତିରେ କଟେ, ତାହାହେଲେ ମଣିଷ ଜୀବନ ସାର୍ଥକ ହେଲା ବୋଲି ଭାବିନେବାକୁ ହେବ । କିନ୍ତୁ ତା ଯଦି କାହା ଜୀବନରେ ପ୍ରତାରଣାପୂର୍ଣ୍ଣ ହୁଏ, ତାହାହେଲେ ବଞ୍ଚିବା, ମରିବାର ତଫାତ କିଛି ନାହିଁ । ମୃତ୍ୟୁ-ଆରପାରିର ସୁଖ ସ୍ୱପ୍ନ ଦେଖିବାହିଁ ଭଲ । ଯେଉଁ ଭଗବାନ ଏହି ପୃଥିବୀ ଭଳି କୋଟି କୋଟି ପୃଥିବୀ ସୃଷ୍ଟି କରିଛନ୍ତି, ସେ କଣ ସବୁଠାରେ ଏକାଭଳି ବ୍ୟବସ୍ଥା କରିଥିବେ ! ହୁଏତ ତାଙ୍କର ଅନ୍ୟ କୌଣସି ସୃଷ୍ଟିରେ ପୃଥିବୀ ଭଳି ପ୍ରତାରଣା କରିବାର ଭାବନା ମନୁଷ୍ୟ ମନରେ ନ ଥିବ, ସେଠିକୁ ଚାଲିଯିବା କ'ଣ ଭଲ ନୁହେଁ ?

ଭ୍ରମଣକାରୀବାବୁ କଥାର ଗୁରୁତ୍ୱ ଉପଲବ୍ଧି କରି ଉତ୍ତର ଦେଲେ, ନିଶ୍ଚୟ ଭଲ ଆଜ୍ଞା ! କିନ୍ତୁ ମନୁଷ୍ୟ ମଲା ପରେ ଯେ ସେ ପୁନର୍ବାର ଜନ୍ମଗ୍ରହଣ କରେ, ଏ ଧାରଣା ମୋର କାହିଁକି ନାହିଁ ।

Digitized by srujanika@gmail.com

ଜମିଦାରବାବୁ ହସିଦେଇ କହିଲେ —ତାହାହେଲେ ଆପଣଙ୍କର ଧାରଣା, ମଣିଷ ଥରେ ମରି ଆଉ ଜନ୍ମଲାଭ କରେ ନାହିଁ ? କିନ୍ତୁ ମୋର ଧାରଣା, ମନୁଷ୍ୟ ପୁନର୍ଜନ୍ମ ଲାଭ କରେ । ମୁଁ ଯଦି ଖଣ୍ଡିଏ ସୂତାକୁ ଆପଣଙ୍କ ଆଗରେ ଦୁଇ ମୁଣ୍ଡ ଯୋଡ଼ି ଗୋଲାକାର କରି ରଖିଦେବି, ତାହାହେଲେ ଆପଣ ପ୍ରମାଣ କରି ପାରିବେକି ତାର ଆରମ୍ଭ କେଉଁଠି ଓ ଶେଷ କେଉଁଠି ? ଧରନ୍ତୁ, ଆପଣ ଗୋଟିଏ ମୁଣ୍ଡରୁ ହସ୍ତଚାଳନା ଦ୍ୱାରା ଆରମ୍ଭ କରି ଅପର ମୁଣ୍ଡରେ ଶେଷ କଲେ, କିନ୍ତୁ ଯେଉଁଠି ଶେଷ କଲେ; ସେଇଠୁ କ'ଣ ହେବ ?

ଭ୍ରମଣକାରୀବାବୁ ଉତ୍ତର ଦେଲେ—ପୁଣି ହେବ ଆରମ୍ଭ ।

ଜମିଦାରବାବୁ ଆନନ୍ଦ ଅନୁଭବ କରି କହିଲେ—ଠିକ୍ ବୁଝିଛନ୍ତି ଆପଣ । ଯେଉଁଠି ଯାହା ଶେଷ ହୁଏ, ସେଠୁ ତାହା ଆରମ୍ଭ ହୁଏ । ଆରମ୍ଭ ଓ ଶେଷର ବ୍ୟବଧାନ ଯେ କେତେ ସୂକ୍ଷ୍ମ, ତାହା କଳ୍ପନା କରି ହେବ ନାହିଁ ।

ଜମିଦାରବାବୁଙ୍କ ଯୁକ୍ତିରେ ଭ୍ରମଣକାରୀବାବୁ ମୁଣ୍ଡ ନ ହଲାଇ ଆଉ ଉପାୟ ନ ଥିଲା । ତା ପରେ ଜଦୟନାରାୟଣବାବୁ ଏ କଥା-ବାର୍ତ୍ତାରୁ ନିଜକୁ ହଠାତ୍ ମୁକ୍ତ କରି କହିଲେ—ଏତେ କଥାବାର୍ତ୍ତା ପରେ ମୁଁ ତ ଆପଣଙ୍କ ନାମ ସୁଦ୍ଧା ଜାଣିପାରିଲି ନାହିଁ ।

ଭ୍ରମଣକାରୀବାବୁ କହିଲେ—ମୋ ନାଁ ଆଜ୍ଞା ଅନିରୁଦ୍ଧ ପଟ୍ଟନାୟକ ।

ଜମିଦାରବାବୁ ଖୁସିହୋଇ କହିଲେ—ବେଶ୍ ନାଁ । ଆପଣଙ୍କର ଭ୍ରମଣଯାତ୍ରା ଜୟଯୁକ୍ତ ହେବାପାଇଁ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି. ଆପଣ ଅତିଥିଶାଳାରେ ଆନନ୍ଦରେ ବିଶ୍ରାମ କରନ୍ତୁ । ମୁଁ ଆପଣଙ୍କ ସହିତ କଥାବାର୍ତ୍ତା ହୋଇ ଅତ୍ୟନ୍ତ ଆନନ୍ଦିତ ହୋଇଛି । ପୁଣି ସମୟ ଦେଖି କଥାବାର୍ତ୍ତା ହେବା । ଆପଣ କେବେ ଏଠୁ ବିଦାୟ ହୋଇ-

Digitized by srujanika@gmail.com

ସିବେ, ତାହା ମୁଁ ଠିକ୍ କରିଦେବ । ମୋର ଏ ଅନୁରୋଧ, ଆପଣ ରକ୍ଷା କରିବେ ବୋଲି ଆଶା ।

ଭ୍ରମଣକାରୀ ଅନିରୁଦ୍ଧବାବୁ, ଜମିଦାରଙ୍କର ଅନୁରୋଧକୁ ଉପେକ୍ଷା କରିପାରିଲେ ନାହିଁ । ତା ଛଡ଼ା ତାଙ୍କର କୌଣସି କାମ ଯେ ଶେଷ ହୋଇ ନାହିଁ ।

ଜମିଦାରବାବୁ ଉଠି ଠିଆହୋଇ କହିଲେ—ଅନାଦି ! ଅନାଦି ! ଦୁଇ ତିନି ଡାକ ପରେ ପୂର୍ବର ସେହି ଭଦ୍ରଲୋକ ଆଗରେ ଆସି ଠିଆହେଲେ । ଜମିଦାରବାବୁ ତାଙ୍କୁ ବଡ଼ ତାଗିଦ୍ କରି କହିଲେ, ଏ ବାବୁଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ତାହା ତୁମେ ନିଜେ ବୁଝାସୁଝା କରିବ ଏବଂ ମୋର ମନ୍ଦିର ଇତ୍ୟାଦି ଦେଖାଇ ଦେବ । ଦରକାର ହେଲେ, ବାବୁଙ୍କୁ ମଠରରେ ସମୁଦ୍ରକୂଳ ଆଡ଼େ ମଧ୍ୟ ବୁଲାଇ ଆଣିବ ।

ଅନାଦିବାବୁ ବିଶ୍ୱସ୍ତ ଭୃତ୍ୟ ଭଳି ଉତ୍ତର ଦେଲେ —ଅତିଥି-ସେବାରେ ମୁଁ ତ କେବେ ହେଳା କରି ନାହିଁ ।

ତା ପରେ ଜମିଦାରବାବୁ, ଅନିରୁଦ୍ଧବାବୁଙ୍କ ଆଡ଼କୁ ଅନାଇ ଆନନ୍ଦରେ ବିଦାୟ ଦେବା ଠାଣିରେ କହିଲେ—ମୁଁ ଟିକିଏ ଭିତରୁ ଆସୁଛି, ପୁଣି ଦ'ଦିନ ପରେ ଦେଖା ହେବ ।

ଅନିରୁଦ୍ଧବାବୁ ସମ୍ମତି ଜଣାଇ କହିଲେ—ହଁ ଆଜ୍ଞା, ଆପଣଙ୍କର ଏ ବ୍ୟବହାର, ଜୀବନରେ ଭୁଲିବାର ନୁହେଁ ।

ଜମିଦାରବାବୁ ଅଳ୍ପ ହସି ପରଦା ଆଡ଼େଇ ଚାଲିଯିବା ସଙ୍ଗେ ସଙ୍ଗେ ଅନିରୁଦ୍ଧବାବୁ, ଅନାଦିବାବୁଙ୍କ ସହିତ ଅତିଥିଶାଳାକୁ ଫେରିଆସିଲେ ।

Digitized by srujanika@gmail.com

ଅନାଦିବାବୁ ପୁଷ୍ପାଙ୍କୁ ତରକାଷ୍ଟପତ୍ର ବରାଦ କରି ଚାଲିଗଲେ । ରବିବାବୁ ଓରଫ୍ ଅନିରୁଦ୍ଧବାବୁ ଅତିଥିଶାଳା ବାରଣ୍ଡାରେ ଖଣ୍ଡେ ଆରାମ ଚେୟାର ଉପରେ ପଡ଼ିରହି ଜମିଦାରଙ୍କ ବିଷୟରେ ଭାବି ଚାଲିଥାନ୍ତି । ସେ ଚିନ୍ତାକଲେ କରି ତାଙ୍କ ଜୀବନର କାହାଣୀ ଯାହା ଜମିଦାରବାବୁଙ୍କ ଆଗରେ ବର୍ଣ୍ଣନା କଲେ, ତାହା ତାଙ୍କ ମନକୁ ପାଇଲେ ବି କାର୍ଯ୍ୟକ ସେ ତ ନିଜ ଜୀବନର କୌଣସି ଘଟଣା ପ୍ରକାଶ କଲେ ନାହିଁ । ତେବେ ମୋ ଜୀବନର କାହାଣୀ ସହିତ ତାଙ୍କ ଜୀବନର କାହାଣୀ ଯେ ମେଳ ଖାଉଛି, ତାହା ତାଙ୍କ ମୁଖଭଙ୍ଗୀ କଥାବାର୍ତ୍ତାରୁ ବେଶ୍ ଜଣାଗଲା । ଏତିକି ଜାଣିଲେ ତ କିଛି ଲାଭ ହେବ ନାହିଁ, ଆହୁରି ଅନେକ ଜାଣିବାକୁ ହେବ—ତାଙ୍କ ସଙ୍ଗରେ ଆହୁରି ଘନିଷ୍ଠତା କରିବାକୁ ହେବ ।

ରାତି ନଅଟା ବାଜିଲା । ଅନାଦିବାବୁ ନିଜେ ବସି ଅତିଥି ତଦାରଖ କରିଚଲେ । ଅନିରୁଦ୍ଧବାବୁ ବିଛଣାରେ ପଡ଼ି ଜମିଦାରବାବୁଙ୍କୁ ପୁଣି କ'ଣ କହିବାକୁ ହେବ, ସେ ବିଷୟରେ ଉପାୟ ଉଦ୍ଭାବନ କରୁଥିଲେ । ବେଳେ ବେଳେ ତାଙ୍କ ମନ ଜମିଦାରଙ୍କ ପ୍ରତି ଆକୃଷ୍ଟ ହେଉଥିଲା । ସନ୍ଦେହରେ ତାଙ୍କ ମନ ଏପାଖ ସେପାଖ ହେଉଥିଲା; କେଜାଣି ଭଦ୍ର ଉଦୟନାରାୟଣବାବୁ ! ପ୍ରକୃତରେ କ'ଣ ହତ୍ୟାକାଣ୍ଡ ପଛରେ ତାଙ୍କର ଗୁପ୍ତ ଇଙ୍ଗିତ ଅଛି ।

ତହିଁଆରଦିନ ସକାଳ । ଅନାଦିବାବୁ, ଅନିରୁଦ୍ଧବାବୁଙ୍କୁ ଜମିଦାର-ବାବୁଙ୍କ ରହିବା ଘର ଚାରିପଟ କୋଠରୀଗୁଡ଼ିକରେ ଥିବା ବାଘ ଭାଲୁଙ୍କୁ ଦେଖାଇବାରେ ଲାଗିଥିଲେ । ଅନିରୁଦ୍ଧବାବୁ ବାଘ, ବାଇଗଣ୍ଡା ଜାତିର ଚଢ଼େଇ, ମୂଷା ପ୍ରଭୃତିଙ୍କୁ କିପରି ଯତ୍ନରେ ରଖାଯାଇଛି, ତାହା ଦେଖି ମୁଗ୍ଧ ହେଉଥିଲେ । ଶେଷରେ ଅନିରୁଦ୍ଧବାବୁ ପଚାରିଲେ,

Digitized by srujanika@gmail.com

ଏହି ବଗିଚ୍ଚ ମଧ୍ୟରେ କେଉଁଠି କ ସମାଧି ମନ୍ଦିର ତିଆରି ହୋଇଛି ପରା ?

ଅନାଦିବାବୁ କହିଲେ—ଚାଲନ୍ତୁ ଆଜ୍ଞା ଦେଖିବେ । ସେହି ହତାର ଶେଷ ମୁଣ୍ଡକୁ । ଆଗପଛ ହୋଇ ଦୁହେଁ ଚାଲିଲେ । ହତାର ଏକ ପାଖରେ ବିରାଟ ବଉଳ ଗଛ, ଘନ ଗୁଳ୍ମରେ ସୂର୍ଯ୍ୟର କିରଣ ବି ତଳେ ପଡ଼ିବାକୁ ନାହିଁ । ଗଛ ଡାଳରେ ଅଂସଖ୍ୟ ପକ୍ଷୀ ଫଳ, ଫୁଲ ଆଶାରେ କଳରବ କରୁଛନ୍ତି । ତାରି ତଳେ ନାଲି ପ୍ରସ୍ତରର ଏକ କାରୁକାର୍ଯ୍ୟପୂର୍ଣ୍ଣ ଲମ୍ବ କୋଠରୀ । ସେହି କୋଠରୀରେ କେଉଁଠି ଖୋଲା ଝରକା ନ ଥିଲେ ମଧ୍ୟ ପଥର ଦେହରେ ଫୁଲ କଟାହୋଇ ଯେଉଁ ଛିଦ୍ରସବୁ କରା ହୋଇଛି, ସେହିସବୁ ଅସଂଖ୍ୟ ଛିଦ୍ରବାଟେ ସେ ଘରଟିରେ ପରିଷ୍କାର ଆଲୋକ ଓ ପବନ ପ୍ରବେଶ କରିବାରେ କିଛି ବାଧା ନ ଥିଲା । ସେହି କୋଠରୀଟିକୁ ପ୍ରବେଶ କରିବାକୁ ଗୋଟିଏ ମାତ୍ର ଦ୍ୱାର । ସେହି ଦ୍ୱାରଟି ଶକ୍ତ ପିତ୍ତଳ ରେଲିଂରେ ତିଆରି । ଅନିରୁଦ୍ଧବାବୁ ନ୍‌କୋଠରୀର ମଧ୍ୟସ୍ଥଳରେ ମାର୍ବୁଲରେ ସ୍ୱର୍ଣ୍ଣମଣ୍ଡିତ ହୋଇ ଯେଉଁ ସମାଧିଟି ତିଆରି ହୋଇଛି, ତାହା ଦେଖିବାକୁ ଇଚ୍ଛା ପ୍ରକାଶ କରିବାରୁ ଅନାଦିବାବୁ ବଡ଼ ଆଗ୍ରହ ସହକାରେ କବାଟ ଫିଟାଇ ତାଙ୍କୁ ଭିତରକୁ ନେଇଗଲେ । ମାର୍ବଲ ସମାଧିଟି ବହୁ ଅର୍ଥ ବ୍ୟୟରେ ତିଆରି ହୋଇଛି । ସମାଧି ମଝିରେ ଜଣେ ମନୁଷ୍ୟ ଶୋଇଲା ଭଳି ସ୍ଥାନ ରଖାଯାଇଛି । ସମାଧିର ଧାରେ ଧାରେ ନୀଳ, ନାଲି ରଙ୍ଗର ପଥରରେ ଗୋଲାପ ଫୁଲ ଖଞ୍ଜା ଯାଇଛି । ମୁଣ୍ଡ ଉପରେ ଖଣ୍ଡିଏ ଧବଳ ପ୍ରସ୍ତରରେ କଳାରଙ୍ଗରେ ଲେଖା ଯାଇଛି—"ଆନନ୍ଦପୁରୀକୁ ଯିବାକୁ ମୃତ୍ୟୁହିଁ ବାହନ" ସମାଧି ମଧ୍ୟସ୍ଥଳରେ ମଣିଷ ଶୋଇବାପାଇଁ ଯେଉଁ ଜାଗା ରଖାଯାଇଛି, ତାହା ଦେହରେ ଶିଳକ୍ କନାର ଗଦି ବିଛା

Digitized by srujanika@gmail.com

ହୋଇଛି । ବଗିଚା ଉପରେ ପଡ଼ିଛି—କେତେଗୁଡ଼ିଏ ଗୋଲାପ, ରଜନୀଗନ୍ଧା ଫୁଲ ।

ଅନିରୁଦ୍ଧବାବୁ ନିର୍ବାକ୍ ହୋଇ ଅନେକ୍ ସମୟ ସେହି ସମାଧି ପୀଠକୁ ଚାହିଁରହି, ଅନାଦି ବାବୁଙ୍କୁ ପଚାରିଲେ—ଏ ଫୁଲ କିଏ ଏଠି ପକାଇଛି ?

ଅନାଦିବାବୁ କହିଲେ—କିଏ ଆଉ ପକାନ୍ତା ! ଜମିଦାରବାବୁ ସକାଳ ସନ୍ଧ୍ୟାରେ ନିଜେ ଆସି ଏହି ବଗିଚାରେ ଫୁଲ ପକାନ୍ତି ଏବଂ ସେ ନିଜପାଇଁ ଏହି ସମାଧି ମନ୍ଦିରଟି ଦେଖି ଯେତେ ଆନନ୍ଦ ପ୍ରକାଶ କରନ୍ତି, ଅନ୍ୟ କୌଣସି ଜିନିଷଦେଖି ସେତେ ଆନନ୍ଦ ପ୍ରକାଶ କରନ୍ତି ନାହିଁ । ଅନିରୁଦ୍ଧବାବୁ ସେହିଆଡ଼ୁ ଆଖି ଫେରାଇ ଆଣି ଆଣି କହିଲେ ଜମିଦାରବାବୁଙ୍କୁ ବୁଝିବା ଆମ ଭଳି ଲୋକ ପକ୍ଷରେ ସମ୍ଭବ ନୁହେ ।

ଦୁଇଦିନ ପରେ । ଅନିରୁଦ୍ଧବାବୁ ଏଥିଭିତରେ ଅନେକ ଜରୁରୀ ଖବର ସଂଗ୍ରହ କରି ନେଇ ସାରିଛନ୍ତି । ସେଦିନ ଚାରିଟା ବାଜିଲା-କ୍ଷଣି ଅନିରୁଦ୍ଧବାବୁ ଅନାଦିବାବୁଙ୍କୁ କହିଲେ—ମଟରଟା ବାହାର କରନ୍ତୁ । ଚାଲନ୍ତୁ ବାଲେଶ୍ୱର ଟାଉନ ଆଡ଼େ ଟିକିଏ ବୁଲି ଆସିବା । ଆପଣଙ୍କ ଜମିଦାରବାବୁ ମୋତେ ଏକବାରେ ଛାଡ଼ିବାକୁ ନାରାଜ ।

ଅନାଦିବାବୁ କହିଲେ—ତାହାହେଲେ ବାହାରି ପଡ଼ନ୍ତୁ । ମୋର ବି କେତେକ ଜିନିଷ କିଣାକିଣି କରିବାର ଅଛି ।

ମଟର ଚାଲିଲା । ପାକା ରାସ୍ତା ଟପି ଗାଁ ପାଖ ଦେଇ ମଟରଟି ଚାଲିଲାକ୍ଷଣି ବହୁତ ପିଲା ଏପରିକି ଗ୍ରେଟ୍ ଜାତିର ମାଇପେ ମଧ୍ୟ ମଟର ପଛେ ପଛେ ଦଉଡ଼ିବାକୁ ଲାଗିଲେ ।

ଅନିରୁଦ୍ଧବାବୁ କାରଣ କ'ଣ ନ ବୁଝିପାରି, ମଟର ଚଳାଉଥିବା ଅନାଦିବାବୁଙ୍କୁ ପ୍ରଶ୍ନ କଲେ—ଜମିଦାରବାବୁଙ୍କ ମଟର ଦେଖି ଏତେ ଲୋକ ଗୋଡ଼ାଉଛନ୍ତି କାହିଁକି ?

Digitized by srujanika@gmail.com

ଅନାଦିବାବୁ ହସିଦେଇ କହିଲେ—ତାର ବହୁତ କାରଣ ଅଛି । ଜମିଦାରବାବୁ ତାଙ୍କର ପ୍ରଶଂସା କାହାର ଆଗରେ ନ କହିବା ପାଇଁ ତାଗିଦ୍ କରିଥିଲେ ସୁଦ୍ଧା, ଆପଣଙ୍କ ଆଗ୍ରହକୁ ଭାଙ୍ଗି ନ ପାରି ମୁଁ କହୁଛି । ଜମିଦାରବାବୁ ପ୍ରାୟ ଥରେ ଦୁଇଥରେ ଏଇ ବାଟଦେଇ ବୁଲିଯାଆନ୍ତି । ଜମିଦାରବାବୁଙ୍କର କ'ଣ ସଉକ୍ ଆପଣ ଜାଣନ୍ତି ? ମଟର ଚାଲିବା ସଙ୍ଗେ ସଙ୍ଗେ ମୁଠା ମୁଠା କରି ଟଙ୍କା ବାହାରକୁ ପକାଇ ଦିଅନ୍ତି । ଲୋକେ ଆନନ୍ଦରେ ଠେଲାପେଲା ହୋଇ ସେ ଟଙ୍କା, ନୋଟ ଗୋଟାଇଲାବେଳେ ତାଙ୍କର ଆନନ୍ଦର ସୀମା ରହେ ନାହିଁ । ଆଜି ଜମିଦାରବାବୁଙ୍କ ମଟରକୁ ଦେଖି, ଲୋକେ ଜମିଦାର ଆସିଛନ୍ତି ବୋଲି ଏପରି ଗୋଡ଼ାଉଛନ୍ତି ।

ଅନିରୁଦ୍ଧବାବୁ ବିସ୍ମିତ ହୋଇ କହିଲେ—ଜମିଦାରବାବୁ ବାସ୍ତବିକ୍ ବଡ଼ ଅଦ୍ଭୁତ ଧରଣର ଲୋକ । ଏତେ ଟଙ୍କା କେଉଁଠୁ ଆସେ ?

ଅନାଦିବାବୁ ଉତ୍ତର ଦେଲେ—ଇମିତି ଟଙ୍କା ବାଣ୍ଟି ବାଣ୍ଟି ତାଙ୍କର ଜମିଦାରୀ ବନ୍ଧକ ପଡ଼ିଛି । ସେହି ବନ୍ଧକର ମିଆଦ ଶୀଘ୍ର ପୂରିଯିବ । ତା ପରେ ନିଲମ ହେବାର ସମ୍ଭାବନା । ଏହା ବାଦ୍ ଜମିଦାରବାବୁଙ୍କର ଏହି ସୁନ୍ଦର କୋଠାବାଡ଼ି ମଧ୍ୟ ବନ୍ଧକ ପଡ଼ିଛି, ତାହା ମଧ୍ୟ ନିଲମ ହେବା ଉପରେ । କିନ୍ତୁ ଏ ସମ୍ବାଦ ତାଙ୍କ କାନକୁ ନେଲେ ସେ ହସି ଦିଅନ୍ତି । ସେ କଥାକୁ ମୋଟେ ଭ୍ରୂକ୍ଷେପ କରନ୍ତି ନାହିଁ ।

ଅନିରୁଦ୍ଧବାବୁ ତାଙ୍କ ଆଗରେ ଜମିଦାରବାବୁଙ୍କୁ ପ୍ରଶଂସା କରି କହିଲେ, ଜମିଦାରବାବୁଙ୍କୁ ବୁଝିବା ବଡ଼ ମୁସ୍କିଲ । ନିଜପ୍ରତି ତାଙ୍କର ମୋଟେ ଖାତିର ନାହିଁ । ଏଥିପାଇଁ ସେ ଯେ ସର୍ବସ୍ୱ ଦାନ କରି ଯାଉଛନ୍ତି, ଏହାର ତୁଳନା ଏ ଯୁଗରେ କାହାର ସହିତ ହୋଇପାରିବ

Digitized by srujanika@gmail.com

ନାହିଁ । ଶୁଣିଲି, ଜମିଦାରବାବୁ ରାତିରେ ମଧ୍ୟ ବୁଲିଯାଆନ୍ତି, ସେ ବେଳେ ଧନୁଏ ଲୋକଙ୍କ ଅଜ୍ଞାତସାରରେ ଟଙ୍କା ପକାଇବା ଛଡ଼ା ତାଙ୍କର ଆଉ କୌଣସି ଉଦ୍ଦେଶ୍ୟ ନାହିଁ ।

ଅ ାଦ୍ଧବାବୁ ଉତ୍ତର ଦେଲେ — ଆପଣ ଠିକ୍ ଅନୁମାନ କରିଛନ୍ତି । ଜମିଦାରବାବୁଙ୍କର ସେ ଏକ ବଡ଼ ଖିଆଲ । ତା ଛଡ଼ା ନିର୍ଜନ ରାତିରେ ମଶାଣି, ସମୁଦ୍ରକୂଳ ବୁଲିବାକୁ ତାଙ୍କୁ ଭଲ ଲାଗେ ।

ମନ୍ଦିରର ବାଲେଶ୍ୱର ଷ୍ଟାଉନରେ ପହଞ୍ଚିଲା । ଅନାଦ୍ଧବାବୁ କେତେକ ଜିନିଷପତ୍ର କିଣିବାକୁ ଗଲେ । ଅନିରୁଦ୍ଧବାବୁ ପୋଷ୍ଟ ଅଫିସକୁ ଆସି ଜଣେ ଲଫାପା ଖଣ୍ଡିଏ କେଉଁଆଡ଼େ ପଠାଇଲେ ।

ପୁଣି ଦୁଇଦିନ କଟିଗଲା । ଅନିରୁଦ୍ଧବାବୁ ଅତିଥିଶାଳାରେ ଖାଇ ପିଇ ବଢ଼-ଭେଟରେ ଥିଲେବି, ଜମିଦାରବାବୁଙ୍କ ଠାରୁ କୌଣସି ଖବର ନ ଆସିବାରୁ ସେ ମନଭିତରେ ଅଶାନ୍ତି ବୋଧ କରୁଥିଲେ ।

ସେଦିନ ଠିକ୍ ପାଞ୍ଚଟା । ଅନାଦ୍ଧବାବୁ ହସ ହସ ହୋଇ ଆସି କହିଲେ—ଜମିଦାରବାବୁ ଡ଼କାଇଛନ୍ତି, ଆସନ୍ତୁ ଆଜ୍ଞା ! ଅନିରୁଦ୍ଧବାବୁ ମୁହୂର୍ତ୍ତେ ବିଳମ୍ବ ନ କରି ତାଙ୍କ ପଛେ ପଛେ ଗଲେ ।

ଅନ୍ୟ ଏକ କୋଠରି । ସେ କୋଠରିଟି ଅତି ଆଧୁନିକ ଧରଣରେ ସଜାସଜି ହୋଇଛି । ବିରାଟ ଟେବୁଲ ଉପରେ କେତେକ ବହି ଓ ଅନେକ ଖବର କାଗଜ ପଡ଼ି ରହିଛି । ଅନିରୁଦ୍ଧବାବୁ ସେ ଘରେ ପ୍ରବେଶ କଲାକ୍ଷଣି, ଜମିଦାରବାବୁ ହସ ହସ ହୋଇ ତାଙ୍କୁ ବସିବାକୁ ଅନୁରୋଧ କଲେ । ତା ପରେ ସେ ଅନିରୁଦ୍ଧବାବୁଙ୍କୁ ପଚାରିଲେ, ଆପଣ ଏଠାରେ ରହି କିଛି ଅଶାନ୍ତି ବୋଧ କରୁନାହାନ୍ତି ତ ! ଯଦି

Digitized by srujanika@gmail.com

କିଛି ଅସୁବିଧା ହେଉଥାଏ, ତାହାହେଲେ ମୁଁ ସଙ୍ଗେ ସଙ୍ଗେ ତାର ବ୍ୟବସ୍ଥା କରିଦେବି ।

ଅନିରୁଦ୍ଧବାବୁ କୃତଜ୍ଞତା ଜଣାଇ କହିଲେ—ଆପଣଙ୍କ ଦୟାରୁ ମୋର କିଛି ଅସୁବିଧା ହେଉ ନାହିଁ ।

ଜମିଦାରବ ସେହି ଟେବୁଲ ଉପରେ ପଡ଼ିଥିବା ଖବରକାଗଜ ଗୁଡ଼ିକ ଏପାଖ ସେପାଖ କରି 'ସମାଜ'ଟିକୁ ଉଠାଇ ଆଣି ତରତର କରି ଖୋଲିବାକୁ ଲାଗିଲେ । ଖବରର ଶିରୋନାମା ଅକ୍ଷରଗୁଡ଼ିକ ଉପରେ ଆଖି ବୁଲାଇ ଆଣୁ ଆଣୁ, ସେ ହଠାତ୍ ଚମକିଲା ପରି ଦଣ୍ଡେ ରହିଗଲେ । ତା'ପରେ ସେତେ ଚଞ୍ଚଳ ସରେ ସେତେ ଚଞ୍ଚଳ ସେହି ସମ୍ବାଦ ସ୍ତମ୍ଭଟି ପଢ଼ିସାରି, ଭିତରେ ଭିତରେ ବ୍ୟଥା ଅନୁଭବ କରୁଥିଲେ ବି ଉପରେ ଉପରେ ହସିବାକୁ ଲାଗିଲେ ।

ଅନିରୁଦ୍ଧବାବୁ ତାଙ୍କର ମୁହଁର ଭାବକୁ ଲକ୍ଷ୍ୟ କରୁଥିଲେ । କିଛି ନ ଜାଣିଲା ପରି ବାହାରଆଡ଼େ ଚାହିଁ ଭାବୁଥିଲେ—କ'ଣ 'ସମାଜ'ରେ ବାହାରିଛି ! ପୁଣି ଏକ ହତ୍ୟାକାଣ୍ଡ ଘଟିଛି ନା କ'ଣ ! ତାଙ୍କ ଛାତି ଉଠୁଥିଲା ପଡ଼ୁଥିଲା ।

ଜମିଦାର ଉଦୟନାରାୟଣ ବାରମ୍ବାର ବହୁ ପରେ ହସୁ ହସୁ ନାଲି ପେନ୍‌ସିଲରେ ସେହି ଖବର ପାଖରେ ଏକ ଦାଗ ମାରିଦେଲେ । ଅନିରୁଦ୍ଧବାବୁ କିଛି ନ ଜାଣିଲା ପରି ପଚାରିଲେ—କ'ଣ 'ସମାଜ'ରେ ବାହାରିଛି କି ଆଜ୍ଞା !

ଜମିଦାରବାବୁ ପୁଣି ବିଦ୍ରୂପ ସ୍ୱରରେ କହିଲେ—ହତ୍ୟା ଖବର ।

ଅନିରୁଦ୍ଧବାବୁ ବ୍ୟଗ୍ରତା ଦେଖାଇ ପ୍ରଶ୍ନକଲେ—କି ହତ୍ୟା ଆଜ୍ଞା ! କିଛି ଦିନ ତଳେ ଜଣେ କେଉଁ ଜମିଦାରଙ୍କୁ କିଏ ହତ୍ୟା କରିଛି ବୋଲି 'ସମାଜ'ରେ ବାହାରିଥିଲା । ପୁଣି ବାହାରିଥିଲା ଜଣେ ସେଠକୁ

Digitized by srujanika@gmail.com

କିଏ ହତ୍ୟାକରି ଦୁ'ଲକ୍ଷ ଟଙ୍କା ଘେନି ଯାଇଛି । ପୁଣି ଆଜ୍ଞା ଏ ହତ୍ୟା କେଉଁଠି ? ଜମିଦାରବାବୁ 'ସମାଜ'ଟା ତାଙ୍କ ହାତକୁ ବଢ଼ାଇଦେଇ କହିଲେ— ଦେଖନ୍ତୁ ଆପଣ !

ସେହି ମୁହୂର୍ତ୍ତରୁ କାହିଁକି କେଜାଣି ସେ ପାଗଳଙ୍କ ପରି ହୋଇ ଡାକିଲେ – ଅନାଦି, ଅନାଦି ! ଅନ୍ୟ ଏକ କୋଠରୀରୁ ଅନାଦିବାବୁ ଦଉଡ଼ି ଆସି ପଚାରିଲେ, କ'ଣ ଆଜ୍ଞା !

ଜମିଦାରବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, ଆଜିଠାରୁ ଦୁଇ ତିନିଦିନ ତମକୁ ଅନବରତ କାମ କରିବାକୁ ପଡ଼ିବ ।

ଅନାଦିବାବୁ ଉତ୍ତର ଦେଲେ, ମୁଁ କେଉଁ କଥାକୁ ପଛାଇବି ନାହିଁ ଆଜ୍ଞା !

ଅନିରୁଦ୍ଧବାବୁ ଓରଫ ରବିବାବୁ ଜମିଦାରବାବୁଙ୍କ କଥାକୁ କାନଦେଇ ଶୁଣୁଥିଲେ ମଧ୍ୟ ଖବର କାଗଜରେ ସେହି ହତ୍ୟା ବିବରଣୀ ଉପରେ ଆଖି ବୁଲାଇ ନେଉଥିଲେ ।—ସମ୍ବାଦ ପ୍ରକାଶ ପାଇଛି—

"ଗଲାରାତିରେ କଟକରେ ଏକ ରହସ୍ୟଜନକ ହତ୍ୟାକାଣ୍ଡ ଘଟିଛି । କିଛିଦିନ ତଳେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିବା ଜମିଦାର ଧନଞ୍ଜୟବାବୁଙ୍କର ସ୍ତ୍ରୀଙ୍କୁ କିଏ କାଲି ରାତିରେ କୌଶଳରେ କୌଣସି ବିଷାକ୍ତ ପଦାର୍ଥ ସାହାଯ୍ୟରେ ମୃତ୍ୟୁମୁଖରେ ପକାଇଛି । ସେ ସବୁଦିନ ପରି ଖାଇପିଇ ବିଛଣାକୁ ଯାଇଥିଲେ; କିନ୍ତୁ ସେହି ବିଛଣାରୁ ସକାଳୁ ଆଉ ଉଠିଲେ ନାହିଁ । ଡାକ୍ତରମାନେ ପରୀକ୍ଷା କରି ମତ ଦେଇଛନ୍ତି, ତାଙ୍କର ହୃଦ୍‌ସ୍ପନ୍ଦନକ୍ରିୟା ବନ୍ଦ କିମ୍ବା ରକ୍ତଚାପ ଯୋଗୁଁ ମୃତ୍ୟୁ ଘଟିନାହିଁ । ଏ ରହସ୍ୟଜନକ ମୃତ୍ୟୁରେ ସମସ୍ତେ ବିବ୍ରତ ହୋଇ ପଡ଼ିଛନ୍ତି ।

Digitized by srujanika@gmail.com

ତା'ପରେ ଆହୁରି ଏକ ଖବର ପ୍ରକାଶ ପାଇଛି—କୌଣସି ଏକ ଅଜଣା ଭଦ୍ରବ୍ୟକ୍ତିଙ୍କର ଦୁଇଲକ୍ଷ ଟଙ୍କା ଦାନ ।

କାଲି ସକାଳେ, ବେ-ସରକାରି ମହଲରୁ ଜଣାଯାଇଛି ଯେ, ଛଦ୍ମ ନାମରେ କୌଣସି ଅଜଣା ଭଦ୍ର ବ୍ୟକ୍ତି ସକାଳେ ଚେକ୍ ମାରଫତ୍ କେତେକ ଅନୁଷ୍ଠାନକୁ ଦୁଇଲକ୍ଷ ଟଙ୍କା ଦାନ କରିଛନ୍ତି । ସେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେବ ତାର ନିର୍ଦ୍ଦେଶ ମଧ୍ୟ ଅଛି । ସେଥିମଧ୍ୟରୁ ପଚାଶ ହଜାର ଡାକ୍ତରଖାନା ପାଇଁ, ପଚାଶ ହଜାର ଯକ୍ଷ୍ମା ପାଣ୍ଠି, ପଚାଶ ହଜାର ବନ୍ୟା ସାହାଯ୍ୟ ପାଣ୍ଠି, ତିରିଶ ହଜାର କୁଷ୍ଠ ନିବାସ ଏବଂ ଊଣେଇଶ ହଜାର ନ ଶହ ନବେ, ପୂର୍ବେ ଯୁଗର ନାରୀମାନଙ୍କ ଚରିତ୍ର ପରି ବର୍ତ୍ତମାନ ଯୁଗର ନାରୀ ଚରିତ୍ର ହେବା ଉଚିତ, ଏ ବିଷୟରେ ଉଚ୍ଚସ୍ତରର ପୁସ୍ତକ ଲେଖି ଆନ୍ଦୋଳନ କରିବାକୁ ସାହିତ୍ୟ ସମାଜ ହାତରେ ଦିଆଯାଇଛି ।

ଉଦ୍ଧବବାବୁ ଏ ଖବର ପଢ଼ୁ ପଢ଼ୁ ତାଙ୍କର ଭାବନା ଚହଲି ଉଠୁଥିଲା । ଦୁଇ ଲକ୍ଷ ଟଙ୍କାର ଦାନ ! ସେଦିନ ସେଠ୍‌କୁ ହତ୍ୟା କରା-ହୋଇ ତାର ଚେକ୍‌ରେ ଥିବା ଯେଉଁ ଦୁଇଲକ୍ଷ ଟଙ୍କା ନିଆଯାଇଥିଲା, ସେଇ ଦୁଇଲକ୍ଷ ଟଙ୍କାର ଯେ ଏ ହିସାବ ! ମୋଟେ ଦଶଟି ସେଥିରୁ କମ୍ ହୋଇଛି । ଏ ଦାନ କମ୍ ଦାନ ନୁହେ । ଜମିଦାର-ବାବୁ ଯେପରି ଅଜ୍ଞାତରେ ଦାନ କରୁଛନ୍ତି, ଏ ଦାନ ମଧ୍ୟ ସେହିପରି ଅଜ୍ଞାତରେ ଦାନ କରା ହୋଇଛି । ତେବେ···

ତାଙ୍କର ଭାବନାକୁ ଭାଙ୍ଗି ଜମିଦାରବାବୁ ବ୍ୟସ୍ତ ହୋଇ ପଚାରିଲେ ପଢ଼ିଲେ ଅନିରୁଦ୍ଧବାବୁ, କାହାକୁ ହତ୍ୟା କରାହୋଇଛି ?

ଅନିରୁଦ୍ଧବାବୁ ତାଙ୍କର ମନର ଅବସ୍ଥାକୁ ଲକ୍ଷ୍ୟ କରୁ କରୁ ବିସ୍ମିତ ହୋଇ କହିଲେ—ଜମିଦାର ଧନଞ୍ଜୟବାବୁଙ୍କ ସ୍ତ୍ରୀ ଆଶା-ଦେବୀଙ୍କୁ ।

Digitized by srujanika@gmail.com

ଅଣା ଦେବୀଙ୍କୁ ନୁହେଁ ? କାହିଁକି କେଜାଣି ଜ୍ୟୋତିପ୍ରକାଶବାବୁଙ୍କ ଆଖି ଛଳ ଛଳ ହୋଇ ଉଠିଲା । ସେ ହଠାତ୍ ନିଜକୁ ସମ୍ଭାଳି ନେଇ କହିଲେ—ଆପଣ ଭାଲ ମୋ ସମାଧି ମନ୍ଦିର ଦେଖିଲେ ? ବେଶ୍ ଭଲ ହୋଇ ନାହିଁ ?

ଅନିରୁଦ୍ଧବାବୁ ନିଜକୁ ଭାବନା ରାଜ୍ୟରୁ ଫେରାଇ ଆଣି କହିଲେ—ଆପଣଙ୍କର ବ୍ୟକ୍ତିତ୍ୱକୁ ବୁଝିବା ମୋ ଭଳି ଲୋକ ପକ୍ଷରେ ଆଦୌ ସମ୍ଭବ ନୁହେଁ । ମରଣକୁ ଯିଏ ଅମୃତ ଭଳି ମନେକରେ, ସେ ଲୋକକୁ ମଣିଷ ସହିତ ସମାନ କରି ହେବ ନାହିଁ ।

ଜମିଦାରବାବୁ ଇତଃସ୍ତତ ମନରେ ଉତ୍ତର ଦେଲେ, ପ୍ରକୃତରେ ଏ ପ୍ରଶଂସାର ଅଧିକାରୀ ମୁଁ ନୁହେଁ । ମୋର ବି ସମସ୍ତଙ୍କ ପରି ଏହି ସଂସାର ଭିତରେ ରହି ଆନନ୍ଦରେ ଦିନ କାଟିବା ପାଇଁ ଇଚ୍ଛା ଥିଲା । ଏଇ ବଡ଼ ବଡ଼ କୋଠା ଭିତରେ ଗ୍ରେଟ ଗ୍ରେଟ ପିଲା ଝିଅ ଡେଇଁ କରୁଥିଲେ ମୁଁ କ'ଣ ଖୁସି ହୁଅନ୍ତି ନାହିଁ ? କିନ୍ତୁ ସେ ଆଶା ମୋର ମରିଛି ! ତା ଧରେ ସେ କୋଠରିରେ ଏପାଖ ସେପାଖ ବୁଲି ବୁଲି ପଚାରିଲେ—ମୁଁ ଯେ କହୁଛି, ଏ କଥା ଆପଣ ଠିକ୍ କହି ପାରିବେ ? ନିଶ୍ଚୟ କହିପାରିବେ ଆପଣ ! ଆପଣ ଠିକ୍ ମୋର ପରି × ×

ଅନିରୁଦ୍ଧବାବୁ ଜମିଦାରବାବୁଙ୍କର କଥାବାର୍ତ୍ତାରେ ଚମକି ପଡ଼ିଲେ । ତାଙ୍କର ଯେ ଆଉ କୌଣସି କଥା ଅନୁସନ୍ଧାନ କରିବା ଦରକାର ନାହିଁ । ଜମିଦାରବାବୁ ମନର ଉତ୍କଟ ବେଦନାରେ ସବୁ କହିଗଲେଣି । ତାଙ୍କର ଅନୁସନ୍ଧାନ ଠିକ୍ ହୋଇଛି ବୋଲି ମନ କୁରୁଳି ଉଠୁଥିଲେ ବି, ସଙ୍ଗେ ସଙ୍ଗେ ଜମିଦାରବାବୁଙ୍କ ପ୍ରଶ୍ନର ଉତ୍ତର ଦେଇ କହିଲେ—ନା ଆଜ୍ଞା, ଆପଣ ବଞ୍ଚିଛନ୍ତି !

Digitized by srujanika@gmail.com

ଜମିଦାରବାବୁ ଠୋ ଠୋ ହସିବାକୁ ଲାଗିଲେ—ତା ପରେ ସେହି ହସ ଭିତରେ କହିଲେ ମୁଁ ବଞ୍ଚିଛି, ନୁହେଁ ? ହଁ ଅନିରୁଦ୍ଧ-ବାବୁ, ଆପଣ ଠିକ୍ କହିଛନ୍ତି । ମୋ ହାତ ଗୋଡ଼ କହୁଛି—ମୋ ଶିରା ପ୍ରଶିରାରେ ରକ୍ତ ପ୍ରବାହିତ ହେଉଛି, ମୁଁ ଖାଇପିଇ ଶୋଉଛି, ଏଇ ତ ମଣିଷର ବଞ୍ଚିବାର ନିଦର୍ଶନ ! ପୁଣି ଠୋ ଠୋ ହସ ! କିନ୍ତୁ ଅନିରୁଦ୍ଧବାବୁ, ମୁଁ ମରିଛି ଅନେକ ଦିନ ଆଗରୁ ! ଠିକ୍ ବାଇଶି ବର୍ଷ ଆଗରୁ ।

ହଠାତ୍ ସେ କଥା ବନ୍ଦ କରି ଡାକିଲେ—ଅନାଦି ?

—ଆଜ୍ଞା !

ତମେ କେତେବେଳରୁ ଠିଆ ହୋଇଛ—ନୁହେଁ । ହଁ ଚାଲ, ମୋ ଲାଇବ୍ରେରୀକୁ, ବହୁତ କାମ !

ତା ପରେ ଅନିରୁଦ୍ଧବାବୁଙ୍କୁ କହିଲେ—ଆପଣ ବେଶ ଭ୍ରମଣ କରି ଯିବେ ପରା ! ମୁଁ ବି ଯିବି—ଭ୍ରମଣ କରି । ରୁହନ୍ତୁ ଆଉ ଦୁଇଦିନ । ତା’ ପରେ ଦ୍ରୁତଗତିରେ ସେ ଘରୁ ବାହାରି ଯାଉଁ ଯାଉଁ କହିଲେ, ଅପେକ୍ଷା କରନ୍ତୁ ।

ରବିବାବୁ ଏ ଖବର କିପରି ସହାସବଦାଶିବାବୁଙ୍କୁ ଦେବେ, ସେଇ କଥାହିଁ ମନେ ମନେ ଭାବୁଥିଲେ । ଜମିଦାରବାବୁ ଚାଲିଯିବା ସଙ୍ଗେ ସଙ୍ଗେ ଅନିରୁଦ୍ଧବାବୁ ଆସ୍ତେ ଆସ୍ତେ ତାଙ୍କର ଅନୁଗମନ କଲେ ।

ଜମିଦାରବାବୁଙ୍କ ବିରାଟ ଲାଇବ୍ରେରୀ । ଅନିରୁଦ୍ଧବାବୁ ଦରଜାର ଏ ପାଖରେ ରହି ପରଦା ଆଢ଼ୁଆଳରେ ଚାହିଁ ଦେଖିଲେ—କାନ୍ଥରେ ଟଙ୍ଗା ହୋଇଛି ଏକ ବିରାଟ ଫଟୋ । ଆଉ କିଛି ଦେଖିବା ତାଙ୍କର ଦରକାର ନାହିଁ । ସେ ଦ୍ରୁତ ପଦରେ ଚାଲି ଆସିଲେ ପୂର୍ବୋକ୍ତ କୋଠରୀକୁ । ସେଇଠି ବସି ସେ ଭାବି ଯାଉଥିଲେ-ସ୍ମୃତିରେ

Digitized by srujanika@gmail.com

ଉଦୟନାରାୟଣବାବୁ ଅତି ଉତ୍ତମ ଲୋକ; କିନ୍ତୁ ତାଙ୍କ ଅନ୍ତରରେ ଏଇ ପ୍ରତିହିଂସାର ନିଆଁ କୁହୁଳାଉଛି କିଏ ? ସେଇ ଆଶା ଦେବୀ । ସେ ଦିନ ସେଥିପାଇଁ ଉଦୟନାରାୟଣବାବୁଙ୍କ କଥା ଶୁଣିଲାକ୍ଷଣି ଆଶାଦେବୀ ଚଞ୍ଚଳ ହୋଇ ଉଠୁଥିଲେ, ତାଙ୍କର ମୁଖର ଭାବଭଙ୍ଗୀ ଅସ୍ୱାଭାବିକ ଭାବରେ ବଦଳି ଯାଉଥିଲା ।

ହଠାତ୍ ତାଙ୍କର ଭାବନାକୁ ଭାଙ୍ଗି ଅନାଦିବାବୁ ଡାକିଲେ; ଆସନ୍ତୁ ଆଜ୍ଞା, ବାବୁ ଡାକୁଛନ୍ତି ? ଅନିରୁଦ୍ଧବାବୁ ଉଠି ଯାଉଁ ଯାଉଁ ଜମିଦାରଙ୍କ ପ୍ରତି ତାଙ୍କ ମନ ନଇଁ ଆସୁଥିଲା । ସେ ଏଇ କେଇଦିନ ଭିତରେ ତାଙ୍କୁ ନିଜର କରି ନେଇଛନ୍ତି । ସେ ପୁଣି କେଉଁ ବିବେକରେ ତାଙ୍କର ସର୍ବନାଶର ପ୍ରଣାଳୀ ହୋଇ ଠିଆ ହେବେ । ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ଉଠି ପଡ଼ିଲେ । ଅନ୍ୟ ପାଖରେ ଯେ କର୍ତ୍ତବ୍ୟ ।

ଅନିରୁଦ୍ଧବାବୁ ସେ ଘରକୁ ପଶିଯିବା ସଙ୍ଗେ ସଙ୍ଗେ ଜମିଦାର ବାବୁ କହିଲେ—ମୁଁ ଆପଣଙ୍କ ପାଇଁ ଚାରି ଖଣ୍ଡି ବହି ରଖିଛି, ବାଟରେ ପଢ଼ିଲେ ବେଶ୍ ଆନନ୍ଦ ପାଇବେ । ଆଉ ସମସ୍ତ ବହି ବିଶ୍ୱବିଦ୍ୟାଳୟକୁ ଦାନ କରି ଦେଇଛି ।

ଜମିଦାରବାବୁଙ୍କ ହସ୍ତରୁ ଚାରିଖଣ୍ଡି ବହି ଗ୍ରହଣ କରି ଅନିରୁଦ୍ଧ-ବାବୁଙ୍କ ମନ ତାଙ୍କ ପ୍ରତି କୃତଜ୍ଞତାରେ ଭରି ଉଠୁଥିଲା । ସେ ମନେ ମନେ ଲଜ୍ଜିତ ହୋଇ ଭାବୁଥିଲେ—ଏଭଳି ଲୋକର ସର୍ବନାଶ କରିବାକୁ ପୁଣି ସେ ଆସିଛନ୍ତି !

ଉଦୟନାରାୟଣବାବୁ ତନାଘନା ଲଗାଇଥାନ୍ତି —ଆଜି ସନ୍ଧ୍ୟା ସୁଦ୍ଧା ସମସ୍ତ ବହି ଯେପରି ପ୍ୟାକ୍ ହୋଇ ଷ୍ଟେସନକୁ ବାହାରିଯାଏ, ତାର ବ୍ୟବସ୍ଥା କରି ଅନାଦି । ମଠର ପଠାଇ ବାଲେଶ୍ୱରରୁ ଦୁଇଟା ଟ୍ରକ ଆଣ । ତା'ପରେ ଅନିରୁଦ୍ଧବାବୁଙ୍କ ଆଡ଼କୁ ଚାହିଁ କହିଲେ,

Digitized by srujanika@gmail.com

ଆପଣ ଏଠି କାହିଁକି ବସିବେ, ସେ ଘରେ ଯାଇ ଆରାମ କରନ୍ତୁ । ମୋର ମନର ଅବସ୍ଥା ଏଇକ୍ଷଣି ଭଲ ନାହିଁ । ଆପଣ ଆଜି ମୋ ସହିତ ବସି ଏକତ୍ର ଭୋଜନ କରିବେ ।

ରବିବାବୁ ପୁନର୍ବାର ଫେରି ଆସିଲେ ନିଜ ସ୍ଥାନକୁ । ଜମିଦାର ବାବୁଙ୍କ ମନ ପରି ତାଙ୍କ ମନ ବି ଆଜି ଅସ୍ଥିର । ହଠାତ୍ ସେ ଶୁଣି-ପାରିଲେ — ଉପର ମହଲରେ କାହାରି ପଦ ଶବ୍ଦ । ଜମିଦାରବାବୁ ତ ଲାଇବ୍ରେରୀରେ, ଉପର ମହଲରେ ଆଉ ଥିବେ କିଏ ? ଏ କ'ଣ ତାହାହେଲେ ଏକ କୁହୁକ କୋଠି ନା କ'ଣ ! ଜମିଦାରବାବୁ ସେଆଡ଼େ ଥିବାରୁ ରବିବାବୁ ବଡ଼ ସତର୍କରେ ଦୁଇଟି କୋଠରୀ ପାରହେଲା ପରେ ଦେଖିଲେ ଗୋଟିଏ ଦରଜା । ସେଇ ଦରଜାଟିକୁ ଖୋଲି ଦେଲାକ୍ଷଣି ତାଙ୍କ ଆଗରେ ପଡ଼ିଲା ଏକ ପାହାଚଯୁକ୍ତ ସିଡ଼ି ଉପରକୁ ଉଠି ଯାଇଛି । ରବିବାବୁ ଆଉ ମୁହୂର୍ତ୍ତେ ବିଳମ୍ବ ନ କରି ଧୀର ପଦରେ ଉପରକୁ ଉଠିଯାଇ ଦେଖିଲେ— ସେଠି ପାହାଚ ଏକ ଲୌହଦରଜା ପାଖରେ ଶେଷ ହୋଇଛି । ସେ ଆସ୍ତେ କବାଟ ଦେହରେ କାନ ଦେଇ ଶୁଣିଲେ; ଭିତରେ ଟୁପ୍‌ଟାପ୍ କଥା । ବିସ୍ମୟରେ ରବିବାବୁ କ୍ଷଣକପାଇଁ ଜଡ଼ ପାଲଟି ଗଲେ । ପରମୁହୂର୍ତ୍ତରେ ନିଜକୁ ସଂଯତ କରି ଫେରି ଆସିଲେ ନିଜର ବସିବା ସ୍ଥାନକୁ ।

ଠିକ୍ ବାରଟାବେଳକୁ ଅନ୍ୟ ଗୋଟିଏ ସୁନ୍ଦର କୋଠରୀରେ ଜମିଦାରବାବୁ ଓ ଅନିରୁଦ୍ଧବାବୁଙ୍କ ପାଇଁ ଖାଦ୍ୟ ଜିନିଷ ବଢ଼ାଗଲା । ଅନିରୁଦ୍ଧବାବୁ ଖାଉଥିଲେ ବି ଜମିଦାରବାବୁ ନାମକୁ ମାତ୍ର ସେହି ଖାଦ୍ୟ ଜିନିଷରେ ହାତ ମାରୁଥିଲେ । ହଠାତ୍ ଜମିଦାରବାବୁ କହି

Digitized by srujanika@gmail.com

ହଠିଲେ— ଆପଣ ମୋ ବିଷୟରେ କିଛି ନ ଜାଣି ବଡ଼ ବିସ୍ମିତ ହେଉଥିବେ—ନୁହେଁ ?

ଅନିରୁଦ୍ଧବାବୁ କହିଲେ—ସେକଥା ଆପଣଙ୍କୁ ପଚାରିବାକୁ ଆଜ୍ଞା ମୋର ସାହସ ନାହିଁ । ତେବେ ମନରେ ପ୍ରବଳ ଇଚ୍ଛା ଅଛି··· ।

ଜୟନାରାୟଣବାବୁ କହିଲେ, ମୋର କହିବାକୁ ଇଚ୍ଛା ଥିଲେ ବି ଆଜ ସମୟ ନାହିଁ । ଆଜ ଦିନଦିନ ପରେ ମୋର ଡାଇରୀ ପଢ଼ିବାକୁ ପାଇବେ । ସେଥିରୁ ଆପଣ ମୋ ବିଷୟରେ ଅନେକ କୌତୂହଳ କଥା ଜାଣି ପାରିବେ ।

ଖିଆ ସରିଲା ପରେ ଅନିରୁଦ୍ଧବାବୁ କହିଲେ—ଆଜ୍ଞା, ମୋ ଦେହ କମିତି ଖରାପ ଲାଗୁଛି, ମଟର ଆଜ ବାଲେଶ୍ୱର ଯିବ ନାହିଁ ? ଔଷଧ ନେଇ ଫେରି ଆସନ୍ତି ।

ଜମିଦାରବାବୁ ଆଗ୍ରହ ଦେଖାଇ କହିଲେ—ବର୍ତ୍ତମାନ ମଟର ପାଞ୍ଚଟା ଟ୍ରେନ ଡାକ ଆଣିବାକୁ ବାଲେଶ୍ୱର ଯିବ ଏବଂ ସଙ୍ଗେ ସଙ୍ଗେ ବ୍ୟାଙ୍କରୁ କିଛି ଟଙ୍କା ଧରି ଫେରିବ । ଆପଣ ଯାଆନ୍ତୁ ।

ଅନିରୁଦ୍ଧବାବୁ ଜମିଦାରବାବୁଙ୍କୁ କୃତଜ୍ଞତା ଜଣାଇ ଅନାଦିବାବୁଙ୍କୁ କହିଲେ—ମଟର ବାଲେଶ୍ୱର ଯିବ ପରା ? ଚାଲନ୍ତୁ, ମୁଁ ଗୋଟାଏ ଔଷଧ ଆଣିବି ।

ଅନାଦିବାବୁ ଉତ୍ତର ଦେଲେ ବିନ୍ଧସବୁ ଏମାନେ ପ୍ୟାକ୍ କରୁଛନ୍ତି । ମଟର ତିନିଟା ବେଳକୁ ଦରକାର । ଚାଲନ୍ତୁ ଏଥର ।

ଦୁହେଁ ଯାଇ ମଟରରେ ବସିଲେ । ମଟର ପ୍ରାୟ ପାଞ୍ଚମାଇଲ ଚାଲି ପରେ ହଠାତ୍ ମୋଟରଚାଳକୁ ଲକ୍ଷ କରି ଅନିରୁଦ୍ଧବାବୁ ପଚାରିଲେ, ହଠାତ୍ ଜମିଦାରବାବୁଙ୍କ ମନ କାହିଁକି ଖରାପ ହେଲା ମୁଁ ବୁଝି-

Digitized by srujanika@gmail.com

ପାଗଲ ନାହିଁ । ସେ ତାଙ୍କର ପ୍ରିୟ ଲାଇବ୍ରେରୀକୁ ଆଜ ହଠାତ୍ ଭିତରେ ଦାନ କରି ପଠାଇ ଦେବାର ବା ଉଦ୍ଦେଶ୍ୟ କ'ଣ ?

ଅନାଦିବାବୁ ଗୋଟିଏ ବାକ୍ୟରେ ମନ୍ଥର ବୁଲାଉ ବୁଲାଉ କହିଲେ—ସେଇକଥାହିଁ ମୁଁ ଭାବୁଛି । ସେଥିପାଇଁ ମୋ ମନରେ ବି ଶାନ୍ତି ନାହିଁ ।

ମନ୍ଥର ବାଲେଶ୍ୱରରେ ପହଞ୍ଚିବା ସଙ୍ଗେ ସଙ୍ଗେ ରଜବାବୁ ଅନ୍ତ କାରୁଣ୍ୟ ଚିଠି ଡାକଘରେ ପକାଇ ଦେଇ ଆସିଲେ ।

ଅନାଦିବାବୁ, ବାଲେଶ୍ୱରରୁ ଦୁଇଟା ଟ୍ରକ ଡାଳ ଛଅଟା ବେଳକୁ ଫେରି ଆସିଲେ ।

... ...

ତହିଁଆରଦିନ ସକାଳ ଦଶଟା । ସ୍ୱାମୀସହଦାଶିବାବୁ ଖାଇପିଇ ଅଫିସ ଯିବା ଆଗରୁ ଘରେ କରୁଛି ସମସ୍ତ ଆୟୋଜନ କରୁଥିଲେ । ଡାକବାଲା ଚିଠି ଆଣି ଦେଇଗଲା । ତାଙ୍କ ନାମରେ ଥିବା କେତେ ଖଣ୍ଡ ବ୍ୟକ୍ତିଗତ ଚିଠି ଗୋଟିକ ପରେ ଗୋଟିଏ ଫିଟାଇ ପଢ଼ୁ ପଢ଼ୁ ଖଣ୍ଡିଏ ଚିଠି ଖୋଲି ଦେଖିଲାକ୍ଷଣି ତାଙ୍କ ମୁଖ ଉଜ୍ଜ୍ୱଳ ହୋଇ ଉଠିଲା । ରଜବାବୁ ଦେଇଛନ୍ତି । ଏତେ ବଡ଼ କେଶ୍ ଧରା ପଡ଼ିଛି ! ସ୍ୱାମୀସ-ହଦାଶିବାବୁ ଆନନ୍ଦରେ ଅଧୀର ହୋଇ ପଡ଼ିଲେ ।

ଲେଖାଥିଲା —

ସାର,

ଆପଣଙ୍କ ଆଶୀର୍ବାଦ ଦେଇ ମୁଁ କୃତକୃତ୍ୟ ହୋଇଛି । କିନ୍ତୁ ମୋ ଆନନ୍ଦ ଆହୁରି ଦଶଗୁଣ ବଢ଼ିଥାନ୍ତା, ଯଦି ଟ୍ରକ୍‌ରେ ଏ ଉକାମୃତ ଦଳକୁ ସନ୍ଧାନ ମୁଁ ପାଇ ପାରିଥାନ୍ତି । ଏ ଦୈନ୍ୟ ଯାହା ଘଟିଛି, ତାହା କେବଳ ପ୍ରତିଶୋଧ ମୂଳକ ବା ଏକ ଖିଆଲରେ ଘଟିଛି ମାତ୍ର । ମୁଁ ଯାହାଙ୍କର ସନ୍ଧାନ ରାଜନ୍ତି ବା ଯିଏ ଏସବୁ ଷଡ଼ଯନ୍ତ୍ରର ମୂଳ

Digitized by srujanika@gmail.com

କାରଣ, ସେ ହେଉଛନ୍ତି ଜମିଦାର ଜୟଦୟାନାରାୟଣବାବୁ । ତାଙ୍କ ଭଳି ମହାନ୍ ବ୍ୟକ୍ତି, ସମାଜ ଭିତରେ ଖୁବ୍ କମ୍ ଅଛନ୍ତି । କିନ୍ତୁ ସେ ଯେ କାହିଁକି ଏପରି ହେଲେ ତାର ବହୁତ କାରଣ ଅଛି । ଏଥିପାଇଁ ଆଶା ହେଉଛି ଯେ ଦାୟୀ, ସେକଥା ପରେ ଜାଣିବେ । ଆପଣ ଏ ଚିଠି ପାଇ ପଅରଦିନ ନଅଟା ବେଳକୁ ବାଲେଶ୍ୱରରୁ ପଚିଶ ଜଣ ସଶସ୍ତ୍ର ପୋଲିସ ସହ ଯେପରି ଆସି ଜମିଦାରବାବୁଙ୍କ ହତା ଚାରିପାଖ ଘେରାଉ କରିବେ । ନଚେତ୍ କି ଦୁର୍ଘଟଣା ଯେ ଘଟିବ, ମୁଁ ଜାଣି ପାରୁନାହିଁ ।

ଆପଣଙ୍କର

ରବୀନ୍ଦ୍ରମୋହନ ମହାନ୍ତି

ସହାସବଦାଶବାବୁ ଏ ଚିଠି ଖଣ୍ଡ ପଢିସାରି ମୁହୂର୍ତ୍ତେ ଆଉ ବସି ପାରିଲେ ନାହିଁ । ନିଜର ପୋଷାକପତ୍ର ପିନ୍ଧି, ପୋଲିସ ସାହେବଙ୍କ ଘରଆଡ଼େବାହାରି ଗଲେ ।

... ...

ଦୁଇଦିନ ହେଲା ଜମିଦାରଙ୍କ ଘର ବାହାରେ ଭଲ ଘୋ ଘାରେ କମ୍ପୁଛି । ହଜାର ହଜାର ଲୋକ ଭୁରି ଭୋଜନ ପରେ, ଲୁଗା ଟଙ୍କା ନେଇ ଜୟ ଜୟ ଧ୍ୱନିକରି ଫେରୁଛନ୍ତି । ଜମିଦାରବାବୁ ପାଗଳଙ୍କ ପରି ଏଣେ ତେଣେ ବୁଲି ସମସ୍ତ ଖବର ବୁଝୁଛନ୍ତି ।

ରବିବାବୁ ଏ ସମସ୍ତ ଦେଖି ଅବାକ୍ ହୋଇ ଗଲେଣି । କେଉଁ ମୁହୂର୍ତ୍ତରେ କ'ଣ ଘଟିବ, ତାହା ତାଙ୍କ କଳ୍ପନାକୁ ବି ଆସୁନାହିଁ । ସହାସବଦାଶବାବୁ ପୋଲିସ ସହିତ ପହଞ୍ଚିବେ ସାଢ଼େ କାଲି ଦଶ-ଟାରେ । ତାହାହେଲେ କ'ଣ ଜମିଦାରବାବୁ ତା ପୂର୍ବରୁ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବେ ।

Digitized by srujanika@gmail.com

ସେବନ ଘର । ଜମିଦାରବାବୁ ଅନିରୁଦ୍ଧବାବୁଙ୍କୁ ଡାକି ଗୋଟିଏ ନିର୍ଜନ କୋଠରୀରେ ବସିଲେ । ତା ପରେ ତାଙ୍କର ଆଡ଼କୁ ଲକ୍ଷ୍ୟକରି କହିଲେ –ଆଜ ମୋ ମନ ବଡ଼ ପ୍ରଫୁଲ୍ଲଅଛି । ନାଚ, ଗାନ ଦେଖି-ବାକୁ ଆଜ ଭାରି ଇଚ୍ଛା ।

ବାହାରୁ ଶୁଭିଲା ନୂପୁରର ରୁଣୁଝୁଣୁ ଶବ୍ଦ । ଅନିରୁଦ୍ଧବାବୁ ନିଜକୁ ବିଶ୍ୱାସ କରି ପାରିଲେ ନାହିଁ । ସେ ନୂପୁରର ରୁଣୁଝୁଣୁ ଶବ୍ଦ ଶୁଣୁଛନ୍ତି କିବା ସ୍ୱପ୍ନ ଦେଖୁଛନ୍ତି । ତାଙ୍କର ଭାବନାକୁ ଭାଙ୍ଗି ପରଦା ଆଡ଼େଇ ଦୁଇଜଣ ଯୁବତୀ ଏବଂ ଜଣେ ଯୁବକ ସେ ଘର ଭିତରକୁ ପଶିଆସିଲେ । ଅନିରୁଦ୍ଧବାବୁ ସେମାନଙ୍କୁ ଦେଖୁ ଦେଖୁ ଅବାକ୍ ହୋଇଗଲେ । ଏ ଯେ ଷ୍ଟେସନ ପାଖରେ ଯେଉଁ ନାଚବାଲୀ ପଇସା ବାଣ୍ଟୁଥିଲା ସେଇ । ସେ ଯୁବକକୁ ଦେଖି ଅନିରୁଦ୍ଧବାବୁ ପ୍ରମାଦ ଗଣିଲେ । ଯଦି ଚିହ୍ନି ପକାଏ ! ପୁଣି ତାଙ୍କ ମନରେ ଦମ୍ଭ ହେଲା ନା କୌଣସିମତେ ଚିହ୍ନି ପାରିବେ ନାହିଁ । ସେତେବେଳେ ତାଙ୍କ ମୁହଁରେ ନିଶ ନ ଥିଲା ।

ଯୁବକଟି ବାଜା ବଜାଇବା ସଙ୍ଗେ ସଙ୍ଗେ ସେହି ସୁନ୍ଦରୀ ଷୋଡ଼ଶୀ ଯୁବତୀଟି ଓଡ଼ିଆରେ ଗୀତ ବୋଲି ନାଚିଲା, ଆଉ ଅନ୍ୟ ତରୁଣୀଟି ନିକଟରେ ବସି ନାଚ ଗୀତ ଉପଭୋଗ କରୁଥାଏ ।

ଅନିରୁଦ୍ଧବାବୁ ସେଠାରେ ହତ୍ୟାକାରୀମାନଙ୍କୁ ଆଗରେ ଦେଖି ସୁଦ୍ଧା, କିଛି କହିବା ବା କରିବାର ଉପାୟ ନ ଥିଲା । ତା ଛଡ଼ା ଷୋଡ଼ଶୀ ଯୁବତୀର ରୂପ ଲାବଣ୍ୟ, କଣ୍ଠର ମଧୁର ସ୍ୱର ଶୁଣି ସେ ନିଜର ସତ୍ତା ଭୁଲି ଯାଇଥିଲେ ।

ଏଗାରଟା ବାଜିଲା । ଜମିଦାରବାବୁ ସେମାନଙ୍କୁ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ତା ପରେ ଅନିରୁଦ୍ଧବାବୁଙ୍କ ଆଡ଼କୁ ଚାହିଁ କହିଲେ—ଏଥର ଖାଇବେ ଚାଲନ୍ତୁ ।

Digitized by srujanika@gmail.com

ଝିଅ ପିଲା ସନ୍ଧ୍ୟାବେଳକୁ ଜମିଦାରବାବୁ ଆହୁରି ଅନ୍ୟମନସ୍କ ହୋଇ ପଡ଼ିଥିଲେ ।

ସେ ଦିନ ଜମିଦାରବାବୁ ଅନିରୁଦ୍ଧବାବୁଙ୍କୁ ଅନୁରୋଧ କଲେ, ଆପଣ ଆଜି ମୋରି କୋଠରୀରେ ଶୋଇବେ । କାଲି ଆପଣଙ୍କୁ ମୁଁ ନିଶ୍ଚୟ ବିଦା କରିଦେବି। ପ୍ରକୃତରେ ମୁଁ ଆପଣଙ୍କର ସଙ୍ଗଲାଭ କରି ଖୁବ୍ ତୃପ୍ତି ଅନୁଭବ କରୁଛି । ସେଥିପାଇଁ ଆପଣଙ୍କୁ ପାଖରୁ ଛାଡ଼ି ପାରୁନାହିଁ । କିଛି ଭାବିବେ ନାହିଁ—ଅନିରୁଦ୍ଧବାବୁ !

ଜମିଦାରବାବୁଙ୍କ ଶୋଇବା କୋଠରୀ । ଜମିଦାରବାବୁ ଗୋଟିଏ ଖଟରେ ଅନିରୁଦ୍ଧବାବୁଙ୍କୁ ଶୋଇବାକୁ କହି, ନିଜେ ଅନ୍ୟ ଖଟରେ ବସିଲେ ! କିଛି କଥାବାର୍ତ୍ତା ନାହିଁ । ହଠାତ୍ ଉଠିପଡ଼ି କହିଲେ, ଆପଣ ଶୋଇପଡ଼ନ୍ତୁ । ମୁଁ ଅଧଘଣ୍ଟା ଭିତରେ ଆସୁଛି । ଜମିଦାରବାବୁ କବାଟ ଆଉଜାଇ ଚାଲିଗଲେ ।

ଜମିଦାରବାବୁ ଚାଲିଗଲା କ୍ଷଣି, ଋଦ୍ଧବାବୁ ଉଠି ବସିଲେ । କୁଆଡ଼େ ଗଲେ ସେ ଆଜି ? ଖଟ ଉପରୁ ଉଠି କବାଟ ଦେହରେ ହାତମାରି ଦେଖିଲେ-ବାହାରୁ କବାଟ ବନ୍ଦ । ଅନିରୁଦ୍ଧବାବୁ ଚିତ୍କାରେ ଥରି ଉଠିଲେ ! ଜମିଦାର ଜାଣି ଜାଣି କୌଣସି ଉଦ୍ଦେଶ୍ୟରେ କବାଟ ବନ୍ଦ କରି ଦେଇ ନାହାନ୍ତି ତ ! ଯଦି ସେ ନ ଫେରନ୍ତି, ତାହାହେଲେ ସେ ଏଇଠି ଶୁଖି ଶୁଖି ମରିବେ ନା କ'ଣ ! ସେତେବେଳେ ସେ ନିଜ କଥା ଛଡ଼ା ଅନ୍ୟ କିଛି ଭାବିପାରୁ ନ ଥିଲେ । ଅଠାକାଣ୍ଡି ଆରେ ଚଢ଼େଇ ପରି ବନ୍ଧଣାରୁ କବାଟ ପାଖ, କବାଟ ପାଖରୁ ଝରକାପାଏ ଅସ୍ଥିର ପଦରେ ବୁଲାଚଲା କରୁଥିଲେ ।

କାନ୍ଥ ଘଣ୍ଟାରେ ବାଜିଲା ଢ଼ନ୍ ଢ଼ନ୍—ଦୁଇ !!

Digitized by srujanika@gmail.com

ଅନିରୁଦ୍ଧବାବୁ ଛୁଆଙ୍କ ପରି ବିକଳ ହୋଇ ଉଠିଲେ । କାହାନ୍ତି ଜମିଦାରବାବୁ ! ତାହାହେଲେ କ'ଣ ସେ କୌଶଳରେ ଏହି ଘର ଭିତରେ ତାଙ୍କୁ ବନ୍ଦୀ କରି କେଉଁଆଡ଼େ ଚମ୍ପଟ ଦେଇଛନ୍ତି ।

ହଠାତ୍ ତାଙ୍କର ଭାବନାକୁ ଭାଙ୍ଗି ଜମିଦାରବାବୁ ସେ ଘରେ ପ୍ରବେଶ କଲେ । ନବଜୀବନ ପାଇଲା ପରି ଅନିରୁଦ୍ଧବାବୁ ନିଦରେ ଶୋଇଗଲାଭଳି ଛଳନା କରି ବିଛଣାରେ ପଡ଼ିରହିଲେ ।

+ + +

ତହିଁଆରଦିନ ସକାଳ । ଅନିରୁଦ୍ଧବାବୁ ରାତିସାରା ଅନିଦ୍ରା ହୋଇ ସକାଳୁ ଉଠିଲାବେଳକୁ ଜମିଦାରବାବୁ ନିଜର ନିତ୍ୟକର୍ମ ଶେଷ କରିସାରିଲେଣି । ଅନିରୁଦ୍ଧବାବୁ ଉଠିବା ଦେଖି ଜମିଦାରବାବୁ କହିଲେ —ବର୍ତ୍ତମାନ ଆଠଟା ବାଜିବ । ଆପଣ ନିଜର କାମ ଶେଷ କରନ୍ତୁ । ଆଜି ମୋଟେ ଘଇଁଳା କରନ୍ତୁ ନାହିଁ ! ତା ପରେ ସେ ଅନିରୁଦ୍ଧବାବୁଙ୍କୁ ଅନୁନୟ କରି କହିଲେ---ନିଜ ହାତରେ ହିଁ ନିଜେ ଆଜି ସମସ୍ତ କାମ ଶେଷ କରନ୍ତୁ । ସମସ୍ତ ଚାକର ବାକର କାଲିଠୁ ବିଦାୟ ନେଇଛନ୍ତି ।

ଅନିରୁଦ୍ଧବାବୁ କିଛି ବୁଝିପାରିଲେ ନାହିଁ । ସବୁକୁ ସବୁ ଗୁରିଆଡ଼ୁ ତାଙ୍କୁ ବଡ଼ ନଗୁଡ଼ିଆ ଲାଗିଲା । ଲୋକର ପାଟିଗୁଣ୍ଡ କେଉଁଠି କିଛି ନାହିଁ । କ'ଣ ଘଟଣା ଯେ ଘଟିବ, ସେକଥା ସେ ବି ବୁଝିପାରିଲେ ନାହିଁ ।

ନିଜ ହାତରେ ନିତ୍ୟକର୍ମ ସାରି ଅନିରୁଦ୍ଧବାବୁ ପୁଣି ଜମିଦାରବାବୁଙ୍କ ପାଖକୁ ଫେରି ଆସିଲେ । ଜମିଦାରବାବୁ ନିଜ ହାତରେ କେତୋଟି ମିଠା ତାଙ୍କ ହାତକୁ ବଢ଼ାଇ ଦେଇ କହିଲେ-ଆଜି ବିଦାୟ ବେଳରେ ଏତକ ମୋ ହାତରୁ ଖାଆନ୍ତୁ । ଆଉ କିଏ ଏଠି ଅଛି ଯେ, ଆମର ସେବା କରିବ ? ତାଙ୍କର ଆଖି ଛଳଛଳ ହୋଇ ଆସିଲା ।

Digitized by srujanika@gmail.com

ଅନିରୁଦ୍ଧବାବୁ ଅନିଚ୍ଛା ସତ୍ତ୍ୱେ ସେତକ ଖାଇ ହାତ ଧୋଇଲେ । ତା ପରେ ଜମିଦାରବାବୁ ହାତ ଘଣ୍ଟାକୁ ଅନାଇଁ ଚମକି ପଡ଼ିଲେ, ଆଉ ଯେ କୋଡ଼ିଏମିନିଟ ବାକି ! ଆସନ୍ତୁ ଅନିରୁଦ୍ଧବାବୁ, ମୋ ସଙ୍ଗରେ । ଅନିରୁଦ୍ଧବାବୁ ଗୁରୁଙ୍କ କଥା ମାନିଲା ପରି ତାଙ୍କ ପଛେ ପଛେ ଗଲେ । ଚଳମହଲରେ ଯେଉଁଠି ନାନାଜାତିର ପକ୍ଷୀ ପୋଷା ହୋଇଥିଲେ, ସେଇଠି ଯାଇଁ ଠିଆ ହୋଇ ଜମିଦାରବାବୁ କହିଲେ—ଆଉ ଡେରି କରନ୍ତୁ ନାହିଁ; ସମସ୍ତ ପଞ୍ଜୁରୀର ମୁହଁ ମୁକୁଳା କରି ଦିଅନ୍ତୁ । ଏଠି ଆଉ ଏମାନେ କାହାପାଖରେ ରହିବେ ? ସେ ବି ନିଜ ହାତରେ ଗୋଟି ଗୋଟି କରି ଚଢ଼େଇଗୁଡ଼ିକ ଉଡ଼େଇ ଦେବାକୁ ଲାଗିଲେ । ତା ପରେ ଅସ୍ଥିର ପଦରେ ଅନ୍ୟ କୋଠରୀକୁ ଯାଇଁ ଏକ ବନ୍ଧୁକ ଦେଖାଇ ଅନିରୁଦ୍ଧବାବୁଙ୍କୁ କହିଲେ—ମୁଁ ଅତି ସ୍ନେହରେ ଏହି ବାଘ, ଭାଲୁଗୁଡ଼ିକ ପୋଷିଥିଲି, ସେମାନଙ୍କୁ କାହାରି ହାତରେ ନିର୍ଦ୍ଦୟ ଭାବେ ଛାଡ଼ି ଯିବାକୁ ମୋର ଇଚ୍ଛା ନାହିଁ । ନିଜ ହାତରେ ସେମାନଙ୍କୁ ମାରିଦେଲେ, ମୁଁ ଶାନ୍ତି ପାଇବି । ତା ପରେ ବନ୍ଧୁକର ଠୋ ଠୋ ଆବାଜ !

ଗୋଟାଏ ଖିଆଲରେ ଜମିଦାରବାବୁ ବନ୍ଧୁକଟାକୁ ଦୂରକୁ ଫୋପାଡ଼ି ଦେଇ ଉତ୍ତେଜିତ ହୋଇ କହିଲେ—ଏହି ବିରାଟ କୋଠି ବର୍ତ୍ତମାନ ଶ୍ମଶାନରେ ପରିଣତ ହୋଇଛି । ଆସନ୍ତୁ ଅନିରୁଦ୍ଧବାବୁ, ଆପଣଙ୍କ କଥା ମୁଁ ବୁଝିଦିଏ । ଅନିରୁଦ୍ଧବାବୁ ଯନ୍ତ୍ର ଚାଳିଲା ପରି ତାଙ୍କ ପଛେ ପଛେ ଚାଲିଲେ । ହଠାତ୍ ଜମିଦାରବାବୁ ବାରଣ୍ଡାର ଏକ ସ୍ଥାନରେ ଠିଆହୋଇ ପକେଟରେ ହାତ ପୂରାଇ ପାଞ୍ଚହଜାର ଟଙ୍କା ତାଙ୍କ ହାତକୁ ବଢ଼ାଇଦେଇ କହିଲେ—ନିଅନ୍ତୁ ଆପଣଙ୍କ ପାଉଣା । ତା ପରେ ଘଣ୍ଟାକୁ ଚାହିଁ ସେ ଚଞ୍ଚଳ ହୋଇ ଉଠିଲେ । ଆଉ ଦୁଇ-

Digitized by srujanika@gmail.com

ମିନଟ୍ ! ଆପଣଙ୍କର ବିପଦର ଆଶଙ୍କା ନାହିଁ । ଆଜି ପାଞ୍ଚମିନଟ ପରେ ଆପଣ ମୋର ଡାଇରି ଦେଖି ସବୁ ଜାଣିପାରିବେ । ନମସ୍କାର ।

ଫାଟକ ପାଖରେ ଦୁଇଖଣ୍ଡି ପୋଲିସ ଟ୍ରକରୁ ପ୍ରାୟ ପଚିଶଜଣ ସଶସ୍ତ୍ର ପୋଲିସ ଝପ୍‌ଝାପ୍ ହୋଇ ଡେଇଁ ପଡ଼ିଲେ । ରଘୁବାବୁ ପୋଲିସ ଆସିବା ଜାଣି ପାରିଥିଲେ ସୁଦ୍ଧା ନିର୍ବାକ୍ ହୋଇ ଜମିଦାର ବାବୁଙ୍କ ଗତିପଥକୁ ଚାହିଁ ରହିଲେ ।

ହଠାତ୍ ରାଧାସବଦାଶିବାବୁ, ରଘୁବାବୁଙ୍କୁ ହଲାଇଦେଇ ପ୍ରଶ୍ନ କଲେ -- କାହାନ୍ତି ଉଦୟନାରାୟଣବାବୁ ?

ରଘୁବାବୁ ସ୍ୱପ୍ନ ରାଇଜରୁ ଫେରି ଆସିଲା ପରି ଉତ୍ତର ଦେଲେ, ସେଇ ଏଇଠି ଅଛନ୍ତି ! ଏଇ କେଉଁ କୋଠରିରେ ଥିବେ ! ତାପରେ ଖାଲି ବୁଟ୍ ଜୋତାର ମଚ୍‌ମାଚ୍ ଭୁସ୍‌ଭାସ୍ ଶବ୍ଦ । ଏ କୋଠରିରୁ ସେ କୋଠରି ! କାହାନ୍ତି ଉଦୟନାରାୟଣବାବୁ……… ।

ଉପରମହଲରୁ ଜଣେ ଇନ୍‌ସପେକ୍ଟର ପାଟିକରି ଉଠିଲେ । ବାଲେଶ୍ୱରର ପୋଲିସ ସାହେବ, ରାଧାସବଦାଶିବାବୁ ଓ ରଘୁବାବୁ ପ୍ରଭୃତି ଦଉଡ଼ିଗଲେ ଉପର ମହଲକୁ । ଏଁ କ'ଣ ! ଉପର ମହଲରେ ଯେ ବିରାଟ ରସାୟନାଗାର ! ଅସଂଖ୍ୟ ଶିଶି, ଢେର ମୂଲ୍ୟ ଯନ୍ତ୍ରପାତି ଭରି ରହିଛି । ଗୋଟିଏ ସୂକ୍ଷ୍ମ ଯନ୍ତ୍ର ପାଖରେ ଜଣେ ବୃଦ୍ଧ ଡାକ୍ତର ଘୁମେଇ ପଡ଼ିଛନ୍ତି ।

ରଘୁବାବୁ ଯାଇଁ ତାଙ୍କୁ ହଲାଇ ଦେଲେ । କିନ୍ତୁ ହଲଚଲ ନାହିଁ । ତାହାହେଲେ ସେ ମୃତ ! ତାଙ୍କ ଆଗରେ ଖଣ୍ଡେ ଚିଠି । ରାଧାସବଦାଶିବାବୁ ସେ ଖଣ୍ଡିକ ଉଠାଇ ଆଣି ପଢ଼ିଲେ ।

Digitized by srujanika@gmail.com

ଲେଖାଥିଲ —

ପୋଲିସ ବନ୍ଧୁଗଣଙ୍କୁ ମୁଁ ଭୁବନେଶ୍ୱରରୁ ପ୍ରତିଶ୍ରୁତି ଦେଇଥିଲି । ସ୍ୱାମୀବାବାଙ୍କ ଦଳ ସ୍ୱର୍ଗ ଗଲେ । ସେହି ପ୍ରତିଶ୍ରୁତି ମୁଁ ରକ୍ଷା କରିଛି । ଜମିଦାରବାବୁଙ୍କ ସହିତ ମୋର ଦୁଇବର୍ଷ ହେଲା ଚିହ୍ନା । ତାଙ୍କର ଅନୁରୋଧ ଥିଲା, କୌଣସି ମନ୍ଦ ପ୍ରକୃତିର ଲୋକକୁ ରାସାୟନିକ ପଦାର୍ଥ ପ୍ରୟୋଗ ଦ୍ୱାରା ତାର ପ୍ରକୃତି ଶାନ୍ତ ସରଳ ହୋଇ ପାରିବ କି ନାହିଁ, ତାହା ଗବେଷଣା କରିବା । ଏହି ବିରାଟ ରସାୟନ ଗାରରେ ମୁଁ ଗବେଷଣା କରୁଥିଲି । ଅନେକ ଆଗେଇଛି ମଧ୍ୟ । ତାର ଲିପି ମୁଁ ରଖିଯାଇଛି । ଜମିଦାରବାବୁ ଆଜ ଯେତେବେଳେ ଦୁନିଆରୁ ବିଦାୟ ନେଲେ, ସେତେବେଳେ ମୋର ଏ ବୁଢ଼ା ବୟସରେ ବଞ୍ଚି ବା କି ଲାଭ । ମୁଁ ଜେଲ୍ ଯିବାକୁ ପସନ୍ଦ କରେ ନାହିଁ ।

ତେବେ ଜମିଦାରବାବୁ କାହାନ୍ତି ! ସେଠାରେ ଖୁବ୍ ଜୋର ସିପାହୀ ଜଗାଇ ସମସ୍ତେ ଏଣେ ତେଣେ ଖୋଜିବାକୁ ଲାଗିଲେ । ରବିବାବୁ ସ୍ୱାହାସବାହାରବାବୁଙ୍କୁ ସଙ୍ଗରେ ଧରି ବାହାରିଗଲେ ସମାଧି ମନ୍ଦିର ଆଡ଼େ ।

ଏ କିଏ ? ମନ୍ଦିର ଆଗରେ ଜଣେ ସ୍ତ୍ରୀ ଲୋକ ! ରବିବାବୁଙ୍କର ବିସ୍ମୟର ସୀମା ରହିଲା ନାହିଁ । ଏ ସେହି ନାଚବାଲୀ ସଙ୍ଗରେ ଥିବା ଅନ୍ୟ ତରୁଣୀ !

ଅସ୍ଥିର ପଦରେ ଦୁହେଁ ସମାଧି ମନ୍ଦିର ଦରଜା ପାଖରେ ପହଞ୍ଚି ଦେଖିଲେ ଦରଜା ବନ୍ଦ । ଜବସ୍ୱନାରାୟଣବାବୁ ସମାଧି ମଧ୍ୟରୁ ସେଇ ଶିଲ୍କ ଶେଜରେ ଶୋଇ ଯାଇଛନ୍ତି । ଭିତରରୁ କବାଟ ବନ୍ଦ ।

ରବିବାବୁ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ସେହି ତରୁଣୀଟି ଆଡ଼େ ଲକ୍ଷ୍ୟ କଲେ, ତରୁଣୀଟି ଛଳ ଛଳ ଆଖିରେ ଗୋଟିଏ ଫ୍ଲେଟ

Digitized by srujanika@gmail.com

ଖାତା ତାଙ୍କ ହାତକୁ ବଢ଼ାଇ ଦେଲେ । ସହାସବହାସବୁ ସେ ଖଣ୍ଡିକ ଆଣି ଏକ ନିଶ୍ବାସରେ ପଢ଼ିବାକୁ ଲଗିଲେ ।

ମୁଁ ଏ ଦୁନିଆର ମଣିଷ । ସମସ୍ତଙ୍କ ପରି ଏଠି ସୁଖ ଶାନ୍ତିରେ ଜୀବନ କାଟିବାକୁ ମୋର କଳ୍ପନା ଥିଲା । କିନ୍ତୁ ସେ ଆଶାକୁ ଧୂଳିସାତ୍ କରିଦେଲା ଜଣେ । ସେ ହେଉଛି—ଆଶା ଦେବୀ । ମୋର ପ୍ରଥମ ଜୀବନରେ ସେ ଡାଳିଥିଲା ଅମୃତ, ପୁଣି, ଉଃ ! ସେ କି ଯନ୍ତ୍ରଣାଦାୟକ, ! ଟିକିଏ ବୁଝିଲା ନାହିଁ, ମୋ ଜୀବନକୁ ଛାରଖାର କରିଦେବାକୁ । ସେ ଭୁଲିଗଲା—କିନ୍ତୁ ମୁଁ ଭୁଲିପାରିଲି ନାହିଁ ଆଜଯାଏ··· ।

···ମୋତେ ସେତେବେଳେ ପଚିଶ ବର୍ଷ । ସେଦିନଠାରୁ ମୁଁ ହୋଇଛି ପାଗଳ । ମୋର ଆତ୍ମା ମଧ୍ୟ ସେଇଦିନଠୁ ମରିଛି । ମୁଁ ଆଜିପର୍ଯ୍ୟନ୍ତ ଗୋଟାଏ ଖିଆଲରେ ମୋର ସମ୍ପତ୍ତି ବନ୍ଧକ ରଖି; କେତେକ ଉପକାରୀ ବନ୍ଧୁଙ୍କ ସାହାଯ୍ୟରେ ସେଠକୁ ହତ୍ୟା କରି ପ୍ରାୟ ଦଶଲକ୍ଷ ଟଙ୍କା ମୁଁ ଦୁଃଖୀ ଦରିଦ୍ରଙ୍କୁ ବାଣ୍ଟିଛି । ଭାବିଥିଲି, ସେଥିରେ ଶାନ୍ତି ପାଇବି; କିନ୍ତୁ କାହିଁ ଶାନ୍ତି ! ପୁଣି ଭାବିଲି ପ୍ରତିଶୋଧ ନେବି—ତା ନେଇଛି ! ସେ ମଧ୍ୟ ବୃଥା ହେଲା, ଆହୁରି ଅଶାନ୍ତ ଭୋଗ କଲି । ଭାବିଲି ଏ ଦୁନିଆରେ ଆଉ ରହିପାରିବି ନାହିଁ । ଅନ୍ୟ ଦୁନିଆକୁ ଚାଲିଯିବି ।

ସେଥିପାଇଁ ମୁଁ ନିଜେ ମୋର ସମାଧି ତିଆରି କରିଛି । ତା ଭିତରେ ଅନନ୍ତକାଳ ପାଇଁ ଶୋଇଛି ମଧ୍ୟ । ଦେଖେ, ଯଦି ସେ ଦୁନିଆରେ ଶାନ୍ତି ମିଳିପାରେ !

ସହାସବହାସବାବୁ ସେତକ ପଢ଼ିସାରି, ରବିବାବୁଙ୍କୁ ପଚାରିଲେ, ଏ ସ୍ତ୍ରୀ ଲୋକଟି କିଏ ! ସ୍ତ୍ରୀଙ୍କୁ ଗିରଫ କର ।

Digitized by srujanika@gmail.com

ଯୁବକଟି ଅଧରରେ ଟିକଏ ବ୍ୟଥାର ହସ ଫୁଟାଇ କହିଲା, ମୋତେ ଚିହ୍ନିପାରୁ ନାହାନ୍ତି ? ଆପଣଙ୍କର ମହେନ୍ଦ୍ରବାବୁ ଥିଲେ ଚିହ୍ନନ୍ତେ—ମୁଁ ମାଳତୀ ! ଏତେ ଚେଷ୍ଟା କରି ବି ସେ ମୋତେ ଗିରଫ କରି ପାରିଲେ ନାହିଁ । ମୁଁ ନିଜେ ଆଜି ଧରା ଦେଉଛି ବୋଲି ଗିରଫ କରିବେ । ନୁହେଁ ? ମୁଁ ଜୀବନରେ କାହାରି କିଛି ଅନିଷ୍ଟ କରିନାହିଁ । ତେଣୁ ଆପଣ ଗିରଫ କରିବା ଆଗରୁ ଭଗବାନ ଯେ ମୋତେ ତାଙ୍କ ପାଖକୁ ନେବାକୁ ଦୂତ ପଠାଇଲେଣି !

ସୁହାସବିହାରୀବାବୁ କିଛି ବୁଝିପାରିଲେ ନାହିଁ । ପାଖ ସିପାହୀଟି ଉଦ୍ୟତ ହେଲା ଗିରଫ କରିବାକୁ ।

ମାଳତୀ ହସି ହସି କହିଲା—ମୁଁ ତ ପଳାଇ ଯାଉନାହିଁ । ଏତେ ତର ତର କାହିଁକି ? ତାପରେ ନିଜ ପାଟି ଭିତରେ ରଖିଥିବା ଗୋଟିଏ ଗ୍ଲେଟ ଶିଶିକୁ ଦାନ୍ତରେ ଚିପିଦେଲାକ୍ଷଣି ମୁହୂର୍ତ୍ତକ ମଧ୍ୟରେ ତାର କୋମଳ ତନୁଟି ଲୋଟିପଡ଼ିଲା ସମାଧି ମନ୍ଦିର ଦରଜା ପାଖରେ ।

ସୁହାସବିହାରୀବାବୁ ଓ ରବିବାବୁ ଅବାକ୍ ହୋଇ ଚାହିଁ ରହିଥିଲେ ।

ମୁଦ୍ରାକର—ଶ୍ରୀ ଅରକ୍ଷିତ ଦାସ, ଦାଶରଥି ପ୍ରେସ,
ବାଲୁବଜାର, କଟକ-୨, ୧୯୬୪

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com